ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୨୧/୨୦୨୩ (୧୬ ପୃଷ୍ଠା) Bhubaneswar, Thursday, December 21/2023 Page 16 ₹ 7.00
୫୦ଶ ଭାଗ ୨୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 28 ମୂଲ୍ୟ₹୭/-



## ଚିଲିକାରେ ଫସିଲେ ୫୦ ଯାତ୍ରୀ

**କୃଷ୍ଣପ୍ରସାଦ, ୨୦।୧୨(କୈଳାଶ ଚନ୍ଦ୍ର ପଟ୍ଟନାୟକ)**

ତୀର୍ଥକ୍ଷେତ୍ର ପୁରୀ ଓ କୃଷ୍ଣପ୍ରସାଦ ବ୍ଲକର ମୁଖ୍ୟ କାର୍ଯ୍ୟାଳୟକୁ ଯିବା ପାଇଁ ପ୍ରତିଦିନ ଶହ ଶହ ଯାତ୍ରୀ ଚିଲିକାରେ ଡଙ୍ଗା ଯୋଗେ ବିପଦଜନକ ଭାବେ ଯାତ୍ରା କରିଥାନ୍ତି। ବୁଧବାର ଅପରାହ୍ନ ୨ଟାରେ ଜହ୍ନିକୁଦାରୁ ଏକ ମୋଟରଚାଳିତ ଡଙ୍ଗା ପ୍ରାୟ ୫୦ ଜଣ ଯାତ୍ରୀ ଏବଂ ୪୦ଟି ବାଇକ୍ ନେଇ ସାତପଡ଼ା ଅଭିମୁଖେ ଆସୁଥିବା ବେଳେ ଚିଲିକାରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ମୋଟର ନ ଚାଲିବା ଯୋଗୁ ଡଙ୍ଗାଟି ଅଟକି ରହିଥିଲା। ଡଙ୍ଗା ଚାଳକଙ୍କ ବହୁ ଚେଷ୍ଟା ସତ୍ତ୍ୱେ ଡଙ୍ଗା ଚାଲି ନ ଥିଲା। ଫଳରେ ଯାତ୍ରୀମାନେ ଆତଙ୍କିତ ହୋଇ ହୋହଲ୍ଲା କରିଥିଲେ। ଡଙ୍ଗା ଚାଳକ ଜହ୍ନିକୁଦା ଘାଟପେଣ୍ଠକୁ ଖବର ଦେବା ପରେ ସେଠାରୁ ଗୋଟିଏ ☞ପୃଷ୍ଠା-୨

# ବିରୋଧୀ ନ ଥାଇ ବିଲ୍ ପାସ୍

**ନୂଆଦିଲ୍ଲୀ,୨୦।୧୨**

ଲୋକ ସଭାରୁ ବୁଧବାର ସିପିଆଇଏମ୍‌ର ଏ.ଏମ୍. ଆରିଫ୍ ଏବଂ କେରଳ କଂଗ୍ରେସ (ମଣି)ର ଥୋମାସ୍ ଚାଝିକାଦନଙ୍କୁ ନିଲମ୍ବନ କରାଯାଇଛି। ଏହି ଦୁଇ ଏମ୍‌ପିଙ୍କୁ ମିଶାଇ ଲୋକ ସଭାରୁ ନିଲମ୍ବିତ ସଦସ୍ୟଙ୍କ ସଂଖ୍ୟା ୯୭ରେ ପହଞ୍ଚିଛି। ଏହାବାଦ୍ ରାଜ୍ୟ ସଭାରୁ ଏଯାଏ ୪୬ ସଦସ୍ୟ ସସ୍‌ପେଣ୍ଡ ହେଲେଣି। ଶୀତ ଅଧିବେଶନ ସରିବାକୁ ୨ ଦିନ ବାକି ଥିବାବେଳେ ଭାରତୀୟ ନ୍ୟାୟ (ଦ୍ୱିତୀୟ) ସଂହିତା, ଭାରତୀୟ ନାଗରିକ ସୁରକ୍ଷା (ଦ୍ୱିତୀୟ) ସଂହିତା ଏବଂ ଭାରତୀୟ ସାକ୍ଷ୍ୟ (ଦ୍ୱିତୀୟ) ସଂହିତା ଲୋକ ସଭାରେ ଧ୍ୱନିମତରେ ପାରିତ ହୋଇଛି। ବ୍ରିଟିଶ୍ ଅମଳରୁ ପ୍ରଚଳିତ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି-୧୮୬୦), ଆପରାଧିକ ଦଣ୍ଡ ସଂହିତା (ସିଆର୍‌ପିସି-୧୯୯୮) ଏବଂ ଭାରତୀୟ ସାକ୍ଷ୍ୟ ପ୍ରମାଣ ଅଧିନିୟମ-୧୮୭୨ ପରିବର୍ତ୍ତେ ଉପରୋକ୍ତ ୩ ବିଧେୟକ ଆଇନର ରୂପ ନେବାକୁ ଯାଉଛି। ତେବେ ଦୁଇତୃତୀୟାଂଶ ବିରୋଧୀ ସଦସ୍ୟଙ୍କ ଅନୁପସ୍ଥିତିରେ କେବଳ ଶାସକ ଓ ପରୋକ୍ଷରେ ସହଯୋଗ କରୁଥିବା ଅନ୍ୟ କେତୋଟି ଦଳର ସମର୍ଥନରେ ବିଲ୍‌ଗୁଡ଼ିକୁ ଗୃହୀତ କରାଇନେବା ପଛରେ ସରକାରଙ୍କ ଉଦ୍ଦେଶ୍ୟ କ’ଣ ବୋଲି ପ୍ରଶ୍ନ ଉଠିଲାଣି।

ଲୋକ ସଭାରୁ ପୂର୍ବରୁ ୩ ଥରରେ ୯୫ ଏମ୍‌ପିଙ୍କୁ ଗୃହରେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରୁଥିବା ଦର୍ଶାଇ ନିଲମ୍ବନ କରାଯାଇଥିବାବେଳେ ଗୃହରେ ପ୍ଲାକାର୍ଡ ଦେଖାଇବା ଅଭିଯୋଗରେ ବୁଧବାର ଆଉ ୨ ଜଣ ନିଲମ୍ବିତ ହୋଇଛନ୍ତି। ଏମାନଙ୍କୁ ମିଶାଇ ଚଳିତ ଅଧିବେଶନରେ ପାର୍ଲାମେଣ୍ଟରୁ ମୋଟ ୧୪୩ ଏମ୍‌ପି ନିଲମ୍ବିତ ହେଲେଣି। ଲୋକ ସଭାର ଅଧିକାଂଶ ବିରୋଧୀ ଦଳ ଏମ୍‌ପି ଅନୁପସ୍ଥିତ ଥିବାବେଳେ ବୁଧବାର ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବିତ ଆପରାଧିକ ଆଇନ ଉପରେ ଆଲୋଚନାକୁ ନେଇ ଶିରୋମଣି ଅକାଳୀ ଦଳ (ଏସ୍‌ଏଡି) ନେତ୍ରୀ ହରସିମ୍ରତ କୌର ବାଦଲ ପ୍ରଶ୍ନ ଉଠାଇଥିଲେ। ବିଲ୍‌ଗୁଡ଼ିକୁ ଏଭଳି ଗୃହୀତ କରାଇନେବା ଠିକ୍ ନୁହେଁ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ପାର୍ଲାମେଣ୍ଟରେ ସୁରକ୍ଷା ବିଭ୍ରାଟ ନାଁରେ ଲୋକଙ୍କୁ ବିଭ୍ରାଟ କରାଯାଉଥିବା ଭାଜପା ଏମ୍‌ପି ରମେଶ ବିଧୁରୀ କହିଥିଲେ।

ନୂଆ ଆପରାଧିକ ଆଇନ ବିଲ୍‌ରେ ଯେକୌଣସି ବ୍ୟକ୍ତି ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସକୁ ପର୍ଯ୍ୟାପ୍ତ କ୍ଷମତା ଦିଆଯାଇଥିବାରୁ ଏହା ନାଗରିକ ସ୍ୱାଧୀନତା ଓ ଅଧିକାର ପ୍ରତି ବିପଦ ବୋଲି ହାଇଦ୍ରାବାଦ ଏମ୍‌ପି ତଥା ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି କହିଛନ୍ତି। ଉକ୍ତ ବିଲ୍‌ଗୁଡ଼ିକ ଆଇନରେ ପରିଣତ ☞ପୃଷ୍ଠା-୨

## ଭିଡ଼ହିଂସା ପାଇଁ ମୃତ୍ୟୁଦଣ୍ଡ

ପ୍ରସ୍ତାବିତ ଆପରାଧିକ ଆଇନରେ ଭିଡ଼ହିଂସା ଅପରାଧ ପାଇଁ ମୃତ୍ୟୁଦଣ୍ଡ ବ୍ୟବସ୍ଥା ରହିଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ଦେଶଦ୍ରୋହ ଆଇନ ବଳରେ ଭାରତୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଜେଲରେ ରଖାଯାଇଥିଲା। ପ୍ରସ୍ତାବିତ ଆଇନରେ ଉକ୍ତ ଦେଶଦ୍ରୋହ ଆଇନକୁ ହଟାଇ ଦେବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ପୋଲିସକୁ ଅଧିକ ଉତ୍ତରଦାୟୀ କରିବା ପାଇଁ ବ୍ୟବସ୍ଥା ହୋଇଥିବା ଶାହା କହିଥିଲେ। ନୂଆ ଆଇନ ଅନୁଯାୟୀ ଗିରଫ ବ୍ୟକ୍ତିଙ୍କ ସବିଶେଷ ବିବରଣୀ ପ୍ରତି ଥାନାରେ ରେକର୍ଡ ହେବ ଏବଂ ଦାୟିତ୍ୱରେ ଥିବା ପୋଲିସ ଅଫିସର ଉକ୍ତ ରେକର୍ଡ ପରିଚାଳନା କରିବେ। ସେହିପରି ମାନବ ଚାଲାଣକୁ ନିୟନ୍ତ୍ରଣ କରିବା ପାଇଁ ଥିବା ଆଇନକୁ ଲିଙ୍ଗଗତ ନିରପେକ୍ଷ କରାଯାଇଛି। ୧୮ ବର୍ଷରୁ କମ୍ ବୟସର ନାବାଳିକାଙ୍କୁ ବଳାତ୍କାର କ୍ଷେତ୍ରରେ ସ୍ୱତଃ ପୋକ୍ସୋ ଆଇନର ଧାରା ଲାଗୁ ହେବ ବୋଲି ଶାହା କହିଛନ୍ତି।

**ଆଜିର ସମ୍ପାଦକୀୟ** ମାନବ ଅଧିକାର ଓ ନୈତିକ ବିଶ୍ୱବାଦ







SHOWROOMS: ODISHA: BHUBANESWAR: RENAULT Bhubaneswar Mob: +91 8860076082, RENAULT Bhubaneswar North Mob: +91 7428190232. BHAWANIPATNA: RENAULT Bhawanipatna Mob: +91 9438395880. CUTTACK: RENAULT Cuttack Mob: +91 9311772648. JEYPORE: RENAULT Jeypore Mob: +91 9311596618. ROURKELA: RENAULT Rourkela Mob: + 91 8860875802. SAMBALPUR: RENAULT Sambalpur Mob: +91 8448890323. SUNDERGARH: RENAULT Sundergarh Mob: +91 9311529949.

## ସଂକ୍ଷେପରେ

### ପୋଲିସ ଉପରେ ଗାଡ଼ି ମଡ଼ାଇଦେଲେ ମଦ ମାଫିଆ

**ବେଗୁସରାଇ,୨୦।୧୨:** ବିହାର ବେଗୁସରାଇ ଜିଲାରେ ମଦ ମାଫିଆମାନେ ବୁଧବାର ଭୋର ସମୟରେ ପୋଲିସ ଉପରେ କାର୍ ମଡ଼ାଇ ଦେଇଛନ୍ତି। ଏଥିରେ ଜଣେ ପୋଲିସ ଅଫିସରଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। କାର୍‌ରେ ଚୋରା ମଦ ଯାଉଥିବା ଖବର ପାଇଁ ପୋଲିସ ଏହାକୁ ପିଛା କରିଥିଲା। କାର୍‌କୁ ଅଟକାଇବାକୁ ଉଦ୍ୟମ କଲାବେଳେ ପୋଲିସ ଉପରକୁ ମାଫିଆମାନେ କାର୍ ମଡ଼ାଇ ଦେଇଥିଲେ।

### ଚା’ ବିଳମ୍ବ ହେବାରୁ ସ୍ତ୍ରୀ ମୁଣ୍ଡକାଟ୍

**ନୂଆଦିଲ୍ଲୀ,୨୦।୧୨:** ସକାଳ ଚା’ ଆଣିବାରେ ବିଳମ୍ବ କରିବାରୁ ଜଣେ ୫୨ ବର୍ଷୀୟ ମହିଳାଙ୍କ ମୁଣ୍ଡକୁ ଖଣ୍ଡାରେ କାଟି ଅଲଗା କରିଦେଇଛନ୍ତି ସ୍ୱାମୀ। ଗାଜିଆବାଦର ଭୋଜପୁର ଗ୍ରାମରେ ମଙ୍ଗଳବାର ଏଭଳି ହତ୍ୟାକାଣ୍ଡ ଘଟିଛି। ହତ୍ୟା ମାମଲାରେ ଧର୍ମବୀରଙ୍କୁ ଗିରଫ କରାଯାଇଛି। ଚା’ ତିଆରିରେ ସମୟ ଲାଗିବ ବୋଲି ସ୍ତ୍ରୀ ସୁନ୍ଦରୀ କହିବାରୁ ରାଗିଯାଇ ଧର୍ମବୀର ତାଙ୍କ ମୁଣ୍ଡ କାଟିଦେଇଥିଲେ।

### ତାମିଲନାଡୁ ବର୍ଷା ବିପ୍ଳାତରେ ୧୦ ମୃତ

**ନୂଆଦିଲ୍ଲୀ,୨୦।୧୨:** ତାମିଲନାଡୁର ଦାକ୍ଷିଣାତ୍ୟ ଜିଲାଗୁଡ଼ିକରେ ଦୁଇଦିନ ଧରି ପ୍ରବଳ ବର୍ଷାରେ ୧୦ ଜଣଙ୍କ ମୃତ୍ୟୁ ଘଟିବା ସହ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଥିବା ରାଜ୍ୟ ମୁଖ୍ୟ ସଚିବ ଶିବ ଦାସ ମୀନା ଜଣାଇଛନ୍ତି। ବର୍ଷାକୁ ନେଇ ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଭୁଲ୍ ଥିଲା ବୋଲି ସେ ଦର୍ଶାଇଛନ୍ତି। ପ୍ରବଳ ବର୍ଷାରେ ତିରୁନେଲଭେଲି ଏବଂ ଟୁଟିକୋରିନ୍‌ରେ ୧୦ ଜଣ ପ୍ରାଣ ହରାଇଛନ୍ତି।



ଆଇସ୍‌ଲାଣ୍ଡର ରେକ୍‌ଜନେସ୍ ଉପଦ୍ୱୀପରେ ଆଗ୍ନେୟଗିରି ଉଦ୍‌ଗିରଣର ଆକାଶମାର୍ଗରୁ ଚିତ୍ର।

# ଆଇସ୍‌ଲାଣ୍ଡ ବିମାନବନ୍ଦର ନିକଟରେ ଲାଭା ଉଦ୍‌ଗିରଣ

**ରେକ୍‌ଜାଭିକ୍,୨୦।୧୨**

ଆଇସ୍‌ଲାଣ୍ଡରେ ଗତ କିଛି ସପ୍ତାହ ମଧ୍ୟରେ ଏକାଧିକ ଭୂକମ୍ପ ଘଟିବା ପରେ ଗ୍ରିଣ୍ଡାଭିକ୍ ସହର ନିକଟରେ ଲାଭା ଉଦ୍‌ଗିରଣ ହୋଇଛି। ଆଇସ୍‌ଲାଣ୍ଡ ପାଣିପାଗ ବିଭାଗ ସୂଚନା ଅନୁଯାୟୀ କ୍ରମାଗତ ଭୂକମ୍ପ ପରେ ସ୍ଥାନୀୟ ସମୟ ସୋମବାର ରାତି ୧୦ଟା ୧୭ରେ ଉଦ୍‌ଗିରଣ ଆରମ୍ଭ ହୋଇଥିଲା। ସେଠାରୁ ସେକେଣ୍ଡ ପ୍ରତି ୩,୫୭୦ରୁ ୭,୦୬୦ ଘନଫୁଟ୍ ଲାଭା ଉଦ୍‌ଗିରଣ ହେଉଥିବା ଯାହା ଉକ୍ତ ଅଞ୍ଚଳରେ ପୂର୍ବରୁ ହୋଇଥିବା ଉଦ୍‌ଗିରଣ ତୁଳନାରେ ଅନେକ ଗୁଣ ଅଧିକ। ଏହି ଉଦ୍‌ଗିରଣ ବହୁ ମାସ ପର୍ଯ୍ୟନ୍ତ ଚାଲିପାରେ ବୋଲି ଆଶଙ୍କା କରାଯାଉଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଲା ଉଦ୍‌ଗିରଣ ସ୍ଥଳଠାରୁ ଅଳ୍ପ ଦୂରରେ ଆଇସ୍‌ଲାଣ୍ଡର ମୁଖ୍ୟ ବିମାନ ବନ୍ଦର, ବିଦ୍ୟୁତ୍ ପ୍ଲାଣ୍ଟ ଏବଂ ଗ୍ରିଣ୍ଡାଭିକ୍ ସହର ରହିଛି। ଉଦ୍‌ଗିରଣରେ ବାହାରୁଥିବା ଅର୍ଦ୍ଧତରଳ ଶିଳା ଓ ଲାଲ୍ ରଙ୍ଗର ଧୂଆଁ ୨.୫ ମାଇଲ୍ ପର୍ଯ୍ୟନ୍ତ ବ୍ୟାପିଗଲାଣି। ଭୂକମ୍ପ ବଢ଼ିବା ଯୋଗୁ ନଭେମ୍ବରରେ ଉକ୍ତ ଅଞ୍ଚଳରୁ ୪,୦୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିଲା। ସୋମବାର ଲାଭା ଉଦ୍‌ଗିରଣ ବେଳେ ଉକ୍ତ ସ୍ଥାନରେ କେହି ଲୋକ ନ ଥିଲେ ବୋଲି ଗ୍ରିଣ୍ଡାଭିକ୍ ମେୟର ଫନାର ଜୋନାସନ କହିଛନ୍ତି।

# ୨୧ ଜେଏନ୍.୧ ସବ୍‌ଭାରିଆଣ୍ଟ ଚିହ୍ନଟ

### ୩ ରାଜ୍ୟରେ ନୂଆ ଭାରିଆଣ୍ଟ

**ନୂଆଦିଲ୍ଲୀ,୨୦।୧୨(ପି.ଟି.)**

## ସତର୍କ ରହିବାକୁ କେନ୍ଦ୍ରର ପରାମର୍ଶ



ବର୍ତ୍ତମାନ ସୁଦ୍ଧା ଭାରତର ୩ ରାଜ୍ୟରୁ କୋଭିଡ୍-୧୯ର ସବ୍‌ଭାରିଆଣ୍ଟ ଜେଏନ୍.୧ର ୨୧ ମାମଲା ଚିହ୍ନଟ ହେଲାଣି। ନୀତି ଆୟୋଗ ସଦସ୍ୟ (ସ୍ୱାସ୍ଥ୍ୟ) ଡ. ଭି.କେ. ପଲ୍ ବୁଧବାର ଏହି ସୂଚନା ଦେଇଥିବାବେଳେ ଭୟଭୀତ ହେବାର କାରଣ ନ ଥିବା କହିଛନ୍ତି। ବୈଜ୍ଞାନିକମାନେ ନୂଆ ଭାରିଆଣ୍ଟ ଉପରେ ଅନୁଧ୍ୟାନ ଚଳାଇଛନ୍ତି। ରାଜ୍ୟଗୁଡ଼ିକ କୋଭିଡ୍ ପରୀକ୍ଷା ବଢ଼ାଇବା ସହ ସର୍ଭିଲାନ୍ସ ବ୍ୟବସ୍ଥାକୁ ମଜଭୁତ କରିବାକୁ ସେ ପରାମର୍ଶ ଦେଇଛନ୍ତି। ପଲ୍ କହିଛନ୍ତି, ସଂକ୍ରମିତଙ୍କ ମଧ୍ୟରୁ ୯୧ରୁ ୯୨ ପ୍ରତିଶତଙ୍କୁ ଘରେ ରହି ଚିକିତ୍ସିତ ହେବାକୁ କୁହାଯାଉଛି। ସରକାରୀ ତଥ୍ୟ ଅନୁଯାୟୀ ଗୋଆରୁ ଜେଏନ୍.୧ର ୧୯ଟି ମାମଲା ଚିହ୍ନଟହୋଇଥିବାବେଳେ କେରଳ ଏବଂ ମହାରାଷ୍ଟ୍ରରୁ ଗୋଟିଏ ଲେଖାଏ ମାମଲା ସାମ୍ନାକୁ ଆସିଛି। ଗତ ୨ ସପ୍ତାହରେ ବହୁବିଧ ରୋଗ ଥିବା ୧୬ ଜଣଙ୍କର କୋଭିଡ୍‌ରେ ମୃତ୍ୟୁ ଘଟିଛି।

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ବୁଧବାର ଦେଶର ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ପ୍ରସ୍ତୁତି ସମୀକ୍ଷା କରିଥିଲେ। କରୋନା ଭୂତାଣୁର ନୂଆ ଭାରିଆଣ୍ଟକୁ ନେଇ ସତର୍କ ରହିବାକୁ ସେ ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ସଂକ୍ରମଣ ବଢ଼ୁଥିଲେ ମଧ୍ୟ ସାଧାରଣ ଲକ୍ଷଣ ଥିବା ୯୨.୮ ପ୍ରତିଶତ ଆକ୍ରାନ୍ତଙ୍କୁ ଘରେ ଆଇସୋଲେଶନରେ ରଖାଯାଉଥିବା ସ୍ୱାସ୍ଥ୍ୟ ସଚିବ ସୁଧାଂଶ ପନ୍ତ କହିଛନ୍ତି। ଅନ୍ୟାନ୍ୟ ରୋଗ ଥିବା ଖୁବ୍ କମ୍ କୋଭିଡ୍ ଆକ୍ରାନ୍ତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଉଛି। କେରଳ, ମହାରାଷ୍ଟ୍ର, ଝାଡ଼ଖଣ୍ଡ ଓ କର୍ନାଟକରେ ଦୈନିକ ପଜିଟିଭିଟି ହାର ବଢ଼ିଛି।

# ଆଜି ଯନ୍ତରମନ୍ତରରେ ନିଲମ୍ବିତ ଏମ୍‌ପିଙ୍କ ବିକ୍ଷୋଭ

**ନୂଆଦିଲ୍ଲୀ,୨୦।୧୨(ପି.ଟି.)**

### ଇଣ୍ଡିଆ ବ୍ଲକ୍‌ର ଏମ୍‌ପିମାନେ ସାମିଲ ହୋଇ ମକ୍ ପାର୍ଲାମେଣ୍ଟ କରିବେ

ପାର୍ଲାମେଣ୍ଟରୁ ନିଲମ୍ବିତ ହୋଇଥିବା ୧୪୩ ଜଣ ବିରୋଧୀ ଦଳ ଏମ୍‌ପି ଗୁରୁବାର ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ‘ମକ୍ ପାର୍ଲାମେଣ୍ଟ’ କରିବେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। କାର୍ଯ୍ୟକ୍ରମ ଚୂଡ଼ାନ୍ତ ଲାଗି ବୁଧବାର ପାର୍ଲାମେଣ୍ଟ କମ୍ପ୍ଲେକ୍ସର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଚାମ୍ବରରେ ବୈଠକ ଅନୁଷ୍ଠିତ ହୋଇଥିଲା। ଯନ୍ତରମନ୍ତର ବିକ୍ଷୋଭରେ ନିଲମ୍ବିତ ହୋଇଥିବା ଇଣ୍ଡିଆ ବ୍ଲକ୍‌ର ସମସ୍ତ ଏମ୍‌ପି ସାମିଲ ହେବା ସହ ମକ୍ ପାର୍ଲାମେଣ୍ଟର ଆୟୋଜନ କରିବେ। ସେଥିରେ ଆର୍‌ଜେଡି ଏମ୍‌ପି ମନୋଜ ଝା ବାଚସ୍ପତି ଭୂମିକା ତୁଲାଇପାରନ୍ତି।

ଗତ ୧୩ ତାରିଖରେ ଭିଜିଟର ପାସ୍ ବଳରେ ଲୋକ ସଭା ଗ୍ୟାଲେରିରେ ପ୍ରବେଶ କରିଥିବା ୨ ଜଣ ଦୁର୍ବୃତ୍ତ ଗୃହ ମଧ୍ୟକୁ ଡେଇଁ ସ୍ମୋକ୍ ବମ୍ ଫୁଟାଇ ଆତଙ୍କ ସୃଷ୍ଟି କରିଥିଲେ। ପାର୍ଲାମେଣ୍ଟ ସୁରକ୍ଷା ବିଭ୍ରାଟ ଉପରେ ଆଲୋଚନା ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ବିବୃତି ଦାବି କରି ବିରୋଧୀମାନେ ଗୃହରେ ହଟ୍ଟଗୋଳ କରିବାରୁ ବିଶୃଙ୍ଖଳିତ ଆଚରଣ ଅଭିଯୋଗ ଆଣି ଲୋକ ସଭା ଓ ରାଜ୍ୟ ସଭାରୁ ୧୪୩ ଜଣ ବିରୋଧୀ ଏମ୍‌ପିଙ୍କୁ ନିଲମ୍ବନ କରାଯାଇଥିଲା।

# ଲାଲୁ, ତେଜସ୍ୱୀଙ୍କୁ ଇଡି ସମନ

**ନୂଆଦିଲ୍ଲୀ,୨୦।୧୨**

### ନିଯୁକ୍ତି ପାଇଁ ଜମି ମାମଲା



ଲାଲୁ ଯାଦବ | ତେଜସ୍ୱୀ ଯାଦବ

ଜମି ବଦଳରେ ରେଲୱେରେ ନିଯୁକ୍ତି ଦୁର୍ନୀତି ମାମଲାର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ଏବଂ ତାଙ୍କ ବାପା ତଥା ଆର୍‌ଜେଡି ଅଧ୍ୟକ୍ଷ ଲାଲୁ ଯାଦବଙ୍କୁ ଜେରା ପାଇଁ ହାଜର ହେବା ନିମନ୍ତେ ସମନ ଜାରି କରିଛି। ଆସନ୍ତା ୨୨ ତାରିଖରେ ତେଜସ୍ୱୀଙ୍କୁ ଜେରା ପାଇଁ ଇଡିର ଦିଲ୍ଲୀ କାର୍ଯ୍ୟାଳୟରେ ହାଜର ହେବାକୁ କୁହାଯାଇଥିବାବେଳେ ୭୫ ବର୍ଷୀୟ ଲାଲୁଙ୍କୁ ୨୭ ତାରିଖରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ଗତ ଏପ୍ରିଲ ୧୧ରେ ଇଡି ଅଧିକାରୀମାନେ ତେଜସ୍ୱୀଙ୍କୁ ୮ ଘଣ୍ଟା ଜେରା କରିଥିବାବେଳେ ପ୍ରଥମ ଥର ପାଇଁ ଲାଲୁଙ୍କୁ ସମନ କରାଯାଇଛି। ପ୍ରଥମ ପାଳି ଉପା ସରକାରରେ ଲାଲୁ ରେଳମନ୍ତ୍ରୀ ଥିବାବେଳେ ଆଶାୟୀ ପ୍ରାର୍ଥୀମାନଙ୍କଠାରୁ ମୂଲ୍ୟବାନ ଜମି ନେଇ ସେମାନଙ୍କୁ ରେଲୱେରେ ନିଯୁକ୍ତି ଦିଆଯାଇଥିଲା।

# ଲଢ଼ିବାକୁ ସକ୍ଷମ ହୋଇ ନ ପାରନ୍ତି ଟ୍ରମ୍ପ୍

**ୱାଶିଂଟନ,୨୦।୧୨(ପି.ଟି.)**



ଡୋନାଲ୍ଡ ଟ୍ରମ୍ପ୍

## ରାଷ୍ଟ୍ରପତି ନିର୍ବାଚନ

■ଅଯୋଗ୍ୟ ଘୋଷଣା କଲା କଲରାଡୋ କୋର୍ଟ

ଆସନ୍ତା ବର୍ଷ ହେବାକୁ ଥିବା ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଲଢ଼ି ନ ପାରନ୍ତି। ୨୦୨୧ର ୟୁଏସ୍ କ୍ୟାପିଟୋଲ ବିଦ୍ରୋହ ମାମଲାରେ କଲୋରାଡୋ ସୁପ୍ରିମକୋର୍ଟ ରାଷ୍ଟ୍ରପତି ନିର୍ବାଚନ ଲଢ଼ିବା ପାଇଁ ଟ୍ରମ୍ପ୍‌ଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ଦେଶର ରିପବ୍ଲିକାନ ରାଷ୍ଟ୍ରପତୀୟ ପ୍ରାଇମେରି ବାଲଟ୍‌ରୁ ତାଙ୍କ ନାଁ ହଟାଇଦେବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବିଧାନର ୧୪ତମ ସଂଶୋଧନ ଆଧାରରେ ମଙ୍ଗଳବାର କଲରାଡୋ ସୁପ୍ରିମକୋର୍ଟ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି। ଉକ୍ତ ସଂଶୋଧନ ଅନୁଯାୟୀ ଆମେରିକା ସମ୍ବିଧାନକୁ ସମର୍ଥନ ପାଇଁ ଶପଥ ନେଇଥିବା କୌଣସି ଅଧିକାରୀ ଯଦି ବିଦ୍ରୋହରେ ସାମିଲ ହୁଅନ୍ତି, ତେବେ ତାଙ୍କୁ ଭବିଷ୍ୟତ ପଦବୀ ପାଇଁ ନିଷେଧ କରାଯିବ। ୨୦୨୪ରେ ହ୍ୱାଇଟ୍ ହାଉସ୍ ଅକ୍ତିଆର କରିବା ଲାଗି ରିପବ୍ଲିକାନ ଦଳର ମନୋନୟନ ପ୍ରକ୍ରିୟାରେ ଟ୍ରମ୍ପ୍ ଆଗରେ ରହିଛନ୍ତି। କଲରାଡୋ ସୁପ୍ରିମକୋର୍ଟଙ୍କ ତ୍ରୁଟିପୂର୍ଣ୍ଣ ରାୟ ବିରୋଧରେ ଟ୍ରମ୍ପ୍ ଆମେରିକା ସୁପ୍ରିମକୋର୍ଟରେ ଅପିଲ୍ କରିବେ ବୋଲି ତାଙ୍କ ପ୍ରଚାର ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ କହିଛନ୍ତି। ତେବେ ୭ ସଦସ୍ୟ ବିଶିଷ୍ଟ କଲରାଡୋ ସୁପ୍ରିମକୋର୍ଟ ୪-୩ରେ ରାୟ ଦେଇଥିବାରୁ ଏହା ରାଜ୍ୟ ବାହାରେ ଲାଗୁ ହେବ ନାହିଁ। ମାର୍ଚ୍ଚ ୫ରେ କଲରାଡୋ ପ୍ରାଇମେରି ହେବାକୁ ଥିବାବେଳେ ଅଦାଲତଙ୍କ ରାୟର କାର୍ଯ୍ୟକାରିତା ଉପରେ ଜାନୁୟାରୀ ୪ ପର୍ଯ୍ୟନ୍ତ ସ୍ଥଗିତାଦେଶ ଲାଗୁ ହୋଇଛି।

୨୦୨୧ ଜାନୁୟାରୀ ୬ରେ ଟ୍ରମ୍ପ୍ କ୍ୟାପିଟୋଲ ବିଦ୍ରୋହରେ ସାମିଲ ଥିଲେ ବୋଲି ତଳ କୋର୍ଟ ବିଚାରପତିଙ୍କ ରାୟକୁ କଲରାଡୋ ସୁପ୍ରିମକୋର୍ଟ କାଏମ ରଖିଛନ୍ତି। ତେବେ ରାଷ୍ଟ୍ରପତି ନିର୍ବାଚନ କ୍ଷେତ୍ରରେ ଏହା ଲାଗୁ ହେବ ନାହିଁ ବୋଲି ଟ୍ରାଏଲ୍ କୋର୍ଟ ବିଚାରପତି ଦେଇଥିବା ରାୟକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ପୂର୍ବରୁ ଆମେରିକାର କୌଣସି ରାଜ୍ୟ ଅଦାଲତ ରାଷ୍ଟ୍ରପତି ପ୍ରାର୍ଥୀଙ୍କ ଯୋଗ୍ୟତା ନିର୍ଦ୍ଧାରଣ କରି ନ ଥିଲେ। କଲରାଡୋ ସର୍ବୋଚ୍ଚ ଅଦାଲତଙ୍କ ରାୟ ତ୍ରୁଟିପୂର୍ଣ୍ଣ। ଆମେରିକା ସୁପ୍ରିମକୋର୍ଟଙ୍କ ରାୟ ଆମ ସପକ୍ଷରେ ଯିବା ନେଇ ନିଶ୍ଚିତ ବୋଲି ଟ୍ରମ୍ପ୍‌ଙ୍କ ମୁଖପାତ୍ର ଷ୍ଟିଭେନ୍ ଚେଉଙ୍ଗ କହିଛନ୍ତି।

ରିପବ୍ଲିକାନ୍ ପ୍ରାର୍ଥୀ ହେବା ପାଇଁ ପ୍ରତିଦ୍ୱନ୍ଦ୍ୱିତାରେ ଥିବା ଭାରତୀୟ ବଂଶୋଦ୍ଭବ ନିକ୍କି ହାଲି ଏବଂ ବିବେକ ରାମସ୍ୱାମୀ କଲରାଡୋ କୋର୍ଟଙ୍କ ରାୟକୁ ବିରୋଧ କରିଛନ୍ତି। କଲରାଡୋ ରିପବ୍ଲିକାନ ପାର୍ଟି ପ୍ରାଇମେରି ବାଲଟରେ ଟ୍ରମ୍ପ୍‌ଙ୍କ ନାଁକୁ ଅନୁମତି ନ ମିଳିଲେ ସେ ମଧ୍ୟ ପ୍ରାଇମେରିରୁ ଓହରିଯିବେ ବୋଲି ରାମସ୍ୱାମୀ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ’ରେ ପୋଷ୍ଟ କରିଛନ୍ତି।

## ଫୁର୍‌ସତ୍

# ୟୁରେନସ୍‌ର ଉଜ୍ଜ୍ୱଳ ବଳୟ

**ନୂଆଦିଲ୍ଲୀ**



ନିକଟରେ ନ୍ୟାଶନାଲ ଏରୋନେଟିକ୍ ଆଣ୍ଡ ସ୍ପେସ୍ ଏଜେନ୍ସି (ନାସା) ନିକଟରେ ଏକ ଫଟୋ ଶେୟାର କରିଛି। ଯେଉଁଥିରେ ୟୁରେନସ୍ ଗ୍ରହର ଚାରିପଟେ ଏକ ଉଜ୍ଜ୍ୱଳ ବଳୟ ଦେଖିବାକୁ ମିଳିଛି। ଏହା ପୂର୍ବରୁ କେବେ ୟୁରେନସ୍‌ର ଏପରି ଦୃଶ୍ୟ ଦେଖାଯାଇନି। ଯେତେବେଳେ ବୈଜ୍ଞାନିକମାନେ ୟୁରେନସ୍‌ର ଏହି ଫଟୋକୁ ଦେଖିଲେ ସେତେବେଳେ ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ। ରିପୋର୍ଟ ମୁତାବକ, ୟୁରେନ୍‌ସର ଏହି ନୂଆ ଫଟୋରେ ତା’ର ବଡ଼ ଆଶ୍ଚର୍ଯ୍ୟଜନକ ରୂପ ଦେଖିବାକୁ ମିଳିଛି। ଏହାକୁ ଜେମ୍ସ ୱେବ୍ ସ୍ପେସ୍ ଟେଲିସ୍କୋପ ଦ୍ୱାରା ୟୁରେନସ୍‌ର ମଧ୍ୟ ଏବଂ ତା’ର ବାହାର ବଳୟର ଫଟୋ ଉତ୍ତୋଳନ କରାଯାଇଛି। ଯେଉଁଥିରେ ଇଲ୍ୟୁସିଭ ଜିଟା ରିଙ୍ଗ୍ ମଧ୍ୟ ଦେଖାଯାଉଛି। ଯାହା ଏହି ଗ୍ରହର ସବୁଠୁ ନିକଟରେ ରହିଛି। ଏହି ଟେଲିସ୍କୋପ ୟୁରେନସ୍‌ର ୨୭ ଛୋଟ ଛୋଟ ଚନ୍ଦ୍ରର ଫଟୋ ମଧ୍ୟ ନେଇଛି। ପୃଥିବୀଠାରୁ ୟୁରେନସ ଏକ ଆରବ ମାଇଲଠାରୁ ଅଧିକ ଦୂରରେ ରହିଛି। ତେବେ ସୌରମଣ୍ଡଳର ୮ ଗ୍ରହ ମଧ୍ୟରୁ ୟୁରେନସ୍‌ଠାରୁ ସବୁଠୁ କମ୍ ତଥ୍ୟ ହାସଲ ହୋଇଛି। ଏହା ପୂର୍ବରୁ ନାସା ୧୯୮୦ ଦଶକରେ ୱୋୟାଜୋର ୨ ଅନ୍ତରୀକ୍ଷ ଯାନ ଦ୍ୱାରା ଏକ ଫଟୋ ଉଠାଯାଇଥିଲା। ନାସା ଟେଲିସ୍କୋପ ଏହି ବରଫ ଦୁନିଆର ଚାରିପଟେ ଥିବା ରୋମାଞ୍ଚକର ବାୟୁମଣ୍ଡଳକୁ ମଧ୍ୟ କ୍ୟାମେରା ଲେନ୍ସରେ କ୍ୟାପ୍ଚର କରିଛି। ଯେଉଁଥିରେ ସିଜନାଲ ନର୍ଥ ପୋଲାର କ୍ଲାଉଡ କପ୍ ରହିଛି। ଏହି ପୋଲାର କ୍ଲାଉଡ କପ୍ ୟୁରେନ୍‌ସ ପାଇଁ ଭିନ୍ନ । ଏପରି ପୋଲାର କ୍ଲାଉଡ କପ୍ ଗରମ ଦିନରେ ସୂର୍ଯ୍ୟଙ୍କ ପ୍ରକୋପରେ ନଜରକୁ ଆସିଥାଏ। ଯାହା ଶୀତ ଦିନରେ ଲୁଚିଯାଏ। ୟୁରେନ୍ସ ନିଜ ଆଡ଼କୁ ପ୍ରାୟ ୯୮ ଡିଗ୍ରୀ ଢଳି ରହି ଘୂରୁଥାଏ, ଯାହା ଏହାର ଭିନ୍ନ ଋତୁର କାରଣ।

# ୩.୫ କୋଟିର କାର୍ କିଣିଲେ ଶାହିଦ

**ମୁମ୍ବାଇ**



ବଲିଉଡ ଅଭିନେତା ଶାହିଦ କପୁରଙ୍କ କାର୍ କଲେକ୍ସନରେ ଆଉ ଏକ ବିଳାସପୂର୍ଣ୍ଣ କାର ସାମିଲ ହୋଇଛି। ଶାହିଦ ନିକଟରେ ଏକ କଳା ରଙ୍ଗର ମର୍ସିଡିଜ୍ ମାୟାବାକ୍ ଜିଏଲ୍‌ଏସ୍ ୬୦୦ କିଣିଛନ୍ତି। ଅଭିନେତା ଇନ୍‌ଷ୍ଟାଗ୍ରାମ୍‌ରେ ମୀରା କପୁରଙ୍କ ସହ ଏକ ଫଟୋ ଶେୟାର କରିଛନ୍ତି, ଯାହା ମାଧ୍ୟମରେ ଦମ୍ପତି ନୂତନ କାର୍‌ର ସ୍ୱାଗତ ବିଷୟରେ ସୂଚନା ଦେଇଛନ୍ତି। ଏହି କାର୍ ବିଳାସପୂର୍ଣ୍ଣ ବିଶିଷ୍ଟ। ଅଭିନେତା ଏହି କାର୍‌କୁ ୩.୫ କୋଟି ଟଙ୍କାରେ କିଣିଛନ୍ତି। ଶାହିଦ୍‌ଙ୍କ ପୂର୍ବରୁ ଏହି କାର୍ ରଣବୀର ସିଂ, ଅର୍ଜୁନ କପୁର, କ୍ରୀତି ସାନନ, ଆୟୁଷ୍ମାନ ଖୁରାନା ଏବଂ ନୀତୁ କପୁରଙ୍କ ପାଖରେ ରହିଛି। ଶାହିଦ୍ ୧୯୯୭ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ସେ ତାଙ୍କ ଅଭିନୟ ଯାଦୁରେ ଅନେକଙ୍କ ପ୍ରିୟ ହୋଇପାରିଛନ୍ତି। ୨୦୧୯ରେ ମୁକ୍ତିଲାଭ କରିଥିବା ଫିଲ୍ମ ‘କବିର ସିଂ’ରେ ସେ ଅଧିକ ଲୋକପ୍ରିୟ ହୋଇଥିଲେ। ଏହାପରେ ସେ ‘ଜର୍ସି’ ଏବଂ ‘ବ୍ଲଡି ଡାଡି’ରେ ମଧ୍ୟ ନଜରକୁ ଆସିଥିଲେ। ଆଗକୁ ତାଙ୍କ ପାଖରେ ୨ଟି ଫିଲ୍ମ ରହିଛି।

# ପାକିସ୍ତାନଠାରୁ ୪ ଗୁଣ କାର୍ ଦିଲ୍ଲୀରେ ବିକ୍ରି

**ଇସ୍‌ଲାମାବାଦ**

ପାକିସ୍ତାନର ଅଟୋମୋବାଇଲ ବଜାରର ସ୍ଥିତି ଏବେ ବହୁତ ଦୁର୍ବଳ ହୋଇପଡ଼ିଛି। କାରଣ କାର୍‌ର ବିକ୍ରି ହେଉନାହିଁ। ପାକିସ୍ତାନ ଅଟୋମୋଟିଭ୍ ମାନୁଫ୍ୟାକ୍ଚର ଆସୋସିଏଶନ ଅନୁସାରେ, ଚଳିତବର୍ଷ ନଭେମ୍ବରରେ କାର୍‌ର ବିକ୍ରି କମି କେବଳ ୪,୮୭୫ ୟୁନିଟ୍‌ରେ ପହଞ୍ଚିଛି, ଯାହା ମାସର ୬୮ ପ୍ରତିଶତ କମ୍। ପୂର୍ବବର୍ଷ ଏହି ସମୟରେ ୧୫,୪୩୨ କାର୍ ବିକ୍ରି ହୋଇଥିଲା। ଅଧିକାଂଶ କ୍ଷେତ୍ରରେ ବିକ୍ରି ଲଗାତର ଭାବେ କମୁଛି। ଯଦି ଭାରତ ଏବଂ ପାକିସ୍ତାନ ମଧ୍ୟରେ ତୁଳନା କରାଯାଏ, ନଭେମ୍ବର ସମୟରେ ଭାରତରେ ୨.୮୮ ଲକ୍ଷରୁ ଅଧିକ କାର୍ ବିକ୍ରି ହୋଇଛି। କେବଳ ଦେଶରେ ୧.୩୪ ଲକ୍ଷରୁ ଅଧିକ ମାରୁତି ସୁଜୁକି କାର୍ ବିକ୍ରି ହୋଇଛି। ସବୁଠାରୁ ଅଧିକ କାର୍ ଦିଲ୍ଲୀରେ ବିକ୍ରି ହୋଇଛି। ଦିଲ୍ଲୀରେ କେବଳ ୮୦ ହଜାରରୁ ଅଧିକ ନୂଆ ଯାନର ରେଜିଷ୍ଟ୍ରି ହୋଇଛି। ସେଥିମଧ୍ୟରୁ ୧୮ ହଜାର କେବଳ କାର୍। ଅର୍ଥାତ୍ ପୂରା ପାକିସ୍ତାନରେ ଯେତେ କାର୍ ବିକ୍ରି ହୋଇଛି, ତା’ଠାରୁ ୪ ଗୁଣ କାର୍ କେବଳ ଦିଲ୍ଲୀରେ ବିକ୍ରି ହୋଇଛି। ପାକିସ୍ତାନରେ କାର୍‌ର ମୂଲ୍ୟ ହିଁ ଏହାର ବଡ଼ କାରଣ। ବର୍ତ୍ତମାନ ସମୟରେ ପାକିସ୍ତାନରେ କାର୍‌ର ମୂଲ୍ୟ ବଢି ବଢି ଚାଲିଛି। ଦେଶର ଅର୍ଥ ବ୍ୟବସ୍ଥା ଦୁର୍ବଳ ଏବଂ ସାମାନ୍ୟ ଜିନିଷର ମୂଲ୍ୟ ବୃଦ୍ଧି ହେଉଥିବାରୁ ଲୋକଙ୍କ କ୍ରୟ କ୍ଷମତା କମିବାରେ ଲାଗିଛି। ସେଥିପାଇଁ ସେମାନେ ଯାନବାହନ କିଣିବାରେ ପଛରେ ପଡ଼ିଛନ୍ତି। କେତେକ କାର୍ କମ୍ପାନୀ ମଧ୍ୟ ଦେଶରେ ତାଙ୍କ ଫ୍ୟାକ୍ଟ୍ରି ବନ୍ଦ କରିସାରିଲେଣି।

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୨୧/୨୦୨୩ | Bhubaneswar, Thursday, December 21/2023 | ପୃଷ୍ଠା-୧

# ଖଲାରୁ ଛତିଶଗଡ଼ ଯାଉଛି ଧାନ



ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରୁ ଧାନ ଛତିଶଗଡ଼କୁ ଟ୍ରକ୍‌ରେ ଯାଉଛି।

**ସୋନପୁର,୨୦।୧୨(ମୃତ୍ୟୁଞ୍ଜୟ ଶତପଥୀ)**

ପଶ୍ଚିମ ଓଡ଼ିଶାରୁ ପଡୋଶୀ ଛତିଶଗଡ଼କୁ ଧାନ ଚାଲାଣ ଜୋର ଧରିଛି। ବ୍ୟବସାୟୀମାନେ ଚାଷୀଙ୍କ ନିକଟରୁ ଧାନ କିଣି ଟ୍ରକ୍ ଯୋଗେ ପଠାଉଛନ୍ତି। ପଡୋଶୀ ଛତିଶଗଡରେ ଚାଷୀଙ୍କୁ ଖରିଫରେ ଧାନ କୁଇଣ୍ଟାଲ ପ୍ରତି ୯୧୭ଟଙ୍କା ଅଧିକ ମିଳୁଛି। ତେଣୁ ଏହାର ପ୍ରଭାବ ପଶ୍ଚିମ ଓଡିଶାର ଜିଲାଗୁଡିକରେ ଅନୁଭୂତ ହେଉଛି। ଏଠାକାର ଚାଷୀମାନେ ମଣ୍ଡି ଅବ୍ୟବସ୍ଥା, କଟ୍‌ନୀ ଛଟ୍‌ନୀରେ ଅତିଷ୍ଠ ହୋଇ ବ୍ୟବସାୟୀଙ୍କୁ ଧାନ ବିକ୍ରି କରିବାକୁ ଆଗ୍ରହ ଦେଖାଉଛନ୍ତି। କୁଇଣ୍ଟାଲ ପ୍ରତି ନଗଦ ୨୧୦୦ରୁ ୨୨୦୦ ଟଙ୍କା ଦେଇ ବାହାର ରାଜ୍ୟର ବ୍ୟବସାୟୀମାନେ ଧାନ କିଣି ନେଉଛନ୍ତି। ବର୍ତ୍ତମାନ ସମୟରେ ପଶ୍ଚିମ ଓଡ଼ିଶାର ବିଭିନ୍ନ

## ପଶ୍ଚିମ ଓଡ଼ିଶାରେ ମଣ୍ଡି ଅବ୍ୟବସ୍ଥା

ଗାଁରେ ବ୍ୟବସାୟୀମାନେ ସକ୍ରିୟ ହୋଇଉଠିଛନ୍ତି।

ଛତିଶଗଡରେ ଚାଷୀଙ୍କୁ ସାଧାରଣ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) କୁଇଣ୍ଟାଲ ପ୍ରତି ୨୧୮୩ ଟଙ୍କା ମିଳୁଛି। ପୁଣି ଚାଷୀଙ୍କୁ ବୋନ୍‌ସ ଆକାରରେ ରାଜ୍ୟ ସରକାର ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର(ଡିବିଟି) ଯୋଗେ କୁଇଣ୍ଟାଲ ପ୍ରତି ୯୧୭ଟଙ୍କା ପ୍ରଦାନ କରୁଛନ୍ତି। ସେହିପରି ଏକର ପ୍ରତି ଚାଷୀଙ୍କ ନିକଟରୁ ୨୧ କୁଇଣ୍ଟାଲ ଧାନ କିଣାଯାଉଛି। ସେଠାରେ ଧାନ ଦର ଅଧିକ ରହୁଥିବାରୁ ପଶ୍ଚିମ ଓଡ଼ିଶାର ସୁବର୍ଣ୍ଣପୁର, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, ବରଗଡ଼ ଓ ସମ୍ବଲପୁର ଜିଲାରୁ ପ୍ରତ୍ୟହ ବହୁ କୁଇଣ୍ଟାଲ ଧାନ ବଡ଼ ବଡ଼ ଟ୍ରକ୍ ଯୋଗେ ଛତିଶଗଡ଼ ଯାଉଛି। ଚାଷୀ ଅଧିକ ଦାମ୍ ପାଉଥିବାରୁ କେହି ପ୍ରତିବାଦ କରୁନାହାନ୍ତି। ଜିଲା ପ୍ରଶାସନ ବାହାର ରାଜ୍ୟକୁ ଯାଉଥିବା ଧାନ ବୋଝେଇ ଟ୍ରକ୍‌ଗୁଡ଼ିକୁ ଜବତ କରୁନାହିଁ। ପରିସ୍ଥିତି ଏଭଳି ଯେ, ସ୍ଥାନୀୟ ଧାନ ମଣ୍ଡିଗୁଡ଼ିକରେ ଆଉ ଚାଷୀଙ୍କ ଭିଡ଼ ପରିଲକ୍ଷିତ ହେଉନାହିଁ। ଓଡିଶାରେ ଚଳିତ ଖରିଫରେ ବମ୍ପର ଧାନ ଉତ୍ପାଦନ ହୋଇଛି। କିନ୍ତୁ ଚାଷୀଙ୍କୁ ଜଳସେଚିତ ଜମିରେ ଏକର ପ୍ରତି ୧୯ କୁଇଣ୍ଟାଲ ଓ ଅଣଜଳସେଚିତ ଜମିରେ ଏକର ପ୍ରତି ୧୩ କୁଇଣ୍ଟାଲ ଧାନ ବିକ୍ରି ଲାଗି ☞ପୃଷ୍ଠା-୨

# ଗୁପ୍ତ ତଥ୍ୟ ପାଇଁ ହନିଟ୍ରାପ୍

## ନ୍ୟୁଡ୍ କଲ୍ ଲାଗି ଆପ୍ ଖୋଲିଥିଲେ ବୁଖାରୀ

**ଭୁବନେଶ୍ୱର,୨୦।୧୨ (ସୂର୍ଯ୍ୟକାନ୍ତ ବେହେରା)**

ଯାଜପୁର ଧର୍ମଶାଳା ଥାନାଅଞ୍ଚଳରୁ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ଗିରଫ କରିଥିବା ସନ୍ଦିଗ୍ଧ ଆତଙ୍କବାଦୀ ସୟଦ ଇଶାନ ବୁଖାରୀଙ୍କଠାରୁ ବହୁ ଚାଞ୍ଚଲ୍ୟକର ତଥ୍ୟ ମିଳିଛି। ୫ଦିନିଆ ରିମାଣ୍ଡର ବୁଧବାର ଦ୍ୱିତୀୟ ଦିନରେ ଏସ୍‌ଟିଏଫ୍ ସହ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା 'ଇଣ୍ଟେଲିଜେନ୍‌ସ ବ୍ୟୁରୋ (ଆଇବି)'ର ଅଧିକାରୀମାନେ ତାଙ୍କୁ ଘନଘନ ଜେରା କରିଛନ୍ତି। କେତେବେଳେ ଅଲଗା ତ ଆଉ କେତେବେଳେ ମିଳିତ ଭାବେ ପଚରାଉଚରା କରାଯାଇ ଦେଶଦ୍ରୋହ ସହ ଅନ୍ୟ ଆପରାଧିକ କାର୍ଯ୍ୟକଳାପର ତଥ୍ୟ ସଂଗ୍ରହ କରୁଛନ୍ତି। ତେବେ ବୁଖାରୀ ହନିଟ୍ରାପର ଜାଲ ବିଛାଇ ଟଙ୍କା



ସନ୍ଦିଗ୍ଧ ଆତଙ୍କବାଦୀ ସୟଦ ଇଶାନ ବୁଖାରୀ

ସହ ଗୁପ୍ତ ତଥ୍ୟ ହାସଲ କରିଥିବା ବିଶେଷସୂତ୍ରରୁ ସୂଚନା ମିଳିଛି। ଏକାଧିକ ଯୁବତୀଙ୍କୁ ନେଇ ବୁଖାରୀ ହନିଟ୍ରାପର ଜାଲ ବିଛାଇଥିଲେ। ଏଥିପାଇଁ ବୁଖାରୀ ନିଜର ଏକ ଆପ୍ ଖୋଲିଥିଲେ। ଏହି ଆପ୍‌ରେ ସେ ବହୁ ଯୁବତୀଙ୍କୁ ସାମିଲ କରାଇ ସେମାନଙ୍କ ଦ୍ୱାରା ନ୍ୟୁଡ୍ କଲ୍ କରି ଟାର୍ଗେଟ ହାସଲ କରୁଥିଲେ। ଯୁବତୀମାନେ ☞ପୃଷ୍ଠା-୨

# ଭାରତରେ ମିନିଟ୍‌କୁ ୭୬୧ ସାଇବର ଆକ୍ରମଣ ଉଦ୍ୟମ

**ନୂଆଦିଲ୍ଲୀ,୨୦।୧୨**

ଚଳିତ ବର୍ଷ ଭାରତର ୮୫ ଲକ୍ଷ ଏଣ୍ଡପଏଣ୍ଟରେ ୪୦ କୋଟିରୁ ଅଧିକ ସାଇବର ଆକ୍ରମଣ ଉଦ୍ୟମ ହୋଇଥିବା ଏକ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ଉକ୍ତ ରିପୋର୍ଟ ଅନୁଯାୟୀ ମିନିଟ୍ ପ୍ରତି ହାରାହାରି ୭୬୧ ସାଇବର ଆକ୍ରମଣ ଉଦ୍ୟମ ହୋଇଛି। ସୁରଟରେ ସର୍ବାଧିକ ୧୫ ପ୍ରତିଶତ ସାଇବର ଥ୍ରେଟ୍ ଚିହ୍ନଟ ହୋଇଥିବାବେଳେ ବେଙ୍ଗାଲୁରୁରେ ୧୪ ପ୍ରତିଶତ ହୋଇଛି। ୪.୯ କୋଟି ଆଚରଣ ଭିତ୍ତିକ ଚିହ୍ନଟ ଯାହାକି ମୋଟ ଚିହ୍ନଟର ୧୨.୫ ପ୍ରତିଶତ ବୋଲି ଡାଟା ସିକ୍ୟୁରିଟି କାଉନସିଲ୍ ଅଫ୍ ଇଣ୍ଡିଆ (ଡିଏସ୍‌ସିଆଇ) ରିପୋର୍ଟରୁ ଜଣାପଡ଼ିଛି। ଉକ୍ତ ସଂସ୍ଥା ସାଇବରସିକ୍ୟୁରିଟି ସଲ୍ୟୁଶନ ପ୍ରଦାନ କରୁଥିବା ସେକ୍ରିଟ୍ ସହ ମିଶି ସର୍ଭେ କରିଥିଲା। ୫୦ ପ୍ରତିଶତରୁ ଅଧିକ ସାଇବର ଆକ୍ରମଣ ହଟାଇ ଦିଆଯାଇପାରୁଥିବା ଗଣମାଧ୍ୟମ ଏବଂ ନେଟ୍‌ୱର୍କ ଡ୍ରାଇଭରେ ହେଉଥିବାବେଳେ ପାଖାପାଖି ୨୫ ପ୍ରତିଶତ ସାଇବର ଥ୍ରେଟ୍ ଇମେଲ୍ ଏବଂ ୱେବ୍‌ସାଇଟଗୁଡ଼ିକର ଦୁର୍ଭାବନାପୂର୍ଣ୍ଣ ଲିଙ୍କ୍‌ଗୁଡ଼ିକୁ କ୍ଲିକ୍ କରିବାରୁ ହେଉଛି। ୨୦୨୩ରେ ମାସକୁ ପ୍ରତି ଆଣ୍ଡ୍ରଏଡ୍ ଉପକରଣରେ ହାରାହାରି ୩ଟି ଆକ୍ରମଣ ହେଉଛି। ସାଇବର କ୍ରାଇମ୍ ଇଞ୍ଜିନିୟରିଂରେ ମାଲୱେର୍ ସର୍ବାଧିକ ଆକ୍ରମଣ ପଦ୍ଧତି ହୋଇଥିବାବେଳେ ରାନସମ୍‌ୱେର ଆଦି ଅନ୍ୟାନ୍ୟ ପଦ୍ଧତିକୁ ମଧ୍ୟ ବ୍ୟବହାର କରାଯାଉଛି।






# ଆଶୁତୋଷ ପରିଡ଼ା ପାଇବେ 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର'

## ୨୪ ଭାଷାରେ ପୁରସ୍କାର ଘୋଷଣା

ଭୁବନେଶ୍ୱର,୨୦।୧୨
(ଶର୍ମିଷ୍ଠା ପାଣିଗ୍ରାହୀ)

ବିଶିଷ୍ଟ କବି ତଥା ବରିଷ୍ଠ ବୈଜ୍ଞାନିକ ଆଶୁତୋଷ ପରିଡ଼ା ୨୦୨୩ ବର୍ଷ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବେ। କବିତା ସଂକଳନ 'ଅପ୍ରସ୍ତୁତ ମୃତ୍ୟୁ' ପାଇଁ ତାଙ୍କୁ ଏହି ପୁରସ୍କାର ଦିଆଯିବ ବୋଲି ବୁଧବାର କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଘୋଷଣା କରାଯାଇଛି। ପୁରସ୍କାର ବାବଦରେ ୧ଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ପ୍ରଦାନ କରାଯିବ। ଏକାଡେମୀ ପୁରସ୍କାର ପାଇବା ନେଇ ଆଶୁତୋଷ ନିଜ ପ୍ରତିକ୍ରିୟାରେ କହିଛନ୍ତି, ୨୦୨୦ରେ ପ୍ରକାଶିତ ମୋର ଏହି କାବ୍ୟକୁ ସ୍ୱୀକୃତି ମିଳିଛି। ଖୁସି ହେବା ସ୍ୱାଭାବିକ। ଏହି ପୁରସ୍କାର ଏକ ପ୍ରେରଣା।






ମୃତ୍ୟୁ କାହିଁକି ଅପ୍ରସ୍ତୁତ। ସଂଘର୍ଷ ଓ ଦ୍ୱନ୍ଦ୍ୱ ଭିତରେ ରହି ମଣିଷ ବଞ୍ଚି ରହିବାକୁ ଚେଷ୍ଟା କରିଥାଏ। ମୃତ୍ୟୁ ବାରମ୍ବାର ପରାସ୍ତ ହୁଏ। ମଣିଷର ଜିଜୀବିଷା ଆଗରେ ମୃତ୍ୟୁ ଅପ୍ରସ୍ତୁତ ହୋଇପଡ଼େ। ମୃତ୍ୟୁକୁ ଅତିକ୍ରମ କରି ମଣିଷ ବଞ୍ଚିବାକୁ ଚାହେଁ। ମାନବବାଦୀ ଭାବନା ଓ ମୃତ୍ୟୁ ସମ୍ପର୍କିତ କବିତାଗୁଡ଼ିକ ଏହି ପୁସ୍ତକରେ ରହିଛି।

ଏକାଡେମୀ ପକ୍ଷରୁ ୨୪ଟି ଭାଷାରେ ପୁରସ୍କାର ଘୋଷଣା କରାଯାଇଛି। ସେଥିମଧ୍ୟରୁ ୯ଟି କବିତା ପୁସ୍ତକ, ୬ଟି ଉପନ୍ୟାସ, ୫ଟି କ୍ଷୁଦ୍ର ଗଳ୍ପ, ୩ଟି ପ୍ରବନ୍ଧ ଓ ଗୋଟିଏ ଲିଟେରାରୀ ଷ୍ଟଡି ରହିଛି। ଆଞ୍ଚଳିକ ଭାଷା ଓଡ଼ିଆରେ ଜୁରୀ ସଦସ୍ୟ ଭାବେ ବିଶିଷ୍ଟ ସାହିତ୍ୟିକ ହରପ୍ରସାଦ ଦାସ, ପ୍ରଫେସର କାଳିଦାସ ମିଶ୍ର ଓ ରାଜେନ୍ଦ୍ର କିଶୋର ପଣ୍ଡା ରହିଥିଲେ। ଆସନ୍ତା ବର୍ଷ ମାର୍ଚ୍ଚ ୧୨ରେ ନୂଆଦିଲ୍ଲୀସ୍ଥିତ କମନି ଅଡିଟୋରିୟମ୍‌ରେ ଏହି ପୁରସ୍କାର ପ୍ରଦାନ କରାଯିବ।

ଆଶୁତୋଷ ପରିଡ଼ା ୧୯୪୬ ଫେବୃୟାରୀରେ କେନ୍ଦ୍ରାପଡ଼ା ଜିଲାରେ ଜନ୍ମଗ୍ରହଣ କରିଥିଲେ। ସେ ରାଉରକେଲାର ଆର୍‌ଇସିରେ ଇଞ୍ଜିନିୟରିଂରେ ସ୍ନାତକ ହାସଲ କରିବା ପରେ ଆଇଆଇଟି ଖଡ଼ଗପୁରରେ ଆବର୍ତ୍ତ ପୃଥକୀକରଣ ଯନ୍ତ୍ରର ପ୍ରସ୍ତୁତି ନେଇ ଗବେଷଣା କରିଥିଲେ। ପରେ ପରିଡ଼ା ଭୁବନେଶ୍ୱର ଆଞ୍ଚଳିକ ଗବେଷଣା କେନ୍ଦ୍ରରେ ବୈଜ୍ଞାନିକ ଭାବେ କାର୍ଯ୍ୟ କରିଥିଲେ। କେବଳ ଜଣେ ବରିଷ୍ଠ ବୈଜ୍ଞାନିକ ନୁହନ୍ତି, କବି ଭାବେ ମଧ୍ୟ ସେ ସୁପ୍ରତିଷ୍ଠିତ। ସେ ଯୁକ୍ତ ଯାତନା, ଇପ୍‌ସିତ କ୍ରୋଧ, ଚଣ୍ଡାଳ, ଶବ୍ଦଭେଦୀ ଭଳି ବହୁ କବିତା ପୁସ୍ତକ ରଚନା କରିଛନ୍ତି। କବିତା ସଂକଳନ 'ଇପ୍‌ସିତ କ୍ରୋଧ' ପାଇଁ ୧୯୯୦ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ। ତାଙ୍କର ବହୁ କବିତା ହିନ୍ଦୀ, ଇଂଲିଶ ଓ ବଙ୍ଗଳା ଭାଷାରେ ଅନୁବାଦିତ ହୋଇଛି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ମହାଲକ୍ଷ୍ମୀଙ୍କ ବାର୍ଷିକ ହୋମଯଜ୍ଞ, ମହାଲକ୍ଷ୍ମୀ ଶାନ୍ତିପୀଠ ଚାଲିଟେବୁଲ ଟ୍ରଷ୍ଟ, ବାଘମରା, ରସୁଲଗଡ଼, ସକାଳ ୮ଟା।
- ଆନ୍ତର୍ଜାତୀୟ ଅର୍କ ନୃତ୍ୟ ଉତ୍ସବ, ଭଞ୍ଜକଳା ମଣ୍ଡପ, ପୂର୍ବାହ୍ଣ ୧୦ଟା।
- ପ୍ରଫେସର ଚିତ୍ତରଞ୍ଜନ ଦାସ ଜନ୍ମଶତବାର୍ଷିକୀ, ଗୀତଗୋବିନ୍ଦ ସଦନ, ପୂର୍ବାହ୍ଣ ୧୦ଟା ୩୦।
- ସେଣ୍ଟ ଜୋସେଫ୍ ହାଇସ୍କୁଲରେ ଫ୍ୟାନ୍ସି ଡ୍ରିଲ୍ ଡିସ୍‌ପ୍ଲେ-୨୦୨୩, ଜୋକଲାଣ୍ଡି, ଭରତପୁର, ଅପରାହ୍ଣ ୩ଟା।
- ସେଣ୍ଟ ଡାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲର ୧୪ତମ ବାର୍ଷିକୋତ୍ସବ, ସ୍କୁଲ ପରିସର, ଅପରାହ୍ଣ ୫ଟା।
- ତାରାମଣି ଦେବୀ ମେମୋରିଆଲ ଲେକ୍ଚର, ଜାତୀୟ ଅଭିଲେଖାଗାର, ଅପରାହ୍ଣ ୫ଟା।
- ଅନସୂୟା ନାଥ ଫାଉଣ୍ଡେଶନ ଓ ୟୁଥ୍ ଆନୁକୂଲ୍ୟରେ ସଙ୍ଗୀତ ସନ୍ଧ୍ୟା, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା

- ଶ୍ରୀମଦ୍ ଭାଗବତ ପୁରାଣ ଉପରେ ପ୍ରବଚନ, ଗଡ଼ ନହରକଣ୍ଟାସ୍ଥିତ ଶ୍ରୀରୁଦ୍ରେଶ୍ୱର ସଭା ମଣ୍ଡପ, ସନ୍ଧ୍ୟା ୬ଟା

ବଡ଼ମ୍ବା

- ବଡ଼ମ୍ବା ପଞ୍ଚାୟତ ସମିତି ଆନୁକୂଲ୍ୟରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ,ବଡ଼ମ୍ବା କଲେଜ ଖେଳ ପଡ଼ିଆ, ସକାଳ ୯ଟା।
- ରତାପାଟ ଲକ୍ଷ୍ମୀପୂଜା ମହୋତ୍ସବ ଉଦ୍‌ଘାଟିତ, ରତାପାଟ ପୋଖରୀ ଛକ, ସନ୍ଧ୍ୟା ୭ ଟା।



ପାଲେଷ୍ଟାଇନ୍‌ରେ ଇସ୍ରାଏଲ୍‌ର ନରସଂହାର ବନ୍ଦ ଦାବିରେ ସିପିଆଇ(ଏମ୍) ପକ୍ଷରୁ ବୁଧବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।

## ତମାଖୁ ନିୟନ୍ତ୍ରଣ ନୀତିକୁ ସୁଦୃଢ଼ କରିବାକୁ ଆହ୍ୱାନ

ଭୁବନେଶ୍ୱର, ୨୦।୧୨(ଅସମାପିକା ସାହୁ)

ତମାଖୁ ଦ୍ୱାରା ପ୍ରତିବର୍ଷ ୧ ମିଲିୟନ୍‌ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥାଏ, ଯାହା ସମସ୍ତ ମୃତ୍ୟୁର ୯.୫%। ଗ୍ଲୋବାଲ୍ ଆଡଲ୍ଟ ତମାଖୁ ସର୍ଭେ(ଜିଏଟିଏସ୍) ୨୦୧୬-୧୭ର ରିପୋର୍ଟ ଅନୁଯାୟୀ, ୧୫ବର୍ଷରୁ ଊର୍ଦ୍ଧ୍ୱ(୨୯%) ଅର୍ଥାତ୍ ୨୬୭ ମିଲିୟନ୍ ଲୋକ ହେଉଛନ୍ତି ତମାଖୁ ବ୍ୟବହାରକାରୀ। ଏଥିସହିତ ୩୮.୭% କିଶୋର ଘରେ, ୩୦.୨% କର୍ମକ୍ଷେତ୍ରରେ ଓ ୭.୪% ରେଷ୍ଟୁରାଣ୍ଟ ଆଦି ସ୍ଥାନରେ ତମାଖୁ ଦ୍ୱାରା ପ୍ରଭାବିତ। ସେହିଭଳି ଓଡ଼ିଶାରେ ୩୩.୬% ମହିଳା ଏବଂ ୫୭.୬% ପୁରୁଷ ତମ୍ବାଖୁ ସେବନ କରିଥାନ୍ତି। ତେଣୁ କୋଟ୍‌ପା ଏବଂ ତମ୍ବାଖୁ ନିୟନ୍ତ୍ରଣ ନୀତିକୁ ସୁଦୃଢ଼ କରିବା ପାଇଁ ବୁଧବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ପରାମର୍ଶଭିତ୍ତିକ କର୍ମଶାଳାରେ ଆହ୍ୱାନ ଦିଆଯାଇଛି। 'ପିକକ୍' ଏବଂ କୋଆଲିସନ୍ ଫର୍ ଟବାକୋ ଫ୍ରି ଓଡ଼ିଶାର ମିଳିତ ସହଯୋଗରେ ଏହି କର୍ମଶାଳା ଆୟୋଜନ କରାଯାଇଥିଲା। ଦେଶ ତଥା ରାଜ୍ୟରେ ତମ୍ବାଖୁ ବ୍ୟବହାର ହ୍ରାସ କରି ଜନସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଅତିଥିମାନେ ଅନୁରୋଧ କରିଥିଲେ। ଏହି ପ୍ୟାନେଲରେ ବିଧାୟକ ଅନନ୍ତ ନାରାୟଣ ଜେନା, ଅରବିନ୍ଦ ଢାଲୀ, ଶଶୀଭୂଷଣ ବେହେରା, ଲତିକା ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ଜନସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ତଥା ତମାଖୁ ନିୟନ୍ତ୍ରଣ ସେଲ୍‌ର ଦାୟିତ୍ୱରେ ରହିଥିବା ଡା. ସୁଶାନ୍ତ କୁମାର ସ୍ୱାଇଁ, ସୁପ୍ରିମକୋର୍ଟ ଆଇନଜୀବୀ ରଞ୍ଜିତ କୁମାର ସିଂ, ଅନ୍‌କୋଲୋଜିଷ୍ଟ ଡା. ରଞ୍ଜିତ କର, ଦନ୍ତ ସର୍ଜନ ଡା. ଉତ୍କଳ ମହାନ୍ତି, ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗର ସଦସ୍ୟ ଦୟାନିଧି ଦାସ ଏବଂ ପିକକର ସମ୍ପାଦକ ରଞ୍ଜନ କୁମାର ମହାନ୍ତି ଯୋଗଦେଇ ତମ୍ବାଖୁ ବ୍ୟବହାରର କୁପରିଣାମ ସମ୍ପର୍କରେ ସଚେତନତା ଉପରେ ଗୁରୁତ୍ୱ ଦେଇଥିଲେ। ପିକକ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ ଓ ଚେୟାରମ୍ୟାନ ଡ. ମିନାକ୍ଷୀ ପଣ୍ଡା ଅଧ୍ୟକ୍ଷତାରେ କରିଥିଲେ। ସତ୍ୟଶିବ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ସମୟ ମଧ୍ୟରେ ସରିବ ନାଟମଣ୍ଡପ କାର୍ଯ୍ୟ

ପୁରୀ,୨୦।୧୨(ଅଜିତ୍ ମହାନ୍ତି)

ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏଏସ୍‌ଆଇ ସହ ଶ୍ରୀମନ୍ଦିର ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟତଃ ଶ୍ରୀମନ୍ଦିର ନାଟମଣ୍ଡପ ମରାମତି ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଆମିକସ୍ କ୍ୟୁରୀ ଏନ୍. କେ. ମହାନ୍ତି, ବୈଷୟିକ କମିଟି ମୁଖ୍ୟ ଏନ୍. ସି. ପାଲ୍, ଶ୍ରୀମନ୍ଦିର ପରିଚାଳନା କମିଟି ସେବାୟତ ସଦସ୍ୟ, ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଡି.ବି. ଗଡ଼ନାୟକଙ୍କ ସହ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଆମିକସ୍ କ୍ୟୁରୀ ମହାନ୍ତିଙ୍କ କହିବା ହେଲା, ନାଟମଣ୍ଡପର ଟେକ୍ନିକାଲ ସମ୍ପର୍କରେ ଆଲୋଚନା କରାଯାଇଛି। କିପରି ଶୀଘ୍ର କାର୍ଯ୍ୟ ଶେଷ ହେବ, ଡିଜାଇନ ଠିକ୍ ହେବା, କମ୍ ସମୟ ମଧ୍ୟରେ କାର୍ଯ୍ୟ ଯେପରି ଶେଷ ହେବ ସେ ସମ୍ପର୍କରେ ଆଲୋଚନା କରାଯାଇଛି। ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। ପୁଣି ବୈଠକ ବସିବ। ଏଏସ୍‌ଆଇ ପକ୍ଷରୁ ଗୋଟିଏ ଡ୍ରଇଂ ପ୍ରଦାନ କରାଯାଇଛି। ଉକ୍ତ ଚିତ୍ର ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଯାଉଛି ବୋଲି କହିଥିଲେ। ବୈଷୟିକ କମିଟି ମୁଖ୍ୟ ପାଲ୍‌ଙ୍କ କହିବା ହେଲା ନାଟ ମଣ୍ଡପ ମରାମତି ନେଇ ଏଏସ୍‌ଆଇ, ଶ୍ରୀମନ୍ଦିର ବୈଷୟିକ ଟିମ୍ , ଶ୍ରୀମନ୍ଦିର ପ୍ରଶାସନ ଓ ପରିଚାଳନା କମିଟି ସଦସ୍ୟଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଛି। ଆଇଆଇଟି ଚେନ୍ନାଇରୁ ଆସିଥିବା ପ୍ଲାନ ଓ ଡିଜାଇନ ଅନୁଧ୍ୟାନ କରାଯାଉଛି। ଡ୍ରଇଂ ଡିଜାଇନର ମେଥୋଡଲୋଜି କିପରି କରାଯାଇପାରିବ, ଷ୍ଟେଜିଙ୍ଗ ଆରେଞ୍ଜମେଣ୍ଟ କାର୍ଯ୍ୟ କିପରି ହେବ, କାର୍ଯ୍ୟ ସମୟରେ ଯେପରି ମହାପ୍ରଭୁଙ୍କ ନୀତିକ୍ରାନ୍ତିରେ ବ୍ୟାଘାତ ନ ହେବ ସେ ସମ୍ପର୍କରେ ଆଲୋଚନା ହୋଇଛି। ଯେଉଁ ସ୍ଥାନରେ ଟେମ୍ପୁରାଲି ଷ୍ଟେଜିଙ୍ଗ କରାଯିବ ସେ ସ୍ଥାନକୁ ବର୍ତ୍ତମାନ ଅନୁଧ୍ୟାନ କରାଯିବ। ତେବେ ତାହା ଅନୁମାନ କରାଯାଉଛି। ନୀତି ପାଇଁ ଯେଉଁ ଇସ୍ୟୁ ରହିଛି, ସେଥିପାଇଁ କିଛି ସାମାନ୍ୟ ମୋଡିଫାଇ ବା କିଛି ପରିବର୍ତ୍ତନ ଟେମ୍ପରାଲି ଷ୍ଟେଜିଙ୍ଗରେ କରିବାକୁ ହେବ। ବୈଷୟିକ ଟିମ୍ ତନ୍ନ ତନ୍ନ କରି ସ୍ଥିତି ଯାଞ୍ଚ କରିବ। ଆଇରନ୍ ରଡ୍ ବିମ୍ ବଦଳରେ ଷ୍ଟେନ୍‌ଲେସ୍ ଷ୍ଟିଲ ବିମ୍ ଲଗାଯିବ। ପାଇଲିନ୍ ଓ ଜ୍ୟାକ୍ ଲଗାଯାଇ ଅସ୍ଥାୟୀ ଭାବେ ଷ୍ଟେନ୍‌ଲେସ୍ ଷ୍ଟିଲ ବିମ୍ ଲଗାଯିବ। ଶୃଙ୍ଖଳିତ ନୀତି, ଭୋଗମଣ୍ଡପ ଓ ଦର୍ଶନକୁ ଦୃଷ୍ଟିରେ ରଖି ଷ୍ଟେନଲେସ୍ ଷ୍ଟିଲ୍ ବିମ୍ ଲଗାଯିବ। ସେହିପରି ଯେପରି ଭକ୍ତମାନଙ୍କ ଦର୍ଶନ ଉପରେ କୌଣସି ସମସ୍ୟା ନ ହେବ ସେଥିପାଇଁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ହାଇକୋର୍ଟଙ୍କୁ ୪ ମାସ ମଧ୍ୟରେ କାର୍ଯ୍ୟ ସାରିବାକୁ କୁହାଯାଇଛି। ସେହି ଅନୁଯାୟୀ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ପରିଚାଳନା ସଦସ୍ୟମାନେ ଛତିଶା ନିଯୋଗରେ ଏନେଇ ଆଲୋଚନା କରିବା ପରେ ଆଉଥରେ ବୈଠକ ଅନୁଷ୍ଠିତ ହେବ। ନୂଆବର୍ଷ ଠାରୁ ନିୟମିତ କାର୍ଯ୍ୟ ଆରମ୍ଭ ହେବ ବୋଲି ପାଲ୍ କହିଛନ୍ତି। ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଗଡନାୟକ କହିଛନ୍ତି, କାର୍ଯ୍ୟ ଯେପରି ଶୃଙ୍ଖଳିତ ତଥା ସହଜରେ ହୋଇପାରିବ ସେ ନେଇ ଆଲୋଚନା କରାଯାଇଛି। ନାଟମଣ୍ଡପ ମରାମତି କାର୍ଯ୍ୟ ପରେ ରତ୍ନଭଣ୍ଡାର ବାହାରପାର୍ଶ୍ୱର ଲେଜର୍ ସ୍କାନିଂ ରିପୋର୍ଟ ଶ୍ରୀମନ୍ଦିର ପ୍ରଶାସନକୁ ଦିଆଯିବ ବୋଲି ଗଡ଼ନାୟକ କହିଛନ୍ତି।



ବୈଠକରେ ଯୋଗ ଦେବାକୁ ଯାଉଥିବା ଅଧିକାରୀମାନେ।

## ୨୩ରୁ ସପ୍ତଦଶ ଅନ୍ତର୍ଜାତୀୟ ଯୋଗିନୀ ମହୋତ୍ସବ

### ଶର୍ମିଳା ବିଶ୍ୱାସଙ୍କୁ ଚଉଷଠୀ ଯୋଗିନୀ ନୃତ୍ୟ ପ୍ରତିଭା ସମ୍ମାନ

**ବାଲକାଟୀ,୨୦।୧୨(ମନୋଜ ମଣ୍ଡଳ):** ନୃତ୍ୟ ପ୍ରତିଭା ଅନୁଷ୍ଠାନ ଓ ହୀରାପୁର ଗ୍ରାମ୍ୟ କମିଟି ମିଳିତ ଆନୁକୂଲ୍ୟରେ ରାଜଧାନୀ ଉପକଣ୍ଠ ବାଲକାଟୀ ନିକଟସ୍ଥ ହୀରାପୁର ଗ୍ରାମର ବିଶ୍ୱ ପ୍ରସିଦ୍ଧ ତନ୍ତ୍ରପୀଠ ମହାମାୟାଙ୍କ ପରିସରରେ ସପ୍ତଦଶ ଅନ୍ତର୍ଜାତୀୟ ଚଉଷଠୀ ଯୋଗିନୀ ମହୋତ୍ସବ ୨୩ ତାରିଖରୁ ଆରମ୍ଭ ହେବ। ଏନେଇ ପୀଠ ପରିସରରେ ବୁଧବାର ଏକ ଖବରଦାତା ସମ୍ମିଳନୀ ଆୟୋଜକଙ୍କ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ୩ ଦିନ ବ୍ୟାପି ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଅନ୍ତର୍ଜାତୀୟ ଖ୍ୟାତି ସମ୍ପର୍ଣ୍ଣ ନୃତ୍ୟ ଓ ସଙ୍ଗୀତ ଶିଳ୍ପୀ ଅଂଶଗ୍ରହଣ କରିବେ। ଓଡ଼ିଶୀ, କଥକ, କୁଚିପୁଡି, ନୃତ୍ୟ ସହିତ, ସମ୍ବଲପୁରୀ, ଘୁମୁରା, ଖୋର୍ଦ୍ଧା ପାଇକ ପ୍ରଭୃତି ନୃତ୍ୟ ପରିବେଷଣ ହେବ ବୋଲି ସମ୍ମିଳନୀରେ ସୂଚନା ମିଳିଛି। ଏହି ଅବସରରେ ଚଳିତବର୍ଷର ସମ୍ମାନଜନକ ଚଉଷଠୀ ଯୋଗିନୀ ନୃତ୍ୟ ପ୍ରତିଭା ସମ୍ମାନ ନୃତ୍ୟ ଶିଳ୍ପୀ ତଥା ଅଭିନେତ୍ରୀ ଶର୍ମିଳା ବିଶ୍ୱାସଙ୍କୁ ପ୍ରଦାନ କରାଯିବ। ମନ୍ମଥ ମିଶ୍ରଙ୍କୁ ଚଉଷଠି ଯୋଗିନୀ ସଙ୍ଗୀତ ସମ୍ମାନ, ଅଞ୍ଜନ ସାହୁଙ୍କୁ ଚିତ୍ର କଳା ସମ୍ମାନ, ଲାଲା ବିରେନ ରାୟଙ୍କୁ ନାଟ୍ୟ ସମ୍ମାନ, ଅମରେଶ ପଟ୍ଟନାୟକଙ୍କୁ ସାହିତ୍ୟ ସମ୍ମାନ, କୁଳମଣି ବିଶ୍ୱାଳଙ୍କୁ ଚିତ୍ର ସୁଧା ସମ୍ମାନ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ଘୋଷଣା ହୋଇଛି। ସମ୍ମିଳନୀରେ ନୃତ୍ୟ ପ୍ରତିଭାର ସମ୍ପାଦିକା ଗୁରୁ ପ୍ରତିଭା ପଣ୍ଡା, ଗ୍ରାମ୍ୟ କମିଟି ସଭାପତି ରବୀନ୍ଦ୍ର ନାଥ ନାୟକ, ନୃତ୍ୟ ପ୍ରତିଭମା ଅନୁଷ୍ଠାନ ସଭାପତି ଡ. ରଜନୀ ରଞ୍ଜନ, ଉପସଭାପତି ବଙ୍କିମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜୋରଦାର ହେବ ମାଓବାଦୀ ଅପରେଶନ

### ଓଡ଼ିଶା ପୋଲିସର ଗୁରୁତ୍ୱପୂର୍ଣ୍ଣ ବୈଠକ

- ନିୟୋଜିତ ହେବ ଡ୍ରୋନ୍, ୩ ଜିଲାକୁ ଅଧିକ ଫୋକସ୍
- ଦୁର୍ଗମ ଅଞ୍ଚଳରେ ୧୧ ସିଆର୍‌ପିଏଫ୍/ବିଏସ୍‌ଏଫ୍ କ୍ୟାମ୍ପ୍ ପ୍ରତିଷ୍ଠା ନିଷ୍ପତ୍ତି

ଭୁବନେଶ୍ୱର,୨୦।୧୨
(ସତ୍ୟଜିତ୍ ରାଉତ)

ମାଓବାଦୀ କାର୍ଯ୍ୟକଳାପ ବିରୋଧରେ ଓଡ଼ିଶା ପୋଲିସ ପକ୍ଷରୁ ମିଳିତ ପ୍ରୟାସ ଜାରି ରହିଛି। ୨୦୨୪ ସାଧାରଣ ନିର୍ବାଚନବେଳେ ମାଓବାସୀ ହିଂସାକାଣ୍ଡ ଅଧିକ ଘଟିବାର ସମ୍ଭାବନା ରହିଛି। ତେଣୁ ଏଥିପ୍ରତି ଦୃଷ୍ଟି ଦିଆଯାଇ ମାଓବାଦୀ ଅପରେଶନକୁ ଜୋର୍‌ଦାର କରାଯିବ। ବିଶେଷକରି ଏଥିରେ ସୁରକ୍ଷା ବାହିନୀ ପକ୍ଷରୁ ଡ୍ରୋନ୍ ବ୍ୟବହାର କରାଯିବ ବୋଲି ଭୁବନେଶ୍ୱରସ୍ଥିତ ପୋଲିସ ଭବନରେ ବୁଧବାର ଆୟୋଜିତ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ପୋଲିସ ଡିଜି ସୁନିଲ ବଂଶଲଙ୍କ ସମେତ ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ଡିଆଇଜି ଅନୁପ ସାହୁ, ଏଡିଜି (ଅପରେସନ୍) ଦେବଦତ୍ତ ସିଂ, ସ୍ପେଶାଲ ଇଣ୍ଟେଲିଜେନ୍‌ସ ୱିଙ୍ଗ୍ (ଏସ୍‌ଆଇଡବ୍ଲ୍ୟୁ) ଡିଆଇଜି ଉମାଶଙ୍କର ଦାଶଙ୍କ ସମେତ ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ବଲାଙ୍ଗୀର, ବଡ଼ଗଡ଼, କେନ୍ଦୁଝର, ରାଉରକେଲା ଓ ନବରଙ୍ଗପୁରର ଏସ୍‌ପି, ସିଆର୍‌ପିଏଫ୍ ଡିଆଇଜି ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମାଓବାଦୀ ଦମନ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ଆଣିବାକୁ ଉଦ୍ୟମ ଜାରି ରଖିଥିବା ଜିଲା ପୋଲିସ, ଏସ୍‌ଆଇଡବ୍ଲ୍ୟୁ, ଏସ୍‌ଓଜି ଓ ସିଆର୍‌ପିଏଫ୍‌କୁ ଏହି ବୈଠକରେ ଡିଜି ବଂଶଲ ପ୍ରଶଂସା କରିଥିଲେ। ଡିଜି କହିଥିଲେ, ବର୍ତ୍ତମାନ ମାଓବାଦୀ ଗତିବିଧି ଥିବା କନ୍ଧମାଳ, କଳାହାଣ୍ଡି, ବୌଦ୍ଧ ଜିଲାକୁ ମୁଖ୍ୟ ଧ୍ୟାନ ଦିଆଯାଇଛି। ଏହା ବିରୋଧରେ ମିଳିତ ପ୍ରୟାସ ଦ୍ୱାରା ମାଓବାଦୀ କାର୍ଯ୍ୟକଳାପ କମିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଅନ୍ୟପକ୍ଷରେ ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଏହି ସମୟରେ ମାଓବାଦୀ ହିଂସାକାଣ୍ଡ ଘଟାଇପାରନ୍ତି ବୋଲି ଗୋଇନ୍ଦା ନିର୍ଦ୍ଦେଶକ କହିଥିଲେ। ଏହି ଦିଗରେ ସୁରକ୍ଷା ବାହିନୀ ଅଧିକ ଦୃଷ୍ଟି ଦେବା ଆବଶ୍ୟକ ବୋଲି ସେ କହିଛନ୍ତି। ବୈଠକରେ ଅଂଶଗ୍ରହଣ କରିଥିବା ଅନ୍ୟ ଅଧିକାରୀମାନେ ମାଓବାଦୀ ଦମନ ନେଇ ମତ ରଖିଥିଲେ। ଏଥିସହ ଆଗକୁ ଗୋଇନ୍ଦା ତଥ୍ୟ ଯୋଗାଡ଼ ଓ ମାଓବାଦୀ ବିରୋଧୀ କାର୍ଯ୍ୟ ଅଧିକ ବଳିଷ୍ଠ କରାଯିବ ବୋଲି ଆଲୋଚନାରେ ଗୁରୁତ୍ୱ ଦିଆଯାଇଥିଲା। ବୌଦ୍ଧ ଜିଲାକୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯିବାକୁ କୁହାଯାଇଛି। ଦୁର୍ଗମ ଅଞ୍ଚଳରେ ୧୧ଟି ସିଆର୍‌ପିଏଫ୍/ବିଏସ୍‌ଏଫ୍ କ୍ୟାମ୍ପ୍ ପ୍ରତିଷ୍ଠା କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି।




ପୋଲିସ ଭବନରେ ଅନୁଷ୍ଠିତ ବୈଠକରେ ଡିଜିପି ସୁନୀଲ ବଂଶଲଙ୍କ ସହ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରାକେଶ



@ ସୋମନାଥ



@ ରବି



@ ଈଶ୍ୱର



@ ଶୁଭଶ୍ରୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ସବୁ କଲେଜରେ ଗଠନ ହେବ 'ଆଲୁମ୍ନି ସେଲ୍'

ଭୁବନେଶ୍ୱର, ୨୦।୧୨
(ଅସମାପିକା ସାହୁ)

'ମୋ କଲେଜ' ଅଧୀନରେ ଥିବା ରାଜ୍ୟର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ 'ଆଲୁମ୍ନି ସେଲ' ଗଠନ ହେବ। ସମ୍ପୃକ୍ତ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା ୧୦ଜଣ ବିଦ୍ୟାର୍ଥୀଙ୍କୁ ନେଇ ଏହି ସେଲର ସଂରଚନା ହେବ। ବିଶେଷକରି ଏନ୍‌ଏସ୍‌ଏସ୍, ରେଡ୍‌କ୍ରସ୍ ଭଳି ବିଭାଗ ସହ ଯୋଡ଼ି ହୋଇଥିବା ବିଦ୍ୟାର୍ଥୀ ଏହାର ପ୍ରମୁଖ ପରିଚାଳନା ଦାୟିତ୍ୱ ସମ୍ଭାଳିବେ। ସେଲ୍‌ର ବିଦ୍ୟାର୍ଥୀ ସଦସ୍ୟମାନେ ସିଧାସଳଖ 'ମୋ କଲେଜ' ସଂଯୋଜକ ଏବଂ କଲେଜ ଅଧ୍ୟକ୍ଷ ତଥା ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ରିପୋର୍ଟ କରିବେ। ବଡ଼ କଥା ହେଉଛି, ନିଜ ଶିକ୍ଷାନୁଷ୍ଠାନ ସହ ଅଧିକରୁ ଅଧିକ ଆଲୁମ୍ନିଙ୍କୁ ଯୋଡ଼ିବା ନେଇ ଏହି ସେଲ୍ କାର୍ଯ୍ୟ କରିବ। ଆଲୁମ୍ନି ମିଟ୍ ସହ ବିଭିନ୍ନ ଜନସେବା ମୂଳକ କାର୍ଯ୍ୟକ୍ରମରେ ମଧ୍ୟ ସେଲ୍‌ର ସଦସ୍ୟମାନେ ନିଜକୁ ସାମିଲ କରିବେ। ପ୍ରାରମ୍ଭିକ ପର୍ଯ୍ୟାୟରେ ରାଜ୍ୟର ୧୨ଟି ମହାବିଦ୍ୟାଳୟରେ ଏହି ସେଲ୍ ଗଢ଼ା ସରିଛି। ଏହି ସେଲ୍‌ଗୁଡ଼ିକ ଆଲୁମିନି ମିଟ୍ ସହ ରକ୍ତଦାନ ଶିବିର, ଆଲୋଚନାଚକ୍ର, କର୍ମଶାଳା, ସଚେତନଧର୍ମୀ କାର୍ଯ୍ୟକ୍ରମ, ଆନ୍ତଃକଲେଜ କ୍ରୀଡ଼ା ପ୍ରତିଯୋଗିତା, ବୃକ୍ଷରୋପଣ ଭଳି ଜନସେବା କାର୍ଯ୍ୟକ୍ରମମାନ ଆୟୋଜନ କରିବେ। ଏହାଦ୍ୱାରା ବହୁ ପୁରାତନ ବିଦ୍ୟାର୍ଥୀ ନିଜ କଲେଜ ଓ ବିଶ୍ୱବିଦ୍ୟାଳୟ ସହ ଯୋଡ଼ି ହୋଇପାରିବେ ଏବଂ ସେମାନଙ୍କ ସହଯୋଗରେ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଏକ ସୁଚିନ୍ତିତ ଶିକ୍ଷା ଅନୁରାଗୀ ପରିବେଶ ସୃଷ୍ଟି ହୋଇପାରିବ ବୋଲି 'ମୋ କଲେଜ' ଅଧ୍ୟକ୍ଷ ଆକାଶ ଦାସନାୟକ ପ୍ରକାଶ କହିଛନ୍ତି।

## ସଂକ୍ଷେପରେ

### ପ୍ରଫେସର ଜାନକୀବଲ୍ଲଭ ମହାନ୍ତିଙ୍କ ସର୍ଜନ ସନ୍ଧ୍ୟା

ପୁରୁଣା ଭୁବନେଶ୍ୱର,୨୦।୧୨(ସୁବାସ ଚନ୍ଦ୍ର ପ୍ରଧାନ)- ବିଶିଷ୍ଟ ସାରସ୍ୱତ ସାଧକ ଦିବଙ୍ଗତ ପ୍ରଫେସର ଜାନକୀବଲ୍ଲଭ ମହାନ୍ତିଙ୍କ ସ୍ମୃତିରେ ଏକ ସର୍ଜନ ସନ୍ଧ୍ୟା ସ୍ଥାନୀୟ କେଦାରନାଥ ଗବେଷଣା ପ୍ରତିଷ୍ଠାନ ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭାରେ ବିଶିଷ୍ଟ ଲେଖକ ଅଧ୍ୟାପକ ବିଶ୍ୱରଞ୍ଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ଶରତଚନ୍ଦ୍ର ରଥ ଓ ଡ. ରମେଶଚନ୍ଦ୍ର ପାଣି ସମ୍ମାନିତବକ୍ତା ଭାବେ ଯୋଗଦେଇଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଅନୁବାଦିକା ଡ. ଶକୁନ୍ତଳା ବଳିଆରସିଂ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଫେସର ମହାନ୍ତିଙ୍କ କବିତା 'ସମଗ୍ର' ଲୋକାର୍ପଣ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ସମାଲୋଚକ ଡ. ବାବାଜୀ ଚରଣ ପଟ୍ଟନାୟକ ଏବଂ ଜୀବନବଲ୍ଲଭ ମହାନ୍ତି, ଜଗତଚନ୍ଦ୍ର ଦାସ, ଅଲେଖ ନନ୍ଦୀ, ବିନୋଦିନୀ ସାହୁ, ସୁଚେତା ରାଉତ, ତନୟା ଦାସ ଗୋସ୍ୱାମୀ, ମନ୍ମଥ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଫେସର ଡ. ଦେବାଶିଷ ମହାପାତ୍ର ସଂଯୋଜନା କରିଥିଲେ। ପ୍ରାବନ୍ଧିକ ସୁଶାନ୍ତ ସ୍ୱାଇଁ ସ୍ୱାଗତ ସୂଚନା ଦେଇଥିବାବେଳେ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

### ଅରମାନ୍ ବଜାଜ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍



ଫୁଲନଖରା,୨୦।୧୨(ସତ୍ୟ ରଞ୍ଜନ ଦାସ ମହାପାତ୍ର) -କଟକ-ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥର ଗୋପାଳପୁରଠାରେ ଅରମାନ୍ ବଜାଜ୍‌ର ଏକ୍ସକ୍ଲୁସିଭ୍ ଆଉଟ୍‌ଲେଟ୍(ନୂତନ ଶୋରୁମ୍) ବୁଧବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ବଜାଜ୍ ଅଟୋ ଲିମିଟେଡ୍‌ର ସେଲ୍ସ ରିଜିଓନାଲ ମ୍ୟାନେଜର ଗିରିଶ ସାୟାନୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବଜାଜ୍ ଅଟୋ ସର୍ଭିସ ରିଜିଓନାଲ ମ୍ୟାନେଜର ମୁରଲୀ କ୍ରିଷ୍ଣନ, ୟୁନିୟନ ବ୍ୟାଙ୍କ୍‌ର ଡିଜିଏମ୍ ନିରଞ୍ଜନ ବାରିକ, ଆସିଷ୍ଟାଣ୍ଟ ଡିଭିଜନାଲ ମ୍ୟାନେଜର ଅଶୋକ କୁମାର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଗ୍ରାହକମାନଙ୍କୁ ୨୧ଟି ନୂତନ ଅଟୋ ବିତରଣ କରାଯାଇଥିଲା। ବଜାଜ୍‌ର ବାୟୋ ଫୁଏଲ, ଡିଜେଲ ଓ ପେଟ୍ରୋଲ ଦ୍ୱାରା ଚାଳିତ ଅଟୋ ଗ୍ରାହକମାନେ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ବଜାଜ୍ ଅଟୋ ଲିମିଟେଡର ସେଲ୍ସ ଏଏସ୍‌ଏମ ଅନନ୍ତ ପଣ୍ଡା ଓ ସର୍ଭିସ ଏଏସ୍‌ଏମ ଚନ୍ଦନ ପଣ୍ଡା, ଅରମାନ୍ ବଜାଜ୍‌ର ପ୍ରୋପ୍ରାଇଟର ସୁଶାନ୍ତ କୁମାର ମହାରଣା, ଜେନେରାଲ ମ୍ୟାନେଜର ଅରବିନ୍ଦ ତ୍ରିପାଠୀ ଓ କର୍ପୋରେଟ୍ ମ୍ୟାନେଜର ସନ୍ତୋଷ କୁମାର ବାହିନୀପତି ଉପସ୍ଥିତ ଥିଲେ।

# ମନ ଜିଣୁଛି ତୋଷାଳି ମେଳା

ଭୁବନେଶ୍ୱର,୨୦।୧୨
(ଶର୍ମିଷ୍ଠା ପାଣିଗ୍ରାହୀ)



ଏବେ ରାଜଧାନୀବାସୀ ଶୀତୁଆ ସନ୍ଧ୍ୟାକୁ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳାରେ ବେଶ୍ ଉପଭୋଗ କରୁଛନ୍ତି। ପରିବାର, ସାଙ୍ଗସାଥୀ ମେଳରେ ମେଳା ବୁଲୁଛନ୍ତି। କିଣାବିକା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ନିଆରା ଅନୁଭବ ଦେଉଛି। ଅନ୍ୟପଟେ ଭଳିକି ଭଳି ଖାଦ୍ୟର ବାସ୍ନା ସେମାନଙ୍କୁ ଫୁଡ୍‌କୋର୍ଟକୁ ଟାଣି ନେଉଛି। ଆକର୍ଷଣୀୟ ସାଜସଜ୍ଜା ସହ ଫଟୋ ଉଠାଇବାକୁ ସୁନ୍ଦର ସୁନ୍ଦର ସ୍ଥାନ ମନ ଜିଣୁଥିବାବେଳେ ଦିନକୁ ଦିନ ବେଶ୍ ଜମିବାରେ ଲାଗିଛି ତୋଷାଳି ମେଳା। ବୁଧବାର ମେଳାର ପଞ୍ଚମ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ସୁରେଶ ମହାପାତ୍ର, ପରିଚାଳନା ନିର୍ଦ୍ଦେଶିକା ତଥା ହସ୍ତଶିଳ୍ପର ନିର୍ଦ୍ଦେଶିକା ପ୍ରଣତୀ ଛୋଟରାୟ, ସିଡାକର ସଦସ୍ୟ ସଚିବ ଶିଶିର କୁମାର ରଥ ପ୍ରମୁଖ ଯୋଗଦେଇଥିଲେ। ପଶ୍ଚିମ ଓଡ଼ିଶାର ଲୋକନୃତ୍ୟ ପାଇଁ ଏହି ସନ୍ଧ୍ୟା ସମର୍ପିତ ଥିଲା। ବରଗଡ଼ର ରବୀନ୍ଦ୍ର ସାହୁ ଓ ସାଥୀଙ୍କ ଦ୍ୱାରା ଆଦି ଧୂନ, ସମ୍ବଲପୁର ଆଲୋକ ପଣ୍ଡା ଓ ସାଥୀଙ୍କ ଦ୍ୱାରା ଘୁଙ୍ଗୁରର ଶବ୍ଦ ଓ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ସେହିପରି ବଲାଙ୍ଗୀରର ଦୁଲ୍‌ଦୁଲି କଳା ପରିଷଦ ଦ୍ୱାରା ଧାପ ନୃତ୍ୟ ଓ ବୌଦ୍ଧର ପ୍ରଣାମ ଅନୁଷ୍ଠାନ ଦ୍ୱାରା ପଞ୍ଚରସି ଚୁଟ୍‌କୁଛୁଟା ବେଶ୍ ମନୋରଞ୍ଜନ କରିଥିଲା। ତେବେ ମେଳାରେ ମିଳୁଥିବା କିଛି ମନମତାଣିଆ ସାମଗ୍ରୀଠାରେ ଲୋକଙ୍କ ଭିଡ଼ ଲାଗି ରହିଥିଲା।



### ଆଇ ଲଭ୍ ତୋଷାଳି

ତୋଷାଳି ବୁଲିଯିବ ଆଉ 'ଆଇ ଲଭ୍ ତୋଷାଳି' ପାଖେ ଫଟୋ ଉଠିବନି, ତାହା କିଭଳି ହେବ। ସାଙ୍ଗସାଥୀଙ୍କ ଗ୍ରୁପ୍ ଫଟୋ ତ ଆଉ କିଏ ଅନ୍ୟ ଜଣଙ୍କ ସିଙ୍ଗଲ ଫଟୋ, ମା' ଟିଏ ତା'ର କୁନି ପୁଅକୁ ଏହି ସେଲ୍ଫିପଏଣ୍ଟ ପାଖେ ଛିଡ଼ା କରାଇ ଫଟୋ ନେଉଥିବା ଦେଖିବାକୁ ମିଳିଥିଲା ତୋଷାଳି ମେଳାରେ। ଏଠି ମଧ୍ୟ ଭିଡ଼ କିଛି କମ୍ ନ ଥିଲା। କିଛି ଫଟୋ ଉଠାଇ ସାରିଲା ପରେ ଆଉ କିଛି ଫଟୋ ଉଠାଇବାକୁ ଅପେକ୍ଷା କରି ରହିଥିଲେ।

### ମିଲେଟ୍ ସିଡ୍ କ୍ରାଫ୍ଟ

ଆଜିକାଲି କେତେ ପ୍ରକାର ଚିତ୍ରକଳା ଆସିଲାଣି। ମଞ୍ଜିରେ ବିଭିନ୍ନ ପ୍ରକାର ଚିତ୍ର ମେଳାରେ ଥିବା ଏକ ଷ୍ଟଲ୍‌ରେ ଦେଖିବାକୁ ମିଳିଥିଲା। ବିଭିନ୍ନ ପ୍ରକାର ମିଲେଟ୍‌କୁ ବ୍ୟବହାର କରି ବରଗଡ଼ର ପାଇକମାଳରୁ ମଲ୍ଲିକା ସାହୁ ଓ ସୌରେନ୍ଦ୍ରୀ ଭୋଇ ଏହାକୁ ବନାଇଛନ୍ତି। ମାଣ୍ଡିଆ, ଗୁର୍ଜୀ,କୋଦୋ, ଚାଉଳ, ରଣ୍ଟି ଆଦିରେ ଏହି କ୍ରାଫ୍ଟ ବନାଯାଇଛି। ମହିଳାମାନେ ଚାଷକରି ଫେରୁଥିବାର ଛବି, ଫୁଲ, ଝୋଟି ଚିତ୍ର, ପଦ୍ମଫୁଲରେ ଜଗନ୍ନାଥ ଆଦି ଚିତ୍ର ସେମାନେ ମଞ୍ଜିରେ ତିଆରି କରିଥିଲେ।



### ୨ଭଉଣୀଙ୍କ ଚକୋଲେଟ୍

ଆଜିକାଲି ଚକୋଲେଟ୍‌ରୁ ବହୁତ ଭେରାଇଟି ଆସିଲାଣି। ସେହିଭଳି କିଛି ଭିନ୍ନ ଭେରାଇଟି ଆଣି ୨ଭଉଣୀ ମେଳାରେ ଚକୋଲେଟ ଷ୍ଟଲ ପକାଇଛନ୍ତି। ରୀତା ଆଉ ଶାନ୍ତି ନାମକ ୨ଭଉଣୀଙ୍କ ଷ୍ଟଲରେ ଭେରାଇଟି ଚକୋଲେଟ ମିଳୁଛି। ମିଲେଟ ଚକୋଲେଟ, ମିଲେଟ୍ ଆରିସା ଚକୋଲେଟ, କକୋନେଟ୍, ଡ୍ରାଏଫ୍ରିଟ୍ସ, ଜୱା ଚକେଲୋଟେ ଆଦି ରହିଛି। ଏଥି ସହିତ ମିଲେଟ୍‌ର ଚାହାପତି, ମିଲେଟ୍ ଗାର୍ଲିକ ବ୍ରେଡ୍ ଓ ବେକେରି ଆଇଟମ୍‌ର ମଧ୍ୟ ଚାହିଦା ରହିଛି।



### ବାଉଁଶ ସାମଗ୍ରୀରେ ମନ ଲାଖୁଛି

ବାଉଁଶରେ ଡାଲା, ଘରକରଣା, ପେନ୍ ଷ୍ଟାଣ୍ଡ ଆଦି ଜିନିଷ ତ ଆମେ ଆଗରୁ ଦେଖିଛନ୍ତି। ମାତ୍ର ସୁନ୍ଦର ସୁନ୍ଦର ଡିଜାଇନର ବାଉଁଶରୁ ପ୍ରସ୍ତୁତ ଚୁଡ଼ି ଦେଖି ମେଳାରେ ଥିବା ଏକ ଷ୍ଟଲରେ ଆଖି ଲାଖିଯାଉଥିଲା। ହାତକୁ ହାଲକା ଲାଗିବା ସହ ତା'ର ଡିଜାଇନ ଦେଖି ଅନେକ କିଣି ନେଉଥିବା ଦେଖିବାକୁ ମିଳିଥିଲା। ସେହିଭଳି ହେୟାରକ୍ଲିପ ମଧ୍ୟ ରହିଥିଲା। ଆସାମରୁ ଆସିଥିବା କ୍ରିଷ୍ଣା କାନ୍ତ ରାୟ ବାଉଁଶରୁ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀର ଏହି ପସରା ମେଲାଇଛନ୍ତି।



ଭୁବନେଶ୍ୱରସ୍ଥିତ ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ସାଂସ୍କୃତିକୀ ପକ୍ଷରୁ ଚାଲିଥିବା ବିଶ୍ୱ ଓଡ଼ିଶୀ ଉତ୍ସବର ବୁଧବାର ଉଦ୍‌ଯାପନୀ ସନ୍ଧ୍ୟାରେ ଆମେରିକାର ୧୪ ବର୍ଷୀୟା ସାହାନା ଷଡ଼ଙ୍ଗୀଙ୍କ ଚିତାକର୍ଷକ ଓଡ଼ିଶୀ ନୃତ୍ୟ। (ଫଟୋ- ବିକାଶ ନାୟକ)

### ମହାଲକ୍ଷ୍ମୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ବାରଙ୍ଗ,୨୦।୧୨(ଲିଙ୍ଗରାଜ ରାଉତ)- ପଞ୍ଚୁପାଳ ଗ୍ରାମର ରାଜ ରାଜେଶ୍ୱରୀ ମହାଲକ୍ଷ୍ମୀଙ୍କ ପୀଠରେ ବୁଧବାର ସନ୍ଧ୍ୟାରୁ ୪୯ତମ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ପୁରୀ ମୁଖ୍ୟ କେନାଲରୁ କଳସ ଯାତ୍ରାରେ ଶତାଧିକ ଭକ୍ତ ଜଳ ଆଣି ମହାଲକ୍ଷ୍ମୀଙ୍କ ପିଠିରେ କୁମ୍ଭ ସ୍ଥାପନ କରାଯିବା ପରେ ମହାଯଜ୍ଞ ଆରମ୍ଭ ହୋଇଛି। ଗୁରୁବାରଠାରୁ ରବିବାର ପର୍ଯ୍ୟନ୍ତ ବୈଦିକ ମନ୍ତ୍ରରେ ଘୃତାହୁତି ଯଜ୍ଞ କରାଯିବ। ରବିବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ଓ ପ୍ରସାଦସେବନ ପରେ ଏହା ଉଦ୍‌ଯାପିତ ହେବ।

# ତୃପ୍ତି କିଆ ପକ୍ଷରୁ ଆକର୍ଷଣୀୟ ଅଫର

ଭୁବନେଶ୍ୱର,୨୦।୧୨: ପ୍ରତି ମାସ ଭଳି ଚଳିତ ମାସ ମଧ୍ୟ କିଆ ଇଣ୍ଡିଆ ପକ୍ଷରୁ ଆକର୍ଷଣୀୟ ଗ୍ରାହକ ସୁବିଧା ଓ ସ୍ୱତନ୍ତ୍ର ଅଫର କିଆର ସ୍ୱୀକୃତିପ୍ରାପ୍ତ ଡିଲର ପଏଣ୍ଟଗୁଡିକ ଜରିଆରେ ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ କିଆ ଇଣ୍ଡିଆର ସ୍ୱୀକୃତିପ୍ରାପ୍ତ ଡିଲର ଭୁବନେଶ୍ୱରର ତୃପ୍ତି କିଆ ପାତ୍ରପଡ଼ା ପକ୍ଷରୁ ଆକର୍ଷଣୀୟ ଅଫର ପ୍ରଦାନ କରାଯାଉଛି। ଏପରିକି କିଆର ସୋନେଟ୍ ଏବଂ କରେନ୍ସ ଗ୍ରାହକଙ୍କୁ ସ୍ୱତନ୍ତ୍ର ରିହାତି ଯୋଗାଇ ଦିଆଯାଉଛି। ବିଶେଷକରି କିଆ ସୋନେଟ୍ ଗ୍ରାହକଙ୍କୁ ପ୍ରାୟ ୮୬,୪୦୦ ଟଙ୍କାର ସୁବିଧା ରିହାତି ଆକାରର ପ୍ରଦାନ କରାଯାଉଥିବାବେଳେ କିଆ କରେନ୍ସ ଗ୍ରାହକଙ୍କୁ ୭୦,୦୦୦ ପର୍ଯ୍ୟନ୍ତ ରିହାତି ଦିଆଯାଉଥିବା ତୃପ୍ତି କିଆ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ଉଲ୍ଲେଖଯୋଗ୍ୟ, କିଆ ସୋନେଟ୍ ଗ୍ରାହକଙ୍କୁ ପ୍ରାୟ ୩୮,୪୦୦ ଟଙ୍କାର ଏସ୍‌ସିବି ପ୍ରଦାନ କରାଯାଉଥିବାବେଳେ ଇଡବ୍ଲ୍ୟୁ ବାବଦ (୫ ବର୍ଷ)କୁ ପ୍ରାୟ ୨୦,୧୦୦ଟଙ୍କା,

### କିଆ ସୋନେଟ୍ ଏବଂ କରେନ୍ସ ଗ୍ରାହକଙ୍କୁ ସ୍ୱତନ୍ତ୍ର ରିହାତି

ଏଫ୍‌ଏମ୍ ବାବଦ (୩ବର୍ଷ) କୁ ପ୍ରାୟ ୯,୭୦୦ ଟଙ୍କା,ଏବି ବାବଦକୁ ପ୍ରାୟ ୧୮,୨୦୦ଟଙ୍କା ସମେତ ଜେଡ୍‌ଡିପି ଓ ସିଆଇଆର ବାବଦକୁ ୮.୬୫% ସୁବିଧା ମିଳୁଛି। ସେହିଭଳି କିଆ କରେନ୍ସ ଗ୍ରାହକଙ୍କୁ ପ୍ରାୟ ୫୦,୧୦୦ ଟଙ୍କାର ଏସ୍‌ସିବି ପ୍ରଦାନ କରାଯାଉଥିବାବେଳେ ଏସ୍‌ଏଏଫ୍‌ପି ବାବଦକୁ ପ୍ରାୟ ୯,୬୦୦ଟଙ୍କା, ଏବି ବାବଦକୁ ପ୍ରାୟ ୧୯,୬୦୦ ଟଙ୍କା ସମେତ ଜେଡ୍‌ଡିପି ଓ ସିଆଇଆର ବାବଦକୁ ୮.୬୫% ସୁବିଧା ପ୍ରଦାନ କରାଯାଉଛି।

# ଜୟଦେବ ସମ୍ମାନ ମହୋତ୍ସବ ଉଦ୍‌ଘାଟିତ

ବାଲିପାଟଣା,୨୦।୧୨(ଅଭିମନ୍ୟୁ ନାୟକ)



ସିଦ୍ଧି ବିନାୟକ ଟ୍ରଷ୍ଟ ପକ୍ଷରୁ ବାଲିପାଟଣାସ୍ଥିତ ବଡ଼ ଖେଳପଡ଼ିଆଠାରେ ବୁଧବାର ଜୟଦେବ ସମ୍ମାନ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ସାମାଜିକ କର୍ମୀ ସତ୍ୟପ୍ରିୟ ବେହେରାଙ୍କ ସଭାପତିତ୍ୱ କରିଥିଲେ। ବଲିଉଡ୍ ବ୍ୟାଡ ମ୍ୟାନ ଗୁଲସନ ଗ୍ରୋଭର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଜଗନ୍ନାଥଙ୍କ ମାଟିରେ ପାଦ ଥାପି ନିଜକୁ ଧନ୍ୟ ମନେ କରୁଛି। ଏ ସାହିତ୍ୟ, ସଂସ୍କୃତି ସମ୍ପନ୍ନ ମାଟିକୁ ବଲିଉଡ୍ ଜଗତ ପ୍ରଣାମ ଜଣାଉଥିବା ସେ କହିଥିଲେ। ଜୟଦେବ ଗବେଷକ ପ୍ରଫୁଲ୍ଲ ତ୍ରିପାଠୀ, ସାମାଜିକ କର୍ମୀ ଦିଲ୍ଲୀପ ଓଝା, ଭାବଗ୍ରାହୀ ଗୋଛାୟତ ଉପସ୍ଥିତ ଥିଲେ। ଜୟଦେବର ଗୌରବ ସାହିତ୍ୟିକ, ଖବରଦାତା, ଶିକ୍ଷକ, ଡାକ୍ତର, କଳାକାର, ସାମାଜିକ କର୍ମୀ, ଅପ୍ରଶାସନିକ ଅଧିକାରୀଙ୍କୁ ଜୟଦେବ ଗୌବବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପପୁ ପମ୍‌ପମ୍, ପାଇକ ଆଖଡା, ପ୍ରିନ୍ସ ଗ୍ରୁପ୍ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ୫-ଟି ଅଧ୍ୟକ୍ଷଙ୍କୁ ଭେଟିଲେ ୨୭ ସଙ୍ଗଠନ

ଭୁବନେଶ୍ୱର,୨୦।୧୨(ଅନିଲ ଦାସ)

୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ବୁଧବାର ନବୀନ ନିବାସଠାରେ ୨୭ଟି ସଙ୍ଗଠନର କର୍ମକର୍ତ୍ତା ଓ ରାଜନେତା ସାକ୍ଷାତ କରିବା ସହ ନୂତନ ଦାୟିତ୍ୱ ପାଇଁ ସ୍ୱାଗତ କରିଛନ୍ତି। ୫-ଟି ଅଧ୍ୟକ୍ଷ ଓଡ଼ିଶାର ବିକାଶ ପାଇଁ ଦିନରାତି କାମ କରୁଥିବାରୁ ସେମାନେ ଧନ୍ୟବାଦ ଜଣାଇଛନ୍ତି। ନିଜ ପ୍ରଶାସନିକ କ୍ୟାରିୟରକୁ ଛାଡ଼ି ସାରା ରାଜ୍ୟରେ ବିକାଶ କାମକୁ ସେ ଆଗେଇ ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ରୂପାନ୍ତରଣ କାର୍ଯ୍ୟକୁ ପାଣ୍ଡିଆନ ଆଗେଇ ନେଇଛନ୍ତି। ପାଣ୍ଡିଆନ ସଙ୍ଗଠନର କର୍ମକର୍ତ୍ତାଙ୍କୁ ମଧ୍ୟ ଧନ୍ୟବାଦ ଦେଇଛନ୍ତି । ୫-ଟି ସଚିବ ଥିବା ସମୟରେ ଯେମିତି ଲୋକଙ୍କ ପାଖକୁ ଯାଇ ସେମାନଙ୍କ ସମସ୍ୟା ବୁଝି ସମାଧାନ କରୁଥିଲେ ଏବେ ଅବସର ପରେ ବି ଠିକ୍ ସେହିପରି ଜନସେବା ଜାରି ରହିଛନ୍ତି । ତାଙ୍କୁ ଭେଟି ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା ସେମାନଙ୍କ ଦାବି ଜଣାଇଛନ୍ତି। ସାକ୍ଷାତ କରିଥିବା ସଙ୍ଗଠନଗୁଡିକ ହେଲା ଦିବ୍ୟଜ୍ୟୋତି ଜାଗୃତି ସଂସ୍ଥାନ, କଟକ ଖ୍ରୀଷ୍ଟିୟାନ ଏଜୁକେଶନ ବୋର୍ଡ, ଉତ୍କଳ ସିନେଚାମ୍ବର ଅଫ୍ କମର୍ସ, ଓଡ଼ିଶା ସଚିବାଳୟ ଟାଇପିଷ୍ଟ ସଂଘ, ଅଲ୍ ଓଡ଼ିଶା କୋଭିଡ୍-୧୯ ପାରାମେଡିକାଲ ଷ୍ଟାଫ୍ ଆସୋସିଏଶନ, କନ୍ଧମାଳ ପିପୁଲ୍ସ ଫୋରମ୍, ୟଙ୍ଗମେନ ଆସୋସିଏଶନ, ଓଡ଼ିଶା ପୋଲିସ ହାବିଲଦାର, କନ୍‌ଷ୍ଟେବଲ ୭ ସିପାହି କନ୍‌ଫେଡେରେଶନ ଓଡ଼ିଶା, ଋଷିକୂଲ୍ୟା ରୟତ ମହାସଭା ସମେତ ୨୭ଟି ସଙ୍ଗଠନ ପାଣ୍ଡିଆନଙ୍କୁ ସାକ୍ଷାତ କରିଛନ୍ତି।

# ବରା ମହୋତ୍ସବରେ ବରା ଖାଇ ପ୍ରଶଂସା କଲେ ଅତିଥି



ମହୋତ୍ସବରେ ଜଣେ ବରା କାରିଗରଙ୍କୁ ଅତିଥିମାନେ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରୁଛନ୍ତି।

ପୁରୁଣା ଭୁବନେଶ୍ୱର,୨୦।୧୨(ସୁବାସ ଚନ୍ଦ୍ର ପ୍ରଧାନ) ଦ୍ୱାଦଶ ବରା ମହୋତ୍ସବ ସ୍ଥାନୀୟ ଶାସନ ପଡ଼ିଆଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୦ବର୍ଷର ବରା କାରିଗର ଶିବଘନ ସାହୁ, ୫୦ବର୍ଷର ବରା ଦୋକାନୀ ଦିଲ୍ଲୀପ ମଲିଆ, ୪୦ବର୍ଷର ବରା ଦୋକାନୀ ଶରତ ସାମଲ ଏବଂ ରବି ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥାଙ୍କ ପକ୍ଷରୁ ଆୟୋଜିତ ଏହି ମହୋତ୍ସବରେ ପୂର୍ବତନ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଖଦି ଓ ଗ୍ରାମୋଦ୍ୟୋଗ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ, ଭୁବନେଶ୍ୱର ବାର୍ ଆସୋସିଏଶନ ସମ୍ପାଦକ ତାପସ ଦାସ, ରାଜ୍ୟ ବାର୍ କାଉନସିଲ ସଭ୍ୟ ଆତ୍ମପ୍ରକାଶ ମହାନ୍ତି, କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର, ଶିବ ପ୍ରସାଦ ରାୟ, ଶିବ ପ୍ରସାଦ ବେହେରା, ପୂର୍ବତନ କର୍ପୋରେଟର କୃଷ୍ଣଚନ୍ଦ୍ର ସେଠୀ, ଛବିନ୍ଦ୍ର ଜେନା, ମଣ୍ଟୁ ନନ୍ଦ, ବିଜେଡି ରାଜ୍ୟ ଯୁବ ସଭାପତି ରଣଜିତ୍ ମହାପାତ୍ର, ଏକାମ୍ର ଜନ ଜାଗରଣ ମଞ୍ଚ ଅଧ୍ୟକ୍ଷ ଭୀଷ୍ମନାରାୟଣ ନାୟକ, ଏକାମ୍ର ବରିଷ୍ଠ ନାଗରିକ ସମ୍ପାଦକ ଧୀରେନ ପଟ୍ଟନାୟକ ଉପସ୍ଥିତ ଥିଲେ। ଅତିଥିମାନେ ବରା ଖାଇ ପ୍ରଶଂସା କରିଥିଲେ।

# ଆରମ୍ଭ ହେଲା ରାଜ୍ୟସ୍ତରୀୟ କୃଷି-ଶିକ୍ଷା ମେଳା

ଭୁବନେଶ୍ୱର, ୨୦।୧୨(ଅସମାପିକା ସାହୁ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପକ୍ଷରୁ ତିନିଦିନିଆ ରାଜ୍ୟସ୍ତରୀୟ କୃଷି-ଶିକ୍ଷା ମେଳା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। କୃଷି ଓ ଆନୁଷଙ୍ଗିକ ଜ୍ଞାନକୌଶଳକୁ ପ୍ରଦର୍ଶିତ କରିବା ତଥା ଏହାର ବହୁଳ ପ୍ରଚାର ଓ ପ୍ରସାର ପାଇଁ ବିଶ୍ୱବିଦ୍ୟାଳୟ ପରିସରରେ ଏହି ମେଳାର ଆୟୋଜନ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣ ଏବଂ ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଧୁନିକ ଜ୍ଞାନକୌଶଳର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏ ଦିଗରେ ଓୟୁଏଟି ପକ୍ଷରୁ ନିରନ୍ତର ଚେଷ୍ଟା ଜାରି ରହିଥିବାରୁ କୃଷକମାନେ ଏହାର ସୁଯୋଗ ନେବାକୁ ସେ ପରାମର୍ଶ ଦେଇଥିଲେ। ସେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ କୃଷି କ୍ଷେତ୍ରରେ ଅଧିକ ମନୋନିବେଶ କରିବା ସହ ଠିକ୍ ପରିଚାଳନା ପାଇଁ ପରାମର୍ଶ ଦେଇଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ଏବଂ କୃଷକ ଉତ୍ପାଦକ ସଂଗଠନ(ଏଫ୍‌ପିଓ)ଗୁଡ଼ିକ ପାଇଁ ସରକାରଙ୍କ ତରଫରୁ ରହିଥିବା ବିଭିନ୍ନ ସୁବିଧା ବିଷୟରେ ସେ ଉଲ୍ଲେଖ କରିଥିଲେ। ଉଦ୍ୟାନ କୃଷି ବିଭାଗ ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃଷି ଶିକ୍ଷା ଦିଗରେ ଛାତ୍ରୀଛାତ୍ରଙ୍କ ଆଗ୍ରହ ବୃଦ୍ଧି ପାଇଁ ପରାମର୍ଶ ଦେଇଥିଲେ। କୃଷି ଶିକ୍ଷାରେ ବ୍ୟାପକ ସୁଯୋଗ ରହିଛି। ଆଧୁନିକ ବୈଷୟିକ ଜ୍ଞାନକୌଶଳ ଓ ଯନ୍ତ୍ରପାତିର ବ୍ୟବହାର ଯୋଗୁ କୃଷି ଉତ୍ପାଦନ ବୃଦ୍ଧି ପାଇଥିବା ସେ ଉଲ୍ଲେଖ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ପୌରୋହିତ୍ୟ କରି ମେଳାର ଉଦ୍ଦେଶ୍ୟ ବିଷୟରେ ଉଲ୍ଲେଖ କରିଥିଲେ। ଏହି ଉପଲକ୍ଷେ ଏକ କୃଷକ-ବୈଜ୍ଞାନିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଜିଲାରୁ ଆସିଥିବା କୃଷକ ବୈଜ୍ଞାନିକଙ୍କ ସହିତ ସେମାନଙ୍କ ସମସ୍ୟା ବାବଦରେ ଆଲୋଚନା କରିଥିଲେ। ଏହି ମେଳାର ପ୍ରଥମ ଦିନରେ କୃଷକ, କୃଷି ଉଦ୍ୟୋଗୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଏଫପିଓ, ଅଧ୍ୟାପକ, ଗବେଷକ ପ୍ରମୁଖ ଯୋଗ ଦେଇଥିଲେ। ଏହି ମେଳାରେ ବିଭିନ୍ନ ଜିଲାରୁ ପ୍ରାୟ ୭୧ଟି ଷ୍ଟଲ୍ ଖୋଲିଥିବାବେଳେ ୨୦୦ ଛାତ୍ରୀଛାତ୍ର ଯୋଗଦେଇଥିଲେ।



**ସଂକ୍ଷେପରେ**

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ନିରାକାରପୁର,୨୦।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଜଙ୍କିଆ ଥାନା ଅଧୀନ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ରବୀନ୍ଦ୍ର ଜୟସିଂଙ୍କ ସ୍ତ୍ରୀ ସୀତା ଜୟସିଂ(୫୫)। ଏନେଇ ପୋଲିସ ୨୪/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ଘରେ ସାମାନ୍ୟ କଳହ ହୋଇଥିଲା। ପରେ ସୀତା ରାଗରେ ଖାଇ ନ ଥିବାରୁ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତେଣୁ ପରିବାର ଲୋକ ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ସ୍ଥାନୀୟ ଡାକ୍ତରଖାନା ଓ ପରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଖୋର୍ଦ୍ଧା ସରକାରୀ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଅପରପକ୍ଷେ ପାରିବାରିକ କଳହ ଯୋଗୁ ସୀତାଙ୍କ ମୃତ୍ୟୁ ଘଟିଥିବା ରବୀନ୍ଦ୍ର ଏକ ଲିଖିତ ଅଭିଯୋଗ କରିଛନ୍ତି।

## ସ୍ୱଚ୍ଛତା, ସ୍ୱାସ୍ଥ୍ୟରକ୍ଷା ସରଞ୍ଜାମ ବାଣ୍ଟିଲେ ଛାତ୍ରୀଛାତ୍ର

ଗମ୍ଭାରୀମୁଣ୍ଡା,୨୦।୧୨(ଦିଲୀପ ସ୍ୱାଇଁ)

ଓଡ଼ିଶା ସରକାରଙ୍କ ନୂଆ- ଓ ଯୋଜନା ଅବସରରେ ବୁଧବାର ବାଣପୁର ଗୋଦାବରୀଶ ମହାବିଦ୍ୟାଳୟର ଯୁକ୍ତ ୨ ଛାତ୍ରୀଛାତ୍ର ବାଲେଡିସ୍ଥିତ ଲଡୁକେଶ୍ୱର ବୃଦ୍ଧା ଆଶ୍ରମ ଓ ବାଣପୁର ମଙ୍ଗରାଜପୁରସ୍ଥିତ ବରଷ୍ଠ ନାଗରିକ ଆବାସଠାରେ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟରକ୍ଷା ସରଞ୍ଜାମ ବାଣ୍ଟିଛନ୍ତି। ଏଥିରେ ବିଦ୍ୟାଳୟ ଅଧ୍ୟକ୍ଷ ବିନାୟକ ହୋତା ଓ ଗୋଦାବରୀଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀ ପ୍ରସାଦ ମିଶ୍ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଥିଲେ। କାର୍ଯ୍ୟକ୍ରମରେ ୪୦ରୁ ଊର୍ଦ୍ଧ୍ୱ ବୃଦ୍ଧା ବୃଦ୍ଧଙ୍କୁ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟରକ୍ଷା ଉପରେ ସଚେତନ କରିବା ସହ ସେ ସମ୍ପର୍କୀୟ ସରଞ୍ଜାମ ପ୍ରଦାନ କରିଥିଲେ। ନୂଆ-ଓ ନୋଡାଲ ଅଧିକାରୀ ଜୟନ୍ତ ବିହାରୀ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟରକ୍ଷା ବ୍ୟବସ୍ଥା ଉପରେ ବୃଦ୍ଧ ଓ ବୃଦ୍ଧାମାନଙ୍କୁ ସଚେତନ ବାର୍ତ୍ତା ଦେଇ ସରଞ୍ଜାମ ବ୍ୟବହାର ବାବଦରେ କହିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟାପିକା ରଶ୍ମିତା ମହାରଣା, ଅଧ୍ୟାପକ ସତ୍ୟାନନ୍ଦ ମହାରଣା, ନୂଆ-ଓ ସମାଜ ବିକାଶ କାର୍ଯ୍ୟକ୍ରମ ସଂଯୋଜକ ବାଦଲ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ମୌଳିକ ସାକ୍ଷରତା, ସଂଖ୍ୟା ଜ୍ଞାନ ପ୍ରଶିକ୍ଷଣ ଶିବିର

ଟାଙ୍ଗୀ, ୨୦।୧୨(ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଆନୁକୂଲ୍ୟରେ ଚିଲିକା ଏବଂ ବାଣପୁର ବ୍ଲକର ୩ ଦିନିଆ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ପ୍ରଶିକ୍ଷଣ ଶିବିର ଚଣ୍ଡେଶ୍ୱର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହା ଗତ ୧୮ ତାରିଖଠାରୁ ଆରମ୍ଭ ହୋଇ ବୁଧବାର ଉଦଯାପିତ ହୋଇଯାଇଛି। ପ୍ରଶିକ୍ଷକ ଭାବେ ସନ୍ତୋଷ କୁମାର ଗୌଡ ଓ ମହେଶ କୁମାର ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ସମ୍ପର୍କ ରେ ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିରରେ ଚିଲିକା, ବାଣପୁର ବ୍ଲକର ୪୬ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ୨୨ କେଜି ବାସିଖାଦ୍ୟ ନଷ୍ଟ କଲା ପ୍ରଶାସନ

**ଧରିତ୍ରୀରେ ଖବର ପ୍ରକାଶ ପରେ ଖୋର୍ଦ୍ଧା ମହୋତ୍ସବର ଷ୍ଟଲରେ ଚଢାଉ**

ଖୋର୍ଦ୍ଧା, ୨୦।୧୨(ପ୍ରଭାତ ପାଣିଗ୍ରାହୀ)

ସମ୍ପ୍ରତି ହାବେଳି ପଡ଼ିଆରେ ଖୋର୍ଦ୍ଧା ମହୋତ୍ସବ ଚାଲିଛି। ଏହି ମହୋତ୍ସବରେ ଏକାଧିକ ଫୁଡ ଷ୍ଟଲ ପଡ଼ିଛି। କେତେକ ଫୁଡ ଷ୍ଟଲରେ ବାସିଖାଦ୍ୟ ବିକ୍ରି ଚାଲିଥିବା ବେଳେ ପ୍ରଶାସନର ନୀରବତାକୁ ନେଇ ପ୍ରଶ୍ନ ଉଠିଥିଲା। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନର ଚେତା ପଶିଛି। ବୁଧବାର ପୌରନିର୍ବାହୀ ଅଧିକାରୀ ରିଜୱାନ କଣ୍ୱବଙ୍କ ନେତୃତ୍ୱରେ ସ୍ଥାନୀୟ ଖାଦ୍ୟ ନିରାପତ୍ତା ଯାଞ୍ଚ ଅଧିକାରୀ ନିବେଦିତା ଭଞ୍ଜଙ୍କ ସମେତ ଏକ ଟିମ୍ ଖାଦ୍ୟଷ୍ଟଲଗୁଡ଼ିକରେ ଚଢାଉ କରିଥିଲେ। ଚଢାଉ ବେଳେ ୨୨କେଜି ବାସି ଖାଦ୍ୟ ନଷ୍ଟ କରାଯାଇଛି। ଏଥିସହିତ ୫୨ଶହ ଟଙ୍କା ଜରିମାନା ଆଦାୟ ହୋଇଛି। ବିଭିନ୍ନ ଫୁଡ୍ କଲର, ଖରାପ ମସଲା, ପଚାଶଢା ଖାଦ୍ୟ ଜବତ ପରେ ନଷ୍ଟ କରାଯାଇଛି ବୋଲି ପୌର ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। ଆଗକୁ ଏହି ଅଭିଯାନ ଜାରି ରହିବ। ମହୋତ୍ସବ ନଡ଼ିଆରେ ଧୂଳି ଉଡୁଥିବାରୁ ଖାଦ୍ୟକୁ ଢାଙ୍କି ରଖିବା ପାଇଁ ତାଗିଦା କରାଯାଇଛି। ପଚିଶଢି ଯାଇଥିବା ସାମଗ୍ରୀ ବ୍ୟବହାର କରିବେ ନାହିଁ। ଫୁଡ୍ ଷ୍ଟଲରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦେବେ। ଏଣେତେଣେ ଅଳିଆ ଆବର୍ଜନା ପକାଇବେ ନାହିଁ। କୌଣସି ଦୋକାନୀ ବାସି ଓ ପଚାଷଢା ଖାଦ୍ୟ ବିକ୍ରି କରୁଥିବା ନଜରକୁ ଆସିଲେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୌର କର୍ତ୍ତୃପକ୍ଷ କହିଛନ୍ତି।




ଅଧିକାରୀମାନେ ଖାଦ୍ୟର ମାନ ଯାଞ୍ଚ କରୁଛନ୍ତି।

# ସନାତନ ସଂସ୍କୃତି, ଶ୍ରୀରାମଙ୍କ ଆଦର୍ଶ ପ୍ରଚାର ଲକ୍ଷ୍ୟ

ଖୋର୍ଦ୍ଧା,୨୦।୧୨(ପ୍ରଭାତ ପାଣିଗ୍ରାହୀ)

- ଖୋର୍ଦ୍ଧାରୁ ଅଯୋଧ୍ୟା ପଦଯାତ୍ରା ଆରମ୍ଭ କଲେ ମନୋଜ
- ୬ ରାଜ୍ୟ ଦେଇ ଦୈନିକ ୪୦ କିମି, ୧ହଜାର ରାସ୍ତା ଚାଲିବେ

ଆସନ୍ତା ଜାନୁୟାରୀ ୨୨ରେ ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଭବ୍ୟ ମନ୍ଦିର ଉଦ୍‌ଘାଟନ ହେବ। ଖୋର୍ଦ୍ଧା ବ୍ଲକ ବରସାହି ପଞ୍ଚାୟତ କୁମ୍ଭିଲୋ ଗ୍ରାମର ମନୋଜ ବେହେରା ବଘେଇଟାଙ୍ଗୀସ୍ଥିତ ଐତିହାସିକ ପାହାଡ଼ ତାରିକି ମୁଣ୍ଡିଆସ୍ଥିତ ଶ୍ରୀରାମଙ୍କ ପାଦଚିହ୍ନ କୁହଯାଉଥିବା ପବିତ୍ର ସ୍ଥାନରୁ ଶ୍ରୀରାମଙ୍କ ଆର୍ଶୀବାଦ ନେଇ ଅଯୋଧ୍ୟା ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଶ୍ରୀରାମନଗରସ୍ଥିତ ଶ୍ରୀରାମ ମନ୍ଦିରରେ ପହଞ୍ଚିବା ପରେ ତାଙ୍କୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ହିନ୍ଦୁ ଜାଗରଣ ମଞ୍ଚ ଏବଂ ଅନ୍ୟ ସଙ୍ଗଠନ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମସ୍ତେ ତାଙ୍କ ଯାତ୍ରାର ମଙ୍ଗଳ କାମନା କରିଥିଲେ। ମନୋଜ ମନ୍ଦିର ପରିସରରେ ପୂଜାର୍ଚ୍ଚନା କରି ଅଯୋଧ୍ୟା ଅଭିମୁଖେ ବାହାରିଥିଲେ। ସେ କହିଲେ, ଦୀର୍ଘ ବର୍ଷର ସଂଘର୍ଷ ପରେ ଅଯୋଧ୍ୟାରେ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ଉଦଘାଟନ ହେବାକୁ ଯାଉଛି। କୋଟି କୋଟି ହିନ୍ଦୁଙ୍କ ଆରାଧ୍ୟ ଦେବତା ଶ୍ରୀରାମଙ୍କ ଭବ୍ୟ ମନ୍ଦିର ନିର୍ମାଣ ହେବା ଗୌରବ ବିଷୟ। ସନାତନ ସଂସ୍କୃତି, ପରମ୍ପରା ସର୍ବଦା ବିଶ୍ୱକୁ ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତା ଦେଇଆସିଛି। ଶ୍ରୀରାମ ହେଉଛନ୍ତି ମାନବୀୟ ଜୀବନ ମୂଲ୍ୟର ଆଧାର। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ବାଣୀ, ସଂସ୍କୃତିର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ମୁଁ ଯାତ୍ରା ଆରମ୍ଭ କରିଛି। ଓଡ଼ିଶା, ଝାଡଖଣ୍ଡ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶରେ ପ୍ରବେଶ କରି ଆସନ୍ତା ଜାନୁୟାରୀ ୨୦ ସୁଦ୍ଧା ଅଯୋଧ୍ୟାରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛି। ଦୈନିକ ୩୦ରୁ ୪୦ କିମି ଯାତ୍ରା କରିବି। ପ୍ରାୟ ୧ ହଜାର କିମି ଯାତ୍ରା ରହିଛି। ଆଜିର ଯୁବସମାଜ ଆମ ଗୌରବମୟ ଇତିହାସ, ସନାତନ ସଂସ୍କୃତି, ପରମ୍ପରା ପ୍ରତି ଆଗ୍ରହ ସୃଷ୍ଟି କରନ୍ତୁ। ରାମାୟଣ, ଗୀତା, ଭାଗବତ ଅଧ୍ୟୟନ ସହ ଗଠନମୂଳକ ସମାଜ ଦିଗରେ ଅଗ୍ରସର ହେଲେ ଭାରତ ପୁଣି ବିଶ୍ୱ ବନ୍ଦନୀୟ ହେବ।

# ଓଟିଟିରେ 'ବାରଙ୍ଗ ୧୯୯୯'



ୱେବ ସିରିଜ୍ 'ବାରଙ୍ଗ ୧୯୯୯' ଟ୍ରେଲର ରିଲିଜ୍ ଅବସରରେ ଉପସ୍ଥିତ କଳାକାର, ନିର୍ଦ୍ଦେଶକ ଓ ଅନ୍ୟମାନେ।

ଭୁବନେଶ୍ୱର,୨୦।୧୨(ଶର୍ମିଷ୍ଠା ପାଣିଗ୍ରାହୀ)

'ବାରଙ୍ଗ ୧୯୯୯'। ଏହା କେବଳ ଏକ ୱେବ୍ ସିରିଜ ନୁହେଁ ବରଂ ନ୍ୟାୟ, ନାରୀ ଜାତିର ବର୍ଷବର୍ଷର ସଂଘର୍ଷ ଏବଂ ସଶକ୍ତିକରଣର ନିଚ୍ଛକ ପ୍ରତିଛବି। ବୁଧବାର ସ୍ଥାନୀୟ ପ୍ରେସ୍‌କ୍ଲବଠାରେ ୱେବ୍ ସିରିଜ 'ବାରଙ୍ଗ ୧୯୯୯'ର ଟ୍ରେଲର ରିଲିଜ୍ ହୋଇଯାଇଛି। ଏଥିସହ ଏହି ୱେବ୍ ସିରିଜଟି କଞ୍ଚାଲଙ୍କା ଓଟିଟି ପ୍ଲାଟଫର୍ମରେ ରିଲିଜ ହୋଇଯାଇଛି। ୭ଟି ଏପିସୋଡ୍ ବିଶିଷ୍ଟ ଏହି ସିରିଜକୁ ଯୁବ ନିର୍ଦ୍ଦେଶକ ଅଜୟ ପାଢ଼ୀ ନିର୍ଦ୍ଦେଶନା ଦେଇଛନ୍ତି।

କାହାଣୀର ମୂଳରେ ଅଛନ୍ତି ଅମ୍ରିତା ପାଢ଼ୀ। ସରକାରୀ ବ୍ୟବସ୍ଥା ସହିତ ତାଙ୍କ ଲଢ଼େଇ ରହିଛି ଏହାର ପ୍ରମୁଖ ବିଷୟବସ୍ତୁ। ପୁରୁଷ ପ୍ରଧାନ ସମାଜରେ ଅମ୍ରିତା ସାଜନ୍ତି ଇଚ୍ଛାଶକ୍ତି ଏବଂ ସାହସର ପ୍ରତିଛବି। ତାଙ୍କର ଏହି ଯାତ୍ରା କେବଳ ବ୍ୟକ୍ତିଗତ ନ ରହି ସାଜିଯାଏ ସାମାଜିକ ପରିବର୍ତ୍ତନର ସୂତ୍ର। ଅଭିନେତ୍ରୀ ସୁପ୍ରିୟା ନାୟକ ଅମ୍ରିତା ଭୂମିକାରେ ଥିଲାବେଳେ ଅଭିନେତା ତଥା ଏନ୍‌ଏସ୍‌ଡି ନିର୍ଦ୍ଦେଶକ ଚିତ୍ତରଞ୍ଜନ ତ୍ରିପାଠୀ ଓ ସୁକୁମାର ଟୁଡୁ ପ୍ରମୁଖ ଭୂମିକାର ନଜର ଆସିବେ। ଏହାବ୍ୟତୀତ ଚନ୍ଦନ ମହାନ୍ତି, ଅସିତ ପାତ୍ର, ନିଶାନ୍ତ ମଜିଠିଆ, ଭାସ୍ୱତୀ ବସୁ, କେପି, ସୋମେନ ପୂଜାରୀ, ଭୂପତି ତ୍ରିପାଠୀ ପ୍ରମୁଖ ଅଭିନୟରେ ରହିଛନ୍ତି। କାହାଣୀର ସ୍ରଷ୍ଟା ହେଉଛନ୍ତି ସାମ୍ବାଦିକ ଦିଲୀପ ବିଷୋଇ। ଚିତ୍ରନାଟ୍ୟରେ ସରୋଜ ମହାପାତ୍ର ଏବଂ ସଂଳାପରେ ଯୁବ ସଂଳାପକାର ନିଶାନ୍ତ ମଜିଠିଆ ରହିଛନ୍ତି। ମୁମ୍ବାଇରେ କାର୍ଯ୍ୟରତ ଡିରେକ୍ଟର ଅଫ ଫୋଟୋଗ୍ରାଫୀ ଯୁଧିଷ୍ଠିର ବେହେରାଙ୍କ ଆକର୍ଷଣୀୟ ଚିତ୍ରତ୍ତୋଳନ ଏବଂ ରଶ୍ମୀ ରଞ୍ଜନଙ୍କ ନିଖୁଣ ସମ୍ପାଦନା ସିରିଜରେ ଦେଖିବାକୁ ମିଳିବ। ନିର୍ଦ୍ଦେଶକ ପାଢ଼ୀ କହିଛନ୍ତି, ବାରଙ୍ଗ ୧୯୯୯ ମୋ ପାଇଁ ଗୋଟେ ବହୁତ ବଡ଼ ଚ୍ୟାଲେଞ୍ଜ ଥିଲା। କାରଣ କାନ୍‌ଭାସ ବହୁତ ବଡ଼ ଥିଲା ଏବଂ କାହାଣୀ ମଧ୍ୟ ବହୁତ ରୋମାଞ୍ଚକର ଥିଲା। ୯୦ଦଶକକୁ ରିକ୍ରିଏଟ କରିବା କଷ୍ଟ ଥିଲା କିନ୍ତୁ ବହୁତ ମଜା ଲାଗିଲା। ପୁରା ଟିମ ଭରପୁର ଚେଷ୍ଟା ଏବଂ ପରିଶ୍ରମ କରିଛନ୍ତି। କଞ୍ଚା ଲଙ୍କାର ସହ-ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷ ଅକ୍ଷୟ ପରିଜା କହିଛନ୍ତି, ଏହା ଓଡ଼ିଶାର ପ୍ରଥମ ଏବଂ ବଡ଼ ପଲିଟିକାଲ ଡ୍ରାମା। ଆଶା କରୁଛି ଦର୍ଶକଙ୍କୁ ନିଶ୍ଚୟ ଭଲ ଲାଗିବ।

## ଗାଡ଼ି ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ନିରାକାରପୁର,୨୦।୧୨(ମାନସଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଇଲାକାରେ ବୁଧବାର ଏକ ଗାଡ଼ି ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଉକ୍ତ ଥାନା ଅଧୀନ ଓଲସିଂହ ପଞ୍ଚାୟତ ଡମଣଭୂମି ଗ୍ରାମର ବଳଭଦ୍ର ବରାଳ (୩୫)। ଏନେଇ ପୋଲିସ ୪୬୭/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏଥିସହ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ବାଇକ୍‌କୁ ଜବତ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ସରକାରୀ ମେଡିକାଲକୁ ପଠାଇଛି।

ସୂଚନା ଅନୁଯାୟୀ, ବଳଭଦ୍ର ବାଇକ୍ ଯୋଗେ ଏକ କାର୍ଯ୍ୟରେ ଓଲସିଂହକୁ ଯାଇ ଫେରୁଥିଲେ। ବାଟରେ ଥିବା କଲେଜ ନିକଟରେ ଏକ ଗାଡ଼ି ଧକ୍କାରେ ମୃତ୍ୟୁ ଘଟିଥିବା ତାଙ୍କ ବଡ଼ ଭାଇଙ୍କ ଅଭିଯୋଗରୁ ଜଣାପଡ଼ିଛି।

## ଶତାୟୁ ଶ୍ୟାମ ସାହୁଙ୍କ ପରଲୋକ

ବୋଲଗଡ଼/କଳାପଥର,୨୦।୧୨
(ଦେବବ୍ରତ ହୋତା/ଗଙ୍ଗାଧର ସାହୁ)

ବୋଲଗଡ ବ୍ଲକ ପାଟପୁରଶାସନ ପଞ୍ଚାୟତ ଅଧୀନ ଶ୍ରୀରାମପୁର ଗ୍ରାମର ୧୦୪ ବର୍ଷୀୟ ସାମାଜିକକର୍ମୀ ଶ୍ୟାମ ସାହୁଙ୍କର ବୁଧବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କ ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବହୁ ବିଶିଷ୍ଟ ବ୍ୟକ୍ତି ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରାଯିବା ପରେ ଗାଁ ଶଶ୍ମାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତ୍ର ବଗୁଲି ସାହୁ ମୁଖାଗ୍ନି ଦେଇଥିଲେ। ବୋଲଗଡ଼ ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନ ଓ ରାଜସୁନାଖଳା ମହୋତ୍ସବ କମିଟି ଅଧ୍ୟକ୍ଷ ଆର୍ତ୍ତତ୍ରାଣ ପ୍ରଧାନ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଝାଡ଼େଶ୍ୱରଙ୍କ ପୀଠରେ ପାଲା ଗାୟକ ସମ୍ମିଳନୀ



କୃଷ୍ଣପ୍ରସାଦ, ୨୦।୧୨(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ବଡ଼ଝାଡ଼ସ୍ଥିତ ଶ୍ରୀ ଶ୍ରୀ ଝାଡେଶ୍ୱରଙ୍କ ପୀଠରେ ଶ୍ରୀନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦ ଅଧୀନ ମା' କାଳିଜାଇ ଆଞ୍ଚଳିକ ପାଲା ଗାୟକ ମଣ୍ଡଳ ତରଫରୁ ୪୨ ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବଡ଼ଝାଡ଼ ଗ୍ରାମ୍ୟ କମିଟି ସହଯୋଗରେ ଆୟୋଜିତ ଏହି ସମ୍ମିଳନୀକୁ କମିଟି ସଭାପତି ଯୋଗେନ୍ଦ୍ର ଜେନା ଉଦ୍‌ଘାଟନ କରିଥିଲେ। ସଭାରେ କାଳିଜାଇ ଆଞ୍ଚଳିକ ପାଲା ଗାୟକ ମଣ୍ଡଳ ସଭାପତି ବିଜୟ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରୋଜିନୀ ତରେଇ, ମୁଖ୍ୟ ବକ୍ତା ସାହିତ୍ୟିକ ଡ. ଅଭିମନ୍ୟୁ ଜେନା, ସମ୍ମାନିତ ଅତିଥି ଭାବେ କୃଷ୍ଣପ୍ରସାଦ ବିଡିଓ ବିଜୟ କୁମାର ବେହେରା, ବଡଝାଡ଼ ଗ୍ରାମ୍ୟ କମିଟି ସମ୍ପାଦକ ଉମାକାନ୍ତ ଜେନା, ଗାୟକ ଦକ୍ଷିଣ କେଶରୀ ରାମଚନ୍ଦ୍ର କର, ପୁରୀ ଜିଲା ପାଲା ପରିଷଦ ସାଧାରଣ ସମ୍ପାଦକ ପ୍ରମୋଦ କୁମାର ସାହୁ, ପଣ୍ଡିତ ଟୁକୁନା କୁମାର କର ପ୍ରମୁଖ ଯୋଗଦେଇଥିଲେ। ଅଞ୍ଚଳରେ କଳା ଓ ସଂସ୍କୃତିକୁ ଉଜ୍ଜୀବିତ କରିବା ଦିଗରେ ଅତିଥିମାନେ ଆଲୋଚନା କରିଥିଲେ। ଆଞ୍ଚଳିକ ପାଲା ଗାୟକ ମଣ୍ଡଳୀର ସମ୍ପାଦକ ଅଧ୍ୟାପକ ଗାୟକ ବାଣୀ ଭୂଷଣ ଗୋପାଳ କୃଷ୍ଣ ଜେନା ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ଏଥିରେ ୬ମେଳ ପାଲା ୨ମେଳ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଶ୍ରେଷ୍ଠ କଳାକାରମାନଙ୍କୁ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଶିଶୁ ଶିକ୍ଷା ନିକେତନର ବାର୍ଷିକ ଉତ୍ସବ

ଜଟଣୀ,୨୦।୧୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନମ୍ବର -୧୨ସ୍ଥିତ 'ଶିଶୁ ଶିକ୍ଷା ନିକେତନ'ର ବର୍ଷିକ ଉତ୍ସବ ବୁଧବାର ଉଦଘାଟିତ ହୋଇଛି। ଏଥିରେ ଶିକ୍ଷା ନିକେତନର ଅଧ୍ୟକ୍ଷ ଚୌଧୁରୀ ଭୁବନ ମୋହନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ଶିକ୍ଷକ ଜବାହରଲାଲ ସୁବୁଦ୍ଧି ଯୋଗଦେଇ ବାର୍ଷିକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ରୂପେ ବରିଷ୍ଠ ଶିକ୍ଷକ ନେତା ତ୍ରିନାଥ ସାମନ୍ତରାୟ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ସାହିତ୍ୟିକ କୁଞ୍ଜବିହାରୀ ପାଢୀ, ବିଜୟ କୁମାର ପଟନାୟକ, ରଶ୍ମିରେଖା ଜେନା ଏବଂ ବିଜୟାନନ୍ଦ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ବସ୍ତ୍ର ପ୍ରଦର୍ଶନୀ, ଖାଦ୍ୟପେୟ ପ୍ରଦର୍ଶନୀ, ପୁସ୍ତକ ପ୍ରଦର୍ଶନୀ, ଆୟୁର୍ବେଦିକ ଔଷଧ ପ୍ରଦର୍ଶନୀକୁ ଅତିଥିମାନେ ଉଦଘାଟନ କରିବା ସହ ବୁଲି ଦେଖିଥିଲେ। ଔଷଧ ପ୍ରଦର୍ଶନୀକୁ ଡାକ୍ତର ପ୍ରବୀଣା ପଟ୍ଟନାୟକ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ନୁସରତ ଜାହାଁ, ସବରିନ ନିଶା, ପୂର୍ଣ୍ଣିମା ପଲେଇ ଏବଂ କୁରଶିଦ ଅଲି ପ୍ରମୁଖ ପ୍ରଦର୍ଶନୀ ପରିଚାଳନା କରିଥିଲେ। ବାର୍ଷିକ ଉତ୍ସବ ଆସନ୍ତା ୨୪ ତାରିଖରେ ଉଦଯାପିତ ହେବ।

## ସେମିରେ ଗୋପୀନାଥପୁର

ବେଗୁନିଆ,୨୦।୧୨(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ରାଉତପଡ଼ା ଗ୍ରାମ ଖେଳପଡ଼ିଆରେ ଚାଲୁଥିବା ମା' କଇରୀ ବଘେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବୁଧବାର ଚତୁର୍ଥ ଲିଗ୍ ମ୍ୟାଚରେ ମା' ବାଉତୀ କ୍ରିକେଟ କ୍ଲବ ଗୋପୀନାଥପୁର ୨ରନରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ଗୋପୀନାଥପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୨୧ ରନ ସଂଗ୍ରହ କରିଥିଲା। ଜବାବରେ ବାବା ଲେହେଙ୍ଗ କ୍ରିକେଟ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ମୋଟ ୧୧୯ ରନ କରି ସମସ୍ତ ଉଇକେଟ ହରାଇଥିଲା। ଅନିଲ ଦେବତା ଓ ଲକ୍ଷ୍ମୀଧର ବେହେରା ମ୍ୟାଚ ପରିଚାଳନା ଏବଂ ରାକେଶ ମହାପାତ୍ର ଓ ସୌଭାଗ୍ୟ ଚନ୍ଦ୍ର ଦାସ ସହପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଖବରଦାତା ଶେଖ୍ ଅନୱର ଅଲ୍ଲୀ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କ୍ଲବର ସଦସ୍ୟ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

# ଗୋଡ଼ିଆଳିକୁ ହରାଇ ଆରିକମା ବିଜୟୀ



ଅତିଥିଙ୍କ ଗହଣରେ ବିଜୟୀ ଖେଳାଳୀ।

**ତ୍ରୟୋଦଶ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ବୋଲଗଡ଼,୨୦।୧୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ସଂପୁର ଗ୍ରାମର ବାଲୁଙ୍କେଶ୍ୱର ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ ଆନୁକୁଲ୍ୟରେ ଟାଙ୍ଗୀ ପଡ଼ିଆଠାରେ ଆୟୋଜିତ ତ୍ରୟୋଦଶତମ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଚତୁର୍ଥ ମ୍ୟାଚରେ ଗୋଡ଼ିଆଳି କ୍ରିକେଟ କ୍ଲବକୁ ହରାଇ ଆରିକମା କ୍ରିକେଟ କ୍ଲବ ବିଜୟୀ ହୋଇଛି। ଗୋଡ଼ିଆଳି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି କରି ୧୧ ଓଭର ୨ ବଲ୍‌ରେ ସମସ୍ତ ଉଇକେଟ ହରାଇ ୩୯ ରନ୍ ସ୍କୋର କରିଥିଲା। ଜବାବରେ ଆରିକମା ୩ ଓଭର ୫ ବଲ୍ ଖେଳି କୌଣସି ଉଇକେଟ ନ ହରାଇ ୪୦ ରନ୍ କରି ଜିତିଥିଲା। ମ୍ୟାଚ୍‌କୁ ଆମ୍ପେୟର ଭାବେ ତ୍ରିନାଥ ନାୟକ ଓ ଜିତୁ ଲେଙ୍କା ପରିଚାଳନା କରିଥିଲେ। ଆୟୋଜକ କ୍ଲବର ସଦସ୍ୟ ନିରଞ୍ଜନ ନାୟକ, ରାଜକୁମାର ବଳିୟାରସିଂ, ସୁଶାନ୍ତ ପ୍ରଧାନ, ବିକାଶ ବଳିୟାରସିଂ, ରାଜା ମାନସିଂ, ପ୍ରଶାନ୍ତ ମଙ୍ଗରାଜ, ଶିଶିର ବସ୍ତି ପ୍ରମୁଖ ସହଯୋଗ କରିଥିଲେ।

# 'ଶୃଙ୍ଖଳା, ପ୍ରଳୟ ବି ସୃଷ୍ଟି କରିପାରେ କଲମ'

**ୟୁଜେଏର ଜିଲାସ୍ତରୀୟ ସମ୍ମିଳନୀ, ଏକାଧିକ ପ୍ରତିଭା ସମ୍ବର୍ଦ୍ଧିତ**

ଖୋର୍ଦ୍ଧା,୨୦।୧୨ (ପ୍ରଭାତ ପାଣିଗ୍ରାହୀ)

ଗଣତନ୍ତ୍ରରେ ଗଣମାଧ୍ୟମର ଏକ ପ୍ରମୁଖ ଭୂମିକା ରହିଛି। ଗଣ ଓ ତନ୍ତ୍ର ମଧ୍ୟରେ ଏହା ସେତୁବନ୍ଧ ଭାବେ କାର୍ଯ୍ୟ କରିଥାଏ। ସମାଜର ସଚେତନ ନାଗରିକ ଭାବେ ଗଣମାଧ୍ୟମ ପ୍ରତିନିଧିମାନେ ନିଜ ଦାୟିତ୍ୱ ତୁଲାଇଥାନ୍ତି। ବିଭିନ୍ନ ବାଧାବିଘ୍ନ, ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ନିରବଚ୍ଛିନ୍ନ ଖବର ପରିବେଷଣ କରନ୍ତି। ଜଣେ ଖବରଦାତାର ବିରାମ ନ ଥାଏ ବୋଲି ବୁଧବାର ସଂସ୍କୃତି ଭବନରେ ଉତ୍କଳ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲା ଶାଖାର ଜିଲାସ୍ତରୀୟ ସମ୍ମିଳନୀରେ ମତ ପ୍ରକାଶ ପାଇଛି।

ଜିଲା ସଭାପତି ପ୍ରଭାତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ଉଦ୍‌ଘାଟକ ଭାବେ ବେଗୁନିଆ ବିଧାୟକ ତଥା ଜିଲା ଯୋଜନା କମିଟି ସଭାପତି ରାଜେନ୍ଦ୍ର ସାହୁ ଯୋଗଦେଇ କହିଲେ, ଗଣମାଧ୍ୟମ ହେଉଛି ସମାଜର ଜାଗ୍ରତ ପ୍ରହରୀ। ବିଶ୍ୱରେ କଲମ ମୂନଠାରୁ ଆଉ ବଡ଼ ଶକ୍ତି କିଛି ନାହିଁ। କଲମ ଠିକ୍ ଚାଲିଲେ, ସମାଜ ଶୃଙ୍ଖଳିତ ହେବ, ଅନ୍ୟାୟ ଓ ଦୁର୍ନୀତି ବିରୋଧରେ ସ୍ୱର ଉଠାଇ ପ୍ରଳୟ ସୃଷ୍ଟି କରିପାରିବ। ମୁଖ୍ୟ ଅତିଥି ଭାବେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇ କହିଲେ, ଜିଲା ପ୍ରଶାସନ ଓ ଗଣମାଧ୍ୟମ ମଧ୍ୟରେ ସୁସମନ୍ୱୟ ରହିବା ଜରୁରୀ। ଗଠନମୂଳକ ଖବର ପରିବେଷଣ ଦ୍ୱାରା ସମାଜର ପ୍ରଗତି ହୋଇପାରିବ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଏସ୍‌ପି କିଶୋର ଚନ୍ଦ୍ର ମୁଣ୍ଡ କହିଲେ, ପୋଲିସ ଓ ଗଣମାଧ୍ୟମ ଉଭୟ ପରିପୂରକ। ଅପରାଧମୂଳକ ଖବର ପରିବେଷଣ ସମୟରେ ଗଣମାଧ୍ୟମକୁ ଯତ୍ନବାନ ହେବାକୁ ପଡ଼ିବ। ପ୍ରାକ୍ତନ ଏସ୍‌ପି ଦେବ ପ୍ରସାଦ ମଜୁମଦାର ଓ ଶିକ୍ଷାବିତ ଭୀମସେନ ପ୍ରଧାନ ସମାଜରେ ଗଣମାଧ୍ୟମର ଭୂମିକା ଉପରେ ଆଲୋକପାତ କରିଥିଲେ। ଗଣମାଧ୍ୟମ ସର୍ବଦା ନିରପେକ୍ଷ ଓ ସତ୍ୟ ଆଧାରିତ ହେବା ଜରୁରୀ ବୋଲି ଶିକ୍ଷାବିତ ପ୍ରଫୁଲ୍ଲ ସାମନ୍ତରାୟ କହିଥିଲେ। ସ୍ତମ୍ଭକାର ତଥା ସଂଘ ଉପଦେଷ୍ଟା ଉମାଶଙ୍କର ପ୍ରସାଦ ଖବରଦାତାଙ୍କ ବିଭିନ୍ନ ସମସ୍ୟା, ପେନସନ, ସୁରକ୍ଷା ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଆମରି ସତ୍ୟର ସମ୍ପାଦକ ପ୍ରମୋଦ ଦାସ କହିଲେ, ସାମ୍ବାଦିକତା ହେଉଛି ଏକ ସାଧନା। ପ୍ରଭାତ ପାଣିଗ୍ରାହୀ ସ୍ୱାଗତ ଭାଷଣ, ହରିହର ଖାଡଙ୍ଗା ସଂଯୋଜନା ଏବଂ ସଂଘ ଜିଲା ସମ୍ପାଦକ ଅଜିତ ସାହୁ ବିବରଣୀ ପାଠ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶିକ୍ଷକ ଭୀମସେନ ପରିଡା, ସାମାଜିକ କର୍ମୀ ସୁକାନ୍ତ ପରିଡା, ବରିଷ୍ଠ ପୋଲିସ ଅଧିକାରୀ ପବିତ୍ର ପଟ୍ଟନାୟକ, ଟ୍ରାଫିକ ହାବିଲଦାର ମସି ଅହମ୍ମଦ, ଖବରଦାତା ସୋମନାଥ ସାହୁ, ପ୍ରଦୀପ ବେହେରା, ରାକେଶ ସାହୁ, ଜିତେନ୍ଦ୍ର ବେହେରା, ପରିବେଶବିତ ଧନେଶ୍ୱର ବିଧାର, ଯୁବ କ୍ରୀଡାବିତ ରିଶିତା ସାହୁ, ଅଂଶିତା ସାହୁ, ସୁସ୍ମିତା ବିଶ୍ୱାଳ, ଦିପ୍‌ସା ଦେବାଂଶୀ, ଶାଳିଆ ପ୍ରେସ କ୍ଲବ, ବୋଲଗଡ ଡିଜିଟାଲ ମିଡିଆ କ୍ଲବ ପ୍ରମୁଖ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲାର ୭ଟି ବ୍ଲକରୁ ସଂଘର ସଦସ୍ୟ ଏବଂ ଏକାଧିକ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।




ସମ୍ବର୍ଦ୍ଧିତ ପ୍ରତିଭା

## ସଂକ୍ଷେପରେ

### ଫାଇଲେରିଆରୁ ମୁକ୍ତି ପାଇଁ ଔଷଧ ସେବନ ବାଧ୍ୟତାମୂଳକ

କଟକ,୨୦।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

ଫାଇଲେରିଆ ନିରାକରଣ ନିମନ୍ତେ ସାର୍ବଜନୀନ ଔଷଧ ସେବନ କାର୍ଯ୍ୟକ୍ରମ ଆସନ୍ତା ଫେବୃୟାରୀ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଜିଲାପାଳ ନରହରି ସେଠୀଙ୍କ ଅଧ୍ୟକ୍ଷତାରେ ଜିଲା ସମନ୍ୱୟ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ମକରନ୍ଦ ବେଉରା ଏଥିରେ ଯୋଗଦେଇ କହିଛନ୍ତି, ଫାଇଲେରିଆ ନିରାକରଣ ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଫାଇଲେରିଆରୁ ମୁକ୍ତ ରହିବା ପାଇଁ ଜନସାଧାରଣ ସ୍ୱାସ୍ଥ୍ୟକର୍ମୀଙ୍କ ଉପସ୍ଥିତିରେ ଏହି ଔଷଧ ସେବନ କରିବା ବାଧ୍ୟତାମୂଳକ। ଏହି ବୈଠକରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ବଟକୃଷ୍ଣ ମହଲା, ଡ. ରଞ୍ଜନ ସିଂ, ସହରାଞ୍ଚଳ ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର ଉପସ୍ଥିତ ଥିଲେ।

### ୨ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ପୋଲିସ ଜିମା

କଟକ ସଦର, ୨୦।୧୨(ସୁଶାନ୍ତ କୁମାର ଜେନା)

କିଶନ ନଗର ଥାନା ଅନ୍ତର୍ଗତ ସାମନ୍ତରାପୁର ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ସନ୍ଦିଗ୍ଧ ଅବସ୍ଥାରେ ବୁଲୁଥିବା ୨ ଜଣ ବ୍ୟକ୍ତିଙ୍କୁ ଗ୍ରାମବାସୀ କାବୁ କରି ପୋଲିସ ଜିମା ଦେଇଛନ୍ତି। ସେମାନଙ୍କ ପରିଚୟ ଓ ଏଠାକୁ କାହିଁକି ଆସିଥିଲେ ବୋଲି ପୋଲିସ ସେମାନଙ୍କୁ ପଚରାଉଚରା କରିଥିଲା। ଉଭୟ ବ୍ୟକ୍ତି ସାଲେପୁର ଅଞ୍ଚଳର ବୋଲି ଜଣାପଡିଛି। ଉକ୍ତ ଥାନା ଅଞ୍ଚଳରେ ବାରମ୍ବାର ଚୋରି ହେଉଥିବାରୁ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କ ବିରୋଧରେ ଅଧିକ ତଦନ୍ତ ପାଇଁ ସାଲେପୁର ପୋଲିସର ସହାୟତା ନିଆଯାଉଛି ବୋଲି କିଶନ ନଗର ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ କହିଛନ୍ତି।

### କଂଗ୍ରେସର କର୍ମକର୍ତ୍ତା ଚୟନ

କଟକ,୨୦।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଝାଞ୍ଜିରୀମଙ୍ଗଳାସ୍ଥିତ ୨୯ନଂ. ୱାର୍ଡରେ କଂଗ୍ରେସର ସାଙ୍ଗଠନିକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ନେତା ରାଜେନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ କଟକ ନଗର କଂଗ୍ରେସ କମିଟି ସଭାପତି ସୁରେଶ ମହାପାତ୍ର ଯୋଗଦେଇ ତୃଣମୂଳସ୍ତରରୁ ଦଳୀୟ ସଙ୍ଗଠନକୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କର୍ମକର୍ତ୍ତା ଚୟନ କରାଯାଇଥିଲା। ଦଳର ୱାର୍ଡ ସଭାପତି ଭାବେ ଗୋପୀନାଥ ବେହେରା, ଉପସଭାପତି ବଳରାମ ସାମଲ, ସାଧାରଣ ସମ୍ପାଦକ ରଞ୍ଜୁ ବେଉରା, ସମ୍ପାଦକ ଆଶିଷ ରାଜ, ସହସମ୍ପାଦକ ଦୁର୍ଗାଚରଣ ବେହେରା, କୋଷାଧ୍ୟକ୍ଷ ଭାବେ ଯୁଗଳ ସାମଲଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ହରି ମହାନ୍ତି, ଶଙ୍କର ସାମଲ, ରିଙ୍କୁଆ ବେଉରା, କେଶବ ସାମଲ, ଜିତୁ ସାମଲ, ରୁନୁ ସେନାପତି ଉପସ୍ଥିତ ରହିଥିଲେ। କଂଗ୍ରେସ ନେତା ବରଦା ସାହୁ ଧନ୍ୟବାଦ ଦେଇଥିଲେ।

### ବିଜେଡି ପ୍ରତିଷ୍ଠା ଦିବସ ପ୍ରସ୍ତୁତି ବୈଠକ

କଣ୍ଟାପଡା,୨୦।୧୨(ସୁରନାରାୟଣ ସାହୁ)

ଆସନ୍ତା ୨୬ରେ ବିଜେଡିର ପ୍ରତିଷ୍ଠା ଦିବସ ପାଳନ ଓ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏଥିପାଇଁ ବୁଧବାର ଏକ ପ୍ରସ୍ତୁତି ବୈଠକ କଣ୍ଟାପଡା ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଡା. ପ୍ରମୋଦ କୁମାର ମଲିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ କଣ୍ଟାପଡା ବ୍ଲକ ଯୁବ ବିଜେଡି ସଭାପତି ବିମାନ ବିହାରୀ ବେହେରା, ୮ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ପୀୟୂଷ ରଞ୍ଜନ ମିଶ୍ର, ୯ନଂ. ଜୋନ୍ ଜିଲା ପରିଷଦ ସଭ୍ୟା କ୍ରିଷ୍ଣାରାଣୀ ବେହେରା, ବିଜେଡି ନେତା ନକୁଳ ରାଉତ, ସରପଞ୍ଚ ସଞ୍ଜୟ କୁମାର ରାଉତରାୟ, ତୃପ୍ତିମୟୀ ରାଉତରାୟ, ଇତିଶ୍ରୀ ବେହେରା, ସସ୍ମିତା ଶାସେନୀ, ତପନ ଦାସ, ମାନୁଶ୍ରୀ ମଲିକ, ସୁମିତ୍ରା କର, ସମିତିସଭ୍ୟ ପ୍ରଶାନ୍ତ ପାଢ଼ୀ ପ୍ରମୁଖ ଯୋଗଦେଇ ଉକ୍ତ ଦିନ ଅଡ଼ଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ହେବାକୁ ଥିବା ରକ୍ତଦାନ ଶିବିରକୁ ସଫଳ କରିବାକୁ ନିଷ୍ପତ୍ତି ନେଇଥିଲେ।

# କିଡ୍‌ନୀ ପାଇଁ ୧୨.୫ ଲକ୍ଷ ଟଙ୍କା

## ଠକାମିର ଶିକାର ଦମ୍ପତି ଥାନାର ଦ୍ୱାରସ୍ଥ

କଟକ,୨୦।୧୨(ଶିଳ୍ପା ପ୍ରିୟଦର୍ଶିନୀ)



ଠକାମିର ଶିକାର ହୋଇଥିବା ଦମ୍ପତି।

କିଡ୍‌ନୀ ପାଇଁ ୧୨ ଲକ୍ଷ ୫୦ ହଜାର ଟଙ୍କା ଦେଲେ। ହେଲେ ଆହୁରି ଅଧିକ ଟଙ୍କା ଦାବି କରି କିଡ୍‌ନୀ ଦେଉନାହାନ୍ତି ବାଲେଶ୍ୱର ଅଞ୍ଚଳର ଏକ ଦମ୍ପତି। ଠକାମିର ଶିକାର ହୋଇଛନ୍ତି କେନ୍ଦୁଝର ଜିଲା ଖାଇଲୋ ଅଞ୍ଚଳର କୁତୁଲୁ କୁମାର ମାଝି ଓ ସ୍ତ୍ରୀ ଦୁଲାରୀ ହେମ୍ବ୍ରମ। ଏନେଇ ଦୁଲାରୀ ବୁଧବାର ମଙ୍ଗଳାବାଗ ଥାନାର ଦ୍ୱାରସ୍ଥ ହେବା ସହ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନାରେ ଉଭୟ ପକ୍ଷଙ୍କୁ ପଚରାଉଚରା ଜାରି ରହିଥିବା ସୂଚନା ରହିଛି।

ସୂଚନାନୁଯାୟୀ, ୨୦୨୨ ଡିସେମ୍ବର ୨୩ରେ ଡାକ୍ତରଙ୍କ ପରାମର୍ଶକ୍ରମେ କୁତୁଲୁ ଏସ୍‌ସିବି ନେଫ୍ରୋଲୋଜି ବିଭାଗରେ ଚିକିତ୍ସା ପାଇଁ ଭର୍ତ୍ତିହୋଇଥିଲେ। କିଡ୍‌ନୀ ପାଇଁ ବିଭିନ୍ନ ପରୀକ୍ଷା କରାଇବା ସମୟରେ ଏସ୍‌ସିବିରେ ବାଲେଶ୍ୱର ଅଞ୍ଚଳର ଦମ୍ପତି ମାର୍କଣ୍ଡ ନାଥ ଓ ଶାନ୍ତିଲତା ନାଥଙ୍କ ସମ୍ପର୍କରେ କୁତୁଲୁ ଆସିଥିଲେ। ପରେ କୁତୁଲୁ ଓ ତାଙ୍କ ସ୍ତ୍ରୀ ଦୁଲାରୀଙ୍କ ସହ ସମ୍ପର୍କ ବଢ଼ାଇ କିଡ୍‌ନୀ ଦେବା ନେଇ ଆଲୋଚନା କରିଥିଲେ। ପରେ କିଛିଦିନ ଏସ୍‌ସିବିରେ ଚିକିତ୍ସା କରାଇ ନିଜ ଅଞ୍ଚଳକୁ ଫେରି ଯାଇଥିଲେ କୁତୁଲୁ ଓ ଦୁଲାରୀ। ପରେ କୁତୁଲୁ ଓ ଦୁଲାରୀଙ୍କ ସହ ଫୋନ ଯୋଗେ କିଡ୍‌ନୀ ଦେବା ନେଇ ୯ଲକ୍ଷ ୫୦ହଜାର ଟଙ୍କା ଡିଲ୍ କରିଥିଲେ ମାର୍କଣ୍ଡ ଓ ଶାନ୍ତିଲତା। ଯଦି କିଡ୍‌ନୀ ଦେବା ପ୍ରକ୍ରିୟାରେ ବିଫଳ ହେବେ ତେବେ ୯ଲକ୍ଷ ୫୦ ହଜାର ଟଙ୍କା ଫେରସ୍ତ କରିବା ନେଇ ଉଭୟ ପକ୍ଷ ଏନେଇ ୨୦୨୩ ଫେବୃୟାରୀରେ ନୋଟାରିରେ ଏକ ଚୁକ୍ତିପତ୍ର ସ୍ୱାକ୍ଷର କରିଥିଲେ। ହେଲେ ପରେ ୯ ଲକ୍ଷ ୫୦ ହଜାର ଟଙ୍କା ପରିବର୍ତ୍ତେ ୧୨ ଲକ୍ଷ ୫୦ ହଜାର ଟଙ୍କା ଦେଲେ କିଡ୍‌ନୀ ଦେବା ସମ୍ଭବ ହୋଇପାରିବ ବୋଲି ମାର୍କଣ୍ଡ କହିବାରୁ କୁତୁଲୁ ଓ ଦୁଲାରୀ ତାଙ୍କୁ ସମୁଦାୟ ୧୨ ଲକ୍ଷ ୫୦ ହଜାର ଟଙ୍କା କଟକ ରାଣୀହାଟଠାରେ ରହୁଥିବା ଭଡ଼ାଘରେ ଦେଇଥିଲେ। ଏହାବାଦ୍ ଅକ୍ଟୋବର ୨୦୨୩ ପର୍ଯ୍ୟନ୍ତ ପ୍ରତି ମାସରେ ୩୦ହଜାର ଟଙ୍କା ମାର୍କଣ୍ଡ ଏବଂ ତାଙ୍କ ସ୍ତ୍ରୀଙ୍କ ଭରଣପୋଷଣ ପାଇଁ ମଧ୍ୟ ଦେଇଛନ୍ତି। ହେଲେ ମାର୍କଣ୍ଡ ଏବଂ ତାଙ୍କ ସ୍ତ୍ରୀ ଆହୁରି ଅଧିକ ଟଙ୍କା ଡିମାଣ୍ଡ କରିବାରୁ କୁତୁଲୁ ଏବଂ ତାଙ୍କ ସ୍ତ୍ରୀ ଠକାମିର ଶିକାର ହୋଇଥିବା ଜାଣିପାରି ଆଉ ଟଙ୍କା ଦେବାକୁ ମନା କରିଦେଇଥିଲେ। ଏହା ଶୁଣି ମାର୍କଣ୍ଡ ଏବଂ ତାଙ୍କ ସ୍ତ୍ରୀ କୁତୁଲୁଙ୍କୁ ଫୋନ ଯୋଗେ ଧମକାଇଥିଲେ। ଏପରିକି କିଡ୍‌ନୀ ନ ଦେବା ଏବଂ ଟଙ୍କା ଫେରସ୍ତ ନ କରିବା ନେଇ ମଧ୍ୟ କହିଥିଲେ। ପରେ କୁତୁଲୁଙ୍କ ଜଣେ ସମ୍ପର୍କୀୟ ଘଟଣା ସମ୍ପର୍କରେ ଖବର ପାଇ ଉକ୍ତ ଅଭିଯୁକ୍ତ ଦମ୍ପତିଙ୍କୁ ବୁଧବାର ପ୍ରଥମେ କଟକ ଚାନ୍ଦିନୀଚୌକ ପୂଜା କମିଟିରେ ମୁରବିଙ୍କ ଉପସ୍ଥିତିରେ ପଚରାଉଚରା କରିବାରୁ ସେ ଟଙ୍କା ନେଇଥିବା ନେଇ ମାନିଥିଲେ। ଏହାପରେ ଅଭିଯୁକ୍ତ ଓ ଠକାମିର ଶିକାର ହୋଇଥିବା ଦମ୍ପତିଙ୍କୁ ମଙ୍ଗଳାବାଗ ଥାନା ନେଇ ଉକ୍ତ ଘଟଣା ସମ୍ପର୍କରେ ଥାନାର ଅତିରିକ୍ତ ଆଇଆଇସି ଦୁର୍ଗେଶ ପ୍ରଧାନଙ୍କୁ ଅବଗତ କରାଇଥିଲେ। ପରେ ଏନେଇ ଦୁଲାରୀ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଦୁଲାରୀଙ୍କୁ ପଚାରିବାରୁ ସେ କହିଛନ୍ତି, କିଡ୍‌ନୀ ପାଇଁ ଡୋନର ମିଳିବା ଲାଗି ବହୁ ସମୟ ଲାଗିଥାଏ । ସେଥିପାଇଁ ଏହାର ବିକଳ୍ପ ନେଇ ଏପରି ବାଟ ଆପଣାଇଥିଲୁ । ହେଲେ ମାର୍କଣ୍ଡ ଦମ୍ପତି ଆମଠୁ ଡିଲ ହୋଇଥିବା ଟଙ୍କା ଠାରୁ ଅଧିକ ଟଙ୍କା ନେଇ ମଧ୍ୟ ଫୋନ୍‌ରେ ଧମକାଇଥିଲେ। ଏପରିକି କିଡ୍‌ନୀ ଦେବେ ନାହିଁ ବୋଲି ମଧ୍ୟ କହିଥିଲେ। ଥାନାର ଦ୍ୱାରସ୍ଥ ହୋଇଛି, ଆଶା ରହିଛି ଉପଯୁକ୍ତ ନ୍ୟାୟ ପାଇପାରିବି। ଅନ୍ୟପଟେ ଅଭିଯୁକ୍ତ ମାର୍କଣ୍ଡ କହିଛନ୍ତି, ମୋ ସ୍ତ୍ରୀ ଶାନ୍ତିଲତା କିଡ୍‌ନୀ ଦେବେ ଓ ଟଙ୍କା ନେବା ନେଇ ଆମର ଡିଲ ହୋଇଥିଲା। ମେଡିକାଲରେ ଉକ୍ତ ଦମ୍ପତିଙ୍କ ସହ ସମ୍ପର୍କରେ ଆସିଥିଲୁ। ତେବେ କଟକ ଚାନ୍ଦିନୀଚୌକ ପୂଜା କମିଟିର ସହସମ୍ପାଦକ ସଞ୍ଜୀବ ରାଉତ କହିଛନ୍ତି, ଉକ୍ତ ଘଟଣା ସମ୍ପର୍କରେ ଜାଣି ପ୍ରଥମେ ତାଙ୍କୁ କମିଟିର ସଦସ୍ୟଙ୍କ ସମ୍ମୁଖରେ ପଚରାଉଚରା କରିଥିଲି, ସେ ତାଙ୍କ ଅଭିଯୋଗ ମାନିବାରୁ ଥାନାର ଦ୍ୱାରସ୍ଥ ହୋଇଛି। ଏନେଇ ମଙ୍ଗଳାବାଗ ଥାନା ଅତିରିକ୍ତ ଆଇଆଇସି ଦୁର୍ଗେଶ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ଏନେଇ ଅଭିଯୋଗ ହୋଇଛି। ଉଭୟ ପକ୍ଷଙ୍କୁ ଅଟକ ରଖାଯାଇ ଉକ୍ତ ଘଟଣାରେ ଉଭୟଙ୍କୁ ପଚରାଉଚରା କରାଯାଉଛି।





କଟକ କଳାବିକାଶ କେନ୍ଦ୍ର ଅଡିଟୋରିୟମରେ ଚନ୍ଦ୍ରିକା କଳା ନିକେତନ ପକ୍ଷରୁ ବୁଧବାର ଅନୁଷ୍ଠିତ ଉତ୍ସବରେ କଳାକାରଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ।

### ଶୋଭାଯାତ୍ରାରେ ସଡ଼କ ସୁରକ୍ଷା ସଚେତନତା

କଟକ,୨୦।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ନୟାସଡ଼କସ୍ଥିତ ଇମର୍ତ୍ତୀଦେବୀ ମହିଳା ମହାବିଦ୍ୟାଳୟରେ 'ନୂଆ-ଓ' ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅଧୀନ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ସାଗରିକା ମହାନ୍ତିଙ୍କ ନେତୃତ୍ୱରେ ଛାତ୍ରୀମାନେ କଲେଜଠାରୁ ଶୋଭାଯାତ୍ରାରେ ବାହାରି ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ଦେଇ ଟାଉନ୍ ହଲ୍ ଓ ଫିରିଙ୍ଗି ବଜାରଠାରେ ପହଞ୍ଚିଥିଲେ। ସେଠାରେ ଗାଡ଼ି ଚାଳକଙ୍କୁ ସିଟ୍‌ବେଲ୍ଟ ବାନ୍ଧିବା ଓ ହେଲ୍‌ମେଟ୍ ପିନ୍ଧିବା ପାଇଁ ସଚେତନ କରିଥିଲେ। ପରେ ସିଡ଼ିଏ ସେକ୍ଟର-୬ସ୍ଥିତ ମୁଣ୍ଡାସାହି ବସ୍ତିରେ ଅଧ୍ୟକ୍ଷା ମହାନ୍ତିଙ୍କ ପୌରୋହିତ୍ୟରେ ପ୍ରାଥମିକ ଚିକିତ୍ସା ସମ୍ବନ୍ଧିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡା. ରବିରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଯୁବ ରେଡ୍‌କ୍ରସର କନ୍‌ଭେନ୍‌ର ସେକ୍ରେଟାରୀ ଡ. ସସ୍ମିତା ପଟ୍ଟନାୟକ ବସ୍ତିବାସିନ୍ଦା ଓ ଛାତ୍ରୀମାନଙ୍କୁ ପ୍ରାଥମିକ ଚିକିତ୍ସା ବିଷୟରେ ତାଲିମ ଦେଇଥିଲେ। ନିବେଦିତା ମହାନ୍ତି, ଡ. ଛନ୍ଦା ପଲାଇ ଓ ସୁମିତା ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା ଓ ଅଧ୍ୟାପିକା ଧରାଶ୍ରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଅରମାନ୍ ବଜାଜ୍‌ର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍



ଅତିଥିମାନେ ଗ୍ରାହକଙ୍କୁ ନୂତନ ଅଟୋ ବିତରଣ କରୁଛନ୍ତି।

ଫୁଲନଖରା,୨୦।୧୨(ସତ୍ୟ ରଞ୍ଜନ ଦାସମହାପାତ୍ର)

କଟକ-ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥର ଗୋପାଳପୁରଠାରେ ଅରମାନ୍ ବଜାଜ୍‌ର ଏକ୍ସକ୍ଲୁସିଭ୍ ଆଉଟ୍‌ଲେଟ୍(ନୂତନ ଶୋରୁମ୍) ବୁଧବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ବଜାଜ୍ ଅଟୋ ଲିମିଟେଡ୍‌ର ସେଲ୍ସ ରିଜିଓନାଲ ମ୍ୟାନେଜର ଗିରିଶ ସାୟାନୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବଜାଜ୍ ଅଟୋ ସର୍ଭିସ ରିଜିଓନାଲ ମ୍ୟାନେଜର ମୁରଲୀ କ୍ରିଷ୍ଣନ, ୟୁନିୟନ ବ୍ୟାଙ୍କ୍‌ର ଡିଜିଏମ୍ ନିରଞ୍ଜନ ବାରିକ, ଆସିଷ୍ଟାଣ୍ଟ ଡିଭିଜନାଲ ମ୍ୟାନେଜର ଅଶୋକ କୁମାର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଗ୍ରାହକମାନଙ୍କୁ ୨୧ଟି ନୂତନ ଅଟୋ ବିତରଣ କରାଯାଇଥିଲା। ବଜାଜ୍‌ର ବାୟୋ ଫୁଏଲ, ଡିଜେଲ ଓ ପେଟ୍ରୋଲ ଦ୍ୱାରା ଚାଳିତ ଅଟୋ ଗ୍ରାହକମାନେ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ବଜାଜ୍ ଅଟୋ ଲିମିଟେଡର ସେଲ୍ସ ଏଏସ୍‌ଏମ ଅନନ୍ତ ପଣ୍ଡା ଓ ସର୍ଭିସ ଏଏସ୍‌ଏମ ଚନ୍ଦନ ପଣ୍ଡା, ଅରମାନ୍ ବଜାଜ୍‌ର ପ୍ରୋପ୍ରାଇଟର ସୁଶାନ୍ତ କୁମାର ମହାରଣା, ଜେନେରାଲ ମ୍ୟାନେଜର ଅରବିନ୍ଦ ତ୍ରିପାଠୀ ଓ କର୍ପୋରେଟ୍ ମ୍ୟାନେଜର ସନ୍ତୋଷ କୁମାର ବାହିନୀପତି ଉପସ୍ଥିତ ଥିଲେ।

### 'ଖେଳକୁଦ କଲେ ଶରୀର ସୁସ୍ଥ ରୁହେ'

କଟକ ସଦର, ୨୦।୧୨(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଗତିରାଉତପାଟଣାସ୍ଥିତ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ବସୁନ୍ଧରା ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ଅଧୀକ୍ଷକ ଅର୍ଚ୍ଚନା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କଟକ ସଦର ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ସମ୍ମାନିତ ଅତିଥି ଭାବେ ଡ. ଜ୍ଞାନରଞ୍ଜନ ସାହୁ, ଡ. କବିତା ସାହୁ, ଡ. ସୁବାଶିଷ ଶତପଥୀ, ଡ. ରମାକାନ୍ତ ବେହେରା ଯୋଗଦେଇଥିଲେ। ଖେଳକୁଦ କଲେ ଶରୀର ସୁସ୍ଥ ରୁହେ ବୋଲି ଡ. ଶତପଥୀ କହିଥିଲେ। ଏହାଛଡା ବିଦ୍ୟାଳୟ ଭିତ୍ତିଭୂମିର ବିକାଶ ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବା ନିମନ୍ତେ ମୁଖ୍ୟ ଅତିଥି ରାଉତ ପ୍ରତିଶ୍ରୁତି ଦେଇଥିଲେ। ପରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ପାଦିକା ସ୍ନିଗ୍ଧା ବିଶ୍ୱାଳ ବିବରଣୀ ପାଠ ଓ କଟକ ସଦର ବିକାଶ ମଞ୍ଚର ସଭାପତି ସୁବୋଧ ବେହେରା ଧନ୍ୟବାଦ ଦେଇଥିଲେ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

କଟକ,୨୦।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ମଙ୍ଗଳବାର ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ଆରତି ତ୍ରିପାଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୌଭିକ୍ ବିଶ୍ୱାଳ ଓ ସମ୍ମାନିତ ଅତିଥି ଭାବେ ବ୍ୟାଡମିଣ୍ଟନ୍ ଖେଳାଳି ଋତୁପର୍ଣ୍ଣା ପଣ୍ଡା ଯୋଗଦେଇଥିଲେ। ନୋଡାଲ୍ ଅଫିସର ଡ. ରୀତା ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଡ. ସନାତନ ବେହେରା ବିବରଣୀ ପାଠ କରିଥିଲେ। ବାଳକ ବିଭାଗରେ ପରମେଶ୍ୱର ମଲ୍ଲିକ ଓ ବାଳିକା ବିଭାଗରେ ସୁମିତ୍ରା ଆଲ୍‌ଦା ଚାମ୍ପିୟନ ହୋଇଥିଲେ। କ୍ରୀଡ଼ା କାର୍ଯ୍ୟକ୍ରମ ଆବାହକ ଅଧ୍ୟାପକ ରବିନ୍ ସୋଭନ୍‌ଙ୍କ ତତ୍ତ୍ୱାବଧାନରେରେ ସମସ୍ତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## 'ଆମ ହସ୍ପିଟାଲ'ରେ ରୂପାନ୍ତରଣ ହେବ ୯ ସ୍ୱାସ୍ଥ୍ୟକେନ୍ଦ୍ର

କଟକ,୨୦।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

**ଜାନୁୟାରୀ ୧୫ ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ**

'ଆମ ହସ୍ପିଟାଲ'ରେ ରୂପାନ୍ତରଣ ହେବ ଜିଲାର ୯ଟି ସ୍ୱାସ୍ଥ୍ୟକେନ୍ଦ୍ର। ଆସନ୍ତା ଜାନୁୟାରୀ ୧୫ ତାରିଖ ମଧ୍ୟରେ ରୂପାନ୍ତରଣ କାର୍ଯ୍ୟ ଶେଷ କରିବାକୁ ଜିଲାପାଳ ନରହରି ସେଠୀ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟ ରୂପାନ୍ତରଣ କାର୍ଯ୍ୟକ୍ରମରେ ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଆଠଗଡ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର, ବାଙ୍କୀ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର, ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଅଡଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କଟକ ସିଟି ହସ୍ପିଟାଲ ଏବଂ ଚାଉଳିଆଗଞ୍ଜ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସାମିଲ କରାଯିବ। ୫-ଟି ରୂପାନ୍ତରଣ କାର୍ଯ୍ୟକ୍ରମରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକର ଭିତ୍ତିଭୂମି ବିକାଶ, ରୋଗୀ ପଞ୍ଜିକରଣ କେନ୍ଦ୍ର ନିର୍ମାଣ, ରୋଗୀ ଅପେକ୍ଷା କରିବା ସ୍ଥାନର ବିକାଶ, ଔଷଧ ବିତରଣ କେନ୍ଦ୍ର, ସ୍ୱାସ୍ଥ୍ୟକେନ୍ଦ୍ରର ଫାଟକ ନିର୍ମାଣ, ବିଭିନ୍ନ ୱାର୍ଡ ଓ କାର୍ଯ୍ୟାଳୟ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଛି। ଏନେଇ ବୁଧବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଭାଗର ନିର୍ବାହୀ ଯନ୍ତ୍ରୀମାନେ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ବିଭିନ୍ନ ସ୍ଥାନରେ ନିର୍ମାଣ କାର୍ଯ୍ୟରେ ଥିବା ପ୍ରତିବନ୍ଧକ ସମ୍ପର୍କରେ ଜିଲାପାଳ ଅବଗତ ହୋଇ ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମକରନ୍ଦ ବେଉରାଙ୍କ ସମେତ ୯ଟି ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଓ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ଥିଲେ।

### 'କ୍ରୀଡ଼ା ମାଧ୍ୟମରେ ପ୍ରତିଭାର ବିକାଶ ହୁଏ'

ମଙ୍ଗୁଳି-ଜଗତପୁର,୨୦।୧୨(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ବାଣୀପଦା ପଞ୍ଚାୟତସ୍ଥିତ ବାଲୁଙ୍କେଶ୍ୱର ବିଦ୍ୟାପୀଠର ୩୧ତମ ପ୍ରତିଷ୍ଠା ଦିବସ ଏବଂ ପଞ୍ଚାୟତ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ବିଦ୍ୟାଳୟ ପରିସରରେ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନବ କିଶୋର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତା ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁଚି ରହିଯାଇଥିବା ପ୍ରତିଭାର ବିକାଶ ହୋଇଥାଏ। ଏଥିରେ ସମ୍ମାନିତ ଅତିଥି ଭାବେ ୧୧ନଂ. ଜୋନ୍ ଜିଲା ପରିଷଦ ସଦସ୍ୟା ଜ୍ୟୋତ୍ସ୍ନାରାଣୀ ସୁବୁଦ୍ଧିରାୟ, ବ୍ଲକ ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ସରପଞ୍ଚ ଦିଲ୍ଲୀପ ଭୋଇ, ଗ୍ରାମ ମୁରବୀ କାଳନ୍ଦୀ ନାୟକ, ବିଦ୍ୟାଳୟର ସଭାପତି ଇଂ. ରଞ୍ଜନ ପରିଡା, ପୂର୍ବତନ ସଭାପତି ବଟକୃଷ୍ଣ ପ୍ରଧାନ ଯୋଗଦେଇଥିଲେ। କ୍ରୀଡା ପ୍ରତିଯୋଗିତାର ୬ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବତନ ସମିତି ସଭ୍ୟ ଲକ୍ଷ୍ମଣ ରାଉତ ମଞ୍ଚ ପରିଚାଳନା ଓ ପୂର୍ବତନ ସରପଞ୍ଚ ତୀର୍ଥାନନ୍ଦ ସୁବୁଦ୍ଧିରାୟ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ସିୟାନ ସୁଧାଂଶୁ ଦାସ ମ୍ୟାଜିକ୍ ଦେଖାଇଥିଲେ।

## ବାଲ୍ୟବିବାହ ରୋକିବାକୁ ବିଦ୍ୟାଳୟରେ ଶପଥପାଠ କରାଯାଉ

କଟକ,୨୦।୧୨(ସୁପ୍ରିୟା ପ୍ରିୟଦର୍ଶିନୀ)

**ଜିଲାସ୍ତରୀୟ ତ୍ରୈମାସିକ ବୈଠକ**

ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଶିଶୁ ପାଇଁ ଦିନଟିଏ ଜିଲାସ୍ତରୀୟ ତ୍ରୈମାସିକ ବୈଠକ ବୁଧବାର ଜିଲାପାଳଙ୍କ କନ୍‌ଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ ବୈଠକରେ ଅଧ୍ୟକ୍ଷତା କରି ଶିଶୁ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ନିବେଦିତା ପାଣିଗ୍ରାହୀ ବାଲ୍ୟ ବିବାହ ସମ୍ବନ୍ଧିତ ତ୍ରୟମାସିକ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ବଚ୍‌ପନ ବଚାଓ ଆନ୍ଦୋଳନର ଜିଲା ସଂଯୋଜକ ଅମିୟ ଭୂଷଣ ବିଶ୍ୱାଳ ଯୋଗଦେଇ ବାଲ୍ୟ ବିବାହ ନିରାକରଣ କାର୍ଯ୍ୟକ୍ରମକୁ ଆହୁରି କ୍ରିୟାଶୀଳ କରିବା ସହ ବିଦ୍ୟାଳୟ ସ୍ତରରେ ମାସର ଏକ ନିର୍ଦ୍ଦିଷ୍ଟ ଦିନରେ ବାଲ୍ୟ ବିବାହ ରୋକିବା ସମ୍ବନ୍ଧୀୟ ଶପଥ ପାଠ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଶିଶୁ ଶ୍ରମିକ ଟାସ୍କଫୋର୍ସକୁ କ୍ରିୟାଶୀଳ କରି ଜିଲାରେ ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ଦିଗରେ ଜିଲା ଶ୍ରମ ବିଭାଗ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ତାଗିଦ୍ କରାଯାଇଥିଲା। ସୁରକ୍ଷା ବିଭାଗ ଅଧୀନରେ କାର୍ଯ୍ୟକାରୀ କରାଯାଉଥିବା ଆନୁଷ୍ଠାନିକ ଏବଂ ଅଣାନୁଷ୍ଠାନିକ କାର୍ଯ୍ୟକ୍ରମର ବିବରଣୀ ସମ୍ପୃକ୍ତ ଅଧିକାରୀମାନେ ପ୍ରଦାନ କରିଥିଲେ। ଶେଷରେ ବିଜୁ କନ୍ୟାରତ୍ନ ଏବଂ ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମ ଅଧୀନରେ ସେପ୍ଟେମ୍ବର ୧୫ରୁ ଅକ୍ଟୋବର ୧ ତାରିଖ ମଧ୍ୟରେ ଜନ୍ମଗ୍ରହଣ କରିଥିବା ଶିଶୁକନ୍ୟାଙ୍କ ମାତାପିତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ରାଜ୍ୟ ଶିଶୁ ମଙ୍ଗଳ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଅତିଥି ଭାବେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ, ଜିଲା ସମାଜ ମଙ୍ଗଳ ଅଧିକାରୀ ଉପମା ଗନ୍ତାୟତ, ଅତିରିକ୍ତ ରେଲୱେ ଆରକ୍ଷୀ ଅଧୀକ୍ଷକ ସୁଶାନ୍ତ କୁମାର ସେନ, ପ୍ରୋଗ୍ରାମ ଅଫିସର ସ୍ୱର୍ଣ୍ଣମୟୀ ଦାସ, ବାଳିକା ଶିକ୍ଷା ସଂଯୋଜିକା ମାନସୀ ଧଳ ଯୋଗଦେଇଥିଲେ।





ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ କନ୍‌ଭେନ୍‌ସନ୍ ହଲ୍‌ରେ ଆଇନଜୀବୀ ଡ. ଗଙ୍ଗାଧର ତ୍ରିପାଠୀଙ୍କ ଜନ୍ମ ବାର୍ଷିକୀ ଅବସରରେ ବୁଧବାର ଅନୁଷ୍ଠିତ ସଭାରେ ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କ ସମେତ ଅନ୍ୟମାନେ।





କଟକ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଜାତୀୟ କର୍ମଶାଳାରେ ଯୋଗଦେଇଥିବା ଅତିଥିବୃନ୍ଦ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୧୨।୨୦୨୩

| ୨,୯୪,୩୫୪ ଟଙ୍କା | |
|---|---|
| ସୁନା | ୦୬.୦୫୦ ଗ୍ରାମ |
| ରୁପା | ୧୫.୨୦୦ ଗ୍ରାମ |

# ସାକ୍ଷୀଗୋପାଳ ପାନ୍ଥଶାଳା ବ୍ୟବହାରରୁ ପର୍ଯ୍ୟଟକ ବଞ୍ଚିତ

## ଓଡ଼ିଆ ବିଶ୍ୱବିଦ୍ୟାଳୟର ଅସ୍ଥାୟୀ କ୍ୟାମ୍ପସ ପାଲଟିଛି

ସାକ୍ଷୀଗୋପାଳ, ୨୦।୧୨
(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ପର୍ଯ୍ୟଟନ ଋତୁ ଆରମ୍ଭ ହୋଇଗଲାଣି। ଏପଟେ ନୂଆବର୍ଷ ପାଇଁ ପ୍ରତ୍ୟେକ ତୀର୍ଥକ୍ଷେତ୍ର ଓ ପର୍ଯ୍ୟଟନ ସ୍ଥଳରେ ପର୍ଯ୍ୟଟକଙ୍କ ଭିଡ଼ ବଢ଼ିବାରେ ଲାଗିଲାଣି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲାର ପ୍ରସିଦ୍ଧ ବୈଷ୍ଣବକ୍ଷେତ୍ର ସାକ୍ଷୀଗୋପାଳ ମନ୍ଦିରରେ ଏବେ ଦୈନିକ ରାଜ୍ୟ ତଥା ରାଜ୍ୟ ବାହାରର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସମାଗମ ବୃଦ୍ଧି ପାଉଛି। ହେଲେ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ମୌଳିକ ସୁବିଧା ମିଳୁ ନ ଥିବା ଯାତ୍ରୀମାନେ ଅଭିଯୋଗ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବାହାରୁ ଆସୁଥିବା ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସାକ୍ଷୀଗୋପାଳଙ୍କ ଏକମାତ୍ର ପାନ୍ଥନିବାସ ଅଥବା ଯାତ୍ରୀନିବାସ ରାଜ୍ୟ ସରକାର ଓଡ଼ିଆ ବିଶ୍ୱବିଦ୍ୟାଳୟର ଅସ୍ଥାୟୀ କ୍ୟାମ୍ପସ ନିମନ୍ତେ ଗତ ସେପ୍ଟେମ୍ବର ୯ ତାରିଖରୁ ଭଡାସୂତ୍ରରେ ନେଇ ସେଠାରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ପାଠ୍ୟଦାନ ଆରମ୍ଭ କରିଛନ୍ତି। ଏପଟେ ରାଜ୍ୟ ସରକାରଙ୍କ



ସାକ୍ଷୀଗୋପାଳ ମନ୍ଦିର ପାନ୍ଥଶାଳା ତଥା ଓଡ଼ିଆ ବିଶ୍ୱବିଦ୍ୟାଳୟର ଅସ୍ଥାୟୀ କ୍ୟାମ୍ପସ।

ପକ୍ଷରୁ ବକୁଳବନ ପରିସରରେ ଚାଲିଥିବା ଓଡ଼ିଆ ବିଶ୍ୱବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ସରିନାହିଁ। ଆଗକୁ ଗଙ୍ଗାସାଗର ଯାତ୍ରା ପାଇଁ ଏଠାରେ ଏକ ମାସ ଧରି ତୀର୍ଥଯାତ୍ରୀଙ୍କ ସମାଗମ ହେବ। ଏହି ତୀର୍ଥଯାତ୍ରୀମାନେ ଓଡ଼ିଆ ବିଶ୍ୱବିଦ୍ୟାଳୟର ଅସ୍ଥାୟୀ କ୍ୟାମ୍ପସ ଅବା ସାକ୍ଷୀଗୋପାଳଙ୍କ ଯାତ୍ରୀନିବାସରେ ରାତ୍ର ରହଣି କରିଥାନ୍ତି। ମାତ୍ର ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ସରି ନ ଥିବାରୁ ଏହି ଯାତ୍ରୀନିବାସକୁ ଚଳିତ ବର୍ଷ ପର୍ଯ୍ୟଟକମାନେ ବ୍ୟବହାର କରିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏ ନେଇ ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣ ଦାୟିତ୍ୱରେ ଥିବା ଓବିସିସି କର୍ତ୍ତୃପକ୍ଷ ସୁନ୍ଦର ମାଧବ ପାଢ଼ୀଙ୍କ ସହ ଯୋଗାଯୋଗ କରିବାରୁ କହିଛନ୍ତି, ଆସନ୍ତା ଜାନୁୟାରୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ସାରି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯିବ। ଯାହାଦ୍ୱାରା ଉକ୍ତ ଯାତ୍ରୀନିବାସ ପୁନର୍ବାର ମନ୍ଦିର ପ୍ରଶାସନ ପାଖକୁ ଫେରିବ। ତେଣୁ ଏଠାକୁ ଆସୁଥିବା ଯାତ୍ରୀଙ୍କ ପାଇଁ ଆଉ ଅସୁବିଧା ରହିବ ନାହିଁ। ସେହିପରି ମନ୍ଦିର ପ୍ରଶାସକ ବିଶ୍ୱବାସୀ ତ୍ରିପାଠୀ କହିଛନ୍ତି, ମନ୍ଦିର ପାନ୍ଥନିବାସ ଆମ ପାଖକୁ ଫେରିବା ପର୍ଯ୍ୟନ୍ତ ଠାକୁରଙ୍କ ଦର୍ଶନ ନିମନ୍ତେ ଆସୁଥିବା ପର୍ଯ୍ୟଟକଙ୍କୁ ଅସ୍ଥାୟୀ ଭାବେ ସେବା ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯିବ। ମନ୍ଦିର ପରିଚାଳନା ସମିତି ସଭ୍ୟ ତଥା ସତ୍ୟବାଦୀ ବିଡିଓ ଲିପ୍ସା ରାୟ କହିଛନ୍ତି ସାକ୍ଷୀଗୋପାଳଙ୍କ ଦର୍ଶନ ନିମନ୍ତେ ଆସୁଥିବା ପର୍ଯ୍ୟଟକଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବା ନିମନ୍ତେ ଆମେ ପ୍ରୟାସ କରିବୁ। ମନ୍ଦିର ପରିଚାଳନା ସମିତି ସଭାପତି ତଥା ତହସିଲଦାର ଜୟନ୍ତ କୁମାର ଜୟସିଂ କହିଛନ୍ତି, ଓଡ଼ିଆ ବିଶ୍ୱବିଦ୍ୟାଳୟ କାର୍ଯ୍ୟ ସରିନଥିବାରୁ ସାକ୍ଷୀଗୋପୀନାଥଙ୍କ ଯାତ୍ରୀନିବସକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅସ୍ଥାୟୀ କ୍ୟାମ୍ପସ ଭାବେ ବ୍ୟବହାର କରୁଛନ୍ତି। ଆଗକୁ ଅଧିକ ପର୍ଯ୍ୟଟକଙ୍କ ସମାଗମକୁ ଦୃଷ୍ଟିରେ ରଖି ଓବିସିସି କର୍ତ୍ତୃପକ୍ଷଙ୍କ ସହ ଆମେ ଯୋଗାଯୋଗ କରି ଖୁବ କମ ଦିନ ମଧ୍ୟରେ ସମାଧାନର ରାସ୍ତା ବାହାର କରିବୁ।

## ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ



ସୁରଜମଲ ଶାହା ମହାବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ପୁରୀ, ୨୦।୧୨ (ଅଜିତ୍ ମହାନ୍ତି)

ଛାତ୍ରୀଛାତ୍ରମାନେ ଗଠନମୂଳକ ଓ ସୃଜନଶୀଳ କାର୍ଯ୍ୟରେ ନିୟୋଜିତ ହେଲେ ସାମାଜିକ ପରିବର୍ତ୍ତନ କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି ହେବ ବୋଲି ବିଶିଷ୍ଟ ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ସୁରଜମଲ ଶାହା ମହାବିଦ୍ୟାଳୟରେ ଅନୁଷ୍ଠିତ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ କହିଲେ, ଦେଶ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟି ସଭାପତି ପ୍ରଫେସର ଶଙ୍କର୍ଷଣ ଦାସ ଯୋଗଦେଇ କ୍ରୀଡ଼ା ସହ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ପ୍ରଦର୍ଶନ ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା କହିଥିଲେ, ଶିକ୍ଷାନୁଷ୍ଠାନରେ ଏହିସବୁ କାର୍ଯ୍ୟକ୍ରମ ଦ୍ୱାରା ଯୁବତୀ ଯୁବକଙ୍କ ଭିତରେ ସୃଜନଶୀଳତାର ବିକାଶ ଘଟିବ।

ଜିଲା ସଂଯୋଜକ ପ୍ରଫେସର ଗୌରୀଶଙ୍କର ମଲ୍ଲିକ, ପୂର୍ବତନ ଅଧ୍ୟକ୍ଷ ଡ. କାର୍ତ୍ତିକ କୁମାର ଦାସ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ପରିଚାଳନା କମିଟି ସଦସ୍ୟ ଲକ୍ଷ୍ମୀନାରାୟଣ ଖୁଣ୍ଟିଆ ଓ କଲ୍ୟାଣୀ ସାହୁ ବକ୍ତବ୍ୟ ରଖିଥିଲେ। କଲେଜ କ୍ରୀଡ଼ା ଓ ସାଂସ୍କୃତିକ କମିଟିର ଉପସଭାପତି ଅଧ୍ୟାପକ ଅଜିତ ଦଳେଇ ଅତିଥି ପରିଚୟ ଓ ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ବ୍ରହ୍ମାନନ୍ଦ ସାହୁ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରମାନେ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଛାତ୍ର କ୍ଲବର ମନୋନୀତ ପ୍ରତିନିଧିଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ର ପ୍ରତିନିଧି ମାନସ ରଞ୍ଜନ ଦଳବେହେରା, ବିଶ୍ୱନାଥ ପଟ୍ଟନାୟକ, ମିନତି ପ୍ରଧାନ, ଚିନ୍ମୟୀ ଲେଙ୍କା ମଞ୍ଚ ପରିଚାଳନା କରିଥିଲେ। ନୋଡାଲ ଅଫିସର ପ୍ରାଧ୍ୟାପକ ବିଜୟ କୁମାର ପଟ୍ଟନାୟକ, ପ୍ରାଧ୍ୟାପକ ସୁଶାନ୍ତ ମହାପାତ୍ର ଓ ମୀନାକ୍ଷୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ସେହିପରି ବାଲିପୁଟସ୍ଥିତ ଶାସ୍ତ୍ରୀ ସ୍ମୃତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଶଙ୍କର ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷାର୍ଥୀଙ୍କୁ କ୍ରୀଡ଼ା ଓ ସଂସ୍କୃତି କ୍ଷେତ୍ରରେ ସୁନାମ ଅର୍ଜିବା ପାଇଁ ପ୍ରେରଣା ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ସରପଞ୍ଚ ଦାଶରଥୀ ପରିଡ଼ା ମଞ୍ଚାସୀନ ଥିଲେ। ଅଧ୍ୟାପକ ସଚ୍ଚିଦାନନ୍ଦ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଅଶୋକ କୁମାର ରାଉତ ସଭାରେ ସଭାପତିତ୍ୱ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଅଧ୍ୟାପିକା ଜ୍ୟୋତ୍ସ୍ନାରାଣୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ପ୍ରଦୀପ୍ତ କୁମାର ବିଶ୍ୱାଳ, ମନୋଜ କୁମାର ମହାପାତ୍ର, ଗ୍ରନ୍ଥାଗାରିକ ମାନସ ରଞ୍ଜନ ମିଶ୍ର ଓ ସୁଶିଳା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କୁରାଳ ପଞ୍ଚମୀ ଭଜନ ସମାରୋହ

ପୁରୀ, ୨୦।୧୨ (ଅଜିତ୍ ମହାନ୍ତି)

କୁମ୍ଭକାରଙ୍କ ପବିତ୍ର କୁରାଳ ପଞ୍ଚମୀ ପର୍ବ ଅବସରରେ କୁମ୍ଭାରପଡ଼ାରେ ଏକ ମନୋଜ୍ଞ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ସମାରୋହକୁ ଉଦ୍‌ଘାଟନ କରିଥିବାବେଳେ ପୂର୍ବତନ କାଉନ୍‌ସିଲର ସୁଦର୍ଶନ ସାହୁ, ନାରୀନେତ୍ରୀ ଜ୍ୟୋତି ମହାପାତ୍ର, ସମାଜସେବୀ ଜଗଦାନନ୍ଦ ମିଶ୍ର ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରାରମ୍ଭରେ କୁମ୍ଭକାର ନିଯୋଗର ସମ୍ପାଦକ ମହେନ୍ଦ୍ର ବିଶୋଇ ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସଙ୍ଗେ ସଙ୍ଗେ କୁରାଳ ପଞ୍ଚମୀ ପର୍ବର ମହତ୍ତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ନାଟ୍ୟାଭିନେତା ଶିବସୁନ୍ଦର ମିଶ୍ର, ଆଡଭୋକେଟ ସୁଧାଂଶୁ ଶେଖର ରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପର୍ବ ପରେ ଖୋର୍ଦ୍ଧା ବାଲିପାଟଣାର ବାଦ୍ୟଧ୍ୱନି ଭଜନ ସନ୍ଧ୍ୟା ପକ୍ଷରୁ ଗୁରୁ ବିଶ୍ୱରଞ୍ଜନ ନନ୍ଦଙ୍କ ସଂଯୋଜନାରେ କଳାକାରମାନେ ମନୋଜ୍ଞ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। କୁମ୍ଭାରପଡ଼ା ଯୁବପରିଷଦର ସମ୍ପାଦକ ନେତ୍ରାନନ୍ଦ ବିଶୋଇ, କୈଳାସ ବିଶୋଇ, ପ୍ରକାଶ ବିଶୋଇ, ରସାନନ୍ଦ ବିଶୋଇ ଓ ଯୁବରାଜ ମାଣିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନାବାଳକ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

ପୁରୀ, ୨୦।୧୨ (ଅଜିତ୍ ମହାନ୍ତି)

ସମୁଦ୍ରକୂଳ ଥାନା ଅନ୍ତର୍ଗତ ପେଣ୍ଠକଟା ଭୂଦାନ ନଗରରେ ଜଣେ ନାବାଳକ ଛାତ୍ରଙ୍କ ମୃତଦେହ ତାଙ୍କ ଘରୁ ଜବତ ହୋଇଛି। ମୃତକ ହେଲେ ଆଦିତ୍ୟ କୁମାର ପଣ୍ଡା। କେଉଁ କାରଣରୁ ସେ ଆତ୍ମହତ୍ୟା କଲେ ସେନେଇ ପୋଲିସ ତଦନ୍ତ ଚଳାଇଛି। ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ଆଦିତ୍ୟ ଖୋର୍ଦ୍ଧାର ଏକ ଘରୋଇ କଲେଜରେ ପାଠ ପଢୁଥିଲେ। ଗତ କିଛିଦିନ ତଳେ ପରିବାର ଲୋକଙ୍କୁ ଫୋନ କରି ଘରକୁ ନେଇ ଆସିବା ପାଇଁ କହିଥିଲେ। ଘରକୁ ନ ଆଣିଲେ ସେ ଆତ୍ମହତ୍ୟା କରିବେ ବୋଲି କହିଥିଲେ। ତେଣୁ ପରିବାର ଲୋକ ଆଦିତ୍ୟଙ୍କୁ ଘରକୁ ଆଣିଥିଲେ। ମଙ୍ଗଳବାର ରାତିରେ ସେ ପରିବାର ସହ ରାତ୍ରୀ ଭୋଜନ ସାରି ଶୋଇବା ପାଇଁ ଯାଇଥିଲେ। ବୁଧବାର ସକାଳୁ ପରିବାରଲୋକେ ଆଦିତଙ୍କୁ ତାଙ୍କ ରୁମ୍‌ରେ ଫ୍ୟାନରେ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ପାଇ ପୋଲିସକୁ ଖବର ଦେଇ ଥିଲେ। ପୋଲିସ ପହଞ୍ଚି ତାଙ୍କ ମୋବାଇଲ ଫୋନ ଜବତ କରିବା ସହ ତଦନ୍ତ ଚଳାଇଛି।



ପୁରୀ ଗୋପୀନାଥଦେବ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ଛାତ୍ରୀଙ୍କ ନୃତ୍ୟ ପରିବେଷଣ।

## କ୍ଲଷ୍ଟରସ୍ତରୀୟ ସଂସ୍କୃତି କର୍ମଶାଳା ଉଦ୍‌ଯାପିତ

କାକଟପୁର, ୨୦।୧୨ (ଶୁଭଦର୍ଶନ ମିଶ୍ର)

କାକଟପୁର ବ୍ଲକ ଅଧୀନ ଶ୍ରୀଚନ୍ଦନପୁର ଶିକ୍ଷା କ୍ଲଷ୍ଟରସ୍ତରୀୟ 'ଆମ ସଂସ୍କୃତି ଆମ ଖେଳଣା' କର୍ମଶାଳା କୁରୁଜଙ୍ଗା ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଶ୍ରୀଚନ୍ଦନପୁର କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷକଙ୍କ ସହ ବରିଷ୍ଠ ଶିକ୍ଷକଙ୍କୁ ନେଇ ସଂସ୍କୃତି ଓ ଶିକ୍ଷା ସମ୍ପର୍କିତ ଖେଳଣା ଓ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରାଯାଇଥିଲା। ବ୍ଲକ ଶିକ୍ଷା ଅଧିକାରୀ ଦିଲୀପ ଜେନା, ସହଶିକ୍ଷା ଅଧିକାରିଣୀ ପଙ୍କଜିନୀ ଦେଇ ଓ ସିଆର୍‌ସିସି ରଞ୍ଜନ ବେହେରା ଯୋଗଦେଇ ପିଲାଙ୍କ ପାଇଁ ଶିକ୍ଷଣ ସାମଗ୍ରୀର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। କର୍ମଶାଳାକୁ ସିଆର୍‌ସିସି ହିରଣ୍ୟକସ୍ୟପୁ ଓଝା, କୁରୁଜଙ୍ଗା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଲିପାଞ୍ଜଳି ବିଶ୍ୱାଳ ଓ ସହକାରୀ ଶିକ୍ଷକ ମନ୍ମଥ ପାଲୁଆ ପରିଚାଳନା କରିଥିଲେ। ଶିକ୍ଷକ ଫଜଲୁର ରହମାନ ଧନ୍ୟବାଦ ଦେଇଥିଲେ।

## ଖବରଦାତାଙ୍କୁ ସଙ୍ଗଠିତ ହେବା ପାଇଁ ଆହ୍ୱାନ

ଚାରିଛକ, ୨୦।୧୨ (ଶିଶିର ସ୍ୱାଇଁ)

ପୁରୀ ଜିଲା ଚାରିଛକ ଶ୍ରୀଜଗନ୍ନାଥ କଲ୍ୟାଣମଣ୍ଡପ ପରିସରରେ ରାଜ୍ୟ ଏସ୍‌ୟୁଜେର ପୁରୀ ଜିଲା ଶାଖାର ଏକ ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. କେଦାରନାଥ ସାହୁ ସଭାପତିତ୍ୱ କରିଥିଲେ। ଶିକ୍ଷା ସୁରକ୍ଷା ଓ ସମ୍ମାନ ପାଇଁ ଖବରଦାତାମାନେ ସଂଗଠିତ ହେବା ଜରୁରୀ ବୋଲି ଏସ୍‌ୟୁଜେ ରାଜ୍ୟ ସଭାପତି କୈଳାସଚନ୍ଦ୍ର ନାୟକ କହିଛନ୍ତି। ପୁରୀ ଜିଲା ସାମ୍ବାଦିକ ସଂଘ (ପିଡିୟୁଜେ)ର ନୂତନ ସଭାପତି ଗୁଣାତ୍ମକ ଖବର ପ୍ରକାଶନ ଉପରେ ସକାରାତ୍ମକ ହେବାକୁ ଆହ୍ୱାନ ଦେଇଥିଲେ। ଖବରଦାତାଙ୍କ ସବୁ ସମସ୍ୟା ଏକ ପ୍ରକାର ରହିଥିବାରୁ ସଂଘ ଏକାଠି ହୋଇ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ସରକାରଙ୍କ ଉପରେ ଚାପ ପ୍ରୟୋଗ କରିବାକୁ ବ୍ୟକ୍ତାମାନେ ମତବ୍ୟକ୍ତ କରିଥିଲେ। ଦେଶ ଓ ରାଜ୍ୟର ସମସ୍ତ ଖବରଦାତାଙ୍କ ସାମୂହିକ ରହଣି ପାଇଁ ଆଗାମୀ ଦିନରେ ଭୁବନେଶ୍ୱରରେ ଏକ ଗେଷ୍ଟ ହାଉସ ନିର୍ମାଣ ତଥା ଅନ୍ୟାନ୍ୟ ସର୍ବନିମ୍ନ ଆବଶ୍ୟକ ପୂରଣ ପାଇଁ ଏସ୍‌ୟୁଜେ (ଓ) ପଦକ୍ଷେପ ନେବ ବୋଲି ରାଜ୍ୟ ସଭାପତି ନାୟକ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ପିଡିୟୁଜେର ନୂତନ ଉପଦେଷ୍ଟା ଭାବେ ଆଇଆର୍‌ଏସ ଚନ୍ଦ୍ରକାନ୍ତ ଦଳାଇ, ଚାରିଛକ ଅଞ୍ଚଳ ବିଶିଷ୍ଟ ସାମାଜିକ କର୍ମୀ ତଥା କୃଷକ ନେତା ସନାତନ ପାତ୍ରଙ୍କ ଦାବିପତ୍ର ଗ୍ରହଣ କରାଯାଇଛି। ଏହା ସଭାରେ ରାଜ୍ୟ ସାଧାରଣ ସମ୍ପାଦକ ଶୁଭାଶିଷ ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ ସାହୁ, ରାଜ୍ୟ ଉପଦେଷ୍ଟା ରଘୁନାଥ ଆଚାର୍ଯ୍ୟ, କଟକ ଜିଲା ସଭାପତି ରମେଶଚନ୍ଦ୍ର ପ୍ରଧାନ, ରାଜ୍ୟ ସଙ୍ଗଠନ ସମ୍ପାଦକ ଚୁନା ଜେନା, ଚାରିଛକ ପ୍ରେସ୍ କ୍ଲବ ସଭାପତି ଶିଶିର ସ୍ୱାଇଁ, ସାଧାରଣ ସମ୍ପାଦକ ପ୍ରଦୀପ୍ତ ନାୟକ, କୋଷାଧ୍ୟକ୍ଷ ରାଜୀବ ପୃଷ୍ଟି, ବରିଷ୍ଠ ଖବରଦାତା ଶଙ୍କର ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଖବରଦାତା ରଶ୍ମିରଞ୍ଜନ ସାହୁ ସମର୍ଥନ ଜଣାଇଥିଲେ।



ବୈଠକରେ ଏସ୍‌ୟୁଜେର ପୁରୀ ଜିଲା ଶାଖା କର୍ମକର୍ତ୍ତା।

## ବିଜେଡିରେ ସାମିଲ ହେଲେ ଭାଜପା କର୍ମୀ

ପୁରୀ, ୨୦।୧୨ (ଅଜିତ୍ ମହାନ୍ତି)

ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ କୁମାର ଦାସବର୍ମାଙ୍କ ଉପସ୍ଥିତିରେ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅଧୀନ କୃଷ୍ଣପ୍ରସାଦ ବ୍ଲକ ଗୋପିନାଥପୁର ପଞ୍ଚାୟତ ଘଡ଼େଇସାହି ଗ୍ରାମର ଭାଜପା କର୍ମୀ ଶଙ୍କର ଘଡ଼େଇ, ଦିଜ ଘଡ଼େଇ, ଶ୍ରୀଧର ଘଡ଼େଇ, ଭିକାରୀ ଘଡ଼େଇ ଓ ଯୋଗେନ୍ଦ୍ର ଘଡ଼େଇ ପ୍ରମୁଖ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ବିଜୁ ଜନତା ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ, ନୀତି ଆଦର୍ଶ ଓ ଜନକଲ୍ୟାଣକାରୀ ଯୋଜନାରେ ଅନୁପ୍ରାଣିତ ହୋଇ ଏମାନେ ବିଜେଡିରେ ସାମିଲ ହୋଇଥିବା ପ୍ରକାଶ କରିଛନ୍ତି।

## ଜଇଶପାଟଣା ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା



ପିପିଲି, ୨୦।୧୨
(ଦୁର୍ଗାମାଧବ ମିଶ୍ର/ପ୍ରଭାତ ମହାପାତ୍ର)

ପିପିଲି ଜଇଶପାଟଣାଠାରେ ଥିବା ସରସ୍ୱତୀ ବିଦ୍ୟାମନ୍ଦିରର ଦ୍ୱିତୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ନିକଟ ଶାନ୍ତି ମୈଦାନ ପଡ଼ିଆରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସମ୍ପାଦକ ସଞ୍ଜିତ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ଉତ୍ସବରେ ପିପିଲି ବ୍ଲକ ସିଆର୍‌ସିସି ଚିନ୍ତାମଣି ଓଝା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଳଙ୍ଗା ଲୋକନାଥ ଦେବ ବିଦ୍ୟାପୀଠର କ୍ରୀଡ଼ା ଶିକ୍ଷକ ରାମକୃଷ୍ଣ ମିଶ୍ର, ଅବସରପ୍ରାପ୍ତ ସେନା କର୍ମଚାରୀ ଜିତେନ୍ଦ୍ର ମଲ୍ଲ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପାଠ ସହ କ୍ରୀଡ଼ା ପ୍ରତି ମନୋଭାବ ବଢାଇବାକୁ ପ୍ରେରଣା ଦେଇଥିଲେ। ଛାତ୍ରୀଛାତ୍ରଙ୍କ ପାଇଁ ମାନସିକ ଓ ଶାରୀରିକ ଅଭିବୃଦ୍ଧି କ୍ରୀଡ଼ା ନିତାନ୍ତ ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଅଶ୍ୱିନୀ ପାଣ୍ଡେ ଓ କ୍ରୀଡ଼ା ଶିକ୍ଷକ ଦିଲ୍ଲୀପ ପ୍ରଧାନ ତତ୍ତ୍ୱାବଧାନ କରି ପ୍ରତିଯୋଗିତାର ପରିଚାଳନା କରିଥିଲେ। ଆଗାମୀ ଦିନରେ ପ୍ରବଳ ଶୀତକୁ ଲକ୍ଷ୍ୟ କରି ଆଖପାଖରୁ ବହୁ ଗରିବ ବୃଦ୍ଧାବୃଦ୍ଧଙ୍କୁ ନିମନ୍ତ୍ରଣ କରାଯାଇ ସେମାନଙ୍କୁ ବିଦ୍ୟାଳୟ ପକ୍ଷରୁ ଶୀତବସ୍ତ୍ର ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା। ତେବେ ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ୧୬୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

## ୨୫ରୁ ନିମାପଡ଼ା ମହୋତ୍ସବ



ଆୟୋଜକମାନେ ମହୋତ୍ସବ ସମ୍ପର୍କରେ ସୂଚନା ଦେଉଛନ୍ତି।

ନିମାପଡ଼ା, ୨୦।୧୨
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ଆସନ୍ତା ୨୫ରୁ ୨୭ ତାରିଖ ୩ଦିନ ଧରି ୨୩ତମ ନିମାପଡ଼ା ମହୋତ୍ସବ ଅନୁଷ୍ଠିତ ହେବ। ନିମାପଡ଼ା ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ହେଲ୍ପଲାଇନ', ନିମାପଡ଼ା ମହୋତ୍ସବ କମିଟି ଦ୍ୱାରା ଆୟୋଜିତ ମହୋତ୍ସବରେ ଚଳିତବର୍ଷ ରାଜ୍ୟ ତଥା ଦେଶର ପ୍ରତିଷ୍ଠିତ ନୃତ୍ୟାନୁଷ୍ଠାନ ଓଡ଼ିଶୀ, କ୍ରିଏଟିଭ, ଫ୍ୟୁଜନ ଓ ରାଜସ୍ଥାନୀ ଲୋକନୃତ୍ୟ ପରିବେଷଣ କରିବେ। ମହୋତ୍ସବକୁ ସଂସ୍କୃତି ଓ ପର୍ଯ୍ୟଟନ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନ ପାତ୍ର ଉଦ୍‌ଘାଟନ କରିବାବେଳେ ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ ଉଦ୍‌ଯାପନ କରିବେ। ଅନ୍ୟ ଦିବସରେ ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ ଓ ଡିଆର୍‌ଡିଓର ବରିଷ୍ଠ ବୈଜ୍ଞାନିକ ସୁବାଶିଷ ମାରାଣ୍ଡି ପ୍ରମୁଖ ଯୋଗ ଦେବେ। ଏଥିସହିତ ମହୋତ୍ସବରେ କମିଟି ସଭାପତି ବିଧାୟକ ସମୀର ଦାଶ ୩ ଦିନ ଧରି ଉପସ୍ଥିତ ରହିବେ ବୋଲି ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ହେଲ୍ପଲାଇନ ସଭାପତି ଅକ୍ଷୟ ସାହୁ ସୂଚନା ଦେଇଛନ୍ତି। ସମ୍ମିଳନୀରେ ସମ୍ପାଦକ ନିଗମାନନ୍ଦ ସାହୁ ଏବଂ ମହୋତ୍ସବ କମିଟି ସଂଯୋଜକ ଅନ୍ୱେଷ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କୁ ସ୍ୱାବଲମ୍ବୀ କରିଛି କତା କଣ୍ଢେଇ

ଚାରିଛକ, ୨୦।୧୨ (ଶିଶିର ସ୍ୱାଇଁ)

ସାଧାରଣତଃ ନଡ଼ିଆ ଖାଇସାରିଲା ପରେ ଷଢେଇ ଓ କତାକୁ ଆମେ ଅଦରକାରୀ ଭାବି ଫିଙ୍ଗିଦେଇଥାଉ। ତେବେ କେତେଜଣ ମହିଳା ସେହି ନଡ଼ିଆକତାରେ ଗଦି, ପାପୋଛୋ, ଭଳି ଅନେକ ଘର କରଣା ଜିନିଷ ତିଆରି କରି ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ନଡ଼ିଆକତାକୁ ନେଇ ପୁରୀ ଜିଲା ନିମାପଡ଼ା ବ୍ଲକ ଭୋଗସାଳଦା ପଞ୍ଚାୟତ ଅନ୍ତର୍ଗତ ନଡଣା ଗାଁର ମହିଳା ଗୋଷ୍ଠୀଙ୍କ ପାଇଁ ଆଜି ଏହି ଗ୍ରାମ ଓଡ଼ିଶା ସରକାରଙ୍କ ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା କତା କଣ୍ଢେଇ ଗାଁର ମାନ୍ୟତା ପାଇଛି। ନିମାପଡ଼ାରୁ ଚାରିଛକକୁ ଗଲାବେଳେ ମୁଖ୍ୟରାସ୍ତା ପାର୍ଶ୍ୱରେ ପଡ଼େ ସାଇଲୋ ଛକ। ସେହି ଛକରୁ ବାମପଟକୁ ଗଲେ ଆସେ ନଡ଼ଣା। ଏହି ଗାଁରେ ପ୍ରାୟ ୧୦୦ ପରିବାର ବସବାସ କରନ୍ତି। ଗାଁ ମୁଣ୍ଡରେ ଶିବ ମନ୍ଦିର, ଭୋଗସାଳଦା ଉଚ୍ଚ ବିଦ୍ୟାଳୟ ଏବଂ କିଛି ଦୂରରେ ଗୋପୀନାଥ କତା ହସ୍ତଶିଳ୍ପ ଉତ୍ପାଦକ ଗୋଷ୍ଠୀ ରହିଛି। ଏହି କେନ୍ଦ୍ର ସଭାନେତ୍ରୀ ରୋଜାଲିନ ନାୟକ ଓ ସମ୍ପାଦିକା ଡଲି ଭୋଇଙ୍କ ନେତୃତ୍ୱରେ ଚାଲିଆସୁଛି। ଏଠାରେ ୭ ବର୍ଷ ହେବ କତାରେ ଆକର୍ଷଣୀୟ କଳାକୃତି ନିର୍ମାଣ କରି ପ୍ରଶଂସା ଓ ପରିଚିତ ହାସଲ କରିଥିବା କୁଶଳୀ କାରିଗର ଅଛନ୍ତି। ସେ ହେଲେ ନିମାପଡ଼ା ବ୍ଲକ ଅନ୍ତର୍ଗତ ଗୋପୀନାଥ ପାଟଣା ଗ୍ରାମର ଅମୀୟ ପୋଦାର। ୨୦୦୯ ମସିହାରୁ ସେ ନିଜସ୍ୱ ଜ୍ଞାନକୌଶଳରେ କତାଶିଳ୍ପ ଆରମ୍ଭ କରିଥିଲେ। ୨୦୧୨ମସିହାରେ ରାଜ୍ୟ ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ ସହାୟତାରେ ସେ ବିଭିନ୍ନ ଜିଲାରେ ପ୍ରଶିକ୍ଷଣ ଦେଇ ନୂଆ କାରିଗର ସୃଷ୍ଟି କରିଥିଲେ। ୨୦୧୫ ମସିହାରେ ସେ ନିଜ ବ୍ଲକର ବିଭିନ୍ନ ଅଞ୍ଚଳରେ ଗରିବ ରୋଜାଗାରହୀନ ମହିଳାଙ୍କୁ ପ୍ରଶିକ୍ଷଣ ଦେଇ ସ୍ୱାବଲମ୍ବୀ କରାଇପାରିଛନ୍ତି। ନଡ଼ଣା ଗାଁରେ ପାଞ୍ଚବର୍ଷ ହେବ ପ୍ରାୟ ୬୦ ଜଣ ମହିଳାଙ୍କୁ ନେଇ ସେ ଏକ ଛୋଟ ଘରେ ପ୍ରଶିକ୍ଷଣ ଦେଉଥିଲେ। ମହିଳାମାନେ ପ୍ରଶିକ୍ଷଣ ପାଇବା ପରେ ରଙ୍ଗବେରଙ୍ଗର କତା କଣ୍ଢେଇ, ଚଢ଼େଇ ବସା, ଫୁଲତୋଡ଼ା, ଘର, ବିଭିନ୍ନ ପ୍ରକାର ଗଛ ଆଦି ତିଆରି କରି ବଜାରକୁ ବିକ୍ରି କରିବା ପାଇଁ ପଠାଉଛନ୍ତି। ଆମ ଦେଶରେ କତା କଣ୍ଢେଇର ଆଦର ରହିଛି। ଏହାକୁ ବିଦେଶକୁ ମଧ୍ୟ ରପ୍ତାନି କରାଯାଉଛି। ଏହି ସୁନ୍ଦର କଣ୍ଢେଇ ସବୁ ଆମାଜନ, ଫ୍ଲିପକାର୍ଟ ଭଳି ଅନଲାଇନ ସଂସ୍ଥା ମାଧ୍ୟମରେ ମଧ୍ୟ ବିକ୍ରି କରାଯାଉଛି। ଏବେ ଓଡ଼ିଶାରେ ନଡଣା ଗାଁ ଏକ ଉଦାହରଣ ପାଲଟିଛି। ଏହି ଗାଁର ମହିଳାମାନେ ସ୍ୱାବଲମ୍ବୀ ହେବା ସହିତ ନିଜ ପରିବାର ପାଇଁ କିଛି କରିପାରୁଥିବାରୁ ବହୁ ଖୁସି ଅଛନ୍ତି। ସରକାରଙ୍କ ତରଫରୁ ଏମାନଙ୍କୁ ଯଦି ଅଧିକ ପ୍ରୋତ୍ସାହନ ଓ ସୁବିଧା ସୁଯୋଗ ଯୋଗାଇ ଦିଆଯାଏ ତେବେ ଏମାନେ ଆଗକୁ ଯାଇପାରିବେ ବୋଲି ପ୍ରକାଶ କରିଛନ୍ତି।



ମହିଳାମାନେ ନଡ଼ିଆ କତାରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି।

## ଦେଶୀ ମଦ ଜବତ, ଜଣେ ଗିରଫ

ସାଲେପୁର,(ଅରବିନ୍ଦ ଭୂୟାଁ): ସାଲେପୁର ଥାନା ପୋଲିସ ବୁଧବାର ପାଟ୍ରୋଲିଂ ସମୟରେ ବୋଦାମୁଣ୍ଡାଇ ବଜାରରେ ଚୋରା ଦେଶୀମଦ ବିକ୍ରୟ କରୁଥିବା ଜଣେ ବ୍ୟବସାୟୀଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୯ ଲିଟରରୁ ଉର୍ଦ୍ଧ୍ୱ ମଦ ଜବତ କରିଛି। ପାଟ୍ରୋଲିଂ ବେଳେ ବୋଦାମୁଣ୍ଡାଇ ବଜାର ନିକଟରେ ଖୁଣ୍ଟୁଣି ଥାନା ଅଧୀନ ନୂଆଗାଁ ଗ୍ରାମର ଜୟନ୍ତ ବେହେରା ଖୁଲମ୍ ଖୁଲା ଭାବେ ଖୋଲା ବଜାରରେ ଦେଶୀ ମଦ ବିକ୍ରି କରୁଥିବାବେଳେ ପୋଲିସ ହାତରେ ଧରା ପଡ଼ିଥିଲେ। ଏ ନେଇ ପୋଲିସ ନଂ. ୪୩୦/୨୩ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

## ସଂକ୍ଷେପରେ

### ଦଧିବାମନ ଜୀଉ ମନ୍ଦିରରୁ ହୁଣ୍ଡି ଲୁଟି ନେଲେ ଦୁର୍ବୃତ୍ତ

ନିଶ୍ଚିନ୍ତକୋଇଲି,୨୦।୧୨(ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ଥାନା ଅଧୀନ ଅସୁରେଶ୍ୱର ପଞ୍ଚାୟତରେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ କୋଇଲୋ ଗାଁର ପ୍ରସିଦ୍ଧ ଦଧିବାମନ ଜୀଉ ମନ୍ଦିରରୁ ହୁଣ୍ଡିକୁ ଦୁର୍ବୃତ୍ତମାନେ ଲୁଟି ନେଇଥିବା ନେଇ ବୁଧବାର ଅଭିଯୋଗ ହୋଇଛି। ସିସିଟିଭି ଫୁଟେଜକୁ ଆଧାରକରି ଆଇଆଇସି ଯୁଗଳ କିଶୋର ଦାସ ବୁଧବାର ପୂର୍ବାହ୍ନରେ ମନ୍ଦିରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅପରପକ୍ଷରେ ସ୍ଥାନୀୟ ବିଷ୍ଣୁପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ମଧ୍ୟ ଦୁର୍ବୃତ୍ତମାନେ ଛାଡି ନାହାନ୍ତି। କବାଟ ଭାଙ୍ଗି ଲୁଟ ଉଦ୍ୟମ କରିଥିବା ଜଣାଯାଇଛି। ଏହି ଅଞ୍ଚଳରେ ସିରିଜ ଚୋରି, ଲୁଟ, ରାହାଜାନି ହେଉଥିବାରୁ ସାଧାରଣ ଲୋକେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ମନ୍ଦିର ଚୋରି ସମ୍ପର୍କରେ ମ୍ୟାନେଜିଂ ଟ୍ରଷ୍ଟି ତଥା ତହସିଲଦାର ଦିଲୀପ କୁମାର ନାୟକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ହେଲେ ଆର୍‌ଆଇ ଅଫିସ କବାଟ ଭଙ୍ଗାକୁ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ମନ୍ଦିର ହୁଣ୍ଡି ଚୋରି ଅଭିଯୋଗରେ ପୋଲିସ ନଂ. ୨୨୮/୨୩ରେ ମାମଲା ରୁଜୁ କରିଛି। ତେବେ ଦଧିବାମନ ଜୀଉ ମନ୍ଦିରରୁ କ୍ରମାଗତ ଚୋରି ହେଉଥିଲେ ହେଁ ଏ ପର୍ଯ୍ୟନ୍ତ କାହାକୁ ଧରିବାରେ ପୋଲିସ ସଫଳ ହୋଇ ନ ଥିବା ପୂର୍ବତନ ଟ୍ରଷ୍ଟି ଦେବେନ୍ଦ୍ରନାଥ ଖୁଣ୍ଟିଆ କହିଛନ୍ତି। ଏ ସମ୍ପର୍କରେ ଆଇଆଇସି ଦାସଙ୍କୁ ପଚାରିବାରେ ସନ୍ଧ୍ୟାରେ ଅଭିଯୋଗ ମିଳିଛି ତଦନ୍ତ ଚାଲୁ ରହିଛି ବୋଲି ସେ କହିଛନ୍ତି।

### ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହ ଉଦ୍‌ଘାଟିତ

ମାହାଙ୍ଗା, ୨୦।୧୨(ଯଯାତି ସିଂହ)

ମାହାଙ୍ଗା ବ୍ଲକ କୁଣ୍ଡି ପଞ୍ଚାୟତସ୍ଥିତ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାତୃ ଓ ଶିଶୁ ଚିକିତ୍ସାଳୟ ନୂତନ ଗୃହକୁ ବୁଧବାର ସ୍ଥାନୀୟ ବିଧାୟକ ପ୍ରତାପ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜଗନ୍ନାଥପୁର ପ୍ରାଥମିକ ଚିକିତ୍ସାଳୟକୁ ବିଧାୟକ ଜେନାଙ୍କ ଉଦ୍ୟମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ଦିଆଯିବା ପରେ ଏହାର ଭିତ୍ତିଭୂମି ବିକାଶ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ମଞ୍ଜୁରରେ ଏହି ନୂତନ ଗୃହ ନିର୍ମାଣ ହୋଇଛି। ଏହାଦ୍ୱାରା ଦ୍ୱୀପାଞ୍ଚଳର ହଜାର ହଜାର ରୋଗୀ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ବିଧାୟକ ଜେନା କହିଥିଲେ। ଉତ୍ସବରେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ ଅଧ୍ୟକ୍ଷତା କରିଥିବାବେଳେ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ମେଡିକାଲ ଅଧୀକ୍ଷକ ଡା. ସୌମ୍ୟରଞ୍ଜନ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ମୁର୍ସିଦ ରିଆଜୁଲ ହୋଦା, ଜଗବନ୍ଧୁ ସେଠୀ, ସୁସ୍ମିତା ଦାସ, ସରପଞ୍ଚ ବିଜୟାନନ୍ଦ ସ୍ୱାଇଁ, କଟକ ଜିଲା ବିଜେଡି ଉପସଭାପତି ପ୍ରଶାନ୍ତ କୁମାର ପଟ୍ଟନାୟକ, ନାରୀନେତ୍ରୀ ସସ୍ମିତା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଡାକ୍ତର ଓ କର୍ମଚାରୀ ଓ ଏସ୍‌ଏଚ୍‌ଜି ମହିଳାମାନେ ଉପସ୍ଥିତ ଥିଲେ।

### ବରିଷ୍ଠ ବିଜେଡି କର୍ମୀଙ୍କ ହୃଦ୍‌ଘାତରେ ପରଲୋକ

ସାଲେପୁର,୨୦।୧୨(ଅରବିନ୍ଦ ଭୂୟାଁ)

ସାଲେପୁର ଅଞ୍ଚଳର ପୁରୁଖା ବିଜେଡି କର୍ମୀ ତଥା ସାଲେପୁର ସତ୍ୟସାଇ ସେବା ସମିତିର ବରିଷ୍ଠ କର୍ମକର୍ତ୍ତା ବୀରେନ୍ଦ୍ର କୁମାର ଭୂୟାଁ(୭୭)ଙ୍କର ମଙ୍ଗଳବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣ, ପରୋପକାରୀ, ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବୁଧବାର ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ତାଙ୍କର ଶେଷ ଦର୍ଶନ କରିବା ସହ ଶବାଧାରରେ ସାମିଲ ହୋଇଥିଲେ। ତାଙ୍କ ପରଲୋକରେ ସାଲେପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ଉପାଧ୍ୟକ୍ଷ ପୁଷ୍ପାଞ୍ଜଳି ବିଶ୍ୱାଳ, ଆମ୍ବାର ସଭାପତି ଦିଲୀପ ଦାଶ, ବିବେକାନନ୍ଦ ଭୂୟାଁ, ଖବରଦାତା ହୃଷୀକେଶ ମଲ୍ଲିକ, ଚିତ୍ତରଞ୍ଜନ ମୁଦୁଲି, ହେମନ୍ତ ଭୂୟାଁ, ବାଲିସାହି ସରପଞ୍ଚ ପବିତ୍ର ସାମଲ, ଚନ୍ଦ୍ରାଦେଇପୁର ସରପଞ୍ଚ ରଶ୍ମିତା ଦାସ, ନବକିଶୋର କର, ପ୍ରଶାନ୍ତ କୁମାର କର, ଜିଲା ପରିଷଦ ସଭ୍ୟା ନମିତା ସେଠୀଙ୍କ ସମେତ ବହୁ ବ୍ୟକ୍ତିବିଶେଷ ତାଙ୍କର ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ବଡ଼ ବୋହୂ ଚନ୍ଦ୍ରାଦେଇପୁର ପଞ୍ଚାୟତ ସମିତିସଭ୍ୟା ପୁଷ୍ପିତା ଭୂୟାଁ, ସାନ ପୁଅ ଆଶିଷ ଭୂୟାଁ, ପରିବାରବର୍ଗ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ଜ୍ୟେଷ୍ଠ ପୁତ୍ର ଅଶ୍ୱିନୀ କୁମାର ଭୂୟାଁ ମୁଖାଗ୍ନି ଦେଇଥିଲେ।

# ରାସ୍ତାରେ ପିଲାଙ୍କ ସାଇକେଲ: ଟ୍ରାଫିକ ସମସ୍ୟା ବଢୁଛି

## ସୁଭଦ୍ରା ମହାତାବ ମହାବିଦ୍ୟାଳୟ

■ସାଇକେଲ ଷ୍ଟାଣ୍ଡ ପାଇଁ କର୍ତ୍ତୃପକ୍ଷ ନେଉନାହାନ୍ତି ପଦକ୍ଷେପ



ନିଶ୍ଚିନ୍ତକୋଇଲି,୨୦।୧୨ (ଅଶୋକ କୁମାର ମହାପାତ୍ର)

ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ସୁଭଦ୍ରା ମହାତାବ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କର ସାଇକେଲ ଓ ଯାନବାହନ ରଖିବା ନିମନ୍ତେ କୌଣସି ଷ୍ଟାଣ୍ଡ ନାହିଁ। ଫଳରେ ଛାତ୍ରୀଛାତ୍ରମାନେ କଟିକଟା-ଜୟପୁର ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ସାଇକେଲ ଓ ଯାନବାହନ ରଖିବାକୁ ବାଧ ହେଉଛନ୍ତି। ଏଥିଯୋଗୁ ସାଧାରଣ ଲୋକ ଗମନାଗମନରେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ବେଳେ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ସରକାର ଅସୁରେଶ୍ୱର ସୁଭଦ୍ରା ମହତାବ ମହାବିଦ୍ୟାଳୟର ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ଲକ୍ଷାଧିକ ଟଙ୍କାର ଅନୁଦାନ ଯୋଗାଇ ଦେଉଛନ୍ତି। ଏପରିସ୍ଥଳେ ମହାବିଦ୍ୟାଳୟ ଦାୟିତ୍ୱହୀନତା ଓ କର୍ତ୍ତବ୍ୟରେ ଚରମ ଅବହେଳା କାରଣରୁ ଏ ପର୍ଯ୍ୟନ୍ତ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ନିମନ୍ତେ କୌଣସି ସାଇକେଲ ଷ୍ଟାଣ୍ଡ ନିର୍ମାଣ କରାଯାଇପାରିନାହିଁ। ଫଳରେ ଛାତ୍ରୀଛାତ୍ରମାନେ ଖରା ବର୍ଷା ଶୀତ କାକରରେ ରାସ୍ତା ପାର୍ଶ୍ୱରେ ସାଇକେଲ ଓ ଅନ୍ୟ ଗାଡ଼ି ରଖିବା ନିମନ୍ତେ ବାଧ ହେଉଛନ୍ତି। ଛାତ୍ରୀଛାତ୍ରମାନେ ରାସ୍ତାପାର୍ଶ୍ୱରେ ସାଇକେଲ ରଖିଥିବା କାରଣରୁ ଦୈନନ୍ଦିନ ଏହି ବାଟ ଦେଇ ଯାନବାହନ ଯିବା ନେଇ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ଏପରିକି ଏହି ରସ୍ତା ଦେଇ ଦୈନନ୍ଦିନ ଶତାଧିକ ବସ୍, ଟ୍ରକ, ଚାରିଚକିଆ ଯାନ ଯାଆ ଆସ କରୁଥିଲା ବେଳେ ପାର୍ଶ୍ୱରେ ଥୁଆ ହୋଇଥିବା ସାଇକେଲ କାରଣରୁ ଛୋଟବଡ଼ ଦୁର୍ଘଟଣା ଘଟୁଛି। ପ୍ରଶାସନ ପକ୍ଷରୁ ତୁରନ୍ତ ଏହାର ପ୍ରତିକାର କରାଯିବା ସହ କଲେଜ ନିମନ୍ତେ ସାଇକେଲ ଷ୍ଟାଣ୍ଡ ନିର୍ମାଣ କରାଯିବା ଲାଗି ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସକିଲ ମହମ୍ମଦଙ୍କୁ ପଚାରିବାରୁ କଲେଜର କୌଣସି ସାଇକେଲ ଷ୍ଟାଣ୍ଡ ନ ଥିବା କାରଣରୁ ଛାତ୍ରୀଛାତ୍ରମାନେ ରାସ୍ତାପାର୍ଶ୍ୱରେ ରଖିବାକୁ ବାଧ ହେଉଛନ୍ତି। ଏହାର ପ୍ରତିକାର ନିମନ୍ତେ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଆଠଗଡ଼ ବ୍ଲକ, ଏନ୍‌ଏସି ସ୍ତରୀୟ କ୍ରୀଡ଼ା



ଖେଳାଳିଙ୍କ ଗହଣରେ ମନ୍ତ୍ରୀ ରଣେନ୍ଦ୍ରେ ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

ଆଠଗଡ଼, ୨୦।୧୨(ସତ୍ୟ ପ୍ରସାଦ ରଥ)

ଆଠଗଡ ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ସ୍ତରୀୟ କ୍ରୀଡ଼ା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ବ୍ଲକ ଅନ୍ତର୍ଗତ ରାଧାକିଶୋରପୁର ଶକ୍ତିମୟୀ ସ୍ପୋର୍ଟସ ଖେଳ ପଡ଼ିଆଠାରେ କ୍ରିକେଟ ଓ କବାଡ଼ି ପ୍ରତିଯୋଗିତା ହୋଇଥିଲା। କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କ୍ରିକେଟ ଓ କବାଡ଼ି ଖେଳକୁ ଉଦ୍‌ଘାଟିତ କରିଥିଲେ। ସେହିପରି ଆଠଗଡ ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟରେ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରିକେଟରେ ୬ଟିଟିମ୍‌କୁନେଇ ପ୍ରତିଯୋଗିତା ହୋଇଥିଲା। ଏହି ଖେଳ ପାଇଁ ୧୪ଟି ଦଳ ପଞ୍ଜୀକୃତ କରିଥିଲେ। ସେହିପରି କବାଡ଼ି ଖେଳ ୬ଟି ଦଳକୁ ନେଇ ଅନୁଷ୍ଠିତ ହୋଇଥିଲା। ଘଣ୍ଟିଖାଲର ବୃନ୍ଦାବନ ଚନ୍ଦ୍ର କ୍ଲବ ଚାମ୍ପିୟନ ଓ ଆଠଗଡ଼ର ଜୟ ଶ୍ରୀରାମ କବାଡ଼ି ଟିମ୍ ରନର୍ସ ଅପ୍ ହୋଇଥିଲା। ଖୋ ଖୋ ପ୍ରତିଯୋଗିତାରେ ମହାବୀର ଖୋ ଖୋ କ୍ଲବ ଆଠଗଡ଼, ଚାମ୍ପିୟନ ଓ କନ୍ଦରପୁର ଖୋ ଖୋ ଟିମ୍ ରନର୍ସ ଅପ ହୋଇଛି। ସେହିପରି ବ୍ଲକସ୍ତରୀୟ ଚାମ୍ପିୟନ ଟିମ୍ ଜିଲାସ୍ତରୀୟକୁ ଉନ୍ନତି ହେବେ। ଉତ୍ସବରେ ମନ୍ତ୍ରୀଙ୍କ ପ୍ରତିନିଧି ରଞ୍ଜନ ଆଚାର୍ଯ୍ୟ, ଜିଲା ପରିଷଦ ସଦସ୍ୟ ବଳଭଦ୍ର ବାଘ, ଶାନ୍ତିଲତା ବେହେରା, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ବିଡିଓ ପ୍ରଦୀପ କୁମାର ସାହୁ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚପଳା ସାହୁ ଉପସ୍ଥିତ ଥିଲେ। ସମସ୍ତ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ମ୍ୟାଚ ପରିଚାଳନା କରିଥିଲେ। ପୂର୍ବତନ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଗଗନ ବିହାରୀ ଷଡ଼ଙ୍ଗୀ ସହଯୋଗ କରିଥିଲେ।

# ଓଟିଟିରେ 'ବାରଙ୍ଗ ୧୯୯୯'



ଭୁବନେଶ୍ୱର,୨୦।୧୨(ଶର୍ମିଷ୍ଠା ପାଣିଗ୍ରାହୀ)

'ବାରଙ୍ଗ ୧୯୯୯'। ଏହା କେବଳ ଏକ ୱେବ୍ ସିରିଜ ନୁହେଁ ବରଂ ନ୍ୟାୟ, ନାରୀ ଜାତିର ବର୍ଷବର୍ଷର ସଂଘର୍ଷ ଏବଂ ସଶକ୍ତୀକରଣର ନିଚ୍ଛକ ପ୍ରତିଛବି। ବୁଧବାର ସ୍ଥାନୀୟ ପ୍ରେସ୍‌କ୍ଲବଠାରେ ୱେବ୍ ସିରିଜ 'ବାରଙ୍ଗ ୧୯୯୯'ର ଟ୍ରେଲର ରିଲିଜ୍ ହୋଇଯାଇଛି। ଏଥିସହ ଏହି ୱେବ୍ ସିରିଜଟି କଞ୍ଚାଲଙ୍କା ଓଟିଟି ପ୍ଲାଟ୍‌ଫର୍ମରେ ରିଲିଜ ହୋଇଯାଇଛି। ୭ଟି ଏପିସୋଡ୍ ବିଶିଷ୍ଟ ଏହି ସିରିଜକୁ ଯୁବ ନିର୍ଦ୍ଦେଶକ ଅଜୟ ପାଢ଼ୀ ନିର୍ଦ୍ଦେଶନା ଦେଇଛନ୍ତି।

କାହାଣୀର ମୂଳରେ ଅଛନ୍ତି ଅମ୍ରିତା ପାଢ଼ୀ। ସରକାରୀ ବ୍ୟବସ୍ଥା ସହିତ ତାଙ୍କ ଲଢ଼େଇ ରହିଛି ଏହାର ପ୍ରମୁଖ ବିଷୟବସ୍ତୁ। ପୁରୁଷ ପ୍ରଧାନ ସମାଜରେ ଅମ୍ରିତା ସାଜନ୍ତି ଇଚ୍ଛାଶକ୍ତି ଏବଂ ସାହସର ପ୍ରତିଛବି। ତାଙ୍କର ଏହି ଯାତ୍ରା କେବଳ ବ୍ୟକ୍ତିଗତ ନ ରହି ସାଜିଯାଏ ସାମାଜିକ ପରିବର୍ତ୍ତନର ସୂତ୍ର। ଅଭିନେତ୍ରୀ ସୁପ୍ରିୟା ନାୟକ ଅମ୍ରିତା ଭୂମିକାରେ ଥିଲାବେଳେ ଅଭିନେତା ତଥା ଏନ୍‌ଏସ୍‌ଡି ନିର୍ଦ୍ଦେଶକ ଚିତ୍ତରଞ୍ଜନ ତ୍ରିପାଠୀ ଓ ସୁକୁମାର ଟୁଡୁ ପ୍ରମୁଖ ଭୂମିକାର ନଜର ଆସିବେ। ଏହାବ୍ୟତୀତ ଚନ୍ଦନ ମହାନ୍ତି, ଅସିତ ପାତ୍ର, ନିଶାନ୍ତ ମଜିଠିଆ, ଭାସ୍ୱତୀ ବସୁ, କେପି, ସୋମେନ ପୂଜାରୀ, ଭୂପତି ତ୍ରିପାଠୀ ପ୍ରମୁଖ ଅଭିନୟରେ ରହିଛନ୍ତି। କାହାଣୀର ସ୍ରଷ୍ଟା ହେଉଛନ୍ତି ସାମ୍ବାଦିକ ଦିଲୀପ ବିଷୋୟୀ। ଚିତ୍ରନାଟ୍ୟରେ ସରୋଜ ମହାପାତ୍ର ଏବଂ ସଂଳାପରେ ଯୁବ ସଂଳାପକାର ନିଶାନ୍ତ ମଜିଠିଆ ରହିଛନ୍ତି। ମୁମ୍ବାଇରେ କାର୍ଯ୍ୟରତ ଡିରେକ୍ଟର ଅଫ ଫଟୋଗ୍ରାଫ୍ ଯୁଧିଷ୍ଠିର ବେହେରାଙ୍କ ଆକର୍ଷଣୀୟ ଚିତ୍ରୋତ୍ତୋଳନ ଏବଂ ରଶ୍ମି ରଞ୍ଜନଙ୍କ ନିଖୁଣ ସମ୍ପାଦନା ସିରିଜରେ ଦେଖିବାକୁ ମିଳିବ। ନିର୍ଦ୍ଦେଶକ ପାଢ଼ୀ କହିଛନ୍ତି, ବାରଙ୍ଗ ୧୯୯୯ ମୋ ପାଇଁ ଗୋଟେ ବହୁତ ବଡ଼ ଚ୍ୟାଲେଞ୍ଜ ଥିଲା। କାରଣ କାନ୍‌ଭାସ ବହୁତ ବଡ଼ ଥିଲା ଏବଂ କାହାଣୀ ମଧ୍ୟ ବହୁତ ରୋମାଞ୍ଚକର ଥିଲା। ୯୦ଦଶକକୁ ରୀକ୍ରିଏଟ କରିବା କଷ୍ଟ ଥିଲା କିନ୍ତୁ ବହୁତ ମଜା ଲାଗିଲା। ପୂରା ଟିମ୍ ଭରପୂର ଚେଷ୍ଟା ଏବଂ ପରିଶ୍ରମ କରିଛନ୍ତି। କଞ୍ଚା ଲଙ୍କାର ସହ-ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷ ଅକ୍ଷୟ ପରିଜା କହିଛନ୍ତି, ଏହା ଓଡ଼ିଶାର ପ୍ରଥମ ଏବଂ ବଡ଼ ପଲିଟିକାଲ ଡ୍ରାମା। ଆଶା କରୁଛି ଦର୍ଶକଙ୍କୁ ନିଶ୍ଚୟ ଭଲ ଲାଗିବ।

## ଆଠଗଡ଼ ମହୋତ୍ସବ ଉଦ୍‌ଯାପିତ

ଆଠଗଡ଼, ୨୦।୧୨(ସତ୍ୟ ପ୍ରସାଦ ରଥ)

୬ ଦିନ ଧରି ଚାଲିଥିବା ଆଠଗଡ଼ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ଆଠଗଡ଼ ବ୍ଲକ ଅଧ୍ୟକ୍ଷା ମିନତି ଆଚାର୍ଯ୍ୟ, ଉପଖଣ୍ଡ ପୋଲିସ ଅଧିକାରୀ ରବୀନ୍ଦ୍ର କୁମାର ମଲ୍ଲିକ, ମିନତି ଗାଗରାଇ, ରମେଶ ଘଡ଼େଇ ପ୍ରମୁଖ ଯୋଗ ଦେଇଥିଲେ। ଆଠଗଡ଼ ମହୋତ୍ସବ କମିଟିର ଆବାହକ ତଥା ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ନାରାୟଣ ପଣ୍ଡା, ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାରେ ଆଠଗଡ଼ର ବିଭିନ୍ନ ସାଂସ୍କୃତିକ ତଥା ଶିକ୍ଷା ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ମହୋତ୍ସବରେ ମିନାବଜାର ଦୋଳି ଏବଂ ବିଭିନ୍ନ ବିଭାଗ ପକ୍ଷରୁ ପ୍ରଦର୍ଶନୀ ଷ୍ଟଲ ସହିତ ଚଟପଟି ଖାଦ୍ୟପେୟର ଆସର ଜମିଥିଲା। ସନ୍ଧ୍ୟାରେ କଣ୍ଠଶିଳ୍ପୀ ସୁବାସ ଦାଶ ଏବଂ ସାଥୀମାନଙ୍କ ଦ୍ୱାରା ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ସଂସ୍କୃତ ବିଭାଗର ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ



## ଡମପଡ଼ା ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟ

ବାଙ୍କୀ,୨୦।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟ ସଂସ୍କୃତ ବିଭାଗର ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅଧ୍ୟକ୍ଷ ଚିତ୍ତରଞ୍ଜନ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ତାପସ କୁମାର ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଜ୍ୟୋତି ପ୍ରକାଶ ପାଣିନୀ, ଅଧ୍ୟାପିକା ଦେବୀସ୍ମିତା ରାଉତ, ସମୃଦ୍ଧି ପ୍ରଜ୍ଞା ମହାପାତ୍ର, ମୀନା କୁମାର ଲେଙ୍କା, ବିଷ୍ଣୁପ୍ରିୟା ରାଉତ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଅଧ୍ୟକ୍ଷ ରଣା ଛାତ୍ରୀଛାତ୍ରମାନଙ୍କୁ ମନୁଷ୍ୟର ଜୀବନ ଦର୍ଶନ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିବା ବେଳେ କଲେଜର କର୍ମଚାରୀ ନିତ୍ୟାନନ୍ଦ ସାମନ୍ତରାୟ, ସତ୍ୟପ୍ରକାଶ ଖଟୁଆ, ଧନେଶ୍ୱର ସାହୁ, ରାଜେଶ କୁମାର ମହାପାତ୍ର, ସରୋଜ କୁମାର ମହାନ୍ତି, ନିବାସ ସାହୁ, ଦୀପୁ ନାୟକ ସହଯୋଗ କରିଥିଲେ। ଅଧ୍ୟାପିକା ସମୃଦ୍ଧି ସନ୍ଧ୍ୟା ଦାଶ ଧନ୍ୟବାଦ ଦେଇଥିଲେ।

# ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ

ସାଲେପୁର,୨୦।୧୨(ଅରବିନ୍ଦ ଭୂୟାଁ)

ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିର ଓଡ଼ାସିଂହର ୬ଷ୍ଠ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ୩ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିଲାମାନଙ୍କ ଦ୍ୱାରା ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୫୦ ମିଟର ଦୌଡ଼, ୧୦୦ମିଟର ଦୌଡ଼, ଅଖାଡିଆଁ, ଆଳୁ ସଂଗ୍ରହ ଇତ୍ୟାଦି ଖେଳମାନ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମ୍ପାଦକ ଖଗେଶ୍ୱର ପୃଷ୍ଟି, ପ୍ରଧାନ ଗୁରୁମା ପ୍ରଭାସିନୀ ମିଶ୍ର, ଗୁରୁମା ମଧୁସ୍ମିତା ରାଉତରା, ପୁଷ୍ପଲତା ରାଉତ, ପ୍ରିୟଦର୍ଶିନୀ ବାରିକ, ଚିନ୍ମୟୀ ବରାଳ, ପ୍ରଜ୍ଞାରାଣୀ ପଣ୍ଡା, ସସ୍ମିତା ପୃଷ୍ଟି, ଛବିରାଣୀ ପରିଡ଼ା, ଅତସୀ ପରିଡ଼ା, ୟାସ୍ମିନ୍ ବେଗ, ବିକାଶ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଏହି ଖେଳକୁଦ ପରିଚାଳନା କରିଥିଲେ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର: ୩୪୮ ନାମ ପଞ୍ଜୀକୃତ

ଟିଗିରିଆ,୨୦।୧୨(ଜାଫର ଖାଁ)

ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତଥା ଜିଲା ଶିକ୍ଷା ବିଭାଗ ମିଳିତ ଆନୁକୂଲ୍ୟରେ ବୁଧବାର ଟିଗିରିଆ ବ୍ଲକର ନୂଆପାଟଣା ଅର୍ଜୁନ ସୁବୁଦ୍ଧି ଉଚ୍ଚବିଦ୍ୟାଳୟ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଗଙ୍ଗାଧର ବେହେରାଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଅନୁଷ୍ଠିତ ଶିବିରରେ ବ୍ଲକର ମୋଟ ୧୪ଟି ପଞ୍ଚାୟତରୁ ୩୪୮ଜଣ ଭିନ୍ନକ୍ଷମ ନିଜର ନାମ ପଞ୍ଜୀକରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ମାନସ କୁମାର ସାହୁ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ସଞ୍ଜୟ କୁମାର ମଲ୍ଲିକ, ବିଡିଓ ପ୍ରଣବ କୁମାର ବେହେରା, ବିଇଓ ପ୍ରିୟରଞ୍ଜନ ହୋତା, ଭୋଗଡ଼ା ସରପଞ୍ଚ ଶର୍ମିଳା ନାୟକ, ନୂଆପାଟଣା ସରପଞ୍ଚ ସୋମନାଥ ଦାସ, ବିନ୍ଧାଣିମା ସମିତି ସଭ୍ୟା ସୋନାଲି ସେଠ, ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଳମଣି ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଯୋଗଦେଇଥିବା ଭିନ୍ନକ୍ଷମଙ୍କ ମଧ୍ୟରେ ଚକ୍ଷୁ ବାଧିତ ୪୮ ଜଣ, ଶ୍ରବଣ ଦୋଷ ୪୧, ମାନସିକ ଅନଗ୍ରସର ୮୦, ଶାରୀରିକ ଅକ୍ଷମ ୧୭୯, ସ୍ନାୟୁଗତ ଭିନ୍ନକ୍ଷମ ୧୦ଜଣ ଯୋଗଦେଇ ନିଜର ପରୀକ୍ଷା କରାଇଥିଲେ। ଏଥିରେ କଟକ ବଡ଼ ମେଡ଼ିକାଲରୁ ଆସିଥିବା ବିଭିନ୍ନ ବିଭାଗର ଡାକ୍ତରଙ୍କ ଦ୍ୱାରା ସମସ୍ତ ଭିନ୍ନକ୍ଷମଙ୍କର ପରୀକ୍ଷା କରାଯାଇଥିଲା। ବ୍ଲକ ସାମାଜିକ ସୁରକ୍ଷା ବିଭାଗ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ବିଳାସିନୀ ମହାରଣା ଓ ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ଶିକ୍ଷକ ମାଧବ ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବ୍ଲକର ସହାୟକ ଟୁନା ବେହେରାଙ୍କ ସମେତ ଅର୍ଜୁନ ସୁବୁଦ୍ଧି ଉଚ୍ଚବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ବ୍ଲକ କାର୍ଯ୍ୟାଳୟର କର୍ମଚାରୀ, ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭତ୍ତା ପାଇଁ ସ୍ୱାଧୀନତା ସଂଗ୍ରାମୀଙ୍କ ଆମରଣ ଅନଶନ

ବଡ଼ମ୍ବା,୨୦।୧୨(ମାୟାଧର ମଲ୍ଲିକ)



ଅନଶନ ସ୍ଥଳରେ ଉପଜିଲାପାଳ ଓ ଅନ୍ୟମାନେ ପହଞ୍ଚି ସ୍ୱାଧୀନତା ସଂଗ୍ରାମୀ ବୁଝାଉଛନ୍ତି।

ବଡ଼ମ୍ବା ଅଞ୍ଚଳର ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ମୁରଲୀଧର ପାତ୍ର (୯୭) ସମ୍ମାନଜନକ ଭତ୍ତା ପ୍ରଦାନରେ ପ୍ରଶାସନର ଅହେତୁକ ବିଳମ୍ବ ପାଇଁ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଆମରଣ ଅନଶନରେ ବସିଥିଲେ। ରାଜ୍ୟ, ଜିଲା ତଥା ବ୍ଲକ ପ୍ରଶାସନର ଅବହେଳା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସଂଗ୍ରାମୀ ତଥା ତାଙ୍କ ପରିବାର ଲୋକେ କହିଛନ୍ତି। ଫଳରେ ବୟସର ଅପରାହ୍ନରେ ଭତ୍ତା ପାଇଁ ସଂଘର୍ଷ କରୁଛନ୍ତି ସ୍ୱାଧୀନତା ସଂଗ୍ରାମୀ ପାତ୍ର। ଅପରାହ୍ନରେ ଅନଶନ ସ୍ଥଳରେ ଆଠଗଡ଼ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ସ୍ଥାନୀୟ ତହସିଲଦାର ଶାଶ୍ୱତ ରଞ୍ଜନ ଦାଶ, ବିଡିଓ ରମେଶ କୁମାର ଜେନା ଓ ବଡମ୍ବା ଥାନା ଅଧିକାରୀ ଶିବପ୍ରସାଦ ଭଦ୍ରା ପ୍ରମୁଖ ପହଞ୍ଚି ସ୍ୱାଧୀନତା ସଂଗ୍ରାମୀ ପାତ୍ରଙ୍କୁ ବୁଝାଶୁଝା କରିଥିଲେ। ଏପରିକି ୧୫ ଦିନ ମଧ୍ୟରେ ଏହା ଉପରେ ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ ତରାଇ ପ୍ରତିଶ୍ରୁତି ଦେବା ସହ ତାଙ୍କ ସ୍ୱାସ୍ଥ୍ୟ ପାଇଁ ରେଡକ୍ରସରୁ ୧୦ ହଜାର ଟଙ୍କା ଗୁରୁବାର ସୁଦ୍ଧା ପ୍ରଦାନ କରାଯିବ ବୋଲି କହିବା ପରେ ଅନଶନ ପ୍ରତ୍ୟାହୃତ ହୋଇଛି। ଏହି ଅନଶନରେ ପାତ୍ରଙ୍କ ପୁଅ ଓ ପରିବାର ସଦସ୍ୟଙ୍କ ସମେତ ଆଇନଜୀବୀ କୈଳାସ ଚନ୍ଦ୍ର ଜେନା, ବଡ଼ମ୍ବାର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ କମରୁଦ୍ଦିନ ଖାଁଙ୍କ ପୁଅ ଶ୍ୟାମ ସୁଦ୍ଦିନ ଖାଁ ପ୍ରମୁଖ ସାମିଲ ହୋଇଥିଲେ। ତେଣୁ ସମ୍ପୃକ୍ତ ସ୍ୱାଧୀନତା ସଂଗ୍ରାମୀ ପାତ୍ରଙ୍କୁ ତୁରନ୍ତ ତାଙ୍କ ସମ୍ମାନଜନକ ସଂଗ୍ରାମୀ ଭତ୍ତା ପ୍ରଦାନ କରାଯିବା ପାଇଁ ପରିବାର ସଦସ୍ୟ ତଥା ବୁଦ୍ଧିଜୀବୀ ମହଲରେ ପ୍ରଶାସନଠାରେ ଦାବି ହେଉଛି।


## ODISHA BIGYAN ACADEMY

**ADVERTISEMENT**

Nominations in the prescribed proforma are invited by the Odisha Bigyan Academy, Science & Technology Department, Government of Odisha, Bhubaneswar for the following Awards and Honours **for the Award Year 2023** based on **scientific contributions upto 31st December, 2022.**

1. **Biju Patnaik Award for Scientific Excellence.**
(Minimum age of Scientists must be 60 years & above on 31st December, 2022)
2. **Samanta Chandra Sekhar Award.**
(Upper age of Scientists must not exceed 60 years on 31st December, 2022)
3. **Odisha Young Scientists Award.**
(Upper age of Young Scientists must not exceed 35 years on 31st December, 2022)
4. **Pranakrushna Parija Popular Science Book Award.**
(For authors of Odia Popular Science Books in General & Children category)
5. **Felicitation of Senior Scientists of Odisha.**
(Age must be 65 years or above on 31st December, 2022)
For detail guidelines and nomination proforma, please login to Odisha Bigyan Academy website: **www.odishabigyanacademy.nic.in.**

The nomination proforma can be downloaded from the above website. Duly filled-in proforma as per guidelines to be sent to the Secretary, Odisha Bigyan Academy in the following address along with all particulars & documents. Nominees for Biju Patnaik Award for Scientific Excellence, Samanta Chandra Sekhar Award & Odisha Young Scientists Award are required to mention Thomson Reuter Impact Factor against the list of publications and should also mention number of total Citations, $h$ index & $i$ 10 index at the top of the publications list. A nominator can nominate only one nominee for a particular category of award in a year. As Pranakrushna Parija Popular Science Book Award is a single award, nominee can apply either for General category or Children category in an award year.

The last date for receipt of nominations is **07.02.2024 (upto 5.00 pm). Nominations received after due date shall not be taken into consideration.**

**Secretary, Odisha Bigyan Academy,
B/2, Saheed Nagar, Bhubaneswar-751 007, Odisha (INDIA)**

No. U-74 OIPR-28002/11/0001/2324

## ସଂକ୍ଷେପରେ

### 'ସ୍ୱଚ୍ଛ ପରିବେଶ ଆଣେ ନୀରୋଗ ଜୀବନ ଯାପନ'

**ବେଗୁନିଆ,୨୦।୧୨(ହର ପ୍ରସନ୍ନ ପଣ୍ଡା)**

ଓଡ଼ିଶା ସରକାରଙ୍କ ସମନ୍ୱିତ ଯୁବ ବିକାଶ ଏବଂ ନୂଆ-ଓ ବିଭାଗ ଆନୁକୂଲ୍ୟରେ ବୁଧବାର ପରିବେଶ ସୁରକ୍ଷା ସଚେତନତା ଅଭିଯାନ ବେଗୁନିଆ ବ୍ଲକ କଣ୍ଟାବାଡ଼ ରମାମଣି ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଯୁକ୍ତ ୩ର ଛାତ୍ରୀଛାତ୍ରଙ୍କୁ ନେଇ ଏକ ଅଭିଯାନ ଆୟୋଜିତ ହୋଇଥିଲା। 'ସ୍ୱଚ୍ଛ ପରିବେଶ ଆଣେ ନୀରୋଗ ଜୀବନଯାପନ' ବାର୍ତ୍ତା ନେଇ ପିଲାମାନେ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ କଣ୍ଟାବାଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ରମାମଣି ମହାବିଦ୍ୟାଳୟ ପରିସରକୁ ସଫେଇ କରାଯାଇଥିଲା। ଅଧ୍ୟାପକ ଦିଲ୍ଲୀପ ସାଥୁଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଚେତନତା ଅଭିଯାନରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଗଙ୍ଗାଧର ଦାଶ, ସ୍ଥାନୀୟ ଚିକିତ୍ସାଳୟର ଆୟୁଷ ଡାକ୍ତର ମଧୁସ୍ମିତା ଆଚାର୍ଯ୍ୟ ଓ ଫାର୍ମାସିଷ୍ଟ ଚିତ୍ତରଞ୍ଜନ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି କଣ୍ଟାବାଡ଼ ଓ ମୁକୁନ୍ଦପୁର ଗ୍ରାମକୁ ଶୋଭାଯାତ୍ରାରେ ଯାଇ ସୁସ୍ଥ ପରିବେଶ ଗଠନ କରିବାକୁ ଆହ୍ୱାନ ଦେଇଥିଲେ।

### ନାବାଳକ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

**ପୁରୀ,୨୦।୧୨(ଅଜିତ୍ ମହାନ୍ତି)**

ସମୁଦ୍ରକୂଳ ଥାନା ଅନ୍ତର୍ଗତ ପେଣ୍ଠକଟା ଭୂଦାନ ନଗରରେ ଜଣେ ନାବାଳକ ଛାତ୍ରଙ୍କ ମୃତଦେହ ତାଙ୍କ ଘରୁ ଜବତ ହୋଇଛି। ମୃତକ ହେଲେ ଆଦିତ୍ୟ କୁମାର ପଣ୍ଡା। କେଉଁ କାରଣରୁ ସେ ଆତ୍ମହତ୍ୟା କଲେ ସେନେଇ ପୋଲିସ ତଦନ୍ତ ଚଳାଇଛି। ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ଆଦିତ୍ୟ ଖୋର୍ଦ୍ଧାର ଏକ ଘରୋଇ କଲେଜରେ ପାଠ ପଢୁଥିଲେ। ଗତ କିଛିଦିନ ତଳେ ପରିବାର ଲୋକଙ୍କୁ ଫୋନ କରି ଘରକୁ ନେଇ ଆସିବା ପାଇଁ କହିଥିଲେ। ତେଣୁ ପରିବାର ଲୋକ ଆଦିତ୍ୟଙ୍କୁ ଘରକୁ ଆଣିଥିଲେ। ମଙ୍ଗଳବାର ରାତିରେ ସେ ଫ୍ୟାନରେ ଆତ୍ମହତ୍ୟା କରିଥିଲେ।

# ମହୋତ୍ସବ ନାଁରେ ବେଆଇନ ପାର୍କିଂ ଫି' ଆଦାୟ

**ଖୋର୍ଦ୍ଧା, ୨୦।୧୨ (ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ହାବେଳି ପଡ଼ିଆରେ ସାମାଜିକ ଅନୁଷ୍ଠାନ ନ୍ୟୁ ଥିଙ୍କିଙ୍ଗ ଫୋରମ୍ ପକ୍ଷରୁ ଖୋର୍ଦ୍ଧା ମହୋତ୍ସବ ଆୟୋଜନ କରାଯାଇଛି। ଖୋର୍ଦ୍ଧା ସମେତ ଆଖପାଖ ଅଞ୍ଚଳରୁ ଶତାଧିକ ଲୋକଙ୍କ ସମାଗମ ହେଉଛି। ବିବାଦୀୟ ଖଣି ପୋଖରୀରେ ମହୋତ୍ସବ ସଭା, ସାଂସ୍କୃତିକ ମଞ୍ଚ ଚାଲିଥିବାବେଳେ ହାବେଳି ପଡିଆରେ ଏକାଧିକ ବାଣିଜ୍ୟିକ ଓ ଖାଦ୍ୟ ଷ୍ଟଲ ଖୋଲା ଯାଇଛି। ତେବେ ମହୋତ୍ସବ ଆଳରେ ବେପାର ଚାଲିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ମହୋତ୍ସବରେ ପସରା ମେଲିଥିବା ଦୋକାନ ମାଲିକଙ୍କ ଠାରୁ ମନଇଚ୍ଛା ଟଙ୍କା ଆଦାୟ କରାଯାଉଛି। ଏପରିକି ମହୋତ୍ସବ ବାହାରେ ରାସ୍ତାପାର୍ଶ୍ୱ ଫୁଟପାଥ ବେପାରୀ, ଛୋଟ ବ୍ୟବସାୟୀମାନେ ମଧ୍ୟ ଏଥିରୁ ବାଦ୍ ପଡ଼ିନାହାନ୍ତି।

ମହୋତ୍ସବ ଆଳରେ ବିଭିନ୍ନ ସ୍ଥାନରେ ପାର୍କିଂ ମଧ୍ୟ କରାଯାଇଛି। ବୁଢ଼ି ବଗିଚା, ମହିଳା ମହାବିଦ୍ୟାଳୟ ସମ୍ମୁଖ, ସ୍ୱପ୍ନେଶ୍ୱର ମନ୍ଦିର ନିକଟ, ନବିନାବାଗ, ଗାନ୍ଧୀପଡ଼ିଆ ପ୍ରଭୃତି ଅଞ୍ଚଳରେ ଗାଡ଼ି ପାର୍କିଂ କରାଯାଇଛି। ଏତଦ୍ବ୍ୟତୀତ ଏସ୍‌ବିଆଇ ଛକରୁ ହାବେଳି ପଡ଼ିଆ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବାଇକ୍ ଓ ଚାରିଚକିଆ ଯାନ ପାର୍କିଂ ଆଦାୟ କରାଯାଉଛି। ମହୋତ୍ସବ କମିଟି ପାର୍କିଂ ଲାଗି ଅନୁମତି ଦେଇଥିବା ଏବଂ ସେମାନେ ଏଥିଲାଗି କମିଟିଠାରୁ ମୌଖିକ ଭାବେ ମୋଟା ଅଙ୍କ ଦେଇ ଅନୁମତି ନେଇଥିବା କେତେଜଣ ନାମଗୋପନ ରଖି ଗଣମାଧ୍ୟମ ଆଗରେ କହିଛନ୍ତି। ମହୋତ୍ସବ ଚାରିପଟ ଅଞ୍ଚଳରେ ପାର୍କିଂ ଦାୟିତ୍ୱରେ ଥିବା ଯୁବକମାନେ ରାସ୍ତାକୁ ବ୍ଲକିଂ କରି ରଖୁଛନ୍ତି। ସେହି ରାସ୍ତାଦେଇ ସ୍ଥାନୀୟ ବାସିନ୍ଦାଙ୍କୁ ମଧ୍ୟ ଯିବା ଆସିବାକୁ ସୁଯୋଗ ଦେଉନାହାନ୍ତି। ସାମନ୍ତରାପୁର ଠେଙ୍ଗାହାଟଠାରୁ ନବିନାବାଗ ଦେଇ ପଲ୍ଲା ନୂଆ ବସ୍‌ଷ୍ଟାଣ୍ଡକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାକୁ ଅବରୋଧ କରି ରଖିଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କୁ ଘରକୁ ଯିବାକୁ ମଧ୍ୟ ଛାଡୁନାହାନ୍ତି। ଫଳରେ ବାସିନ୍ଦା ନିରୁପାୟ ହୋଇ ପାର୍କିଂରେ ବାଇକ୍ ରଖି ଚାଲି ଚାଲି ଘରକୁ ଯିବା ଆସିବା କରୁଛନ୍ତି। ଏପରି କି କେହି କେହି ଅନ୍ୟ ବାଟ ଦେଇ ଯାତାୟାତ କରୁଛନ୍ତି। ତେବେ ଲୋକେ ପ୍ରତିବାଦ କଲେ ଆମେ ମହୋତ୍ସବ କମିଟି ଠାରୁ ଟେଣ୍ଡର ନେଇଛୁ, ଏଣୁ ବାଇକ୍ ଫି' ଆଦାୟ କରିବୁ ବୋଲି ଧମକ୍ ଦେଉଛନ୍ତି। ଏନେଇ ବକ୍ସି ଲେନ୍‌ର ସୁଶାନ୍ତ ପଟ୍ଟନାୟକ କହନ୍ତି, ପଲ୍ଲାରେ ମୋର ଦୋକାନ ରହିଛି। ଦୋକାନକୁ ଯିବା ଲାଗି ବାଇକ୍ ଛାଡୁନାହାନ୍ତି। ପାର୍କିଂରେ ରଖି ଚାଲିବାକୁ ବାଧ କରୁଛନ୍ତି।

**ଠେଙ୍ଗାହାଟଠାରୁ ନବିନାବାଗ ରାସ୍ତା ଅବରୋଧ**

**ପାର୍କିଂ ଅନୁମତି ଦିଆଯାଇନାହିଁ : ଇଓ**

ଖୋର୍ଦ୍ଧା ସଚେତନ ନାଗରିକ ମଂଚ ଆବାହକ ଶୋଭନ ଘୋଷ କୁହନ୍ତି ମହୋତ୍ସବ ଆଳରେ ଏକ ପ୍ରକାର ବେପାର ଚାଲିଛି। ମହୋତ୍ସବ ପଡିଆକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ଜୋରଯବରଦସ୍ତ ବନ୍ଦ କରି ଯାନବାହନ ଠାରୁ ପାର୍କିଂ ଫି' ଆଦାୟ କରାଯାଉଛି। ତେବେ ପୌରପ୍ରଶାସନ ଏଥିଲାଗି ମହୋତ୍ସବ କମିଟିକୁ ଅନୁମତି ଦେଇଛନ୍ତି କି, ଯଦି ଦେଇଛନ୍ତି ତେବେ ପାର୍କିଂ ଆଦାୟ ଲାଗି ନିର୍ଦ୍ଧାରିତ ଦର ତାଲିକା କରିବା ଆବଶ୍ୟକ। ଦୈନିକ ଶତାଧିକ ଲୋକ ମହୋତ୍ସବକୁ ଆସୁଛନ୍ତି। ପାର୍କିଂ ବାବଦକୁ ଲକ୍ଷାଧିକ ଟଙ୍କା ଆଦାୟ କରାଯାଉଛି। ତେବେ ଏଟଙ୍କା କାହା ପକେଟକୁ ଯାଉଛି, ଏଥିରେ ପୌର ପ୍ରଶାସନ କାହିଁକି ନୀରବଦ୍ରଷ୍ଟା ସାଜିଛି ବୋଲି ସେ ପ୍ରଶ୍ନ କରିଛନ୍ତି।

ଏ ସମ୍ପର୍କରେ ଆୟୋଜକ କମିଟି ସଭାପତି ଦିଲୀପ ଶ୍ରୀଚନ୍ଦନ, ସମ୍ପାଦକ ନରେନ୍ଦ୍ର ପୃଷ୍ଟିଙ୍କ ମତାମତ ହସ୍ତଗତ ହୋଇପାରି ନ ଥିବାବେଳେ ପୌର ନିର୍ବାହୀ ଅଧିକାରୀ ରିଜ୍ୱାନା କଅକବ କୁହନ୍ତି ମହୋତ୍ସବରେ ପାର୍କିଂ ଲାଗି କମିଟି ପୌର ପ୍ରଶାସନ ପକ୍ଷରୁ କୌଣସି ଅନୁମତି ଦିଆଯାଇନାହିଁ। ପୌର ପ୍ରଶାସନର ପାର୍କିଂ ସ୍ଥାନରେ ଯାନବାହନ ରଖିବା ଲାଗି କୁହାଯାଇଥିଲା। ମହିଳା ମହାବିଦ୍ୟାଳୟଠାରୁ ନବିନାବାଗ ପର୍ଯ୍ୟନ୍ତ ମୁଖ୍ୟରାସ୍ତାକୁ ଅବରୋଧ କରାଯାଇଥିବା ଏବଂ ନୂଆ ବସଷ୍ଟାଣ୍ଡର ଉଭୟ ପାର୍ଶ୍ୱ ରାସ୍ତାରେ ବେଆଇନ ଭାବେ ପାର୍କିଂ ଆଦାୟ କରାଯାଉଥିବା ନେଇ ଅଭିଯୋଗ ଆସୁଛି। ଏହାକୁ ଅନୁଧ୍ୟାନ ଲାଗି ଏନଫୋର୍ସମେଣ୍ଟ ଟିମ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ବେଆଇନ ଭାବେ ପାର୍କିଂ ଆଦାୟ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ସଦର ଏସ୍‌ଡିପିଓ ଦିଲୀପ ଦାସଙ୍କ କହିବା ହେଲା ଭିଡ଼ ଓ ଟ୍ରାଫିକ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି। କୌଣସି ସ୍ଥାନରେ ବେଆଇନ ଭାବେ ଅଥବା ଜବରଦସ୍ତ ପାର୍କିଂ ଆଦାୟ, ଲୋକଙ୍କୁ ଦୁର୍ବ୍ୟବହାର କରାଯାଉଥିବା ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଜାତୀୟସ୍ତରୀୟ ଶିକ୍ଷାର ସଦୁପଯୋଗ କରିବାକୁ ପରାମର୍ଶ



ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

**ବୋଲଗଡ଼,୨୦।୧୨(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ପିଟୁକୁଲିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ରାଜେନ୍ଦ୍ର ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାତୀୟସ୍ତରୀୟ ଶିକ୍ଷା ପ୍ରଦାନ କରିବାକୁ ଚେଷ୍ଟା କରୁଛନ୍ତି। ଛାତ୍ରୀଛାତ୍ର ଏହାର ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ତାପସ ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଡିଆଇଇଟି ଅଧ୍ୟକ୍ଷ ତାପସ ମହାନ୍ତି, ପୂର୍ବତନ ବିଇଓ ଡ. ନିରଞ୍ଜନ ମହାନ୍ତି, ବିଡିଓ ଶରତ ମଲିକ, ତହସିଲଦାର ନିବେଦିତା ପରିଡ଼ା, ପ୍ରଫୁଲ୍ଲ ପ୍ରଧାନ, ସରପଞ୍ଚ ଜୟନ୍ତୀ ପ୍ରଧାନ, ସମିତିସଭ୍ୟ ସଞ୍ଜୟ ଗୁମାନସିଂ, ବ୍ୟଙ୍ଗ କବି ବ୍ରଜ ବିହାରୀ ସୁବୁଦ୍ଧି ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ ବାରିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ଶିକ୍ଷକ ଅମିତ ନାୟକ ଧନ୍ୟବାଦ ଦେଇଥିଲେ।

# ଆଜିଠାରୁ ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ

**ଟାଙ୍ଗୀ,୨୦।୧୨(ରଘୁନାଥ ସାହୁ)**

କୁହୁଡି ମହାବୀର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ କୁହୁଡିଠାରେ ସର୍ବଭାରତୀୟ ମହାବୀର କପ୍ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାରଠାରୁ ଆରମ୍ଭ ହେବ। ଟୁର୍ନାମେଣ୍ଟରେ କୋଲକାତା, ଛତିଶଗଡ଼, ବିହାର, ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ, ତେଲଙ୍ଗାନା ରାଜ୍ୟ ସମେତ ଓଡ଼ିଶାର ପ୍ରମୁଖ ଫୁଟବଲ କ୍ଲବ ଭାଗ ନେବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଜାତୀୟସ୍ତରୀୟ ଫୁଟବଲ ରେଫରି ଟୁର୍ନାମେଣ୍ଟ ପରିଚାଳନା କରିବାକୁ ପହଞ୍ଚି ସାରିଛନ୍ତି। ଉଦ୍‌ଘାଟନୀ ମ୍ୟାଚ ଭୁବନେଶ୍ୱର କିଶୋର କ୍ଲବ ଓ ହାଓଡ଼ା ଫୁଟବଲ ଏକାଡ଼େମୀ ମଧ୍ୟରେ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ସମ୍ପାଦକ ମନୋଜ ମାନସିଂ ସୂଚନା ଦେଇଛନ୍ତି। ବହୁ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ରହି ଖେଳ ଉପଭୋଗ କରିବାକୁ ଆୟୋଜକ କମିଟି ନିବେଦନ କରିଛନ୍ତି।

# ମଙ୍ଗଳା କ୍ଲବ ଚାମ୍ପିୟନ

**ରାଜ୍ୟସ୍ତରୀୟ ତମାଣ୍ଡୋ କପ୍ ଫୁଟବଲ**

**ଯାଁଳା,୨୦।୧୨(ବୁଲା ବାରିକ)**

ଶିବଶକ୍ତି କ୍ଲବ ଆନୁକୂଲ୍ୟରେ ତମାଣ୍ଡୋ ମିନି ଷ୍ଟାଡିୟରେ ଆୟୋଜିତ ୨୮ତମ ତମାଣ୍ଡୋ କପ୍ ଫୁଟବଲରେ ମଙ୍ଗଳା କ୍ଲବ ଚାମ୍ପିୟନ ହୋଇଛି। ବୁଧବାର ଫାଇନାଲ ମ୍ୟାଚ ମଙ୍ଗଳା କ୍ଲବ କଟକ ଓ କ୍ରୀଡ଼ା ଛାତ୍ରାବାସ (ସ୍ପୋର୍ଟ୍ସ ହଷ୍ଟେଲ)କଟକ ମଧ୍ୟରେ ହୋଇଥିଲା। ଏଥିରେ ମଙ୍ଗଳା କ୍ଲବ ୪-୨ରେ ବିଜୟୀ ହୋଇ ଏବର୍ଷର ଚାମ୍ପିୟନ ହୋଇଛି। ମ୍ୟାଚ ସଂଘର୍ଷପୂର୍ଣ୍ଣ ଥିଲା। ଶେଷ ପର୍ଯ୍ୟନ୍ତ ଉଭୟ ପରସ୍ପରକୁ ଗୋଲ ଦେଇପାରି ନ ଥିଲେ। ମ୍ୟାଚ ବରାବର ହୋଇ ଟାଇ ବ୍ରେକର ସାହାଯ୍ୟ ନିଆଯାଇଥିଲା।

ଏଥିରେ ସ୍ପୋର୍ଟ୍ସ ହଷ୍ଟେଲର ଖେଳାଳି ଧନେଶ୍ୱର ବିଶ୍ରା ଓ ସୁରଜ ନାୟକ ଗୋଟିଏ ଲେଖାଏଁ ଗୋଲ କରିଥିଲେ। ଜବାବରେ ମଙ୍ଗଳା କ୍ଲବ ପକ୍ଷରୁ ବବୁଲ ରାଉତ, ଦୀନବନ୍ଧୁ ଦାସ, ବିପିନ ବିନ୍ଧାଣି ଓ ସତ୍ୟ ପ୍ରକାଶ ରାଉତ ଗୋଟିଏ ଗୋଟିଏ ଗୋଲ କରି ଦଳକୁ ବିଜୟୀ କରିଥିଲେ। ଅତିଥି ଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଭାଜପା ଜିଲା କାର୍ଯ୍ୟକାରିଣୀ ସଭ୍ୟ ବିଶ୍ୱରଞ୍ଜନ ବଡଜେନା, କ୍ରୀଡ଼ା ସଂଗଠକ ନବରଞ୍ଜନ ପଟ୍ଟନାୟକ, ସତୀଶ ଶର୍ମା ଉପସ୍ଥିତ ରହି ଉଭୟ ଦଳକୁ ପୁରସ୍କାର ଦେଇଥିଲେ। ଚାମ୍ପିୟନ ଦଳକୁ ୨୫ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଖେଳାଳି ଭାବେ ମଙ୍ଗଳା କ୍ଲବର ଦୀନବନ୍ଧୁ ଦାସ ଓ ବିପିନ ବିନ୍ଧାଣି ଏବଂ ଶୃଙ୍ଖଳିତ ଦଳ ହିସାବରେ ଉତ୍କଳ ସ୍ପୋର୍ଟିଂ ଜଟଣୀକୁ ଦିଆଯାଇଥିଲା। ଶିବ ଶଙ୍କର ପଣ୍ଡା, ସୁଶାନ୍ତ ମିଶ୍ର, ଶିବ ପ୍ରସାଦ ସାମନ୍ତରାୟ ଏବଂ ଏମ୍.ଏସ୍.ବେଗ୍ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ୨୨ରୁ ଗିନିକପ୍ କ୍ରିକେଟ ଟୁର୍ନାମେଣ୍ଟ




**ଖୋର୍ଦ୍ଧା,୨୦।୧୨(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲା କ୍ରିକେଟ ଆସେସିଏଶନ (କେଡିସିଏ) ଆନୁକୂଲ୍ୟରେ ସବ୍ୟସାଚୀ ଓ ଦିନେଶ ମେମୋରିଆଲ ରାଜ୍ୟସ୍ତରୀୟ ଗିନିକପ୍ କ୍ରିକେଟ ଟୁର୍ନାମେଣ୍ଟ ସ୍ଥାନୀୟ ଷ୍ଟାଡ଼ିୟମରେ ଚଳିତ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭୁବନେଶ୍ୱରର ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ୍, ରାମେଶ୍ୱର କିକ୍ରେଟ୍ କ୍ଲବ୍, କଟକର ସୋଲାର ଓ ରାଇଜିଂ ଷ୍ଟାର ଟିମ୍ ଭାଗ ନେବେ। ଚଳିତ ବର୍ଷ ଏକ ନୂତନ ଫର୍ମାଟରେ ମ୍ୟାଚ ଖେଳାଯିବ। ଦୁଇଟି ଟିମ୍ ମଧ୍ୟରେ ୧୫ ଓଭର ଲେଖାଏ ଦୁଇଥର ମ୍ୟାଚ୍ ଖେଳାଯିବ। ୨୪ ତାରିଖରେ ଏକ ପ୍ରଦର୍ଶନୀ ମ୍ୟାଚ କରାଯିବାକୁ ସ୍ଥିର ହୋଇଥିବା ବୁଧବାର ଷ୍ଟାଡିୟମରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେଡିସିଏ ସମ୍ପାଦକ ଭବାନୀ ଶଙ୍କର ପଣ୍ଡା କହିଛନ୍ତି। ପ୍ରତ୍ୟହ ସକାଳ ୯ଟାରୁ ମ୍ୟାଚ ଅନୁଷ୍ଠିତ ହେବ। ଫାଇନାଲରେ ବିଜୟୀ ଟିମ୍‌କୁ ୫୦ ହଜାର ଟଙ୍କା ସହ କପ୍ ଏବଂ ରନର୍ସ ଟିମ୍‌କୁ ୩୦ ହଜାର ଟଙ୍କା ସହ ରନର୍ସ କପ୍ ପ୍ରଦାନ କରାଯିବ। ପ୍ରତି ମ୍ୟାଚରେ ମ୍ୟାନ୍ ଅଫ୍ ଦ ମ୍ୟାଚ୍ ଏବଂ ମ୍ୟାନ୍ ଅଫ୍ ଦ ସିରିଜ ପୁରସ୍କାର ବ୍ୟବସ୍ଥା ରହିଛି।

ସୂଚନାଯୋଗ୍ୟ, ୧୯୭୮ରେ କେଡିସିଏ ଗଠନ ହୋଇଥିଲା। ୧୯୯୪ରୁ ଆରମ୍ଭ ହୋଇଥିବା ଗିନିକପ୍ ୨୦୦୬ ମସିହା ପର୍ଯ୍ୟନ୍ତ ନିୟମିତ ହୋଇଆସୁଥିଲା। ତେବେ କିଛିବର୍ଷ ଏହା ବନ୍ଦ ରହିବା ପରେ ପୁଣି ଆରମ୍ଭ ହୋଇଛି। ଖବରଦାତା ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ମନୋଜ କୁମାର ପ୍ରଧାନ, ସଦସ୍ୟ ତଥା ପୌର ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି, ଗଣମାଧ୍ୟମ ସଂଯୋଜକ ନିରୋଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଡ୍ରପ୍ ଆଉଟ୍ ହାର: କେନ୍ଦ୍ରମନ୍ତ୍ରୀଙ୍କୁ ଆପତ୍ତି ଜଣାଇଲେ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର, ୨୦।୧୨(ଅସମାପିକା ସାହୁ)**

ରାଜ୍ୟରେ ଛାତ୍ରୀଛାତ୍ରଙ୍କ ଡ୍ରପ୍‌ଆଉଟ୍ ହାରକୁ ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଦେଇଥିବା ତଥ୍ୟକୁ ନେଇ ବୁଧବାର ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଆପତ୍ତି ଜଣାଇଛନ୍ତି। ପାର୍ଲାମେଣ୍ଟରେ ଡିଏମ୍‌କେ ଏମ୍‌ପି କଳାନିଧି ଭୀରାସ୍ୱାମୀଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୨୦୨୧-୨୨ର ୟୁଡିଆଇଏସ୍‌ଇ ପ୍ଲସ୍ ତଥ୍ୟ ଆଧାରରେ ଓଡ଼ିଶାର ଛାତ୍ରୀଛାତ୍ରଙ୍କ ଡ୍ରପ୍‌ଆଉଟ୍ ହାର ୪୯.୯% ଦର୍ଶାଇଛନ୍ତି। ଏହାକୁ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହି ମର୍ମରେ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ପତ୍ର ସଂଖ୍ୟା୧୦୮୮ ମାଧ୍ୟମରେ କେନ୍ଦ୍ର ମନ୍ତ୍ରୀଙ୍କୁ ଆପତ୍ତି ଜଣାଇଛନ୍ତି। ସେ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗର ସଚିବଙ୍କ ପତ୍ର (D.O. No.23-7/2022-State, dated 23rd March, 2023) ଅନୁଯାୟୀ, ବର୍ତ୍ତମାନ ପ୍ରଚଳିତ ୟୁଡିଆଇଏସ୍‌ଇ ପ୍ଲସ୍‌ରେ ଉଲ୍ଲିଖିତ ତଥ୍ୟରେ ରାଜ୍ୟରେ ଚାଲୁଥିବା ଅନ୍ୟାନ୍ୟ ଘରୋଇ ବିଦ୍ୟାଳୟ, ବୈଷୟିକ ଶିକ୍ଷାନୁଷ୍ଠାନ ଆଦିରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ତଥ୍ୟ ଉପସ୍ଥାପିତ କରାଯିବାର ବିଧି ବ୍ୟବସ୍ଥା ନ ଥିବାରୁ କେବଳ ୟୁଡିଆଇଏସ୍‌ଇ ପ୍ଲସ୍ ତଥ୍ୟ ଆଧାରରେ ଡ୍ରପ୍‌ଆଉଟ୍ ହାର ଠିକ୍ ଭାବେ ଆକଳନ କରିବା ସମ୍ଭବ ନୁହେଁ। ଓଡ଼ିଶାରେ ପ୍ରାୟ ୧ ଲକ୍ଷ ୪୦ ହଜାର ଛାତ୍ରୀଛାତ୍ର ଏସବୁ ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ ଥିବାରୁ ସେମାନଙ୍କ ସମ୍ବନ୍ଧୀୟ ତଥ୍ୟଗୁଡ଼ିକୁ ୟୁଡିଆଇଏସ୍‌ଇ ପ୍ଲସରେ ଅନ୍ତର୍ଭୁକ୍ତ କରିବା ପାଇଁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)ର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ କେନ୍ଦ୍ର ଶିକ୍ଷା ବିଭାଗକୁ ବାରମ୍ବାର ପତ୍ର ପ୍ରେରଣ କରିଛନ୍ତି। ୨୦୨୨-୨୩ ଶିକ୍ଷାବର୍ଷର ୟୁଡିଆଇଏସ୍‌ଇ ପ୍ଲସ୍ ତଥ୍ୟ ବହୁପୂର୍ବରୁ କେନ୍ଦ୍ରକୁ ପ୍ରେରଣ କରାଯାଇଛି। ଉକ୍ତ ତଥ୍ୟ ଅନୁଯାୟୀ ଆମ ରାଜ୍ୟରେ ଡ୍ରପ୍‌ଆଉଟ୍ ହାର ପ୍ରାୟ ୨୦ ପ୍ରତିଶତକୁ ହ୍ରାସ ପାଇଛି। ପୁନଶ୍ଚ ଅନ୍ୟାନ୍ୟ ପାଠ୍ୟକ୍ରମର ଅଧ୍ୟୟନରତ ୧ଲକ୍ଷ ୪୦ ହଜାର ଛାତ୍ରୀଛାତ୍ରଙ୍କ ତଥ୍ୟକୁ ୟୁଡିଆଇଏସ୍‌ଇ ପ୍ଲସରେ ଠିକ୍ ଭାବେ ଉପସ୍ଥାପିତ କରାଗଲେ, ଏହା ପ୍ରାୟ ୧୫ ପ୍ରତିଶତକୁ ହ୍ରାସ ପାଇବ। ତେଣୁ ରାଜ୍ୟର ଡ୍ରପ୍‌ଆଉଟ୍ ହାରକୁ ଠିକ୍ ଭାବେ ଆକଳନ କରିବା ନିମିତ୍ତ ୨୦୨୨-୨୩ ଶିକ୍ଷା ବର୍ଷର ୟୁଡିଆଇଏସ୍‌ଇ ପ୍ଲସ ତଥ୍ୟକୁ ଯଥାଶୀଘ୍ର ପ୍ରକାଶିତ କରିବା ପାଇଁ କେନ୍ଦ୍ର ମଶିକ୍ଷା ମନ୍ତ୍ରୀଙ୍କୁ ସୁଦାମ ମାର୍ଣ୍ଡି ଅନୁରୋଧ କରିଛନ୍ତି। ଏଥିସହିତ ୟୁଡିଆଇଏସ୍‌ଇ ପ୍ଲସରେ ରାଜ୍ୟରେ ପ୍ରଚଳିତ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରଙ୍କ ସବିଶେଷ ତଥ୍ୟ ସଂଗ୍ରହ କରିବାର ସୁଯୋଗ ପ୍ରଦାନ କରିବା ପାଇଁ ସେ କେନ୍ଦ୍ର ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ରୋଗୀଙ୍କୁ ଯୋଗାଉଛନ୍ତି ମାଗଣା ଆମ୍ବୁଲାନ୍ସ ସେବା

**ବେଗୁନିଆ,୨୦।୧୨(ହର ପ୍ରସନ୍ନ ପଣ୍ଡା)**




ବର୍ତ୍ତମାନ ସମୟରେ ବ୍ୟସ୍ତ ଜୀବନରେ କିଏ ବା କାହାକୁ ପଚାରେ। ଏଭଳି କ୍ଷେତ୍ରରେ ସାଧାରଣଲୋକଙ୍କ ସେବାରେ ପ୍ରଦୀପ୍ତ କୁମାର ବିଶ୍ୱାଳ ନିଜକୁ ବ୍ରତୀ କରିଛନ୍ତି। ସେମାନଙ୍କ ସୁଖ ଦୁଃଖ ବୁଝିବା ସହ ରୋଗୀ ମାଗଣା ସେବା ଯୋଗାଇ ଯୋଗାନ୍ତି। ଦୀର୍ଘ ଦିନ ଧରି ପ୍ରଦୀପ୍ତ ଆମ୍ବୁଲାନ୍ସ ସେବା ଯୋଗାଇ ଦେବାକୁ ସପ୍ନ ଦେଖୁଥିବାବେଳେ ବାସ୍ତବରେ ଏବେ ସେ ସଫଳ ହୋଇଛନ୍ତି। ସେ ନିଜ ଦୁଇ ଚକିଆ ଯାନକୁ ଆମ୍ବୁଲାନ୍ସ କରି ଅଞ୍ଚଳର ରୋଗୀଙ୍କୁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ନେଉଛନ୍ତି। ପ୍ରକାଶ ଥାଉକି, ବେଗୁନିଆ ବ୍ଲକ ବାଘମାରି ଅଞ୍ଚଳର ପ୍ରଦୀପ୍ତ ବିଗତ ଦିନରେ ଗରିବ ଲୋକଙ୍କ ସେବାରେ ନିଜକୁ ହଜେଇ ଦେଇଛନ୍ତି। ସାଧାରଣ ଲୋକଙ୍କ ସୁଖ ଦୁଃଖର ଭାଗୀଦାରୀ ହୋଇ ସମାଧାନର ସୂତ୍ର ବାହାର କରିବାରେ ଜଣେ ଦକ୍ଷ ସାମାଜିକ କର୍ମୀ ଭାବେ ପରିଚିତ ହୋଇପାରିଛନ୍ତି। ସ୍ଥାନୀୟ ଅଞ୍ଚଳର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ସଜାଡିବାକୁ ପ୍ରୟାସ କରିଥିଲେ। ବାଘମାରୀର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଉନ୍ନତ ମାନର ଚିକିତ୍ସା ସୁବିଧା ଯୋଗାଇଦେବା ସହ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଟିଏ ଆମ୍ବୁଲାନ୍ସ ଦେବାକୁ ବାରମ୍ବାର ସରକାରଙ୍କୁ ଦାବି କରୁଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ସଫଳ ହୋଇନାହିଁ। ଶେଷରେ ସେ ଲୋକଙ୍କ ସେବା ପାଇଁ ଏକ ଅଭିନବ ପଦକ୍ଷେପ ନେବାକୁ ସ୍ଥିର କରିଥିଲେ। ସ୍ଥାନୀୟ ଅଞ୍ଚଳର ଗୁରୁତର ରୋଗୀଙ୍କୁ ଜରୁରୀକାଳୀନ ମାଗଣା ସେବା ଯୋଗାଇ ଦେବାକୁ ସଂକଳ୍ପ କରିଥିଲେ। ସେ ନିଜ ଦୁଇ ଚକିଆ ଯାନକୁ ଏକ ଆମ୍ବୁଲାନ୍ସ ଭଳି କରିଛନ୍ତି, ଯେଉଁଥିରେ ଜଣେ ରୋଗୀ ସୁବିଧାରେ ଯାଇପାରିବେ। ଆଗକୁ ସେ ବିଭିନ୍ନ ଗ୍ରାମକୁ ଯାଇ ରୋଗୀଙ୍କୁ ସେବା ଯୋଗାଇବାକୁ ସଂକଳ୍ପ କରିଥିବା ପ୍ରଦୀପ୍ତ କହିଛନ୍ତି। ପ୍ରଦୀପ୍ତଙ୍କ ଏଭଳି ମହତ ଆଭିମୁଖ୍ୟ ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହିତ ଆମ ଆଦମୀ ପାର୍ଟିର ନେତା କଳ୍ପତରୁ ପଣ୍ଡା କୃତଜ୍ଞତା ଜଣାଇଛନ୍ତି।

**ODISHA BIGYAN ACADEMY**

**ADVERTISEMENT**

Nominations in the prescribed proforma are invited by the Odisha Bigyan Academy, Science & Technology Department, Government of Odisha, Bhubaneswar for the following Awards and Honours **for the Award Year 2023** based **on scientific contributions upto 31st December, 2022.**

1. **Biju Patnaik Award for Scientific Excellence.** (Minimum age of Scientists must be 60 years & above on 31st December, 2022)
2. **Samanta Chandra Sekhar Award.** (Upper age of Scientists must not exceed 60 years on 31st December, 2022)
3. **Odisha Young Scientists Award.** (Upper age of Young Scientists must not exceed 35 years on 31st December, 2022)
4. **Pranakrushna Parija Popular Science Book Award.** (For authors of Odia Popular Science Books in General & Children category)
5. **Felicitation of Senior Scientists of Odisha.** (Age must be 65 years or above on 31st December, 2022)

For detail guidelines and nomination proforma, please login to Odisha Bigyan Academy website: **www.odishabigyanacademy.nic.in.**

The nomination proforma can be downloaded from the above website. Duly filled-in proforma as per guidelines to be sent to the Secretary, Odisha Bigyan Academy in the following address along with all particulars & documents. Nominees for Biju Patnaik Award for Scientific Excellence, Samanta Chandra Sekhar Award & Odisha Young Scientists Award are required to mention Thomson Reuter Impact Factor against the list of publications and should also mention number of total Citations, *h* index & *i* 10 index at the top of the publications list. A nominator can nominate only one nominee for a particular category of award in a year. As Pranakrushna Parija Popular Science Book Award is a single award, nominee can apply either for General category or Children category in an award year.

The last date for receipt of nominations is **07.02.2024 (upto 5.00 pm). Nominations received after due date shall not be taken into consideration.**

**Secretary, Odisha Bigyan Academy,**
**B/2, Saheed Nagar, Bhubaneswar-751 007, Odisha (INDIA)**

No. U-74 OIPR-28002/11/0001/2324

## ସଂକ୍ଷେପରେ

### ସ୍ୱଚ୍ଛତା, ପରିମଳ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

କଣାସ,୨୦।୧୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୁଧବାର 'ନୂଆ-ଓ' କାର୍ଯ୍ୟକ୍ରମ ଅବସରରେ ସ୍ୱଚ୍ଛତା, ପରିମଳ ସମ୍ପର୍କିତ ଏକ ସଚେତନତା ରାଲି ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅନୁଷ୍ଠାନରୁ ବର୍ଶାରି ବାଲିଘାଇ ଛକ, କଣାସ ମେଡିକାଲ ପର୍ଯ୍ୟନ୍ତ ଯାଇଥିଲେ। ଶେଷରେ କଣାସ ବ୍ଲକ ସମ୍ମୁଖରେ ରୁଣ୍ଡ ହୋଇ ସ୍ୱଚ୍ଛତା ଓ ପରିମଳ ସମ୍ପର୍କିତ ସ୍ଲୋଗାନ ଦେଇଥିଲେ। ବିଡିଓ ନାରାୟଣ ଚନ୍ଦ୍ର ସାହୁ ଏବଂ କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି ଉଦ୍‌ବୋଧନ ଦେଇ ପିଲାଙ୍କୁ ସ୍ୱଚ୍ଛତା ଓ ପରିମଳର ଆବଶ୍ୟକତା ତଥା ଏଥି ସମ୍ପର୍କିତ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ବକ୍ତବ୍ୟ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଅଧ୍ୟକ୍ଷ ବନବିହାରୀ ସାହୁ, ନୋଡାଲ ଅଫିସର ଉମେଶଚନ୍ଦ୍ର ପଟ୍ଟଯୋଶୀ ସମ୍ପୃକ୍ତ କାର୍ଯ୍ୟକ୍ରମର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ପ୍ରଭାସ ମଙ୍ଗରାଜ ମିଳିତ ଭାବେ ସଞ୍ଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଅକ୍ଷୟ ସ୍ୱାଇଁ, ଗଦାଧର ଶତପଥୀ, ପ୍ରଶାନ୍ତ ପଲାଇ, ସସ୍ମିତା ହାତୀ, ମହେନ୍ଦ୍ର ବିଶ୍ୱାଳ ତଥା ଅଣଶିକ୍ଷକ କର୍ମଚାରୀ ପିଲାଙ୍କ ମଧ୍ୟରେ ଶୃଙ୍ଖଳା ରକ୍ଷା କରିବାରେ ସହଯୋଗ କରିଥିଲେ।

### ଧନୁଆ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

ବଳଙ୍ଗା,୨୦।୧୨(କେଦାରେଶ୍ୱର ନନ୍ଦ)

୨ ଦିନ ଧରି ଚାଲିଥିବା ଧନୁଆ ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ସଭାରେ ପ୍ରଧାନ ଶିକ୍ଷକ ପ୍ରଦୀପ ରଥ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ବିଜୟ ସିଂ, ଶିକ୍ଷକ ଜଗବନ୍ଧୁ ନାୟକ, ବାପୁଜୀ ଏମ୍‌ଇ ସ୍କୁଲ ପ୍ରଧାନ ଶିକ୍ଷକ ମଙ୍ଗରାଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡ଼ା ପ୍ରତିଯୋଗିତାକୁ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଗଣେଶ ମଙ୍ଗରାଜ, ଶରତ ସ୍ୱାଇଁ ପରିଚାଳନା କରିଥିବାବେଳେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

### ଶିଶୁ ଅପହରଣ, ବାପା ରଚିଥିଲେ ନାଟକ: ୪ ଗିରଫ

ଭୁବନେଶ୍ୱର,୨୦।୧୨ (ସତ୍ୟଜିତ୍‌ରାଉତ)

କୋମଳମତି ୧୧ ମାସର ଶିଶୁଟି ପାଇଁ ନିର୍ଦ୍ଦୟ ସାଜିଥିଲେ ନିଜ ବାପା। ଶିଶୁପୁତ୍ରକୁ ଆଉ ଜଣଙ୍କୁ ଦେଇ ରଚିଥିଲେ ଅପହରଣର ନାଟକ। ରାଜଧାନୀରେ ଚର୍ଚ୍ଚାର ବିଷୟ ହୋଇଥିବା ଏହି ମାମଲାରେ କମିଶନରେଟ୍ ପୋଲିସ ବୁଧବାର ଶିଶୁପୁତ୍ରଙ୍କ ବାପା ଓ ସାବତ ବାପାଙ୍କ ସମେତ ୪ଜଣଙ୍କୁ ଗିରଫ କରିଛି। ଏଥିସହ ପୋଲିସ ଶିଶୁପୁତ୍ରଙ୍କୁ କଟକ ମଧୁପାଟଣା ଅଞ୍ଚଳରୁ ଉଦ୍ଧାର କରି ପୂରା ଘଟଣାର ପର୍ଦ୍ଦାଫାଶ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାପା ତଥା ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳର ସୁବ୍ରତ ସେଠୀ (୨୩), ସାବତ ବାପା ବିଷ୍ଣୁଚରଣ ପୃଷ୍ଟି (୪୨), ଜଗତ୍‌ସିଂପୁର ଜିଲା ବାଲିକୁଦା ଥାନା ଅଞ୍ଚଳର ସରୋଜ କୁମାର ମହାନ୍ତି (୫୫) ଓ ପୁରୀ ଜିଲା ଅସ୍ତରଙ୍ଗ ଥାନା ଅଞ୍ଚଳର ବ୍ରଜକିଶୋର ନାଥ (୪୮)। କୋର୍ଟଚାଲାଣ ପରେ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଓଡ଼ିଶା-ଆସାମର ସାଂସ୍କୃତିକ ଦୂତ ଥିଲେ କୁମାର କବି

- ସତ୍ୟରଞ୍ଜନ ବୋରା ପାଇଲେ ଓଡ଼ିଶା ସଂସ୍କୃତି ସମ୍ମାନ
- ରାଧା ଦେବୀ, ଅମୀୟ କୁଲିତାଙ୍କୁ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ମାନ

ପୁରୀ,୨୦।୧୨(ଅଜିତ୍ ମହାନ୍ତି)



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ।

ଭକ୍ତ ସାଲବେଗ ପୀଠରେ କୁମାର କବି ଫାଉଣ୍ଡେଶନ ଓ କୁଟୁମ୍ବ ସୁରକ୍ଷା ପରିଷଦର ମିଳିତ ଆୟୋଜନକ୍ରମେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ କୁମାର କବି ଫାଉଣ୍ଡେଶନର ସଭାପତି ଅଧ୍ୟାପକ ବସନ୍ତ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ସମାରୋହକୁ ଆସାମର ବିଶିଷ୍ଟ ଆଧ୍ୟାତ୍ମିକ ଗୁରୁ ତଥା କୁଟୁମ୍ବ ସୁରକ୍ଷା ପରିଷଦର ସଭାପତି ସତ୍ୟରଞ୍ଜନ ବୋରା ମୁଖ୍ୟଅତିଥି ରୂପେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଜାତି, ଧର୍ମ ନିର୍ବିଶେଷରେ ସମସ୍ତେ ସମାନ। ପରସ୍ପର ପ୍ରତି ସମ୍ମାନ ପ୍ରଦର୍ଶନ, ବିପଦରେ ଅନ୍ୟକୁ ସାହାଯ୍ୟ ଓ ରାଷ୍ଟ୍ର ପ୍ରତି ଅନୁରକ୍ତି ଦେଶକୁ ଗୋଟିଏ କୁଟୁମ୍ବରେ ପରିଣତ କରିବାକୁ ସମର୍ଥ ହେବ। ଏହି କୁଟୁମ୍ବର ସୁରକ୍ଷା ଆମ ସମସ୍ତଙ୍କ ସାମୂହିକ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ବୋରା କହିଥିଲେ। ପ୍ରାରମ୍ଭରେ ଫାଉଣ୍ଡେଶନ ସମ୍ପାଦକ ଆଇନଜୀବୀ ଦିଗମ୍ବର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସାମର ବିଶିଷ୍ଟ ସଙ୍ଗୀତଜ୍ଞ ଅମିୟ ନିଯୋଗ କଲିତା, ପ୍ରଫେସର ରାଧା ଦେବୀ, ପ୍ରଫେସର ଅଶୋକ କୁମାର ଦାଶ, କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ ସାହିତ୍ୟ ପୁରସ୍କାର ପ୍ରାପ୍ତ ଶିଶୁ ସାହିତ୍ୟିକ ବୀରେନ୍ଦ୍ର କୁମାର ମହାନ୍ତି, କବି ମାନସ ରଞ୍ଜନ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କୁଟୁମ୍ବ ସୁରକ୍ଷା ପରିଷଦର ଓଡ଼ିଶା ଶାଖା ପାଇଁ ଏକ ଷ୍ଟିଅରିଂ କମିଟି ଗଠନ କରାଯାଇଛି। ଏହି କମିଟିରେ ରାଜ୍ୟ ଆବାହକ ଭାବେ କୁମାର କବିଙ୍କ ପୁଅ ଆଲୋକ କୁମାର ପ୍ରଧାନଙ୍କୁ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଛି। ସେହିପରି ସହଆବାହକ ଭାବେ କବି ଉମାକାନ୍ତ ମହାପାତ୍ର, ସମାଜସେବୀ ପ୍ରଜ୍ଞା ପରିମିତା ପଟ୍ଟନାୟକ ଏବଂ ଦେବଦତ୍ତ ମିଶ୍ର ସ୍ଥାନ ପାଇଛନ୍ତି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସତ୍ୟରଞ୍ଜନ ବୋରାଙ୍କୁ ଓଡ଼ିଶା ସଂସ୍କୃତି ସମ୍ମାନ, ପ୍ରଫେସର ରାଧା ଦେବୀ ଓ ଅମିୟ ନିଯୋଗ କୁଲିତାଙ୍କୁ ଶ୍ରୀ ଜଗନ୍ନାଥ ସଂସ୍କୃତି ସମ୍ମାନରେ କୁମାର କବି ଫାଉଣ୍ଡେଶନ ତରଫରୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ତରୁଣ କବି ଦାମୋଦର ପରିଡ଼ା, ଗବେଷକ ନୀଳମଣି ସୁଆର,ଭଜନତୀର୍ଥ ଭାଗୀରଥି ଦଳାଇ,ବାଇଧର ପ୍ରଧାନ, ଉତ୍ତମ କୁମାର ସାହୁ, ପ୍ରମୁଖ ଉପସ୍ଥିତ ଥିଲେ। ଶ୍ୟାମପ୍ରକାଶ ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

# ସମସ୍ତଙ୍କୁ ବିମୋହିତ କଲା ପୁଚି ଖେଳ



ନିମାପଡ଼ା,୨୦।୧୨(ବିଚିତ୍ରାନନ୍ଦ ସାହୁ)

ସରକାରଙ୍କ 'ନୂଆ-ଓ' କାର୍ଯ୍ୟକ୍ରମ ଅବସରରେ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ବୁଧବାର ବିଭିନ୍ନ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଲେଜ ପରିସରରେ ଛାତ୍ରୀଙ୍କ ପୁଚି ଖେଳ ବିଚାରକ, ଅଧ୍ୟାପିକା ଅଧ୍ୟାପକ ଏବଂ ଶହ ଶହ ଛାତ୍ରୀଛାତ୍ରଙ୍କୁ ବେଶ ବିମୋହିତ କରିଥିଲା। ଅତିଥି ଭାବେ କଲେଜ ଅଧ୍ୟକ୍ଷା ପୁଷ୍ପିତା ରାଜଗୁରୁ, ପ୍ରଶାସନିକ ଅଧିକାରୀ ଡ. ରବୀନ୍ଦ୍ର ନାଥ ପାଢୀ, ଅଧ୍ୟାପକ ପ୍ରଦୀପ ଦାଶ, କ୍ରୀଡ଼ାବିତ୍ ଅୟସକାନ୍ତ ମିଶ୍ର, ଅମ୍ବିକା ପ୍ରସାଦ ଷଡ଼ଙ୍ଗୀ, ଅଧ୍ୟାପକ ସୁବ୍ରତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡ଼ା ଶିକ୍ଷକ ଚିତ୍ତରଞ୍ଜନ ପ୍ରଧାନ, ଅଧ୍ୟାପିକା ପ୍ରଣିତା ଆଚାର୍ଯ୍ୟ, ମମତା ସ୍ୱାଇଁ, ସୁଲଗ୍ନା ପଟ୍ଟନାୟକ, ସହଦେବ ସ୍ୱାଇଁ ପ୍ରମୁଖ ସଂଯୋଜନା ଓ ପରିଚାଳନା କରିଥିଲେ। ସମସ୍ତ ପ୍ରତିଯୋଗିତାରେ ପ୍ରାୟ ୨ଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ଖବରକାଗଜ ସବୁଠାରୁ ବଳୀୟାନ୍



କାର୍ଯ୍ୟକ୍ରମରେ ବିଧାୟକ ସମୀର ରଞ୍ଜନ ଦାଶ ଉଦ୍‌ବୋଧନ ଦେଉଛନ୍ତି।

ଗୋପ,୨୦।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ସବୁଠାରୁ ଅଧିକ ବଳୀୟାନ୍ ହେଉଛି ଖବରକାଗଜ। କାହିଁକି ନା ଦେଶ, ବିଦେଶ ସହିତ ରାଜ୍ୟର ଟିକିନିଖି ଘଟଣାବଳୀ ଖବରକାଗଜ ମାଧ୍ୟମରେ ଆମେ ପାଖରେ ଉପଲବ୍ଧ ହୋଇଥାଏ। ଛାତ୍ରୀଛାତ୍ର ମୋବାଇଲରେ ଅଯଥା ସମୟ ନ ଦେଇ ଖବରକାଗଜ ପଢିବାକୁ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ କହିଥିଲେ। ବୁଧବାର ଗୋପ ବ୍ଲକ ଅଧୀନ ବଇରିପୁରସ୍ଥିତ ରାଧାବଲ୍ଲଭ ଉଚ୍ଚ ମାଧ୍ୟମିକରେ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ରାଧାବଲ୍ଲଭ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସୁରତ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ଦାଶ, ମୁଖ୍ୟବକ୍ତା ଭାବେ ଅଧ୍ୟାପିକା ଶ୍ରୀଜୟା ଦାସ, ସମ୍ମାନିତ ଅତିଥି ଭାବେ ଜିଲା ଲୋକ ସମ୍ପର୍କ ବିଭାଗ ଅଧିକାରୀ ସନ୍ତୋଷ ସେଠୀ, ଅଧ୍ୟାପକ ସୁକାନ୍ତ ମହାନ୍ତି, ବନ୍ତଳିଗ୍ରାମ ସରପଞ୍ଚ ମହେଶ୍ୱର ସ୍ୱାଇଁ ଯୋଗଦେଇଥିଲେ। ବିଧାୟକ ଦାଶ ଯୋଗଦେଇ ମହାବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱର୍ଗତ ମହନ୍ତ କୃଷ୍ଣଚନ୍ଦ୍ର ଦାସ ଓ ଗୋପବନ୍ଧୁ ଦାସ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହିତ କପ୍ ଦିଆଯାଇଥିଲା। ଏଥିସହ ଅଞ୍ଚଳର ଶିକ୍ଷାବିତ୍, ବୟୋଜ୍ୟେଷ୍ଠଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସର୍ବଜିତ୍ ନାୟକ, କୃଷ୍ଣଚନ୍ଦ୍ର ପ୍ରଧାନ, ବିରାଟ କିଶୋର ନାୟକ, ଗଣେଶ ଜେନାଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ।

### ୫-ଟି ସଚିବଙ୍କ ଗୋପ ଗସ୍ତ ବାତିଲ

ଗୋପ,୨୦।୧୨ (ଭାରତୀ ଭୂଷଣ ଉପାଧ୍ୟାୟ)

ଆସନ୍ତା ୨୭ ତାରିଖରେ ୫-ଟି ସଚିବ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ଗୋପ ଗସ୍ତ କାର୍ଯ୍ୟକ୍ରମ ଥିବାବେଳେ ତାହା ବାତିଲ ହୋଇଥିବା ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ବୁଧବାର ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମ ଜାନୁୟାରୀ ୧୭ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପୁରୀ ଶ୍ରୀମନ୍ଦିରର ପ୍ରକଳ୍ପ କାର୍ଯ୍ୟ ଶୁଭାରମ୍ଭ ଯୋଗୁ ବାତିଲ ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ପାଣ୍ଡିଆନ୍ ଗୋପ-ନିମାପଡ଼ାର କେତେକ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା। ତାଙ୍କ ଗସ୍ତକୁ ନେଇ ବିଧାୟକ ଦାଶ ଦଳୀୟ ବୈଠକ କରିବା ସହିତ କେତେକ କାର୍ଯ୍ୟକ୍ରମ ହାତକୁ ନେଇଥିଲେ। କିନ୍ତୁ ଏହି ଗସ୍ତ କାର୍ଯ୍ୟକ୍ରମ ପରେ ହେବ ବୋଲି ନିଶ୍ଚିତ ହେବ ବୋଲି ବିଧାୟକ ସୂଚନା ଦେଇଛନ୍ତି।

# ଶ୍ରୀଦାଣ୍ଡ ଭକ୍ତଙ୍କ ପାଇଁ ଉଦ୍ଦିଷ୍ଟ: ଏସ୍‌ପି

ପୁରୀ, ୨୦।୧୨(ଅଜିତ୍ ମହାନ୍ତି)

ଭକ୍ତଙ୍କ ସୁବିଧା ତଥା ଟ୍ରାଫିକ ନିୟନ୍ତ୍ରଣକୁ ଲକ୍ଷ୍ୟ ରଖି ପ୍ରଶାସନ ପକ୍ଷରୁ ଜଗନ୍ନାଥ ବଲ୍ଲଭଠାରୁ ଦୋଳବେଦି ପର୍ଯ୍ୟନ୍ତ ଶ୍ରୀଦାଣ୍ଡ ନିର୍ମାଣ କରାଯାଉଛି। ଉକ୍ତ ରାସ୍ତା ଦେଇ ଭକ୍ତମାନେ ଜଗନ୍ନାଥ ବଲ୍ଲଭ ପାର୍କିରୁ ଆସି ଦୋଳବେଦିଠାରେ ବାହାରିବେ। ସେଠାରୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ। ତେବେ ଉକ୍ତ ପ୍ରସ୍ତାବିତ ଶ୍ରୀଦାଣ୍ଡରେ ଭିଆଇପି ଏବଂ ଭିଭିଆଇପିଙ୍କ ପ୍ରବେଶ ଓ ଦର୍ଶନ କରିବା ଷଡଯନ୍ତ୍ର ହେଉଥିବା ଅଭିଯୋଗ କରି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ବୁଧବାର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶ୍ରୀଦାଣ୍ଡରେ ସାଧାରଣ ଭକ୍ତଙ୍କ ଯାତାୟତ ସହ ପୁରୀବାସୀ ଓ ଭିଆଇପି ଓ ଭିଭିଆଇପିଙ୍କୁ ସମାନ ସୁବିଧା ଯୋଗାଇବାକୁ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଦାବି କରିଛନ୍ତି। ଏନେଇ ସେ ଏସ୍‌ପି, କେନ୍ଦ୍ରାଞ୍ଚଳ ଆଇଜି ଏବଂ ଡିଜିପିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ଶ୍ରୀଦାଣ୍ଡ କେବଳ ଭିଆଇପି ଓ ଭିଭିଆଇପିମାନଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ ବରଂ ଗହଳି ନିୟନ୍ତ୍ରଣ ଓ ଟ୍ରାଫିକ ସୁପରିଚାଳନା ପାଇଁ ଏହା ସମସ୍ତଙ୍କ ପାଇଁ ଉପଲବ୍ଧ ବୋଲି ଏସ୍‌ପି କନଓ୍ୱର ବିଶାଲ ସିଂହ କହିଛନ୍ତି।

# ସିଏମ୍‌ଇ କାର୍ଯ୍ୟକ୍ରମ ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ପୁରୀ, ୨୦।୧୨(ଅଜିତ୍ ମହାନ୍ତି)

ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ କାୟା ଚିକିତ୍ସା ବିଭାଗ ଦ୍ୱାରା ଆୟୋଜିତ ୬ଦିନିଆ ସିଏମ୍‌ଇ କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅରୁଣ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ସ୍ୱାସ୍ଥ୍ୟ ମହାବିଦ୍ୟାଳୟର ପ୍ରଫେସର ଦଣ୍ଡେଶ୍ୱର ହୋତା ମୁଖ୍ୟ ଅତିଥି, ପ୍ରଫେସର ଏନ୍.ସି.ଦାସ, ଜେ.ଏସ୍. ତ୍ରିପାଠୀ, ଏମ୍. ଏମ୍.ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ୩୦ଜଣ ଆୟୁର୍ବେଦ ଡାକ୍ତର ସ୍ୱାସ୍ଥ୍ୟଭିତ୍ତିକ ମୂଲ୍ୟବାନ ତଥ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର କାୟା ଚିକିତ୍ସା ମୁଖ୍ୟ ପ୍ରଫେସର ଡ. ପ୍ରଜ୍ଞା ପ୍ରିୟଦର୍ଶିନୀ ମଲ୍ଲିକ, ଡ. ସୋନାଲିକା ଜେନା, ଡ. ଶାନ୍ତିଲତା ସାହୁ, ଡ. ଭାରତୀଲତା ଆଚାର୍ଯ୍ୟ ପ୍ରମୁଖ ପରିଚାଳନା କରିଥିଲେ।

### ବିଦ୍ୟାଳୟସ୍ତରୀୟ ସୁନାମି ସଚେତନତା କାର୍ଯ୍ୟକ୍ରମ

ଅସ୍ତରଙ୍ଗ,୨୦।୧୨(ପ୍ରଦୀପ୍ତ ଦୀକ୍ଷିତ)

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଶିଶୁଅ ପଞ୍ଚାୟତ ଅଧୀନ କେଉଟଜଙ୍ଘା ପ୍ରାଥମିକ ବିଦ୍ୟାଳୟରେ ସୁନାମି ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିପର୍ଯ୍ୟୟ ଓ ପରିଚାଳନା କର୍ତ୍ତୃପକ୍ଷ ଜିଲା ଆପତକାଳୀନ ବିଭାଗ ପକ୍ଷରୁ ସୁନାମି ଆସିଲେ ଜନସାଧାରଣ କିପରି ଅବଗତ ହେବେ, ସାଇରନ ବାଜିଲା ପରେ ସମସ୍ତେ ସୁରକ୍ଷିତ ସ୍ଥାନକୁ ଯିବେ, ଘରର ମୂଲ୍ୟବାନ କାଗଜପତ୍ର, ଧନସମ୍ପତ୍ତି, ଅଳଙ୍କାର ସହ ବୃଦ୍ଧାବୃଦ୍ଧ ଓ ଗୃହପାଳିତ ପଶୁଙ୍କୁ ତୁରନ୍ତ ସ୍ଥାନାନ୍ତର କରାଯିବ ସେ ନେଇ ନୋଡାଲ ଏନ୍‌ଜିଓ ଅନସୂୟା ପରିଡ଼ା ଅଭିଭାବକଙ୍କୁ ସଚେତନ କରାଇଥିଲେ। ଅତିଥି ଭାବେ କେଉଟଜଙ୍ଘା ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଶୋକ ବାରିକ, ସହକାରୀ ଶିକ୍ଷକ ଗଙ୍ଗାଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ରତନପୁର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଉଦ୍‌ଯାପିତ

ଅସ୍ତରଙ୍ଗ,୨୦।୧୨(ମମତା ଜେନା/ପ୍ରଦୀପ୍ତ ଦୀକ୍ଷିତ)

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ରତନପୁର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆୟୋଜିତ ରାଜ୍ୟ ସରକାରଙ୍କ ଯୁବ ବିକାଶ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ କଲେଜ ପରିସରରେ କବାଡ଼ି, ହାଇଜମ୍ପ, ଲଙ୍ଗ୍‌ଜମ୍ପ, ମ୍ୟୁଜିକ ଚେୟାର ସହ ନିକଟ ଗ୍ରାମରେ ସଫେଇ କାର୍ଯ୍ୟକ୍ରମ, ପ୍ଲାଷ୍ଟିକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ଚିତ୍ତରଞ୍ଜନ ପରିଡ଼ାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଗୃହରାଷ୍ଟ୍ର ମନ୍ତ୍ରୀ ତଥା କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟବକ୍ତା ସ୍ୱାଧୀନ ନାୟକ, ସମ୍ମାନିତ ଅତିଥି ମଙ୍ଗଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ ତ୍ରିପାଠୀ, କଲେଜ ପ୍ରାଣ ପ୍ରତିଷ୍ଠାତା ପୁରନ୍ଦର ବିଶ୍ୱାଳ, ସାମାଜିକ କର୍ମୀ ରତ୍ନରାଜ ରାଉତ, ୧ ନମ୍ବର ଜୋନ ଜିଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, କୋରଣା ସରପଞ୍ଚଙ୍କ ପ୍ରତିନିଧି ଗଙ୍ଗାଧର କାଣ୍ଡି, ସାମାଜିକ କର୍ମୀ ଚିତ୍ତରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ନୋଡାଲ ଅଧିକାରୀ ପ୍ରଭାକର ସାହୁ ସଭା ପରିଚାଳନା କରିଥିଲେ। ବିଭିନ୍ନ ବିଭାଗରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଟ୍ରଫି ଓ ମେଡାଲ ପ୍ରଦାନ କରିଥିଲେ। କ୍ରୀଡ଼ା ବିଭାଗରେ ଅଧ୍ୟାପକ ଶିବପ୍ରସାଦ ବିଶ୍ୱାଳ, ଲଛମନ ଲାଲ, ଅଭିଜିତ ଦୀକ୍ଷିତ, ସାମାଜିକ କାର୍ଯ୍ୟକ୍ରମରେ ଅଧ୍ୟାପକ ନଳିନୀ ପଣ୍ଡା, ଭଞ୍ଜ କିଶୋର ମହାନ୍ତି, ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଧ୍ୟାପକ ସଞ୍ଜୟ ମଲ୍ଲିକ, ଅମୂଲ୍ୟ ରତ୍ନ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ଝୋଟିର ସ୍ୱତନ୍ତ୍ରତା ଜନଜୀବନ ସହ ଓତପ୍ରୋତ ଜଡ଼ିତ

### ରଘୁରାଜପୁରଠାରେ ପାରମ୍ପରିକ ଝୋଟି ଚିତା ପ୍ରତିଯୋଗିତା

ସାକ୍ଷୀଗୋପାଳ/ପୁରୀ,୨୦।୧୨ (ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର/ ଅଜିତ୍ ମହାନ୍ତି)



ରାଜ୍ୟରେ ଚିତ୍ରକଳାର ପ୍ରଚାର ଓ ପ୍ରସାର ନିମନ୍ତେ ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ମାର୍ଗଶୀର ମାସ ମାଣବସା ଗୁରୁବାର ଉପଲକ୍ଷେ ଐତିହ୍ୟ ଗ୍ରାମ ରଘୁରାଜପୁରଠାରେ ଗ୍ରାମର ୧୫୦ମହିଳା ଶିଳ୍ପୀଙ୍କୁ ନେଇ ଏକ ପାରମ୍ପରିକ ଝୋଟି ଚିତା ପ୍ରତିଯୋଗିତା ବୁଧବାର ଆୟୋଜିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲ୍ଲୀପ କୁମାର ରାଉତରାୟ ଯୋଗଦେଇ ମହିଳା ଶିଳ୍ପୀମାନଙ୍କ ଝୋଟି ଚିତାର ଭୂୟସୀ ପ୍ରଶଂସା କରିବା ସହିତ ଓଡ଼ିଶାର ପାରମ୍ପରିକ ଝୋଟିର ସ୍ୱତନ୍ତ୍ରତା, ଜନଜୀବନ ଓ ଆମ ପୂଜା ପାର୍ବଣ ସହ ଏହା ଓତଃପ୍ରୋତଃ ଭାବେ ଜଡ଼ିତ ବୋଲି କହିଥିଲେ। ଏକାଡେମୀର ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଏହି ପ୍ରତିଯୋଗିତା ମହିଳାମାନଙ୍କ କଳାର ବିକାଶ ପାଇଁ ଉଦ୍ଦିଷ୍ଟ ବୋଲି କହିଥିଲେ। ଉତ୍କଳୀୟ ପରମ୍ପରାର ଏହି ଝୋଟି ଚିତା ଆଗାମୀ ଯୁବ ମହିଳା ଶିଳ୍ପୀଙ୍କୁ ଉତ୍ସାହିତ କରିବ ବୋଲି ଏକାଡେମୀର ସଚିବ ପଞ୍ଚାନନ ସାମଲ ପ୍ରକାଶ କରିଥିଲେ । ଓଡ଼ିଶାର ପାରମ୍ପରିକ ଝୋଟି ଚିତାର ଉନ୍ନତି ଏବଂ ରଘୁରାଜପୁରର ସ୍ୱତନ୍ତ୍ରତା ଏ ଦିଗରେ ଅଧିକ ଆକର୍ଷଣୀୟ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ପ୍ରତିଯୋଗୀମାନେ ନିଜ ଦୁଆର ସାମନାରେ ମାର୍ଗଶୀର ମାସ ଗୁରୁବାର ମାଣବସା ଚିତାକୁ ଖୁବ୍ ସୁନ୍ଦର ଭାବେ ଅଙ୍କନ କରିଥିଲେ। ରଘୁରାଜପୁର ଗାଁ ଦାଣ୍ଡ ଚିତାରେ ସଜେଇ ହୋଇ ସୌନ୍ଦର୍ଯ୍ୟରେ ଦ୍ୱିଗୁଣିତ ହୋଇଥିଲା। ଏହି ଅବସରରେ ଅତିଥିମାନେ ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ବିଚାରକ ମଣ୍ଡଳୀଙ୍କ ଦ୍ୱାରା ୩ଟି ଚିତାକୁ ସର୍ବଶ୍ରେଷ୍ଠ ମନୋନୀତ କରାଯାଇଥିଲା। ବିଚାରକ ଭାବେ ରତ୍ନ ମଞ୍ଜୁଳା ଘଡ଼େଇ ଓ ଯୁବତୀ ପ୍ରତିଭା ଭୋଳ ଯୋଗଦେଇ ଚିତାଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ଏକ ସ୍ୱତନ୍ତ୍ର ଉତ୍ସବରେ କୃତି ଶିଳ୍ପୀମାନଙ୍କୁ ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମ କୁ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ସଂଯୋଜନା କରିଥିଲେ। ଗ୍ରାମ ସଭାପତି ଅନନ୍ତ ସୁବୁଦ୍ଧି, ସମ୍ପାଦକ ଅଭିରାମ ଦାସ, ବିଶ୍ୱନାଥ ସୁବୁଦ୍ଧି ଆଦି ସହଯୋଗ କରିଥିଲେ।

**ODISHA BIGYAN ACADEMY**

**ADVERTISEMENT**

Nominations in the prescribed proforma are invited by the Odisha Bigyan Academy, Science & Technology Department, Government of Odisha, Bhubaneswar for the following Awards and Honours **for the Award Year 2023** based on **scientific contributions upto 31st December, 2022.**

1. **Biju Patnaik Award for Scientific Excellence.** (Minimum age of Scientists must be 60 years & above on 31st December, 2022)
2. **Samanta Chandra Sekhar Award.** (Upper age of Scientists must not exceed 60 years on 31st December, 2022)
3. **Odisha Young Scientists Award.** (Upper age of Young Scientists must not exceed 35 years on 31st December, 2022)
4. **Pranakrushna Parija Popular Science Book Award.** (For authors of Odia Popular Science Books in General & Children category)
5. **Felicitation of Senior Scientists of Odisha.** (Age must be 65 years or above on 31st December, 2022) For detail guidelines and nomination proforma, please login to Odisha Bigyan Academy website: **www.odishabigyanacademy.nic.in.**

The nomination proforma can be downloaded from the above website. Duly filled-in proforma as per guidelines to be sent to the Secretary, Odisha Bigyan Academy in the following address along with all particulars & documents. Nominees for Biju Patnaik Award for Scientific Excellence, Samanta Chandra Sekhar Award & Odisha Young Scientists Award are required to mention Thomson Reuter Impact Factor against the list of publications and should also mention number of total Citations, *h* index & *i* 10 index at the top of the publications list. A nominator can nominate only one nominee for a particular category of award in a year. As Pranakrushna Parija Popular Science Book Award is a single award, nominee can apply either for General category or Children category in an award year.

The last date for receipt of nominations is **07.02.2024 (upto 5.00 pm). Nominations received after due date shall not be taken into consideration.**

**Secretary, Odisha Bigyan Academy,**
**B/2, Saheed Nagar, Bhubaneswar-751 007, Odisha (INDIA)**

No. U-74 OIPR-28002/11/0001/2324

# ୩ ଆସନରେ ବିଜେଡି ଖେଳିପାରେ ମହିଳା କାର୍ଡ

ଯାଜପୁର,୨୦।୧୨(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାର ୩ ବିଧାନସଭା ନିର୍ବାଚନମଣ୍ଡଳୀ ବଡ଼ଚଣା, ବରୀ ଓ କୋରେଇରେ ଏଥର ବିଜେଡିର ନୂଆ ପ୍ରାର୍ଥୀ, ବିଶେଷକରି ମହିଳାଙ୍କୁ ସୁଯୋଗ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। ୨୦୧୯ ନିର୍ବାଚନରେ ବରୀ ଓ ବଡ଼ଚଣାରେ ଶାସକ ଦଳର ପ୍ରାର୍ଥୀ ବହୁତ କମ୍ ଭୋଟ ବ୍ୟବଧାନରେ ବିଜୟୀ ହେବା ଏବଂ କୋରେଇରେ ପ୍ରଭାବଶାଳୀ ନେତା କିମ୍ବା ସେମାନଙ୍କ ସମ୍ପର୍କୀୟଙ୍କୁ ଥଇଥାନ ପାଇଁ ଏହି ୩ ଆସନରେ ପ୍ରାର୍ଥୀ ପରିବର୍ତ୍ତନ ସମ୍ଭାବନା ଦେଖାଦେଇଛି। ତେବେ ମହିଳା ସଂରକ୍ଷଣ ଆଇନକୁ ଦୃଷ୍ଟିରେ ରଖି ବିଜେଡି ୨୦୨୪ରେ ରାଜ୍ୟରେ ଅଧିକ ମହିଳା ପ୍ରାର୍ଥୀଙ୍କୁ ଟିକେଟ୍ ଦେଇ ଉପରୋକ୍ତ ୩ ଆସନରେ ମହିଳା କାର୍ଡ ଖେଳିପାରେ ବୋଲି ଆଲୋଚନା ହେଉଛି।




ଗତ ସାଧାରଣ ଏବଂ ଜିଲା ପରିଷଦ ନିର୍ବାଚନରେ ବିଜେଡି ଅପରାଜେୟ ରହିବା ପରେ ଯାଜପୁର ଜିଲାରେ ଭାଜପାର ସାଙ୍ଗଠନିକ ସ୍ଥିତି କ୍ରମଶଃ ଦୁର୍ବଳ ହୋଇପଡ଼ିଛି। ୨୦୨୧ ଅକ୍ଟୋବରରେ ଧର୍ମଶାଳା ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ତୁଷାର ପରିଡ଼ା ବିଜେଡିରେ ଯୋଗଦେବାର କିଛିଦିନ ପରେ ବରୀ ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ଶାସକ ଦଳରେ ସାମିଲ ହୋଇଥିଲେ। କଂଗ୍ରେସରୁ ସ୍ୱାଧୀନ ପରେ ଭାଜପାରେ ଥିବା ସମୟରେ ବିଶ୍ୱରଞ୍ଜନ ବେଶ୍ ସକ୍ରିୟ ଥିଲେ। ୨୦୧୪ରେ ସ୍ୱାଧୀନ ପ୍ରାର୍ଥୀ ହୋଇ ୭,୧୭୩ ଏବଂ ୨୦୧୯ରେ ଭାଜପାରୁ ପ୍ରାର୍ଥୀ ହୋଇ ୪,୦୭୨ ଭୋଟ ବ୍ୟବଧାନରେ ବିଜେଡିଠାରୁ ପରାସ୍ତ ହୋଇଥିଲେ। ତେବେ ବିଜେଡିରେ ମିଶିବା ପରେ ବିଶ୍ୱରଞ୍ଜନ ଏକପ୍ରକାର ନୀରବୀ ଯାଇଛନ୍ତି। ଅନ୍ୟପକ୍ଷେ ବରୀରେ ବିଧାୟିକା ସୁନନ୍ଦା ଦାସ ବିଭିନ୍ନ ଉନ୍ନୟନ କାର୍ଯ୍ୟ ମାଧ୍ୟମରେ ସକ୍ରିୟ ରହୁଥିବା ଦେଖିବାକୁ ମିଳୁଛି। ଏହାବାଦ ମହିଳା କାର୍ଡ ତାଙ୍କ ଟିକେଟ ପାଇଁ ଅଧିକ ସୁଯୋଗ ଆଣିପାରେ ବୋଲି କୁହାଯାଉଛି। ହେଲେ ବିଶ୍ୱରଞ୍ଜନ ବିଜେଡିରେ ମିଶିବା ସମୟରେ ଯଦି ତାଙ୍କୁ ସେଭଳି କିଛି ଦଳୀୟ ପ୍ରତିଶ୍ରୁତି ମିଳିଥାଏ, ତା'ହେଲେ ସୁନନ୍ଦାଙ୍କ ପାଇଁ ବୁମେରାଂ ହୋଇପାରେ। ଯଦି ବରୀରୁ ମହିଳାଙ୍କୁ ବାଦ୍‌ଦେଇ ପୁରୁଷ ପ୍ରାର୍ଥୀଙ୍କୁ ସୁଯୋଗ ମିଳେ, ତେବେ ବଡ଼ଚଣା ଓ କୋରେଇରେ ମହିଳା ପ୍ରାର୍ଥୀଙ୍କ ଆବିର୍ଭାବ ହେବା ସମ୍ଭାବନା ଅଧିକ ବୋଲି ଚର୍ଚ୍ଚା ହେଉଛି।

କୋରେଇରେ ଜିଲା ବିଜେଡି ମହିଳା ସଭାନେତ୍ରୀ ସବିତା ରାଉତ ଏବଂ ବଡ଼ଚଣାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷା ଇତିଶ୍ରୀ ସାମଲ ଟିକେଟ ପାଇବା ଦୌଡ଼ରେ ଆଗରେ ରହିପାରନ୍ତି ବୋଲି ଆଲୋଚନା ହେଉଛି। ଅନ୍ୟପକ୍ଷରେ କୋରେଇରେ ଅଶୋକ ବଳ ଗତ ନିର୍ବାଚନରେ ୩୦ ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିବାରୁ ପୁଣି ସେ ଟିକେଟ ପାଇବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। କିନ୍ତୁ ଏଠାରେ ପୂର୍ବତନ ବିଧାୟକ ଆକାଶ ଦାସନାୟକ, ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ କିଶୋର ଦାସ(ବବି) କିମ୍ବା ତାଙ୍କ ସମ୍ପର୍କୀୟ, ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇଙ୍କ ମଧ୍ୟରୁ ଜଣେ କେହି ହେଭିୱେଟ୍ ନେତା ପ୍ରାର୍ଥୀ ହୋଇପାରନ୍ତି ବୋଲି କିଛିମାସ ହେଲା ଆଲୋଚନା ଜୋର ଧରିଛି।

## ଯାଜପୁର ଜିଲ୍ଲା

ବଡ଼ଚଣାରେ ବିଧାୟକ ଅମରପ୍ରସାଦ ଶତପଥୀ ଗତ ନିର୍ବାଚନରେ ଭାଜପା ପ୍ରାର୍ଥୀଙ୍କଠାରୁ ମାତ୍ର ୧୪୮୫ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ତେଣୁ ତାଙ୍କୁ ବାଦ୍ ଦେଇ ବିଜେଡି ଏଠାରେ ବିକଳ୍ପ ଖୋଜୁଥିବା କୁହାଯାଉଛି। ଏହିକ୍ରମରେ ଅମରଙ୍କ ପୁଅ ଅଦ୍ୱିତୀୟ ଶତପଥୀ, ଅବସରପ୍ରାପ୍ତ ଆଇଏଏସ୍ ଅଫିସର ନିର୍ମଳ ମିଶ୍ର, ଇତିଶ୍ରୀ ସାମଲ, ଜନ୍ମେଜୟ ଲେଙ୍କାଙ୍କ ନାମ ଚର୍ଚ୍ଚା ହେଉଛି।

ପ୍ରାର୍ଥୀ ପରିବର୍ତ୍ତନ ସମ୍ପର୍କରେ ଯାଜପୁର ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରାର୍ଥୀ ଚୟନ କରାଯାଉଛି। ଅଞ୍ଚଳର ବିକାଶ ପାଇଁ ଯେଉଁମାନଙ୍କ ଭୂମିକା ରହିଆସିଛି, ସେମାନଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି। ମହିଳାମାନଙ୍କୁ ମଧ୍ୟ ଅଗ୍ରାଧିକାର ଦିଆଯିବ ବୋଲି ଆଶା କରାଯାଉଛି।

# ଦିଲ୍ଲୀରେ ବଂଶଲଙ୍କ ସହ ଭାଜପା ବିଧାୟକଙ୍କ ବୈଠକ



ଭୁବନେଶ୍ୱର, ୨୦।୧୨(ସୁନିତ୍ ମିଶ୍ର)

ଓଡ଼ିଶାର ଭାଜପା ବିଧାୟକମାନଙ୍କ ସହ ଭାଜପା ଦିଲ୍ଲୀ ମୁଖ୍ୟାଳୟଠାରେ ରାଜ୍ୟର କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ବୈଠକରେ କେବଳ ରାଜ୍ୟ ବିଧାୟକମାନେ ଉପସ୍ଥିତ ଥିବାବେଳେ ଓଡ଼ିଶାର କୌଣସି ଏମ୍‌ପି ଏଥିରେ ଯୋଗ ଦେଇ ନ ଥିବା ଜଣାପଡ଼ିଛି। ଦୀର୍ଘ ସମୟ ଧରି ବଂଶଲଙ୍କ ସହ ଦଳୀୟ ବିଧାୟକମାନେ ଆଗାମୀ ସାଧାରଣ ନିର୍ବାଚନର ରଣନୀତି ସମ୍ପର୍କରେ ଆଲୋଚନା କରିଥିଲେ। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଉତ୍ତରପ୍ରଦେଶ ଗସ୍ତରେ ଥିବା ଯୋଗୁ ତାଙ୍କ ସହ ବିଧାୟକମାନେ ସାକ୍ଷାତ କରିପାରିନାହାନ୍ତି। ପ୍ରାୟତଃ ଗୁରୁବାର ବିଧାୟକମାନେ ନଡ୍ଡାଙ୍କୁ ଭେଟି ୩ ରାଜ୍ୟର ନିର୍ବାଚନୀ ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହିତ ଓଡ଼ିଶାର ଆଗାମୀ ରଣନୀତି ବିଷୟରେ କଥା ହେବେ। ସୂଚନାଯୋଗ୍ୟ, ଭାଜପା ବିଧାୟକମାନେ ମଙ୍ଗଳବାର ବିଳମ୍ବିତ ସନ୍ଧ୍ୟାରେ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ସେମାନେ ଆସନ୍ତା ନିର୍ବାଚନ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ନଡ୍ଡା ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟି ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି।

### ଆଜି ନଡ୍ଡାଙ୍କ ସହ ହେବ ସାକ୍ଷାତ ଆଲୋଚନା

**କଂଗ୍ରେସର ଦିଲ୍ଲୀ ବୈଠକ**

# ତେଲଙ୍ଗାନା ସଫଳତାକୁ ଉଦାହରଣ ନିଅ

ଭୁବନେଶ୍ୱର,୨୦।୧୨(ସୁନିତ୍ ମିଶ୍ର)

୨୦୨୪ ସାଧାରଣ ନିର୍ବଚନ ପାଇଁ ଓଡ଼ିଶାରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) କିପରି ନିଜ ଆଭିମୁଖ୍ୟ ଗ୍ରହଣ କରିବ ସେନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ମୁଖ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ଅଢ଼େଇ ଘଣ୍ଟା ଧରି ଚାଲିଥିବା ଏହି ବୈଠକ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ଏଆଇସିସିର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ, ସାଧାରଣ ସମ୍ପାଦକ ଏବଂ କେ.ସି. ବେଣୁଗୋପାଳ, ଓଡ଼ିଶା ପ୍ରଭାରୀ ଏ. ଚେଲ୍ଲା କୁମାର ଉପସ୍ଥିତ ଥିଲେ। ମୁଖ୍ୟତଃ ରାଜ୍ୟରେ ଗତ ୨୫ ବର୍ଷରେ ହୋଇଥିବା ଦୁର୍ନୀତି କଥାରେ ଦଳ ରାସ୍ତାକୁ ଓହ୍ଲାଇବାକୁ ନିଷ୍ପତ୍ତି ହୋଇଥିବା ଜଣାପଡିଛି। ଏହାସହ ତେଲଙ୍ଗାନାକୁ ଉଦାହରଣ ଭାବେ ନେବାକୁ ଓଡ଼ିଶା ନେତାଙ୍କୁ ପରାମର୍ଶ ଦିଆଯାଇଛି।

ବୈଠକରେ ଓଡ଼ିଶାରୁ ଯାଇଥିବା ୨୬ ଜଣ ବରିଷ୍ଠ ନେତାଙ୍କୁ ମତାମତ ରଖିବାକୁ ସୁଯୋଗ ଦିଆଯାଇଥିଲା। ରାଜ୍ୟ ନେତୃବୃନ୍ଦ ମଧ୍ୟ ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଦଳ କିପରି ଆଭିମୁଖ୍ୟ ଗ୍ରହଣ କରିବା ଦରକାର ସେନେଇ ମତାମତ ରଖିଥିଲେ। ତେବେ ଆସନ୍ତା ନିର୍ବାଚନ ପର୍ଯ୍ୟନ୍ତ ଦଳର ନେତୃବୃନ୍ଦଙ୍କୁ ରାଜ୍ୟର ଶାସକ ବିଜେଡି ଏବଂ କେନ୍ଦ୍ରର ଭାଜପା ସରକାରଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିବା ଜଣାପଡ଼ିଛି। ତେଲଙ୍ଗାନାରେ ଯେପରି କଂଗ୍ରେସ ୩ ନମ୍ବର ଦଳରୁ ଯାଇ ଗତ ନିର୍ବାଚନରେ ସରକାର ରହିଛି ସେପରି ଓଡ଼ିଶାରେ ମଧ୍ୟ ସମ୍ଭବ ବୋଲି ରାହୁଲ ଗାନ୍ଧୀ କହିଥିବା ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ଏହାସହ ଯେଉଁମାନେ ଦିଲ୍ଲୀ ଏବଂ ଭୁବନେଶ୍ୱର ଛାଡ଼ି ତୃଣମୂଳସ୍ତରରେ ଦଳର ସଙ୍ଗଠନକୁ ମଜଭୁତ କରିବେ ସେମାନଙ୍କୁ ଟିକେଟ ଦେବା କ୍ଷେତ୍ରରେ ପ୍ରାଧାନ୍ୟ ଦିଆଯିବ ବୋଲି ମଧ୍ୟ ରାହୁଲ କହିଥିବା ଜଣାପଡ଼ିଛି। ଅନ୍ୟପଟେ ସମସ୍ତଙ୍କୁ ଏକାଠି ହୋଇ କାମ କରିବା ପାଇଁ ମଧ୍ୟ କେନ୍ଦ୍ରୀୟ ନେତାମାନେ ଓଡ଼ିଶା ନେତୃବୃନ୍ଦଙ୍କୁ ଏହି ଅବସରରେ ପରାମର୍ଶ ଦେଇଛନ୍ତି । ଆସନ୍ତା ଲୋକ ସଭା ଏବଂ ବିଧାନସଭା ନିର୍ବାଚନରେ ଦଳ ଯେପରି ଭଲ ପ୍ରଦର୍ଶନ କରିବ ସେନେଇ କାମ କରିବାକୁ ଖାର୍ଗେ କହିଛନ୍ତି। ବୈଠକ ପରେ ଚେଲ୍ଲା କୁମାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଆସନ୍ତା ସାଧାରଣ ନିର୍ବାଚନ ନେଇ ସାଙ୍ଗଠନିକ ଆଲୋଚନା କରାଯାଇଛି। କେଉଁ ସବୁ ସ୍ଥାନୀୟ ପ୍ରସଙ୍ଗକୁ ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ଉଠାଯିବ ତା'ଉପରେ ଆଲୋଚନା ହୋଇଛି। ଓଡ଼ିଶାରେ ବହୁ ପ୍ରକାର ଦୁର୍ନୀତି ହେଉଛି। କିଛିଦିନ ତଳେ କଂଗ୍ରେସ ରାଜ୍ୟ ସରକାରଙ୍କ ବିରୋଧରେ ୨୦ ହଜାର କୋଟି ଟଙ୍କାର ଦୁର୍ନୀତି ବିଷୟରେ କହିଥିଲା। ସେହି ଘଟଣାରେ ଦଳ ଏବେ ସବୁ ଥାନାରେ ଚାର୍ଜଶିଟ୍ ଦାଖଲ କରିବ ବୋଲି ସେ କହିଛନ୍ତି। ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଦଳ ଶାସକ ବିଜେଡିର ଦୁର୍ନୀତି କଥା ନେଇ ରାସ୍ତାକୁ କଂଗ୍ରେସ ଓହ୍ଲାଇବ। ଆସନ୍ତା ସାଧାରଣ ନିର୍ବାଚନରେ ଦଳ କିପରି ଭଲ ପ୍ରଦର୍ଶନ କରିବ ସେନେଇ ଆଲୋଚନା ହୋଇଛି। ଆସନ୍ତା ମାସରେ ପ୍ରିୟଙ୍କା ଗାନ୍ଧୀ, ରାହୁଲ ଗାନ୍ଧୀ ଏବଂ ଖାର୍ଗେଙ୍କୁ ଓଡ଼ିଶା ଆସିବାକୁ ପ୍ରସ୍ତାବ ଦିଆଯାଇଛି। ସେନେଇ ତାରିଖ ଚୂଡ଼ାନ୍ତ ହୋଇ ନ ଥିବା ଶରତ କହିଛନ୍ତି।



ଏଆଇସିସି ମୁଖ୍ୟାଳୟଠାରେ ବୁଧବାର ଅନୁଷ୍ଠିତ ବୈଠକରେ କେନ୍ଦ୍ରୀୟ ନେତାଙ୍କ ସହ ରାଜ୍ୟନେତୃବୃନ୍ଦ। (ଫଟୋ- ଚମନ ଗୌତମ)

# ୨୦୦ ୟୁନିଟ୍ ଦେୟମୁକ୍ତ ବିଜୁଳି ଦାବି କଲା ଏଏପି

**ବାରିପଦା,୨୦।୧୨(ନୀଳାଦ୍ରି ବିହାରୀ ଦଣ୍ଡପାଟ):** ୨୦୦ ୟୁନିଟ୍ ପର୍ଯ୍ୟନ୍ତ ଦେୟମୁକ୍ତ ବିଜୁଳି ପାଇଁ ଆମ ଆଦ୍‌ମୀ ପାର୍ଟି(ଏଏପି) ପକ୍ଷରୁ ଦାବି କରାଯାଇଛି। ଏନେଇ ଦଳୀୟ ନେତା ଓ କର୍ମୀ ବୁଧବାର ପଦଯାତ୍ରାରେ ବାରିପଦା ସହର ପରିକ୍ରମା କରିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରେରଣ କରିଥିଲେ। ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲାରେ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଜିଲାର ଅନେକ ଲୋକେ ଆର୍ଥିକ ସ୍ୱଚ୍ଛଳ ନୁହଁନ୍ତି। ତେଣୁ ପ୍ରତି ପରିବାରକୁ ୨୦୦ ୟୁନିଟ ଦେୟମୁକ୍ତ ବିଜୁଳି ଯୋଗାଇ ଦେବା ପାଇଁ ଦଳ ପକ୍ଷରୁ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି। କାର୍ଯ୍ୟକ୍ରମରେ ଏଏପି ଜିଲା ସଭାପତି ଶଙ୍କର୍ଷଣ ମିଶ୍ର, ଜିଲା ପ୍ରଭାରୀ ଜୟସୂର୍ଯ୍ୟ କାନୁନ୍‌ଗୋ, ରାଜ୍ୟ ଯୁବ ସଭାପତି ସୋମନାଥ ରାଉତ, ସହର ସଭାପତି ବିପ୍ଳବ ନାୟକ, ଜିଲା ଉପଦେଷ୍ଟା ବାସୁଦେବ ବେହେରା, ମହିଳା ଶାଖା ସଭାପତି ମାଉସୁଙ୍ଗି ସିଂ, ଶୁଳିଆପଦା ବ୍ଲକ ସଭାପତି ବାସନ୍ତୀ ରାଜ ପ୍ରମୁଖ ଉପସ୍ଥିତ ଥିଲେ।

# 'ବିଶ୍ୱକର୍ମା ଯୋଜନା' ଲୋକଙ୍କ ପାଖରେ ପହଞ୍ଚାଅ: ମନମୋହନ

**ଭୁବନେଶ୍ୱର, ୨୦।୧୨(ସୁନିତ୍ ମିଶ୍ର):** ପାରମ୍ପରିକ ବୃତ୍ତିକୁ ଆପଣାଇ ଯେଉଁମାନେ ଜୀବିକା ନିର୍ବାହ କରୁଛନ୍ତି ସେମାନଙ୍କ ପାରମ୍ପରିକ ଅଭ୍ୟାସକୁ ଦକ୍ଷତାଯୁକ୍ତ କରିବା ପାଇଁ କେନ୍ଦ୍ର ସରକାର 'ବିଶ୍ୱକର୍ମା ଯୋଜନା' ଆରମ୍ଭ କରିଛନ୍ତି। ଏହି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୧୮ଟି ପାରମ୍ପରିକ ବୃତ୍ତିକୁ ଅନ୍ତର୍ଭୁକ୍ତ କରାଯାଇଛି। ଭାଜପା ରାଜ୍ୟ କାର୍ଯ୍ୟାଳୟ ଠାରେ ବୁଧବାର 'ବିଶ୍ୱକର୍ମା ଯୋଜନା' ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଯୋଜନାରେ ଗାଁର ଲୋକେ କିଭଳି ଉପକୃତ ହେବେ ସେନେଇ ଚେଷ୍ଟା କରିବା ପାଇଁ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ନେତୃବୃନ୍ଦଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ବୃତ୍ତି ମଧ୍ୟରେ ବଢ଼େଇ, ଡଙ୍ଗା ନିର୍ମାତା, ଅସ୍ତ୍ର ନିର୍ମାତା, କମାର, ହାତୁଡ଼ି ଓ ଉପକରଣ ନିର୍ମାତା, ତାଲା କାରିଗର, ବଣିଆ, କୁମ୍ଭାର, ମୂର୍ତ୍ତି କାରିଗର, ପଥର କଟାଳି, ମୋଚି, ରାଜମିସ୍ତ୍ରି ଓ ମାଛ ଜାଲ ନିର୍ମାତା ପ୍ରମୁଖ ଅଛନ୍ତି। ରାଜ୍ୟରେ ପଛୁଆବର୍ଗର ବହୁ ମହିଳା ଯେଉଁମାନେ ନିଜେ ଓ ନିଜ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଏହି କାମଗୁଡ଼ିକୁ କରୁଛନ୍ତି, ସେମାନେ ଏହି ଯୋଜନାରୁ ଲାଭାନ୍ୱିତ ହେବା ସହ ବିଶ୍ୱ ଦରବାରରେ ନିଜର ନାମ ଏବଂ କୌଳିକ ବୃତ୍ତିକୁ ପ୍ରତିଷ୍ଠିତ କରିବାର ସୁବର୍ଣ୍ଣ ସୁଯୋଗ ପାଇବେ। 'ବିଶ୍ୱକର୍ମା ଯୋଜନା'ରେ କାରିଗରଙ୍କୁ ପରିଚୟ ପତ୍ର ଏବଂ ସାର୍ଟିଫିକେଟ ମିଳିବ। ସେମାନଙ୍କ ପାଇଁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କମ୍ ସୁଧରେ ବନ୍ଧକ ବିହୀନ ଋଣ, ସାଜସରଞ୍ଜାମ ପାଇଁ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତା, ଦକ୍ଷତା ପ୍ରଶିକ୍ଷଣ ଏବଂ ଏହି ସମୟରେ ଦୈନିକ ୫ ଶହ ଟଙ୍କାର ଭତ୍ତା, ବିପଣନ ସହାୟତା ଆଦି ଯୋଗାଇ ଦିଆଯିବ।




































## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SC/ST ଛାତ୍ରୀ ମାନଙ୍କ ପାଇଁ Course Fee ସଂପୂର୍ଣ୍ଣ ମାଗଣା
ନାମଲେଖା ଚାଲୁଅଛି !
ଶିକ୍ଷାବର୍ଷ: ୨୦୨୩-୨୪
SAI STITI INSTITUTE OF MEDICAL SCIENCE
Recognised by Govt. of Odisha, H & FW Dept. and Odisha Nursing Council, India Nursing Council, New Delhi
ANM
Duration 2 yrs, Qualification +2 (Any Stream)
Practical at DHH KHORDHA and CAPITAL HOSPITAL
Hanspal Bhubaneswar
Mob.: 8249091700, 8455975825, 9692613134

Admission Open
JOIN AFTER +2 ANY STREAM
OT TECHNOLOGY
ଅପରେସନ୍ ଥିଏଟର୍ ଟେକ୍ନିସିଆନ
MEDICAL IMAGING TECHNOLOGY
ଏକ୍ସରେ+ସିଟି ସ୍କାନ୍+ଏମ୍.ଆର୍.ଆଇ.
MEDICAL LAB TECHNOLOGY
ମେଡ଼ିକାଲ ଲ୍ୟାବ୍ ଟେକ୍ନିସିଆନ୍
C.S.S.D TECHNIQUES / HOSPITAL STERILIZATION
ସି.ଏସ୍.ଏସ୍.ଡ଼ି ଟେକ୍ନିସିଆନ୍
DIALYSIS TECHNOLOGY
ଡାୟାଲସୀସ୍ ଟେକ୍ନିସିଆନ
CARDIAC CARE TECHNOLOGY
କାର୍ଡ଼ିଆକ୍ କେୟାର ଟେକ୍ନିସିଆନ
ANM
ମହିଳା ସ୍ୱାସ୍ଥ୍ୟକର୍ମୀ
ANGUL CENTRE : Ph : 91140 12123
CCS, Church Lane, Similipada, Angul
BHUBANESWAR CENTRE : Ph : 9937440788
RMTI, Palasuni, Bhubaneswar-25

ଲୋନ୍! ଲୋନ୍! ଲୋନ୍!
ଭାରତର No.1 କମ୍ପାନୀ
Global Finance (Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ମାର୍କଶିଟ୍, ପ୍ରପର୍ଟି, ସବୁ ଲୋନ୍
2% ସୁଧ 40% ଛାଡ଼
ସରକାରୀ କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ଛାଡ଼
(ଏଜେଣ୍ଟ ଆମନ୍ତ୍ରିତ)
8765514686

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଓଡ଼ିଶା ବଜାରରେ ପ୍ରକୃତିରସ ମସଲା

ଭୁବନେଶ୍ୱର,୨୦।୧୨ (ଅଭୟ ଦାଶ)




ରାଜ୍ୟର ଅଗ୍ରଣୀ ଫୁଡ୍‌ଷ୍ଟାର୍ଟଅପ୍ କମ୍ପାନୀ ତଥା ପ୍ରକୃତିରସ ମସଲାର ଆନୁଷ୍ଠାନିକ ଶୁଭାରମ୍ଭ ସହ ଓଡ଼ିଶା ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଜଣାଶୁଣା ସେଫ୍ ବିଶ୍ୱଜିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ବଜାର ଉନ୍ମୋଚନ ସହ ବଜାର ପ୍ରବେଶ କରାଇଥିଲେ। କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ହିମାଦ୍ରି ତନୟା ଜେନା, ନିର୍ଦ୍ଦେଶକ ଅଙ୍କିତ ମହାପାତ୍ର ଓ ଶୁଭ୍ରଜିତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକୃତିରସର ପରିଚାଳନା ନିର୍ଦ୍ଦେଶକ ହିମାଦ୍ରି ତନୟା ଜେନା କହିଛନ୍ତି, ପ୍ରକୃତିରସ କେବଳ ଏକ ମସଲା କମ୍ପାନୀ ନୁହେଁ, ଶୁଦ୍ଧତା ଓ ସ୍ୱାସ୍ଥ୍ୟ ପ୍ରତି ଏହା ହେଉଛି ଏକ ପ୍ରତିବଦ୍ଧତା। ଆମେ ଏହି ଯାତ୍ରା ଆରମ୍ଭ କରିବା ଏବଂ ମସଲା ଦୃଶ୍ୟପଟକୁ ପୁନଃ ନିର୍ଦ୍ଧାରଣ କରିବାକୁ ପ୍ରତିବଦ୍ଧ ରହିଛୁ। ପ୍ରକୃତିରସର ନିର୍ଦ୍ଦେଶକ ଅଙ୍କିତ ମହାପାତ୍ର କହିଛନ୍ତି, ଆମେ ଏଭଳି ଏକ ମସଲା ଉପସ୍ଥାପନ କରିବା ଉପରେ ଗୁରୁତ୍ୱାରୋପ କରୁଛୁ, ଯାହା କେବଳ ଆପଣଙ୍କ ଖାଦ୍ୟର ସ୍ୱାଦ ବଢ଼ାଇବ ନାହିଁ ବରଂ ଏକ ସୁସ୍ଥକର ଜୀବନଶୈଳୀ ପ୍ରତି ଯୋଗଦାନ ପ୍ରଦାନ କରିବ।

ଉଲ୍ଲେଖଯୋଗ୍ୟ, ଓଡ଼ିଶା ବଜାରରେ ପ୍ରକୃତିରସର ଗୌରବମୟ ଶୁଭାରମ୍ଭ ହୋଇଥିବା ବେଳେ ଭବିଷ୍ୟତ ଲାଗି କମ୍ପାନୀ ମହତ୍ତ୍ୱାକାଂକ୍ଷୀ ଯୋଜନା ନିର୍ଦ୍ଧାରଣ କରିଛି। ଏପରିକି ଆସନ୍ତା ୬ମାସ ମଧ୍ୟରେ ପ୍ରକୃତିରସର ସୁଗନ୍ଧଭରା ଯାତ୍ରାକୁ ସାରା ଦେଶରେ ବିସ୍ତାରକରି ଜାତୀୟସ୍ତରରେ ପରିବାରଗୁଡ଼ିକ ପାଖରେ ବିଶୁଦ୍ଧ ଓ ସୁସ୍ଥକର ମସଲା ପହଞ୍ଚାଇବାକୁ କମ୍ପାନୀ ଲକ୍ଷ୍ୟ ରଖିଛି।

# ଉଦୟ ଅନନ୍ତ ଏମ୍‌ସିଏଲ୍‌ର ନୂଆ ଅଧ୍ୟକ୍ଷ

ସମ୍ବଲପୁର,୨୦।୧୨(ବି.ଶଙ୍କର)



ଉଦୟ ଅନନ୍ତ କାଓଲେ

ମହାନଦୀ କୋଲଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍)ର ନୂଆ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ ଉଦୟ ଅନନ୍ତ କାଓଲେ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସମ୍ବଲପୁର ବୁର୍ଲା (ଜାଗୃତି ବିହାର) ସ୍ଥିତ ଏମ୍‌ସିଏଲ୍ ମୁଖ୍ୟାଳୟରେ କାଓଲେ ପହଞ୍ଚିବା ପରେ କମ୍ପାନୀର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ଉଦୟଙ୍କୁ ସ୍ୱାଗତ କରିଥିଲେ। ଏପରିକି କମ୍ପାନୀର ସୁରକ୍ଷା ସେବା ଦ୍ୱାରା ଉଦୟଙ୍କୁ ଆନୁଷ୍ଠାନିକ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଏହା ପୂର୍ବରୁ ସେ ଧାନବାଦର ଭାରତ କୋକିଂ କୋଇଲା କମ୍ପାନୀର ନିର୍ଦ୍ଦେଶକ (ବୈଷୟିକ) ଭାବେ ନିଯୁକ୍ତ ହୋଇଥିଲେ। କୋଇଲା ଖଣି କ୍ଷେତ୍ରରେ ତାଙ୍କର ୩୬ ବର୍ଷର ବୈଷୟିକ ଓ ପ୍ରଶାସନିକ ଅଭିଜ୍ଞତା ରହିଛି। ୧୯୮୭ରେ ଉଦୟ ଜୁନିୟର ମାଇନିଂ ଇଞ୍ଜିନିୟର ଭାବେ କୋଲ ଇଣ୍ଡିଆ ଲିମିଟେଡ୍‌ରେ ଯୋଗଦେଇଥିଲେ। ୱେଷ୍ଟର୍ନ କୋଲଫିଲ୍ଡ ଲିମିଟେଡ୍ ସମେତ ଏସ୍‌ଇସିଏଲ୍‌ରେ ମଧ୍ୟ ସେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ। ନାଗପୁର ବିଶ୍ୱବିଦ୍ୟାଳୟରୁ ସେ ଖଣିରେ ସ୍ନାତକୋତ୍ତର ଡିଗ୍ରୀ ଓ ପ୍ରଥମଶ୍ରେଣୀ ଖଣି ପରିଚାଳକ ଦକ୍ଷତା ପ୍ରମାଣପତ୍ର ହାସଲ କରିଛନ୍ତି।

# ସେପ୍ଟେମ୍ବରରେ ଜିଓର ସର୍ବାଧିକ ଗ୍ରାହକ ସଂଯୋଗ

ଭୁବନେଶ୍ୱର,୨୦।୧୨

ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟ ଅନୁଯାୟୀ ରିଲାଏନ୍ସ ଜିଓ ୨୦୨୩ ସେପ୍ଟେମ୍ବରରେ ସର୍ବାଧିକ ସଂଖ୍ୟକ ନୂତନ ମୋବାଇଲ୍ ଗ୍ରାହକ ସଂଯୋଗ ପ୍ରଦାନ କରିଛି। ଏପରିକି ୨୦୨୩ ସେପ୍ଟେମ୍ବରରେ ନୂତନ ମୋବାଇଲ ଗ୍ରାହକ ଯୋଡ଼ିବାରେ ଜିଓ ଓଡ଼ିଶାର ଏକମାତ୍ର ସେବା ପ୍ରଦାନକାରୀ ହୋଇଥିବା ଟ୍ରାଇ ପକ୍ଷରୁ ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି। ବିଶେଷକରି ଟ୍ରାଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଜିଓ ସେପ୍ଟେମ୍ବରରେ ପ୍ରାୟ ୯୮,୦୦୦ ରୁ ଅଧିକ ନୂଆ ମୋବାଇଲ୍ ଗ୍ରାହକ ଓଡ଼ିଶାରେ ଯୋଡ଼ିଥିବା ବେଳେ ଏୟାରଟେଲ,ବିଏସ୍‌ଏନ୍‌ଏଲ୍ ଏବଂ ଭି ଭଳି କମ୍ପାନୀ ଏହି ସମୟ ମଧ୍ୟରେ ହଜାର ହଜାର ଗ୍ରାହକ ହରାଇଛନ୍ତି। ସେହିପରି ୨୦୨୩ ସେପ୍ଟେମ୍ବର ଶେଷ ସୁଦ୍ଧା ରାଜ୍ୟରେ ଜିଓର ପ୍ରାୟ ୧.୪୫ କୋଟି ମୋବାଇଲ ଗ୍ରାହକ ଏବଂ ୨.୪୫ ଲକ୍ଷ ଜିଓଫାଇବର ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ଉପଭୋକ୍ତା ରହିଥିବା ଉକ୍ତ ତଥରେ ପ୍ରକାଶ ପାଇଛି। ଏପରିକି ଉଭୟ ଓ୍ୱାରଲେସ୍ ଏବଂ ଓ୍ୱାରଲାଇନ୍ କ୍ଷେତ୍ରରେ ଜିଓ ରାଜ୍ୟରେ ନିଜର ୧ ନମ୍ବର ସ୍ଥାନକୁ ଆହୁରି ସୁଦୃଢ଼ କରିଛି। ତେବେ ଜିଓ ବ୍ୟତୀତ ଅନ୍ୟ ସମସ୍ତ ସେବା ପ୍ରଦାନକାରୀ ସେପ୍ଟେମ୍ବରରେ ଗ୍ରାହକ ହରାଇବା ଫଳରେ ଓଡ଼ିଶାରେ ମୋଟ ମୋବାଇଲ ଉପଭୋକ୍ତା ସଂଖ୍ୟା ୪ ଲକ୍ଷରୁ ଅଧିକ ହ୍ରାସ ପାଇ ସେପ୍ଟେମ୍ବର ଶେଷ ସୁଦ୍ଧା ରାଜ୍ୟରେ ମୋଟ ମୋବାଇଲ ଉପଭୋକ୍ତାଙ୍କ ସଂଖ୍ୟା ୩.୩୨ କୋଟିରେ ପହଞ୍ଚିଥିବା ଜଣାପଡ଼ିଛି।

# ଏଚ୍‌ଡିଏଫ୍‌ସି ଲାଇଫର ନୂତନ ଉତ୍ପାଦ

ଭୁବନେଶ୍ୱର,୨୦।୧୨



ଅନୀଶ ଖାନ୍ନା

ଦେଶର ପ୍ରମୁଖ ଘରୋଇ ବୀମା ପ୍ରଦାନକାରୀ ସଂସ୍ଥା ଏଚ୍‌ଡିଏଫ୍‌ସି ଲାଇଫର ନୂତନ ଉତ୍ପାଦ 'ଏଚ୍‌ଡିଏଫ୍‌ସି ଲାଇଫ୍ କ୍ଲିକ୍ ୨ ଆଚିଭ୍'ର ସର୍ବଭାରତୀୟ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଏହା ଏକ ସୁନିଶ୍ଚିତ ଜୀବନ ଜୀବନ ବୀମା ଯୋଜନା ହୋଇଥିବାବେଳେ ପ୍ରିୟଜନଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିବା ଏବଂ ସେମାନଙ୍କର ଆର୍ଥିକ ଉଦ୍ଦେଶ୍ୟ ହାସଲ କରିବା ପାଇଁ ଏହା ଜରିଆରେ ଯୋଜନା କରାଯାଇଛି। ଏପରିକି ଏହା ସମ୍ପୂର୍ଣ୍ଣ ନମନୀୟ, ପ୍ରାରମ୍ଭିକ ଆୟ, ଦୀର୍ଘକାଳୀନ ଆୟ, ଲମ୍ପସମ୍ କିମ୍ବା ପିରିୟଡ୍ ଲମ୍ପସମ୍ (ଟଙ୍କା ଫେରସ୍ତ) ଭାବେ ଲାଭ ପାଇବାକୁ ହିତାଧିକାରୀ ନିଜର ଯୋଜନାକୁ କଷ୍ଟମାଇଜ୍ କରିପାରିବ।

ଏ ସମ୍ପର୍କରେ ଏଚ୍‌ଡିଏଫ୍‌ସି ଲାଇଫ୍‌ର ହେଡ୍ (ପ୍ରଡକ୍ଟସ୍ ଆଣ୍ଡ ସେଗମେଣ୍ଟସ୍) ଅନୀଶ ଖାନ୍ନା କହିଛନ୍ତି, କମ୍ପାନୀ ଏହି ନୂତନ ଉତ୍ପାଦକୁ ସର୍ବଭାରତୀୟସ୍ତରରେ ଉନ୍ମୋଚନକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ସବୁକିଛି ଏକ ସ୍ୱପ୍ନରୁ ଆରମ୍ଭ ହୋଇଥାଏ ଏବଂ ସ୍ୱପ୍ନ ଯେତେ ବଡ଼ ହେଉନା କାହିଁକି, ତାହାକୁ ବାସ୍ତବ ରୂପ ଦେବା ପାଇଁ ଏକ ସୁରକ୍ଷିତ ପଦକ୍ଷେପ ସହ ଆରମ୍ଭ କରିବା ଆବଶ୍ୟକ ରହିଛି। ସେହିଭଳି ନିୟମିତ ସଞ୍ଚୟ ଏବଂ ଯୋଜନା ସହ ଜୀବନ ଲକ୍ଷ୍ୟ ପୂରଣ ହୋଇଥାଏ। ଏପରିକି ଗ୍ରାହକ ବର୍ତ୍ତମାନ ଏଚ୍‌ଡିଏଫ୍‌ସି ଲାଇଫ୍ କ୍ଲିକ୍ ୨ ଆଚିଭ୍ ଉତ୍ପାଦ ସହିତ ନିଜର ସ୍ୱପ୍ନକୁ ପୂରଣ କରିବା ଦିଗରେ ଗ୍ରାହକ ପ୍ରଥମ ସୁରକ୍ଷିତ ପଦକ୍ଷେପ ନେଇ ପାରିବେ। ବିଶେଷକରି ଏହା ଏକ ବହୁ ବିଧି ଯୋଜନା ଯାହା ଗ୍ରାହକଙ୍କୁ ଅସୀମିତ ମିଶ୍ରଣ ଦେଇଥାଏ। ଏହା ଗ୍ରାହକଙ୍କୁ ଗ୍ୟାରେଣ୍ଟି ରିଟର୍ନର ସ୍ୱପ୍ନକୁ ସାକାର କରିବାକୁ ସକ୍ଷମ କରିଥାଏ।

## Classified Everyday

0674-2580101, 2549949



REAL ESTATE



Healthcare

SALE

2/3 BHK Apartments, Simplex, Duplex & Triplex with modern facilities like Swimming Pool, Club House, Landscape Garden etc. available for Sale at Haribhaina Chaka, Jatani Main Road. Contact: 7317316764.
D-1919

New Cancer Hospital ନାଇଜର, ଜଟଣୀ yellowzone BDA ୨୦୦ ଫୁଟ ରାସ୍ତାକୁ ଲାଗି ବର୍ଗଫୁଟ ୩୫୦-୮୫୦ରେ ଜାଗା ବିକ୍ରିହେଉଛି। 06743180297.
D-75176

**Commercial Plot 29 dcml. (12632Sqft.) Sale at Puri near Mangala-ghat Chhak. Suitable for Apartment/ School/ Complex etc. Call for details: 9438220432/ 8144658008, No Broker.**
D-2043

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର-500/-, ନଖରା- SC/ General- sqft.- 300/-, 9348232008.
D-75279

Your classified advertisement published in Dharitri will be listed free in Dharitri online edition:
**dharitriepaper.in**

**Ashirvaad Salon and SPA get good massage for your health tha best therapy. 7077181074.**
D-75080

Asribada Panchakarma herbal SPA, Kesharimall, Bhubaneswar. Contact: 8926173473.
D-75081

Newly open Jyoti Spa positively health benefits (Expert Therapist). 8458067955.
D-75179



BUSINESS

୭୦,୦୦୦/- ନିବେଶକରି ୨୦,୦୦୦/- ରୋଜଗାର କରନ୍ତୁ। ଅଟୋ ବଲ୍‌ବ, ହାଲୋଜିନ୍ ବଲ୍‌ବ ପ୍ଲାଣ୍ଟ ବସାନ୍ତୁ। ଲେବର, ମାର୍କେଟିଂ ସୁବିଧା। ୧୦୦% ପ୍ରସ୍ତୁତ ସାମଗ୍ରୀର କିଣିବାର ଏଗ୍ରିମେଣ୍ଟ । ୦୧୧-୪୫୭୨୦୧୯୯, ୯୯୧୦୪୯୨୪୮୭ ।
ଧ-୨୦୬୫

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

I, Nilima Mishra, resident of Gopinath Complex, Flat- 404, Kuha, Bhubaneswar, Odisha-751002, M-8895943799 declare by this affidavit No.68AA893784 Dt.11.12.2023 that in my Passport, vide No.L7029928 issued by Regional Passport Authority, in which my name is reflected as Nilima Misra instead of Nilima Mishra. I declare that Nilima Misra & Nilima Mishra is one and same person, who is myself.
D-2066

I, Dibakar Dash, S/o Late Kashinath Dash, resident of Gopinath Complex, Flat No. 404, Kuha, Bhubaneswar, Odisha-751002, M-8895907773 declare that in my Passport vide No.K4996582 issued by Regional Passport Authority, in which my father's name is reflected as Kashinath Dash instead of Kasinath Dash. I declare that Kasinath Dash & Kashinath Das is one and same person, who is my father.
D-2067

I, Basanti Kumari Raulo, W/o Lingaraj Raulo, R/o Kamapalli, Berhampur, Pin-760004, Odisha declared by this affidavit No. 9783, Dated-19.12.2023, that from now onwards I shall be known as Basanti Kumari Raulo instead of Kumari Raulo.
D-2070

# ତନେଇରାର ପ୍ରଥମ ବର୍ଷ ପୂର୍ତ୍ତି ଉତ୍ସବ




ଭୁବନେଶ୍ୱର,୨୦।୧୨

## ୨୦,୦୦୦ଟଙ୍କାର ଶପିଂ ଉପରେ ସ୍ୱତନ୍ତ୍ର ସ୍ୱର୍ଣ୍ଣ ମୁଦ୍ରା ଅଫର

ଟାଟା ଗ୍ରୁପ୍‌ର ସ୍ୱତନ୍ତ୍ର ପରିଧାନ ବ୍ରାଣ୍ଡ ତନେଇରାର ଭୁବନେଶ୍ୱର ଆଉଟ୍‌ଲେଟ୍ ପକ୍ଷରୁ ଶୋ'ରୁମ୍‌ର ପ୍ରଥମ ବର୍ଷର ପୂର୍ତ୍ତି ଉତ୍ସବ ବୁଧବାର ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଆଉଟ୍‌ଲେଟ୍ ପକ୍ଷରୁ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ତନେଇରାର ଆର୍‌ବିଏମ୍ ସୁମିତ ଘୋଷ ଏବଂ ଆଉଟ୍‌ଲେଟ୍ ସ୍ୱତ୍ୱାଧିକାରୀ ତଥା ବିଏ ମାଣିକ ହଂସ ଯୋଗଦେଇ ଉଭୟ ତନେଇରା ଓ ଭୁବନେଶ୍ୱର ଷ୍ଟୋର ସମ୍ପର୍କରେ ବିସ୍ତୃତ ମତପ୍ରକାଶ କରିଥିଲେ। ଏହି ଅବସରରେ ତନେଇରା ଭୁବନେଶ୍ୱରସ୍ଥିତ ମାଷ୍ଟରକ୍ୟାଣ୍ଟିନ ଷ୍ଟୋର ପକ୍ଷରୁ ଏକ ସ୍ୱତନ୍ତ୍ର ଅଫର ସମ୍ପର୍କରେ ଘୋଷଣା କରାଯାଇଥିଲା। ଏପରିକି ପ୍ରତି ୨୦,୦୦୦ ଟଙ୍କାର କ୍ରୟ ବିଲିଂ କିମ୍ବା ତା'ଠାରୁ ଅଧିକ କ୍ରୟ ବିଲିଂ ଉପରେ ଗ୍ରାହକଙ୍କୁ ତନିସ୍କର ଏକ ଆକର୍ଷଣୀୟ ସ୍ୱର୍ଣ୍ଣ ମୁଦ୍ରା (୦.୦୨ ଗ୍ରାମ ମୁଦ୍ରା) ଅଫର ଆକାରରେ ଦିଆଯାଉଛି। ଏହି ଅଫର ୨୦୨୩ ଡିସେମ୍ବର ୨୪ ପର୍ଯ୍ୟନ୍ତ ଉପଲବ୍ଧ। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର ତନେଇରାରେ ଦେଶର ପ୍ରମୁଖ ବୁଣାକାର ସମିତି ଓ ସୋସାଇଟିର ଲୋକପ୍ରିୟ ତଥା ପ୍ରିମିୟମ ଶାଢ଼ି ସାଙ୍ଗକୁ ରେଡି ଟୁ ୱେୟର ବ୍ଲାଉଜ ଓ କୁର୍ତ୍ତା ସେଟର ବ୍ୟାପକ ସମ୍ଭାର ଉପଲବ୍ଧ। ଏପରିକି ୨୨୦୦ ଟଙ୍କାରୁ ୨,୨୦,୦୦୦ ଟଙ୍କାର ଶାଢ଼ି ଏଠାରେ ରହିଛି।

# ଖସିଲା ଶେୟାର ବଜାର କାରବାର

ଭୁବନେଶ୍ୱର,୨୦।୧୨

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନସେକ୍ସ ୯୩୧ (୯୩୦.୮୮) ପଏଣ୍ଟ ଖସି ୭୦,୫୦୬(୭୦,୫୦୬.୩୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସଇ) ର ନିଫ୍ଟି-୫୦ରେ ମଧ୍ୟ ୩୦୩ (୩୦୨.୯୫) ପଏଣ୍ଟ ହ୍ରାସ ଘଟି ୨୧,୧୫୦ (୨୧,୧୫୦.୧୫) ଅଙ୍କରେ କାରବାର ବନ୍ଦ କରିଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସଇ ନିଫ୍ଟି ମିଡକ୍ୟାପ୍, ସ୍ମଲ କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ହୋଇଛି।

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ମହେନ୍ଦ୍ର ପ୍ରସାଦ ପଣ୍ଡା
ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ
ଇଛଦା, ଭଦ୍ରକ
ତିରୋଧାନ- ୧୧।୧୨।୨୦୨୩
କେଉଁ ଅଫେରା ରାଇଜେ ଚାଲିଗଲ ତୁମେ
ଭୁଲି ଘର ଦ୍ୱାର ପରିବାର,
ଝୁରୁଛନ୍ତି ଜ୍ଞାତି, ବନ୍ଧୁ, ପରିଜନ
ଝରାଇ ଲୁହର ଧାର ।
ପ୍ରଣତି ଜଣାଇ ବିନତି କରୁ
ଏତିକି କାମନା ଆମ,
ପ୍ରଭୁ କୃପାବଳେ ଶାନ୍ତି, ସ୍ୱସ୍ତି ସହ
ଲଭ ତୁମେ ସ୍ୱର୍ଗଧାମ ।
ଶୋକସନ୍ତପ୍ତ : ପଣ୍ଡା ପରିବାର
ଧ-୨୦୬୧

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱ ପ୍ରମିଳା ରାୟ
ସ୍ୱାମୀ ସ୍ୱର୍ଗତ କ୍ଷେତ୍ରମୋହନ ରାୟ
ବେଣୁପୁର, ବାଲିଅନ୍ତା, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ହତଭାଗ୍ୟ ପୂର୍ଣ୍ଣଚନ୍ଦ୍ର ରାୟ , ହତଭାଗ୍ୟ ପୁତ୍ର- ମହେଶ, ରବୀନ୍ଦ୍ର ଓ ଅଜିତ, ରାୟ ପରିବାରବର୍ଗ, ବେଣୁପୁର
ଧ-୭୧୨୨୬

### ପ୍ରଥମ ବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱ ବିଜୟ କୁମାର ରଣା
ଆବିର୍ଭାବ- ୧୩।୦୫।୧୯୫୭
ତିରୋଧାନ- ୦୨।୧୨।୨୦୨୨
ବୈଶାଖର ବୈଶାଖୀରେ ଭୂମିଷ୍ଠ ହୋଇଥିବା ଧୈର୍ଯ୍ୟବାନ୍, ଦୃଢ଼ମନା ପୁରୁଷ ତୁମେ, ପୌଷର ଶାନ୍ତଭରା ପରିବେଶରେ ଚିରଶାନ୍ତ ହୋଇ ସ୍ୱର୍ଗାରୋହଣ କଲ ତୁମେ। ବାପା, ତୁମର କର୍ତ୍ତବ୍ୟ, ତ୍ୟାଗ, ସ୍ନେହ, ଦୟାଳୁ ବ୍ୟକ୍ତିତ୍ୱ ଆମ ପାଖରେ ଅବିସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ସାଇବାବାଙ୍କ ନିକଟରେ ପ୍ରାର୍ଥନା ।
ତୁମର ଶୋକସନ୍ତପ୍ତ: ସପରିବାର (ଚମ୍ପା, ବାବୁ, ଗୁଲୁ, ରଲି, ପୂର୍ଣ୍ଣେନ୍ଦୁ, କଟି, ମମୁ, ଇପୁ, ବଗୁଲୁ ଏବଂ ପପୁନ୍)
ଧ-୨୧୬୨

# ଆକ୍ସିସ ବ୍ୟାଙ୍କ ପ୍ରିଭିଲେଜ୍ କ୍ରେଡିଟ୍ କାର୍ଡର ଶୁଭାରମ୍ଭ

ଭୁବନେଶ୍ୱର,୨୦।୧୨

ଆକ୍ସିସ୍ ବ୍ୟାଙ୍କ ଓ ଆମେରିକାନ୍ ଏକ୍ସପ୍ରେସ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ଓ ସହଭାଗିତା ନିକଟରେ ହୋଇଯାଇଛି। ଏପରିକି ଆମେରିକାନ ଏକ୍ସପ୍ରେସ୍ ନେଟ୍‌ୱର୍କରେ ଆକ୍ସିସ୍ ବ୍ୟାଙ୍କ ପ୍ରିଭିଲେଜ୍ କ୍ରେଡିଟ୍ କାର୍ଡର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସହଭାଗିତା ଯୋଗୁ ଆକ୍ସିସ୍ ବ୍ୟାଙ୍କର ଗ୍ରାହକମାନେ ଆମେରିକାନ୍ ଏକ୍ସପ୍ରେସ୍ ନେଟ୍‌ୱର୍କରେ ସ୍ଥାନୀୟ ଓ ବିଶ୍ୱସ୍ତରୀୟ ଲାଉଞ୍ଜଗୁଡ଼ିକ ପାଇପାରିବେ। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ଅଧ୍ୟକ୍ଷ ତଥା କାର୍ଡସ୍ ଓ ପେମେଣ୍ଟସ୍ ମୁଖ୍ୟ ସଞ୍ଜୀବ ମୋଘେ କହିଛନ୍ତି,ଆକ୍ସିସ୍ ବ୍ୟାଙ୍କରେ ଆମେ ଗ୍ରାହକଙ୍କୁ ଅଧିକ ମୂଲ୍ୟ ପ୍ରଦାନ କରିବା ପାଇଁ ନିରନ୍ତର ଅଭିନବ କାର୍ଯ୍ୟ କରୁଛୁ। ବ୍ୟାଙ୍କର ପ୍ରିମିୟମକରଣ ରଣନୀତି ଅନୁଯାୟୀ, ଆମର ଗ୍ରାହକମାନଙ୍କ ପାଇଁ ଏକ ଅତ୍ୟନ୍ତ ଆକର୍ଷଣୀୟ ପ୍ରସ୍ତାବ ବଜାରକୁ ଆଣିବା ପାଇଁ ଆମେ ଆମେରିକାନ୍ ଏକ୍ସପ୍ରେସ୍ ସହଣ୍ ଭାଗୀଦାରି କରି ବେଶ୍ ଆନନ୍ଦିତ ଅଛୁ। ଏହି ଭାଗୀଦାର ସମୃଦ୍ଧ ଏବଂ ପ୍ରିମିୟମ ଗ୍ରାହକବର୍ଗଙ୍କୁ ସେବା ଯୋଗାଇବା ଦିଗରେ ଆମର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବ। ସେହିଭଳି ଆମେରିକାନ୍ ଏକ୍ସପ୍ରେସ୍‌ରେ ଭାରତର ଉପାଧ୍ୟକ୍ଷ ତଥା ଗ୍ଲୋବାଲ ମର୍ଚ୍ଚାଣ୍ଟ ଆଣ୍ଡ ନେଟ୍‌ୱର୍କ ସର୍ଭିସେସ୍ ମୁଖ୍ୟ ଅନୁରାଗ ଗୁପ୍ତା କହିଛନ୍ତି,କାର୍ଡ ପ୍ରଦାନ ଦିଗରେ ଆକ୍ସିସ୍ ବ୍ୟାଙ୍କ ସହିତ ଆମର ଭାଗୀଦାରକୁ ଆହୁରି ବିସ୍ତାର କରିବାକୁ ଆମେ ଉତ୍ସାହିତ।

**ଆଉ କେତୋଟି ଦିନ ପରେ ଶେଷ ହେବ ୨୦୨୩ ମସିହା। ପୁରୁଣା ବର୍ଷକୁ ବିଦାୟ ସହ ନୂତନ ବର୍ଷ ୨୦୨୪କୁ ସ୍ୱାଗତ କରାଯିବ। ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲା ପାଇଁ ୨୦୨୩ ମସିହା କେତେକ ଘଟଣା ଲାଗି ଚର୍ଚ୍ଚାରେ ରହିଥିଲା। ଏଭଳି କେତେକ ଘଟଣା, ଦୁର୍ଘଟଣା ଓ ଅପରାଧକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।**

## ସ୍କ୍ରାପ୍, ପ୍ଲାଷ୍ଟିକ୍ ବୋତଲରେ ହାତୀ

ବ୍ରହ୍ମପୁର ଶିଳ୍ପ ତାଲିମ ବୈଷୟିକ ଅନୁଷ୍ଠାନ (ଆଇଟିଆଇ) ବର୍ଜ୍ୟବସ୍ତୁ ଓ ଅଦରକାରୀ ସାମଗ୍ରୀକୁ ବ୍ୟବହାର କରି ସବୁବେଳେ ଚର୍ଚ୍ଚାରେ ରହିଆସିଛି। ଆଇଟିଆଇର ଫିଟର, ଏଗ୍ରିକଲଚର ମେଶିନାରି ଛାତ୍ରୀଛାତ୍ର ସ୍କ୍ରାପ୍ ଓ ପ୍ଲାଷ୍ଟିକ୍ ବୋତଲରେ ୨୨ ଫୁଟ ଉଚ୍ଚତା, ୨୪ ଫୁଟ ଲମ୍ବ ଓ ୬.୬ ଫୁଟ ଓସାରର ଏକ ହାତୀ ପ୍ରତିକୃତି ନିର୍ମାଣ କରିଥିଲେ, ଯାହାକି କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱଚ୍ଛତା ହିଁ ସେବା ମିଶନ ଅବସରରେ ଉଦ୍‌ଘାଟନ କରାଯାଇଛି। ପ୍ଲାଷ୍ଟିକ୍ ବ୍ୟବହାରରୁ ଦୂରେଇ ରହିବା ପାଇଁ ଲୋକଙ୍କୁ ସଚେତନ କରାଇବା ନିମନ୍ତେ ସହରର ବିଭିନ୍ନ ସ୍ଥାନରୁ ପ୍ରାୟ ୩୦ ହଜାର ପ୍ଲାଷ୍ଟିକ ବୋତଲ ସଂଗ୍ରହ କରାଯାଇଥିଲା।





## ଚାଲିଗଲା ୧୨ କନ୍ୟାଯାତ୍ରୀଙ୍କ ଜୀବନ

ଗଞ୍ଜାମ ଜିଲା ଦିଗପହଣ୍ଡି ଖେମୁଣ୍ଡି ମହାବିଦ୍ୟାଳୟ ନିକଟରେ ଜୁନ୍ ୨୫ ତାରିଖ ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିଲା। କନ୍ୟାଯାତ୍ରୀଙ୍କୁ ନେଇ ଯାଉଥିବା ମିନିବସ୍‌କୁ ସାମ୍ନାପଟୁ ଏକ ସରକାରୀ ବସ୍ ଧକ୍କା ଦେବାରୁ ୧୨ ଜଣଙ୍କ ଜୀବନ ଯାଇଥିଲା। ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ୮ ଜଣ ଥିଲେ। ଏହି ଘଟଣା କେବଳ ଗଞ୍ଜାମ ନୁହେଁ ସାରା ରାଜ୍ୟକୁ ସ୍ତବ୍ଧ କରି ଦେଇଥିଲା। କନ୍ୟାପକ୍ଷ ବ୍ରହ୍ମପୁର ବ୍ୟାଙ୍କ କଲୋନୀ ବାପୁଜୀନଗରରେ ବରପକ୍ଷ ଘରୁ ଭୋଜି ଖାଇ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ସାନଖେମୁଣ୍ଡି ବ୍ଲକ ଖଣ୍ଡଦେଉଳି ଗ୍ରାମରେ କନ୍ୟାପକ୍ଷଙ୍କ ବାହାଘର ଖୁସି ଲୁହରେ ଭିଜିଥିଲା।

## ଗଞ୍ଜେଇକୁ ନେଇ ଥାନାପୋଡ଼ି

ଗଞ୍ଜେଇ ଚାଲାଣରେ ପୋଲିସର ସମ୍ପୃକ୍ତି ଦର୍ଶାଇ ଅଗଷ୍ଟ ୫ ତାରିଖରେ କନ୍ଧମାଳ ଜିଲା ଫିରିଙ୍ଗିଆ ଥାନାରେ ଲୋକେ ନିଆଁ ଲଗାଇ ଦେଇଥିଲେ। ଏପରିକି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇବାକୁ ଆସିଥିବା ପୋଲିସକୁ ମଧ୍ୟ ଆକ୍ରମଣ କରାଯାଇଥିଲା। ଫିରିଙ୍ଗିଆ ଥାନାର କେତେଜଣ କର୍ମଚାରୀ ଏକ ବୋଲେରୋରେ ଗଞ୍ଜେଇ ନେଇ ଯାଉଥିବା ବେଳେ ଫିରିଙ୍ଗିଆର କେତେଜଣ ଜନପ୍ରତିନିଧି ଅଟକାଇ ପଚାରିବାରୁ ଏହା ବିକ୍ରି ପାଇଁ ନିଆଯାଉଥିବା ସେମାନେ କହିଥିଲେ। ଏହି ଭିଡିଓ ଭାଇରାଲ ହେବା ପରେ ଅଞ୍ଚଳବାସୀ ଲଙ୍କାକାଣ୍ଡ କରିଥିଲେ। ପରେ ପୋଲିସ ୧୯ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଗିରଫ କରିଥିଲା।



## ନିଜ ପାଇଁ ନିଜେ ସମାଧି ତିଆରି କଲେ



ବଞ୍ଚି ଥାଉ ଥାଉ ନିଜ ପାଇଁ ଓ ସ୍ତ୍ରୀଙ୍କ ଲାଗି ମାର୍ବଲରେ ସୁନ୍ଦର ସମାଧି ତିଆରି କରି ଚର୍ଚ୍ଚାରେ ଥିଲେ ଗଜପତି ଜିଲା ନୂଆଗଡ଼ ବ୍ଲକ ସୌରିଗାଁର ଲକ୍ଷ୍ମଣ ଭୂୟାଁ। ମୃତ୍ୟୁ ପରେ ପୁଅ ଝିଅ ଭଲ ସମାଧି ତିଆରି କରିବେ କି ନାହିଁ ବୋଲି ଚିନ୍ତା କରି ସେ ଏପରି କରିଥିଲେ। ନିଜେ ଅମଳ କରିଥିବା ଧାନ, କୋଳଥ, କାଜୁ ଓ ଘରେ ଥିବା ଗାଈ ବିକ୍ରି କରି ପ୍ରାୟ ଦେଢ଼ଲକ୍ଷ ଟଙ୍କା ଖର୍ଚ୍ଚରେ ଲକ୍ଷ୍ମଣ ଦୁଇଟି ସମାଧି ତିଆରି କରିଛନ୍ତି।

### ବଡ଼ ମେଡିକାଲରୁ ଇଞ୍ଜେକ୍ସନ୍ ଚୋରି

ଜୁଲାଇ ୬ ତାରିଖ ରାତିରେ ଏମ୍‌କେସିଜି ମେଡିକାଲ ଫାଣ୍ଡି ପୋଲିସ ମେଡିକାଲ ପୁରୁଣା ଶିଶୁ ବିଭାଗର ଇନ୍‌ଡୋର କୋଠାରେ ଥିବା ଏକ ପ୍ଲାଷ୍ଟିକ ଅଖାରୁ ଇଞ୍ଜେକ୍ସନ୍ ଜବତ କରିଥିଲା। ସେଥିରୁ ସେଫଟ୍ରିଆକ୍ସନ୍ ଆଣ୍ଡ ସୁଲବାକ୍‌ଟମ୍ ନାମକ ୨୫ ପ୍ୟାକେଟ୍(୬୦୦ ଭାଏଲ୍) ଇଞ୍ଜେକ୍ସନ୍ ରହିଥିଲା। ଏହି ଘଟଣା ସାମ୍ନାକୁ ଆସିବା ପରେ ଉକ୍ତ ଇଞ୍ଜେକ୍ସନ୍‌ଗୁଡ଼ିକୁ ଷ୍ଟୋରରୁ ଚୋରି ହୋଇଥିବା ଜଣାପଡିଥିଲା। ଅନ୍ୟ ଏକ ଚୋରି ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ଖୋଜିବା ବେଳେ ଇଞ୍ଜେକସନ ମିଳିଥିଲା। ଯାହାକି ଚର୍ଚ୍ଚାର ବିଷୟ ପାଲଟିଥିଲା। ବଡ ମେଡିକାଲରେ ଏପରି ପୂର୍ବରୁ ମଧ୍ୟ ଔଷଧ ଚୋରି ହୋଇଛି।

## ସଂସାର ଉଜାଡ଼ିଲା ପରକୀୟା ପ୍ରୀତି

୩ ଜିଲାରେ ପୁଞ୍ଜିଭୂତ ଅଶାନ୍ତି, ରାଜନୈତିକ ବିବାଦ, ଅସହ୍ୟ ନିର୍ଯାତନା, ପରକୀୟା ପ୍ରୀତି ଆଦି କାରଣରୁ ଅନେକ ଜୀବନ ଚାଲିଯାଇଛି। ଏପରିକି ଆତ୍ମୀୟ ମଧ୍ୟ ନିଜ ରକ୍ତର ସମ୍ପର୍କକୁ ହତ୍ୟା କରିବା ଭଳି ଘଟଣା ଘଟିଯାଇଛି। ପରକୀୟା ପ୍ରେମକୁ ନେଇ କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକରେ ନିଜ ପ୍ରେମିକ ସହ ମିଶି ଜଣେ ମା' ତାଙ୍କ ଶିଶୁପୁତ୍ରକୁ ମାରି ଦେଇଥିଲେ। ବ୍ରହ୍ମପୁରରେ ପୁଅକୁ ପୋଖରୀକୁ ଠେଲି ହତ୍ୟା କରିବାକୁ ମା' ପଛାଇ ନ ଥିଲେ। ସେହିପରି ବ୍ରହ୍ମପୁରରେ ଶିଶୁ କଲ୍ୟାଣ ସମିତି ସଦସ୍ୟା ସୌଦାମିନୀ ରଥଙ୍କୁ ଘର ଭିତରେ ତାଙ୍କ ଡ୍ରାଇଭର ଲୁଟ୍ ଉଦ୍ଦେଶ୍ୟରେ ହତ୍ୟା କରିବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଥିଲା।

## କ୍ୟାମେରାରେ କଏଦ ମହାବଳ

ଗଜପତି ଜିଲା ରାୟଗଡ଼ ବ୍ଲକ କୁମୁଲିସିଙ୍ଗ ପଞ୍ଚାୟତ ଅଁଳାବର ଜଙ୍ଗଲରେ ନଭେମ୍ବର ୨୨ରେ ଏକ ମହାବଳ ବାଘ ଗୋଟିଏ ଗାଈକୁ ଘୋଷାରି ନେଇ ଦରଖିଆ ଛାଡ଼ିଦେବା ଘଟଣା ସାମ୍ନାକୁ ଆସିଥିଲା। ବନ ବିଭାଗ ପକ୍ଷରୁ ଲାଗିଥିବା ଟ୍ରାପ୍ କ୍ୟାମେରାରେ ଗାଈକୁ ବାଘ ଖାଉଥିବା ଫଟୋ କଏଦ ହୋଇଥିଲା। ବାଘଟି ମହାରାଷ୍ଟ୍ରରୁ ଅନୁକୂଳ ପରିବେଶ ଖୋଜି ଜଙ୍ଗଲରେ ପ୍ରାୟ ଦୁଇ ହଜାର କି.ମି. ରାସ୍ତା ଅତିକ୍ରମ କରି ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଜିଲାରେ ଆତଙ୍କ ସୃଷ୍ଟି କରିଥିଲା।



## ପୂର୍ବତନ ବିଧାୟକଙ୍କୁ ଆଜୀବନ ଜେଲ



ଗଞ୍ଜାମ ଜିଲା ଛତ୍ରପୁରର ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ୍ଡୀଙ୍କୁ ସେପ୍ଟେମ୍ବର ୩୧ ତାରିଖରେ ଆଜୀବନ ଜେଲ ଦଣ୍ଡାଦେଶ ହୋଇଛି। ଛତ୍ରପୁର ଥାନା ଅଞ୍ଚଳରେ ଟାଟା କମ୍ପାନୀର ଜମି ଅଧିଗ୍ରହଣ ସମୟରେ ଜଣେ ପୋଲିସ ଇନ୍ସପେକ୍ଟରଙ୍କୁ ବୋମା ଫିଙ୍ଗି ହତ୍ୟା ଘଟଣାରେ ସେ ସମ୍ପୃକ୍ତ ଥିଲେ। ଘଟଣାର ୨୫ ବର୍ଷ ପରେ କୋର୍ଟ ପୂର୍ବତନ ବିଧାୟକଙ୍କ ସମେତ ୧୩ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ।

## ରହସ୍ୟରେ ନବୋଦୟ ଛାତ୍ରୀଙ୍କ ମୃତ୍ୟୁ

ଗଜପତି ଜିଲା ପାରଳାଖେମୁଣ୍ଡି ନବୋଦୟ ବିଦ୍ୟାଳୟର ନାବାଳିକା ଛାତ୍ରୀ ସୌଦାମିନୀ ରଇତଙ୍କ ମୃତ୍ୟୁ ଘଟଣା ରହସ୍ୟ ଉପରୁ ପରଦା ଉଠିଲାନି। ସୌଦାମିନୀ ବିଦ୍ୟାଳୟ ହଷ୍ଟେଲରେ ରହି ୯ମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ଫେବୃୟାରୀ ୨୦ରେ ହଷ୍ଟେଲରୁ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଜବତ କରାଯାଇଥିଲା। ଏହି ଘଟଣାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ନେଇଥିଲା। ଅଭିଯୁକ୍ତଙ୍କ ଗିରଫ ଦାବିରେ ଦୀର୍ଘଦିନ ପର୍ଯ୍ୟନ୍ତ ପରିବାର ଲୋକଙ୍କ ସହିତ ବିଭିନ୍ନ ସଂଗଠନ ଧାରଣାରେ ବସିଥିଲେ। ଘଟଣାକୁ ୧୦ମାସ ବିତିଯାଇଥିଲେ ମଧ୍ୟ ଘଟଣା ଉପରୁ କ୍ରାଇମ୍‌ବ୍ରାଞ୍ଚ ପରଦା ଉଠାଇପାରିନାହିଁ।

## ସ୍କୁଲ ଯିବ ଜଗା



କନ୍ଧମାଳ ଜିଲାର ଯୋଡ଼ାମୁଣ୍ଡ ଶିଶୁ ଜଗା ଏବେ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ରହିଛି। ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛି । ସ୍କୁଲରେ ତା'ର ନାମ ଲେଖାଇ ପାଠ ପଢ଼ାଇବାକୁ ଦିଲ୍ଲୀ ଏମ୍‌ସର ନ୍ୟୁରୋସର୍ଜରି ବିଭାଗ ପ୍ରଫେସର ଦୀପକ ଗୁପ୍ତା ଡିସେମ୍ବର ୧୬ ତାରିଖରେ ଜଗାକୁ ଦେଖିବାକୁ ଆସିଥିବା ବେଳେ ଏହି ପରାମର୍ଶ ଦେଇଛନ୍ତି। ଶୀଘ୍ର ଜଗାର ମୁଣ୍ଡରେ ଦ୍ୱିତୀୟ ଅସ୍ତ୍ରୋପଚାର କରାଯିବ। ଏହା ଦିଲ୍ଲୀ କିମ୍ବା ଭୁବନେଶ୍ୱରରେ ହୋଇପାରେ ବୋଲି ସେ କହିଛନ୍ତି। ୬ବର୍ଷ ତଳେ ଦିଲ୍ଲୀ ଏମ୍‌ସରେ ଯୋଡାମୁଣ୍ଡ ଶିଶୁ ଜଗା-କାଳିଆଙ୍କ ସଫଳ ଅସ୍ତ୍ରୋପଚାର କରାଯାଇ ଉଭୟଙ୍କୁ ଅଲଗା କରାଯାଇଥିଲା । ସେଠାରୁ ଫେରିବା ପରେ କାଳିଆଙ୍କ ମୃତ୍ୟୁ ଘଟିଥିଲା।

## ଡରାଇଲା ଟ୍ରେନ୍ ଧୂଆଁ

ବ୍ରହ୍ମପୁର ରେଳ ଷ୍ଟେଶନ ନିକଟରେ ଦୁଇଥର ଚଳନ୍ତା ଟ୍ରେନ୍‌ରେ ଅଗ୍ନିକାଣ୍ଡ ହୋଇଥିଲା। ଜୁନ୍ ୬ ତାରିଖରେ ଷ୍ଟେଶନରେ ପହଞ୍ଚିବା ପୂର୍ବରୁ ସିକନ୍ଦରାବାଦ-ଅଗରତାଲା ଏକ୍ସପ୍ରେସ୍ ଟ୍ରେନରୁ ଧୂଆଁ ବାହାରୁଥିବା ଦେଖି ଯାତ୍ରୀମାନେ ଆତଙ୍କିତ ହୋଇପଡିଥିଲେ। ଶର୍ଟ ସର୍କିଟରୁ ଏସି କ୍ୟାବିନରେ ନିଆଁ ଲାଗିଥିଲା। ସେହିପରି ଜୁଲାଇ ୧୧ ତାରିଖରେ ଡିବ୍ରୁଗଡ଼- କନ୍ୟାକୁମାରୀ ସୁପରଫାଷ୍ଟ ଏକ୍ସପ୍ରେସ ଟ୍ରେନର ଏକ ବଗି ତଳେ ବ୍ରେକ୍ ସୁ'ରେ ଜରି ଲାଗି ପୋଡିଯାଇ ଧୂଆଁ ବାହାରିବା ଯୋଗୁ ଚେନ୍ ଟାଣି ଯାତ୍ରୀମାନେ ପ୍ରାଣ ବିକଳରେ ଓହ୍ଲାଇ ପଡ଼ିଥିଲେ।




### ଘାତକ ସାଜିଲା ଜେନେରେଟର

ଗଜପତି ଜିଲା ଆର.ଉଦୟଗିରି ଥାନା ଶିଆଳିଲଟି ପଞ୍ଚାୟତ ବେତାର ସିଂ ଗ୍ରାମରେ ଫେବୃୟାରୀ ୧୮ରେ ଜେନେରେଟର ଧୂଆଁରେ ଶ୍ୱାସରୁଦ୍ଧ ହୋଇ କକା ଗଣେଶ ନାୟକ ଓ ଝିଆରୀ ଅମ୍ବିକା ନାୟକଙ୍କ ମୃତ୍ୟୁ ଘଟିଥିଲା। ଭୋଜି ଖାଇ ଘରେ ଶୋଇଥିବା ବେଳେ ବର୍ଷା ଆସିବାରୁ ଜେନେରେଟରକୁ ଲୋକେ ଘର ଭିତରକୁ ନେଇଯାଇଥିଲେ। ଫଳରେ ଜେନେରେଟର ଧୂଆଁରେ ଏହି ଅଭାବନୀୟ ଘଟଣା ଘଟିଥିଲା।

## ପ୍ରଥମ ସରପଞ୍ଚଙ୍କୁ ମାଓବାଦୀଙ୍କ ଗୁଳି



କନ୍ଧମାଳରେ ମାଓବାଦୀ କିଛି ମାସ ବ୍ୟବଧାନରେ ସେମାନଙ୍କ ଉପସ୍ଥିତି ଜାହିର କରିଥିଲେ। ପୋଲିସ ଇନ୍‌ଫର୍ମର ସନ୍ଦେହରେ ମେ ୧୦ ତାରିଖ ରାତିରେ ଫିରିଙ୍ଗିଆ ବ୍ଲକ ସୁମରବନ୍ଧ ପଞ୍ଚାୟତର ପ୍ରଥମ ସରପଞ୍ଚ ସୁବଳ କହଁରଙ୍କୁ ଗୁଳି କରି ହତ୍ୟା କରିଥିଲେ। ୨୦୧୭ରେ ସୁମରବନ୍ଧକୁ ନୂତନ ପଞ୍ଚାୟତ ଘୋଷଣା କରାଯାଇଥିଲା। ସାମାଜିକ କର୍ମୀ ସାଉଲିପଡା ଗାଁର ସୁବଳ ସେହିବର୍ଷ ହୋଇଥିବା ପଞ୍ଚାୟତ ନିର୍ବାଚନ ଲଢ଼ି ପ୍ରଥମ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ । ପୋଲିସ ଇନ୍‌ଫର୍ମରର ସନ୍ଦେହରେ ମାଓବାଦୀମାନେ ତାଙ୍କୁ ପ୍ରଜାକୋର୍ଟରେ ଗାଁ ଛାଡି ଚାଲିଯିବାକୁ ତାଗିଦ୍ କରିଥିଲେ।


କାଜଲ

# ମାତ୍ର ଘଣ୍ଟାଏ

କାଜଲ ଅଗ୍ରୱାଲଙ୍କର ଅଭିନୟ ଜୀବନରେ ଏଭଳି ଏକ ଘଟଣା ଘଟିଥିଲା, ଯାହାକୁ ଏ ପର୍ଯ୍ୟନ୍ତ ମନେରଖିଛନ୍ତି। ସେତେବେଳେ ସେ ଏକ ତେଲୁଗୁ ଫିଲ୍ମ 'ଆତାଦିସ୍ତା'ରେ ଅଭିନୟ କରୁଥାଆନ୍ତି। ଏହି ଚିତ୍ରର ଶୁଟିଂ ସେଟ୍‌ରେ ଏଭଳି ଘଟଣା ଘଟିଥିଲା। ସେହି ସମୟରେ ଏକ ଘଟଣା ନେଇ କାଜଲ କହନ୍ତି, 'ଥରେ ଗୋଟିଏ ଶଟ୍ ପାଇଁ ମୋର ବାରମ୍ବାର କଟ୍ ହେଉଥାଏ। ଏତିକି ବେଳକୁ ନୀତିନ ମୋ ପାଖକୁ ଆସି ମୋତେ କିଛି କହିଲେ। ସେପଟେ ନିର୍ଦ୍ଦେଶକ ମଧ୍ୟ ମୋତେ ଏହି ଶଟ୍ ପାଇଁ ମାନସିକ ସ୍ତରରେ ପ୍ରସ୍ତୁତ ହେବାକୁ ଘଣ୍ଟାଏ ସମୟ ଦେଲେ। ବାସ୍, ସେହି ସମୟ ଭିତରେ ଏହି ଶଟ୍‌କୁ ନେଇ ମୋ ମନରେ ଯେଉଁ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା ତାହାକୁ ସହଜରେ ସମାଧାନ କରିଦେଇଥିଲେ। କେବଳ ସେତିକି ନୁହେଁ, ଏହି ଶଟ୍‌ଟି ମଧ୍ୟ ଏକାଥରେ ଓକେ ହୋଇଥିଲା।' ଏହି ଫିଲ୍ମରେ ତାଙ୍କର ନାୟକ ସାଜିଥିଲେ ନିତୀନ। ଏଥିରେ ରଘୁବରଣ ଏବଂ ନାଗାବାବୁଙ୍କୁ ମଧ୍ୟ ଦେଖିବାକୁ ମିଳିଥିଲା। ଏହି ଫିଲ୍ମଟିର ପ୍ରଯୋଜନା କରିଥିଲେ ସି. କଲ୍ୟାଣ ଏବଂ ଏସ. ବିଜୟାନନ୍ଦ। ନିର୍ଦ୍ଦେଶନା ଦେଇଥିଲେ ଏ.ଏସ. ରବିକୁମାର। ଖାସ୍ କଥା ହେଲା ଏହା ରଘୁବରଣଙ୍କ ଅଭିନୀତ ଶେଷ ଚଳଚ୍ଚିତ୍ର ଥିଲା।

# ଏଣୁ ମାରିଲେ ଗୋହତ୍ୟା...

କଥା ପ୍ରସଙ୍ଗରେ କହନ୍ତି, 'ଏଣୁ ମାରିଲେ ଗୋ ହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା'। ଏପରି ପରିସ୍ଥିତିକୁ ମୁକାବିଲା କରିବା ଏତେ ସହଜ ନୁହେଁ। ଆଉ ସେଥିରୁ ବା କିଆରା ଆଡୱାନୀ ବାଦ୍ ପଡନ୍ତେ କିପରି ? କଥା କ'ଣ କି ନିକଟରେ ତାଙ୍କୁ ଏକ ନୂଆ ବ୍ୟାନରରୁ ଅଫର ମିଳିଛି। ଏହା ତ ନିଶ୍ଚୟ ଖୁସିର କଥା। ହେଲେ ଏହି ଅଫରକୁ ନେଇ ତାଙ୍କର ଟେନ୍‌ସନ ବଢ଼ିଯାଇଛି। କାରଣ ଏଥିରେ ତାଙ୍କୁ ଦର୍ଶକ ଡବଲ ରୋଲ୍‌ରେ ଦେଖିବାକୁ ପାଇବେ। ତେଣୁ ଏଭଳି ଦାୟିତ୍ୱକୁ କିପରି ତୁଲାଇବେ ସେ ନେଇ ଏବେଠାରୁ ଯୋଜନା ପ୍ରସ୍ତୁତ କରୁଛନ୍ତି। ଏ ନେଇ କିଆରା କହନ୍ତି, 'ଡବଲ ରୋଲ୍‌କୁ ତୁଲାଇବା ଏତେ ସହଜ ନୁହେଁ–ଏକଥା ମୁଁ ଜାଣିଛି। ହେଲେ ଯେତେବେଳେ ଏହି ଅଫର ମିଳିଛି ତାହାକୁ ହାତଛଡା କରିବାକୁ ଚାହୁଁନାହିଁ। ଏଥିରୁ ଗୋଟିଏ ରୋଲ୍ ରୋମାଣ୍ଟିକ ହୋଇଥିବା ବେଳେ ଅନ୍ୟଟିରେ କିଛି ଆକ୍ସନ ଭରି ରହିଛି।' ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି। ତା'ସହ ଏଥିରେ କିଆରାଙ୍କ ଅପୋଜିଟ୍‌ରେ କିଏ ଅଭିନୟ କରିବ ତାହା ଖୁବ୍ ଶୀଘ୍ର ଘୋଷଣା କରାଯିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


କିଆରା

# ଉଦଣ୍ଡୀ ସୀତା

ଥରେ ମନେ ପକାନ୍ତୁ ନା ଉତ୍ତମ–ଅପରାଜିତା ଯୋଡ଼ିଙ୍କ ଅଭିନୀତ 'ଉଦଣ୍ଡୀ ସୀତା'କୁ। ଅବତାର ସିଂଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ସେ ସମୟରେ ହିଟ୍ ସାବ୍ୟସ୍ତ ହୋଇଥିଲା। ଏବେ ସେହି ଏକା ଟାଇଟଲକୁ ନେଇ ନିର୍ମିତ ସିନେମାଟିଏ ରିଲିଜ ଅପେକ୍ଷାରେ ରହିଛି। ଏହାର ଶୀର୍ଷକ ଭୂମିକାରେ ଅଭିନୟ କରିଛନ୍ତି ଦେବଯାନୀ। ଚିତ୍ରଟିର କାହାଣୀ ରଚନା କରିଛନ୍ତି ଅଭିନେତାରୁ ନିର୍ଦ୍ଦେଶକ ସାଜିଥିବା ଅଶ୍ୱିନୀ ତ୍ରିପାଠୀ। ଏହି ଫିଲ୍ମର ଚିତ୍ରନାଟ୍ୟ ରଚନା କରିବା ସହ ପ୍ରଯୋଜନା ମଧ୍ୟ କରୁଛନ୍ତି। ସବୁଠାରୁ ଖାସ୍ କଥା ହେଲା, ଚିତ୍ରଟିର ନିର୍ଦ୍ଦେଶନା ଭାର ମଧ୍ୟ ସମ୍ଭାଳିଛନ୍ତି ଅଶ୍ୱିନୀ। ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ଏ ସମ୍ପର୍କରେ ସେ କହନ୍ତି, 'ବର୍ତ୍ତମାନ ସମାଜରେ ଅନେକ ଘଟଣା ଘଟୁଛି, ଯାହାକୁ ଆଧାର କରି ସୁନ୍ଦର ସିନେମା ନିର୍ମାଣ କରାଯାଇପାରିବ। ସେଭଳି ଏକ କରେଣ୍ଟ ଇସ୍ୟୁକୁ ନେଇ କାହାଣୀ ରଚନା କରାଯାଇଛି। ବିଶେଷଭାବରେ ଚାଷୀ ସମସ୍ୟାକୁ ଏଥିରେ ପ୍ରାଧାନ୍ୟ ଦିଆଯାଇଛି। ମୋର ଯେତିକି ବିଶ୍ୱାସ ଏହି ଫିଲ୍ମଟି ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ।' ଏହି ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ଦେବଯାନୀ। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଜାପାନୀ ଭାଇ। ପୂର୍ବରୁ 'ଉଦଣ୍ଡୀ ସୀତା'ର 'ସୀତାଲୋ ଆଜି ଜଳୁଛି ଯାହାର ଚିତାଲୋ' ଟ୍ୟାଗ୍ ଲାଇନ୍‌କୁ ନେଇ ଏହି ଫିଲ୍ମରେ ଏକ ଗୀତ କମ୍ପୋଜିଂ କରାଯାଇଛି। ଏଥିରେ ଦେବଯାନୀଙ୍କ ବ୍ୟତୀତ ସମରେଶ ରାଉତରାୟ, ଇଲୁ ବାନାର୍ଜୀ, ଶକ୍ତି ବରାଳ ଏବଂ ପିଙ୍କି ପ୍ରଧାନ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।



# ରହିଗଲା ଅବସୋସ

ଯାମି ଗୌତମଙ୍କ ଜୀବନରେ ଏକ ଅବସୋସ ରହିଯାଇଛି। ଏବେ ବି ସେ କଥା ମନେପଡିଲେ ସେ ଦୁଃଖ ପ୍ରକାଶ କରନ୍ତି। ହେଲେ ଯାହା ଘଟିଯାଇଛି ତାହାକୁ ଗ୍ରହଣ କରିବାକୁ ତ ପଡିବ। କଥା କ'ଣ କି ପାଠ ପଢ଼ା ଶେଷ ହେବା ପରେ ସେ ଜଣେ ପ୍ରଶାସନିକ ଅଧିକାରୀ ହେବାକୁ ଆଶା ରଖିଥିଲେ। ହେଲେ ତାହା ସମ୍ଭବ ହୋଇ ନ ଥିଲା। କେବଳ ସେତିକି ନୁହେଁ, ତା'ପରେ ଓକିଲାତି ପାଠ ପଢ଼ିବାକୁ ମନ ବଳାଇଥିଲେ। ହେଲେ ତାହା ମଧ୍ୟ ସଫଳ ହୋଇ ନ ଥିଲା। ଶେଷରେ ଅଭିନୟ ଦୁନିଆରେ ପ୍ରବେଶ କରିଥିଲେ। ଆଉ ଏବେ ତାହାକୁ ଜାରି ରଖିଛନ୍ତି। ଏ ନେଇ ଯାମି କହନ୍ତି, 'ପାଠ ପଢ଼ା ବେଳେ ପ୍ରଶାସନିକ କ୍ଷେତ୍ରରେ ଚାକିରି କରିବାକୁ ଇଚ୍ଛା ଥିଲା। କିନ୍ତୁ ତାହା ହୋଇପାରିଲା ନାହିଁ। ଓକିଲ ହେବାକୁ ଆଶା କଲି, ତାହା ମଧ୍ୟ ପୂରଣ ହେଲା ନାହିଁ। ତେଣୁ ପରେ ଆକ୍ଟିଂକୁ କ୍ୟାରିୟର ଭାବରେ ଗ୍ରହଣ କରିନେଲି। ମୋର କିଛି ଆଶା ପୂରଣ ହୋଇପାରିଲା ନାହିଁ। ସେ କଥା ମନେପଡିଲେ ଦୁଃଖ ଲାଗେ।' ଯାମିଙ୍କ କ୍ୟାରିୟର ଆରମ୍ଭ ହୋଇଥିଲା ଛୋଟ ପରଦାରୁ। 'ଚାନ୍ଦ କି ପାର୍ ଚଲୋ' ଧାରାବାହିକରେ ସେ ଅଭିନୟ କରିଥିଲେ। କନ୍ନଡ ଫିଲ୍ମ 'ଉଲ୍ଲାସ ଉତ୍ସାହ'ରୁ ତାଙ୍କର ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା। ଏହା ବ୍ୟତୀତ ସେ ତାମିଲ, ତେଲୁଗୁ, ମାଲୟାଲମ, ପଞ୍ଜାବୀ ଫିଲ୍ମରେ ମଧ୍ୟ ଅଭିନୟ କରିଛନ୍ତି। ଯାମି ଅଭିନୟ କରିଥିବା ପ୍ରମୁଖ ହିନ୍ଦୀ ସିନେମାଗୁଡିକ ହେଲା– 'ଭିକି ଡୋନର', 'ଆକ୍ସନ ଜ୍ୟାକ୍‌ସନ', 'ବାଦଲପୁର', 'ସନମ୍ ରେ', 'ସରକାର–୩', 'ବାଲା', 'ଗିନି ୱେଡସ ସନି', 'ଭୂତ ପୋଲିସ' ଏବଂ 'ଏ ଥର୍ସ ଡେ'।


ଯାମି

ପରଦା ପଛରେ..

# ଦେବାଶିଷ ଯାହା ଭାବିଥିଲେ..


ଦେବାଶିଷ

ବେଳେବେଳେ ମଣିଷ ଯାହା ଭାବିଥାଏ ତାହା ହଠାତ୍ ପୂରଣ ହୋଇଯାଏ। ଦେଖୁନାହାନ୍ତି, ନିଜର ଲକ୍ଷ୍ୟ ହାସଲ ପରେ କିପରି ସଙ୍ଗୀତ ନର୍ଦ୍ଦେଶକ ତଥା ପ୍ରଯୋଜକ ଦେବାଶିଷ ମଲ୍ଲିକଙ୍କ ଖୁସି ବନ୍ଧ ବାଡ ମାନୁନି। ଏ ନେଇ ସେ କହନ୍ତି, 'ଓଡ଼ିଆ ଶ୍ରୋତାଙ୍କ ପାଇଁ ସବୁବେଳେ ଭଲ ଭଲ ଗୀତ ଭେଟି ଦେବାକୁ ଚେଷ୍ଟା କରିଆସିଛି। ଆଉ ଏଥିରେ ସଫଳ ହୋଇଛି ମଧ୍ୟ। ଏଥିଲାଗି ମୋର ପରିଶ୍ରମ ସହ ଶ୍ରୋତାଙ୍କ ଭଲ ପାଇବା, ମୋ ସହ ଜଡିତ ସହଯୋଗୀଙ୍କ ସହଯୋଗ ଏଥିପାଇଁ ଦାୟୀ। ସେମାନଙ୍କୁ ଯେତେ ଧନ୍ୟବାଦ ଦେବି ତାହା କମ୍ ହେବ। ୨୦୦୧ରୁ ମୋର ଏହି ଯାତ୍ରା ଚାଲୁ ରହିଛି। ଆଉ ନିକଟରେ ମୋ ତାଲ୍ ମ୍ୟୁଜିକ୍ ଦ୍ୱାରା ପ୍ରଯୋଜିତ ଆଲବମ୍ ଗୀତ ସଂଖ୍ୟା ୧୫,୦୦୦ ମାଇଲଷ୍ଟୋନ୍ ଛୁଇଁଛି। ଏହା ନିଶ୍ଚୟ ମୋତେ ଆଗକୁ ଆଗେଇବାକୁ ପ୍ରେରଣା ଦେବ।' ନିକଟରେ ଏହି ବ୍ୟାନରରେ ଆଉ ୮ଟି ଗୀତ ଲୋକାର୍ପିତ ହୋଇଛି। ସୁବାସ ଚନ୍ଦ୍ର ପରିଡାଙ୍କ ରଚିତ ଏହି ଗୀତଗୁଡିକୁ ସ୍ୱର ଦେଇଛନ୍ତି ନିଜେ ଦେବାଶିଷ। ମ୍ୟୁଜିକ ଆରେଞ୍ଜମେଣ୍ଟ ଦାୟିତ୍ୱ ତୁଲାଇଛନ୍ତି ବିଭୂତି ଭୂଷଣ ଗଡ଼ନାୟକ। ଗୀତଗୁଡିକ ପାଇଁ କଣ୍ଠଦାନ କରିଛନ୍ତି ଅଭିଜିତ ମଜୁମଦାର, ସୌରଭ ନାୟକ, କରୁଣାକର, ରୁଦ୍ର ମହାନ୍ତି, ମାନସ ପ୍ରୀତମ, ଅଭିଜିତ ମିଶ୍ର, ଅନୁରାଗ ଦାସ, ଶ୍ରୀତମ, ସାଇନା ଏବଂ ବୈଭବୀ ଗଡ଼ନାୟକ।

# ମନେପକାନ୍ତି କ୍ରୀତି

ଜୀବନର ଯେ କୌଣସି ପ୍ରଥମ କଥାକୁ ଭୁଲିବା ଏତେ ସହଜ ନୁହେଁ। ଆଉ ସେଥିରୁ ବା କ୍ରୀତି ବାଦ୍ ପଡନ୍ତେ କିପରି ? ପ୍ରଥମେ ବିଜ୍ଞାପନ ତା'ପରେ ସେ ର୍‍ୟାମ୍ପ ଶୋ'ରେ ଅଂଶଗ୍ରହଣ କରିଥିଲେ। ନିଜର ପ୍ରଥମ ର୍‍ୟାମ୍ପ ଶୋ' ଅନୁଭୂତିକୁ ସେ ଏପର୍ଯ୍ୟନ୍ତ ମନେପକାଉଛନ୍ତି। ଏ ନେଇ କ୍ରୀତି କହନ୍ତି, 'ଦିଲ୍ଲୀରେ ଆୟୋଜିତ ଏକ ର୍‍ୟାମ୍ପ ଶୋ'ରେ ମୁଁ ପ୍ରଥମ ଥର ପାଇଁ ଭାଗ ନେଇଥିଲି। ଯେତେବେଳେ ଷ୍ଟେଜ୍ ଉପରକୁ ଗଲି ସେତେବେଳେ ମୁଁ ନର୍ଭସ ହୋଇପଡିଥିଲି। କେତେବେଳେ ମୁଁ ପରଫରମାନ୍ସ କରି ଗ୍ରୀନ୍ ରୁମ୍‌କୁ ଆସିଛି ତାହା ଜାଣିପାରି ନ ଥିଲି। ଶୋ' ଶେଷ ହେବା ପରେ ମୁଁ ବାହାରକୁ ଆସି ଯେତେବେଳେ ଅଟୋରେ ବସିଲି ସେତେବେଳେ କାନ୍ଦି ପକାଇଥିଲି। ସେତେବେଳେ ଖୁସିରେ ମୋ ଆଖିରୁ ଦୁଇ ଟୋପା ଲୁହ ଗଡି ପଡିଥିଲା। ଆଉ ସେହି କାନ୍ଦକୁ ମୁଁ ଆଜିଯାଏ ଭୁଲି ପାରୁନି।' ୨୦୧୪ରେ ତାଙ୍କୁ ବଲିଉଡ୍‌ରେ ପ୍ରଥମ ବ୍ରେକ୍ ମିଳିଥିଲା, ଆଉ ସିନେମାଟି ଥିଲା 'ହିରୋପନ୍ତି'। ହେଲେ ଏହା ପୂର୍ବରୁ ସେ ମହେଶ ବାବୁଙ୍କ ସହ 'ନିନୋକାଡିନି'ରେ ଆକ୍ଟିଂ କରିସାରିଥିଲେ।


କ୍ରୀତି

ଛୋଟ ପରଦା

# ତୁ ଖରା ମୁଁ ଛାଇ

ଓଡ଼ିଶାର ସାଂସ୍କୃତିକ ଐତିହ୍ୟରେ ଅନୁପ୍ରାଣିତ ଓ ପ୍ରଗତିଶୀଳ ଓଡ଼ିଆ ମହିଳାମାନଙ୍କ ସହ ଦୀର୍ଘ ଦିନର ସୁସମ୍ପର୍କକୁ ମଜଭୁତ କରିବା ପାଇଁ ଅନ୍ୟତମ ଲୋକପ୍ରିୟ ଚ୍ୟାନେଲ ଜୀ–ସାର୍ଥକ ସବୁବେଳେ ଚେଷ୍ଟାରତ । ଏହି ଚ୍ୟାନେଲରେ ପ୍ରସାରିତ ହେଉଥିବା ମେଗା ଧାରାବାହିକ 'ତୁ ଖରା ମୁଁ ଛାଇ' ଦର୍ଶକଙ୍କ ମନ ଜିଣିବାରେ ସଫଳ ହେବା ସହ ସାଉଁଟି ଚାଲିଛି ପ୍ରଶଂସା। ଏହାର କାହାଣୀ ବିଭିନ୍ନ ଅପ୍ରତ୍ୟାଶିତ ମୋଡ ଦେଇ ଗତି କରୁଛି। କାହାଣୀର ମୁଖ୍ୟ ନାୟକ ଏଜେ ସମୟକ୍ରମେ ଜେଲରେ ପହଞ୍ଚିଛି। ଅମ୍ବିକା ଦ୍ୱାରା ପ୍ରରୋଚିତ ହୋଇ ନାୟକ କାହାଣୀର ମୁଖ୍ୟ ନାୟିକା ମାନିନୀକୁ ଦୋଷୀ ଭାବିଛି। ଅନ୍ୟପକ୍ଷରେ ପ୍ରତିଶୋଧ ନେବାକୁ ମନ କରିଛି । ସେପଟେ ମାନିନୀ ମନେ ମନେ ଭଲ ପାଇବସିଛି ଏଜେକୁ ଓ ପ୍ରପୋଜ୍ କରିବା ଦିନ ହିଁ ଏଜେ ମାନିନୀକୁ ବହୁତ ଅପମାନ ଦେଇଛି ଓ ଘରୁ ଚାଲିଯିବା ପାଇଁ କହିଛି । ଏପରିକି ତିନି ବୋହୂ ଅମ୍ବିକା, ଲକ୍ଷ୍ମୀ ଓ ସରସ୍ୱତୀ ମିଶି ମାନିନୀକୁ ହଇରାଣ କରିଛନ୍ତି । ମାନିନୀ ମଧ୍ୟ ନିଜକୁ ଦୋଷୀ ଭାବି ସେଠାରୁ ପଳେଇଛି ହେଲେ କାହାଣୀରେ ପୁଣି ଆସିଛି ଆଉ ଏକ ଅପ୍ରତ୍ୟାଶିତ ମୋଡ । ଘର ଛାଡିବା ପୂର୍ବରୁ ମାନିନୀ ଏଜେ ପାଇଁ ଲେଖିଥିବା ଚିଠିଟି ମିଳିଛି ଶାଶୁ ସୁହାସିନୀଙ୍କୁ ସେ ମାନିନୀକୁ ସତ ବୁଝାଇ ଘରକୁ ଫେରାଇ ଆଣିଛନ୍ତି ହେଲେ ଏଥର ଫେରିଥିବା ମାନିନୀ ପରିବର୍ତ୍ତନ ହୋଇଛି। ତେବେ ଆଗକୁ ମାନିନୀ କ'ଣ ପ୍ରତିଶୋଧ ନେଇପାରିବ ? ପୁଣି ନିଜ ସ୍ୱାମୀ ଏଜେକୁ ଫେରି ପାଇବ ? ଏମିତି ବହୁ ପ୍ରଶ୍ନର ଉତ୍ତର ନେଇ ଆସିଛି 'ତୁ ଖରା ମୁଁ ଛାଇ'। 'ଜୀ–ସାର୍ଥକ ଚ୍ୟାନେଲକୁ ଅଗଣିତ ଓଡ଼ିଆ ଦର୍ଶକ ସବୁବେଳେ ଏକ ନମ୍ବର କରି ରଖିଛନ୍ତି। ଆଗକୁ ମଧ୍ୟ ଏହି ମେଗା ଧାରାବାହିକରେ ଆହୁରି ନୂଆ ନୂଆ ଅପ୍ରତ୍ୟାଶିତ ମୋଡ ଆସିବ ଯାହା ନିଶ୍ଚିତ ଭାବରେ ଆମ ଦର୍ଶକଙ୍କୁ ଭଲ ଲାଗିବ ବୋଲି କହନ୍ତି ଜୀ–ସାର୍ଥକର ଚ୍ୟାନେଲ ଅଫିସର ପ୍ରତୀକ ସିଲ।'


ଧାରାବାହିକ 'ତୁ ଖରା ମୁଁ ଛାଇ'ରେ ରଞ୍ଜନ–ସ୍ମୃତିରେଖା

# ଓଏଫ୍‌ସିର କ୍ରମାଗତ ବିଜୟ


ଗୋଲ ଦେବା ପରେ ଖୁସି ମନାଉଛନ୍ତି ପ୍ୟାରୀ ଖାଖା ଓ ଏସ୍ ଲିଣ୍ଡା କମ୍।

**ଇଣ୍ଡିଆନ୍ ଓମେନ୍ସ ଲିଗ୍**

ଭୁବନେଶ୍ୱର,୨୦।୧୨
(ସରୋଜ ଜେନା)

ଇଣ୍ଡିଆନ୍ ଓମେନ୍ସ ଲିଗ୍ ଫୁଟବଲରେ କ୍ରମାଗତ ବିଜୟ ହାସଲ କରିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ବୁଧବାର କଳିଙ୍ଗ ଷ୍ଟାଡିୟମରେ ଖେଳା ଯାଇଥିବା ମ୍ୟାଚ୍‌ରେ ଦଳ ୨-୦ ଗୋଲରେ ଡିଫେଣ୍ଡିଂ ଚାମ୍ପିୟନ ଗୋକୁଲମ କେରଳକୁ ପରାସ୍ତ କରିଛି। ଓଏଫ୍‌ସି ପକ୍ଷରୁ ପ୍ୟାରୀ ଖାଖା(୩୨) ଓ ଏସ୍ ଲିଣ୍ଡା କମ୍ (୮୩) ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।

ଉଭୟ ଦଳ ପ୍ରାରମ୍ଭରୁ ଆକ୍ରମଣାତ୍ମକ ଫୁଟବଲ ଖେଳିଥିଲେ। ପଞ୍ଚମ ମିନିଟରେ ଓଏଫ୍‌ସି ପକ୍ଷରୁ ଅସ୍ତମ ଓରାଓଁ ଏକ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲେ। ତେବେ ଏହାକୁ ଗୋକୁଲମ୍ ଡିଫେଣ୍ଡର ଅଟକାଇବାରେ ସଫଳ ହୋଇଥିଲେ। ୧୦ମ ମିନିଟରେ ଗୋକୁଲମ ପ୍ରୟାସକୁ ନିଷ୍ଫଳ କରିଥିଲେ ସ୍ୱିଟି। ପ୍ରଥମାର୍ଦ୍ଧର ୩୨ ତମ ମିନିଟରେ ଓଏଫ୍‌ସିକୁ ଅଗ୍ରଣୀ ପ୍ରଦାନ କରିଥିଲେ ପ୍ୟାରୀ ଖାଖା। ଲେଫ୍ଟ ଫ୍ଲାଙ୍କରୁ ସଞ୍ଜୁ ଓ ଯଶୋଦା ମୁଣ୍ଡା ଚମତ୍କାର ତାଳମେଳ ଦେଖାଇବା ସହିତ ପ୍ୟାରୀଙ୍କୁ ପାଶ୍ କରିଥିଲେ। ଏହାକୁ ଗୋଲରେ ପରିଣତ କରି ପ୍ୟାରୀ ଓଏଫ୍‌ସିକୁ ୧-୦ରେ ଆଗୁଆ କରିଥିଲେ। ୪୫+୩ ମିନିଟରେ ୱିନ ଓ ୫୩ ମିନିଟରେ ଇନ୍ଦୁମତୀ କାଥିରସେନଙ୍କ ନିକଟରେ ସ୍କୋରିଂ ରହିଥିଲେ ମଧ୍ୟ ଶଟ୍ ପୋଷ୍ଟ ବାହାରକୁ ଯାଇଥିଲା। ୮୩ ତମ ମିନିଟରେ ଯଶୋଦାଙ୍କ ପାଶ୍‌କୁ ଗୋଲରେ ପରିଣତ କରି ଲିଣ୍ଡା କମ୍ ଓଏଫ୍‌ସିର ଅଗ୍ରଣୀକୁ ୨-୦ରେ ପହଞ୍ଚାଇଥିଲେ। ଏହି ବିଜୟ ସହିତ ଓଏଫ୍‌ସି ବର୍ତ୍ତମାନ ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନକୁ ଉନ୍ନୀତ ହୋଇଛି। ଓଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚ୍ ଜାନୁୟାରୀ ୫ ତାରିଖରେ ସେଥୁ ଏଫ୍‌ସି ବିପକ୍ଷରେ ଖେଳିବ।


ଓଡ଼ିଶା ଏଫ୍‌ସି ଓ ଗୋକୁଲମ୍ କେରଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚ। (ଫଟୋ: ବିକାଶ ନାୟକ)

# ଟପ୍ ଅର୍ଡର ବ୍ୟାଟିଂରେ ସୁଧାର ଆଶାରେ ଭାରତ

ପାର୍ଲ,୨୦।୧୨(ପି.ଟି.)

ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ଅନ୍ତିମ ମ୍ୟାଚ୍ ଗୁରୁବାର ଖେଳାଯିବ। ଏହି ମ୍ୟାଚ୍‌ରେ ସିରିଜ୍ ବାଜିରେ ଲାଗିଥିବା ବେଳେ ଭାରତ ସିରିଜ୍ ବିଜୟୀ ହେବାକୁ ଚେଷ୍ଟା କରିବ। ଭାରତ ଶେଷ ଥର ପାଇଁ ୨୦୧୮ରେ ଦକ୍ଷିଣ ଆଫ୍ରିକାରେ ଏକ ଦିନିକିଆ ସିରିଜ୍ ଜିତିଥିଲା। ଏହା ସହିତ ଦକ୍ଷିଣ ଆଫ୍ରିକାରେ ଏହା ଭାରତର ଏକମାତ୍ର ଦିନିକିଆ ସିରିଜ୍ ବିଜୟ। ଏପରି ସ୍ଥିତିରେ ଭାରତୀୟ ଟପ୍ ଅର୍ଡର ଉପରେ ସମସ୍ତଙ୍କ ନଜର ରହିବ। ପ୍ରଥମ ଦୁଇ ଦିନିକିଆରେ ଭାରତୀୟ ଟପ୍ ଅର୍ଡର ବିଫଳ ହୋଇଛି। ବି. ସାଇ ସୁଦର୍ଶନ ଦୁଇଟି ଯାକ ମ୍ୟାଚ୍‌ରେ ଯଥାକ୍ରମେ ୫୫ ଓ ୬୨ ରନ୍ ସ୍କୋର କରିଥିବା ବେଳେ ଅନ୍ୟତମ ଓପନର ଋତୁରାଜ ଗାଏକ୍ୱାଡ ବିଫଳ ହୋଇଛନ୍ତି। ଉଭୟ ମ୍ୟାଚ୍‌ରେ ସେ ଯଥାକ୍ରମେ ୫ ଓ ୪ ରନ୍ କରିବାରେ ସମର୍ଥ ହୋଇଛନ୍ତି। ଏହା ବ୍ୟତୀତ ଟପ୍ ଅର୍ଡରରେ ବ୍ୟାଟିଂ କରିଥିବା ତିଳକ ବର୍ମା ମଧ୍ୟ ବିଫଳ ହୋଇଛନ୍ତି। କ୍ୟାରିୟର ଆରମ୍ଭରୁ ବର୍ମାଙ୍କୁ ସବୁଆଡୁ ପ୍ରଶଂସା କରାଯାଉଥିବା ବେଳେ ବିଗତ କିଛି ମାସରେ ତାଙ୍କର ପ୍ରଦର୍ଶନ ଆଖିଦୃଶିଆ ରହିନାହିଁ। ଅନ୍ୟ ପକ୍ଷରେ ଦକ୍ଷିଣ ଆଫ୍ରିକା ଓପନର ଟୋନି ଡି ଜୋର୍ଜି ଚମତ୍କାର ଶତକ ହାସଲ କରିଥିଲେ। ଅନ୍ତିମ ମ୍ୟାଚ୍‌ରେ ଉଭୟ ଟପ୍ ଅର୍ଡର ବ୍ୟାଟରଙ୍କ ବ୍ୟାଟରୁ ରନ୍ ଆସିବା ନେଇ ଆଶା କରିବ ଭାରତୀୟ ମ୍ୟାନେଜମେଣ୍ଟ। ଏହା ସହିତ ଭାରତ ତିଳକ ବର୍ମାଙ୍କ ସ୍ଥାନରେ ରଜତ ପାଟିଦାରଙ୍କୁ ଦଳରେ ସାମିଲ କରିପାରେ। ରଜତ ମଧ୍ୟପ୍ରଦେଶ ପାଇଁ ୪ ନମ୍ବର ସ୍ଥାନରେ ବ୍ୟାଟିଂ କରନ୍ତି। ବୋଲାଣ୍ଡ ପାର୍କର ପିଚ୍ ସର୍ବଦା ବ୍ୟାଟରଙ୍କୁ ସୁହାଉଥିବା ବେଳେ ଭାରତୀୟ ଖେଳାଳି ଏଥିରୁ ଫାଇଦା ଉଠାଇବାକୁ ପ୍ରୟାସ କରିବେ। ସେହିପରି ଦ୍ୱିତୀୟ ଦିନିକିଆରେ ବିଫଳ ହୋଇଥିବା ସଞ୍ଜୁ ସାମସନଙ୍କୁ ମଧ୍ୟ ଦଳ ଆଉ ଏକ ସୁଯୋଗ ପ୍ରଦାନ କରିବା ନେଇ ଆଶା କରାଯାଉଛି। ତେବେ ଭାରତର ବ୍ୟାଟିଂ ଅପେକ୍ଷା ବୋଲିଂକୁ ନେଇ ସମାନ ଭାବରେ ଚିନ୍ତା ଲାଗି ରହିଛି। ସେହିପରି ଦକ୍ଷିଣ ଆଫ୍ରିକା ଏହାର ଟପ୍ ଅର୍ଡର ଓ ପେସରଙ୍କ ଉପରେ ଅଧିକ ନିର୍ଭରଶୀଳ ରହିବ।

**ଆଜି ଅନ୍ତିମ ଦିନିକିଆ**
ସ୍ଥାନ: ବୋଲାଣ୍ଡ ପାର୍କ
ସମୟ: ଅପରାହ୍ଣ ୪.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ

# ଅଷ୍ଟ୍ରେଲିଆ ବିପକ୍ଷରେ ବିଜୟ ଲକ୍ଷ୍ୟ

ମୁମ୍ବାଇ,୨୦।୧୨(ପି.ଟି.)

ଏକ ସପ୍ତାହ ମଧ୍ୟରେ ଭାରତୀୟ ମହିଳା କ୍ରିକେଟ ଦଳ ଏହାର ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଖେଳିବାକୁ ଯାଉଛି। ଇଂଲଣ୍ଡକୁ ପରାସ୍ତ କରିଥିବା ବେଳେ ଅଷ୍ଟ୍ରେଲିଆ ବିପକ୍ଷରେ ଏହାର ପ୍ରଥମ ବିଜୟ ହାସଲ କରିବା ଲକ୍ଷ୍ୟରେ ରହିଛି ଭାରତ। ୪୬ ବର୍ଷର ଇତିହାସରେ ଭାରତୀୟ ମହିଳା ଦଳ ଅଷ୍ଟ୍ରେଲିଆ ବିପକ୍ଷରେ ବିଜୟ ହାସଲ କରିନାହିଁ। ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଦଳ ଏହି ରେକର୍ଡ ଭାଙ୍ଗିବାକୁ ଚାହିଁବ। ଏହା ସହିତ ପୁନର୍ବାର ଭାରତ ନିଜ ସ୍ପିନରଙ୍କ ଉପରେ ଅଧିକ ନିର୍ଭରଶୀଳ ରହିବ। ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଅଫ୍ ସ୍ପିନର ଦୀପ୍ତି ଶର୍ମା ଚମତ୍କାର ବୋଲିଂ କରି ବିଜୟର କର୍ଣ୍ଣଧାର ସାଜିଥିଲେ। ମହିଳା ଟେଷ୍ଟ ଇତିହାସରେ ସର୍ବବୃହତ୍ ବିଜୟ ରେକର୍ଡ କରିବା ସହିତ ଭାରତ ୩୪୭ ରନ୍‌ରେ ବିଜୟୀ ହୋଇଥିଲା। ଡି ୱାଇ ପାଟିଲ ଷ୍ଟାଡିୟମର ସଫଳତା ଭାରତ ୱାଙ୍ଖେଡେରେ ଦୋହରାଇବାକୁ ପ୍ରୟାସ କରୁଥିବା ବେଳେ କେବଳ ଦୀପ୍ତ ନୁହନ୍ତି ବରଂ ଅନ୍ୟ ଖେଳାଳିଙ୍କ ଉପରେ ମଧ୍ୟ ନଜର ରହିବ। ପେସ୍ ବୋଲର ରେଣୁକା ସିଂ ଠାକୁର ନୂଆ ବଲ୍‌ରେ ଚମତ୍କାର ବୋଲିଂ କରୁଥିବା ବେଳେ ପୂଜା ବସ୍ତ୍ରକାର ମଧ୍ୟ ଚମତ୍କାର ପ୍ରଦର୍ଶନ ଦେବାରେ ସଫଳ ହୋଇଛନ୍ତି।

ତେବେ ଭାରତୀୟ ବ୍ୟାଟିଂ ମ୍ୟାଚ୍‌ରେ ସବୁଠାରୁ ସକାରାତ୍ମକ ରହିଥିଲା। ଅଧିନାୟିକା ହରମନ୍‌ପ୍ରୀତ୍ କୌର(୪୯ ଓ ୪୪*) ଉଭୟ ଇନିଂସରେ ଚମତ୍କାର ବ୍ୟାଟିଂ କରିଥିବା ବେଳେ ଜେମିମା ରୋଡ୍ରିଗୁଏଜ୍(୬୮) ଓ ଯାସ୍ତିକା ଭାଟିଆ(୬୬) ଉପଯୋଗୀ ଅବଦାନ ଦେଇଥିଲେ। ଏହା ବ୍ୟତୀତ ଦୁଇ ଓପନର ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମା ମଧ୍ୟ ରନ୍ ସ୍କୋର କରିବାକୁ ଚାହିଁବେ। ତେବେ ଇଂଲଣ୍ଡ ବିପକ୍ଷ ପଦାର୍ପଣ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଥିବା ଶୁଭା ସତୀଶ ଆହତ କାରଣରୁ ଏହି ମ୍ୟାଚ୍‌ରେ ଖେଳିପାରିବେ ନାହିଁ। ସତୀଶଙ୍କ ସ୍ଥାନରେ ହରଲିନ୍ ଦେଓଲଙ୍କ ଖେଳିବା ସମ୍ଭାବନା ଅଧିକ।

**ଆଜିଠୁ ମହିଳା ଟେଷ୍ଟ**
ସ୍ଥାନ: ୱାଙ୍ଖେଡେ, ମୁମ୍ବାଇ
ସମୟ: ସକାଳ ୯.୦୦
ପ୍ରସାରଣ : ସ୍ପୋର୍ଟ୍ସ ୧୮


ଏକ ହାଲୁକା ମୁହୂର୍ତ୍ତରେ ସାଥି ଖେଳାଳିଙ୍କ ସହ ଅଧିନାୟିକା ହରମନପ୍ରୀତ କୌର।

# ଜାନୁୟାରୀ ୯ରେ ଜାତୀୟ କ୍ରୀଡ଼ା ପୁରସ୍କାର

**କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ତାଲିକା ଅନୁମୋଦିତ**

ନୂଆଦିଲ୍ଲୀ, ୨୦।୧୨ (ପି.ଟି.)

ଚଳିତ ବର୍ଷର ଜାତୀୟ କ୍ରୀଡ଼ା ପୁରସ୍କାର ପାଇଁ ମନୋନୀତ ଖେଳାଳିଙ୍କ ନାମ ଉପରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟର ମୋହର ଲାଗିଛି। ଫଳରେ ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ସମ୍ମାନଜନକ ଖେଳରତ୍ନ ଓ ୨୬ କ୍ରୀଡ଼ାବିତ୍ ଅର୍ଜୁନ ପୁରସ୍କାର ପାଇବା ସ୍ପଷ୍ଟ ହୋଇଯାଇଛି। ଏହା ମଧ୍ୟରେ ଟିମ୍ ଇଣ୍ଡିଆ ଦ୍ରୁତ ବୋଲର ମହମ୍ମଦ ଶାମିଙ୍କ ନାମ ସାମିଲ। ଜାନୁୟାରୀ ୯ରେ ରାଷ୍ଟ୍ରପତି ଭବନଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପୁରସ୍କାର ପ୍ରଦାନ କରିବେ। ଚିରାଗ-ସାତ୍ୱିକ ହେଉଛନ୍ତି ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ, ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜେତା ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ହାସଲକାରୀ। ଅର୍ଜୁନ ପୁରସ୍କାର ପାଇଁ ପୂର୍ବରୁ ସୁପାରିସ କରାଯାଇଥିବା ତାଲିକାରେ ଶାମିଙ୍କ ନାମ ନ ଥିଲା। ଗତ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଚମତ୍କାର ପ୍ରଦର୍ଶନ କରିବା ପରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଶାମିଙ୍କ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ଅନୁରୋଧ କରାଯାଇଥିଲା। ବିଶ୍ୱକପ୍‌ରେ ଶାମି ୭ଟି ମ୍ୟାଚ ଖେଳି ୨୪ ଉଇକେଟ ନେଇ ଅଗ୍ରଣୀ ବୋଲରଙ୍କ ତାଲିକାରେ ସାମିଲ ହୋଇଥିଲେ।

## ଜାତୀୟ କ୍ରୀଡ଼ା ପୁରସ୍କାର ବିଜେତା ତାଲିକା

ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର: ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟୀ (ବ୍ୟାଡ୍‌ମିଣ୍ଟନ)।

**ଅର୍ଜୁନ ପୁରସ୍କାର:** ଓଜସ ପ୍ରବୀଣ ଦେଓତାଲେ ଓ ଅଦିତି ଗୋପୀଚାନ୍ଦ ସ୍ୱାମୀ (ଉଭୟ ଆର୍ଚେରୀ), ପାରୁଲ ଚୌଧାରୀ ଓ ମୁରଲୀ ଶ୍ରୀଶଙ୍କର (ଆଥ୍‌ଲେଟିକ୍ସ), ଆର. ବୈଶାଳୀ (ଚେସ୍), ମହମ୍ମଦ ହୁସାମୁଦ୍ଦିନ (ବକ୍ସିଂ), ମହମ୍ମଦ ଶାମି (କ୍ରିକେଟ), ଦିବ୍ୟକୀର୍ତ୍ତି ସିଂ ଓ ଅନୁଷ ଅଗ୍ରୱାଲା (ଇକ୍ୱେଷ୍ଟ୍ରେନ), ଦୀକ୍ଷା ଡଗର(ଗଲ୍ଫ), କ୍ରିଷନ୍ ବାହାଦୁର ପାଠକ ଓ ସୁଶୀଳା ଚାନୁ (ହକି), ପୱନ କୁମାର ଓ ରିତୁ ନେଗି (କବାଡ଼ି), ନସରିନ (ଖୋ ଖୋ), ପିଙ୍କି (ଲନ୍ ବଲ୍), ଐଶ୍ୱର୍ଯ୍ୟ ପ୍ରତାପ ସିଂ ତୋମାର ଓ ଇଶା ସିଂ (ଶୁଟିଂ), ହରିନ୍ଦର ପାଲ୍ ସିଂ ସାନ୍ଧୁ (ସ୍କ୍ୱାଶ୍), ଆହିକା ମୁଖାର୍ଜୀ (ଟେବୁଲ ଟେନିସ୍), ସୁଶୀଲ କୁମାର ଓ ଅନ୍ତିମ ପଂଘାଲ (କୁସ୍ତି), ନାଓରେମ ରୋଶିବିନା ଦେବୀ (ଉଷୁ), ଶୀତଲ ଦେବୀ (ପାରା ଆର୍ଚେରୀ), ଅଜୟ ରେଡ୍ଡୀ (ଦୃଷ୍ଟିବାଧିତ କ୍ରିକେଟ) ଓ ପ୍ରାଚୀ ଯାଦବ (ପାରା କାନୋଇଂ)।

**ଧ୍ୟାନଚାନ୍ଦ ଲାଇଫ୍‌ଟାଇମ ଆଚିଭମେଣ୍ଟ ଆୱାର୍ଡ:** କବିତା ସେଲଭାରାଜ (କବାଡି), ମଞ୍ଜୁଷା କନୱର (ବ୍ୟାଡ୍‌ମିଣ୍ଟନ), ଭିନିତ କୁମାର ଶର୍ମା (ହକି)।

**ଦ୍ରୋଣାଚାର୍ଯ୍ୟ ପୁରସ୍କାର (ରେଗୁଲାର ବର୍ଗ/ଶ୍ରେଷ୍ଠ କୋଚ୍):** ଗଣେଶ ପ୍ରଭାକର ଦେଭରୁଖକର (ମାଲଖମ୍ବ), ମହାବୀର ପ୍ରସାଦ ସଇନି (ପାରା ଆଥ୍‌ଲେଟିକ୍ସ), ଲଳିତ କୁମାର (କୁସ୍ତି), ଆର୍. ବି. ରମେଶ (ଚେସ୍), ଶିବେନ୍ଦ୍ର ସିଂ (ହକି)।

**ଦ୍ରୋଣାଚାର୍ଯ୍ୟ ପୁରସ୍କାର (ଲାଇଫ୍‌-ଟାଇମ୍ କାଟେଗୋରି/ଶ୍ରେଷ୍ଠ କୋଚ୍):** ଜସକୀରଟ ସିଂ ଗ୍ରେୱାଲ (ଗଲ୍ଫ), ଇ. ଭାସ୍କରନ (କବାଡ଼ି), ଜୟନ୍ତ କୁମାର ପୁଶିଲାଲ (ଟେବୁଲ ଟେନିସ)।

# ସୋଆରେ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଉତ୍ସବ


ଆୟୋଜକଙ୍କ ପକ୍ଷରୁ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦିଆଯାଉଛି।

ଭୁବନେଶ୍ୱର, ୨୦।୧୨ (ତପନ ସ୍ୱାଇଁ)

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ଆସନ୍ତା ଜାନୁୟାରୀ ୨୮ରୁ ଫେବୃୟାରୀ ୪ ପର୍ଯ୍ୟନ୍ତ ପ୍ରଥମ ସୋଆ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଉତ୍ସବ ଅନୁଷ୍ଠିତ ହେବ। ସୋଆ, ଅନ୍ତର୍ଜାତୀୟ ଚେସ୍ ଫେଡେରେଶନ୍ (ଆଇସିଏଫ୍), ଅଲ୍ ଇଣ୍ଡିଆ ଚେସ୍ ଫେଡେରେଶନ (ଏଆଇସିଏଫ୍), ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ) ଓ ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍ (ଏଓସିଏ) ପକ୍ଷରୁ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯିବ। ଏହି ମେଗା ପ୍ରତିଯୋଗିତା ପାଇଁ ୩୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଏହି ୮ ଦିନିଆ ଟୁର୍ନାମେଣ୍ଟରେ ପାଖାପାଖି ୨୦ଟି ଦେଶରୁ ପ୍ରାୟ ୧୫୦୦ ଖେଳାଳି ଯୋଗ ଦେବା ସମ୍ଭାବନା ଅଛି ବୋଲି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ କୁମାର ନନ୍ଦ ସୂଚନା ଦେଇଛନ୍ତି।

୨୦୦୮ରେ ତୁର୍କୀରେ ଆୟୋଜିତ ଜୁନିୟର ୱାର୍ଲ୍ଡ ଚେସ୍ ଚାମ୍ପିୟନଶିପ୍‌ର ବିଜେତା ଗ୍ରାଣ୍ଡମାଷ୍ଟର ଅଭିଜିତ ଗୁପ୍ତା (୨୫୯୬ ରେଟିଂ) ଏ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତାର ଟପ୍ ସିଡ୍ ଖେଳାଳି ବିବେଚିତ ହେଉଛନ୍ତି। ଡେନମାର୍କ, ନେଦରଲାଣ୍ଡ୍ସ, ଇରାନ୍, ଶ୍ରୀଲଙ୍କା, ଭିଏତ୍‌ନାମ, ଆର୍ମେନିଆ, ବେଲାରୁଷ, ଇଜିପ୍ଟ, ଫିଲିପାଇନ୍ସ, ରୁଷିଆ, ତୁର୍କମେନିସ୍ତାନ, ଉଜ୍‌ବେକିସ୍ତାନ, ସ୍ଲୋଭାକିଆ, କିମ୍ବାୱେ ଓ ଭାରତର ଚେସ୍ ଖେଳାଳିମାନେ ଏହି ପ୍ରତିଯୋଗିତାରେ ଭାଗ ନେବା ନିମନ୍ତେ ସମ୍ମତି ପ୍ରଦାନ କରିସାରିଛନ୍ତି। ୩ ବର୍ଗରେ ପ୍ରତିଯୋଗିତା ହେବ। କାଟେଗୋରି-ଏ ପାଇଁ ୨୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଧାର୍ଯ୍ୟ କରାଯାଇଛି। କାଟେଗୋରି 'ବି' ଓ 'ସି' ପାଇଁ ୭.୫ ଲକ୍ଷ ଟଙ୍କା ମୋଟ ପୁରସ୍କାର ରାଶି ରଖାଯାଇଛି। ଏ ଓ ବି' ବର୍ଗର ପ୍ରତିଯୋଗିତା ୧୦ ରାଉଣ୍ଡ, ସି' ବର୍ଗରେ ୯ ରାଉଣ୍ଡ ଖେଳ ହେବ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଉପସଭାପତି ବସନ୍ତ କୁମାର ଦାସ, ସମ୍ପାଦକ ଦେବବ୍ରତ ଭଞ୍ଜ ଓ ସୋଆର ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଉପସ୍ଥିତ ଥିଲେ।

# ଓଡ଼ିଶାରେ ପ୍ରଥମଥର ପିକଲବଲ୍ ଚାମ୍ପିୟନଶିପ୍

ଭୁବନେଶ୍ୱର, ୨୦।୧୨
(ତପନ ସ୍ୱାଇଁ)

ଓଡ଼ିଶାରେ ପ୍ରଥମଥର ପାଇଁ ପିକଲବଲ୍ ଚାମ୍ପିୟନଶିପ୍ ରୁଦ୍ରପୁରସ୍ଥିତ ହାଇୱେ ହୋଣ୍ଡା କମ୍ପ୍ଲେକ୍ସରେ ଚଳିତ ମାସ ୨୫ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ଏଣ୍ଟ୍ରି ଫି' ୫୦୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଆଗ୍ରହୀ ପ୍ରତିଯୋଗୀମାନେ ୨୪ ତାରିଖ ସୁଦ୍ଧା ସେମାନଙ୍କ ନାମ ପଞ୍ଜୀକରଣ କରିପାରିବେ। ୧୬ ବର୍ଷରୁ କମ୍ ବାଳିକା ଓ ବାଳକ, ମହିଳା ଓ ପୁରୁଷ ବର୍ଗରେ ସିଙ୍ଗଲ୍ସ ଓ ଡବଲ୍ସ ଏବଂ ୩୫ ବର୍ଷରୁ ଊର୍ଦ୍ଧ୍ୱ ବର୍ଗରେ ମହିଳା ଓ ପୁରୁଷ ବିଭାଗରେ ପ୍ରତିଯୋଗିତା ହେବ। ଜଣେ ପ୍ରତିଯୋଗୀ ସର୍ବାଧିକ ୨ଟି ଇଭେଣ୍ଟରେ ଭାଗ ନେଇପାରିବେ। ବିଜେତାଙ୍କୁ ଟ୍ରଫି ଦିଆଯାଇ ସମ୍ମାନିତ କରାଯିବ ବୋଲି ଓଡ଼ିଶା ପିକଲବଲ୍ ଆସୋସିଏଶନ ସମ୍ପାଦକ ଶୁଭ୍ରାଂଶୁ ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି।

# ଏକାମ୍ର କପ୍: ସେମିରେ ସମରସେଟ୍

ପୁରୁଣା ଭୁବନେଶ୍ୱର, ୨୦।୧୨
(ସୁବାସ ଚନ୍ଦ୍ର ପ୍ରଧାନ)

କେଶୁରା କ୍ରିକେଟ ପଡିଆରେ ଫ୍ରେଣ୍ଡ୍ସ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ଏକାମ୍ର କପ୍ କ୍ରିକେଟ୍ ଟୁର୍ନାମେଣ୍ଟର ସେମିରେ ପ୍ରବେଶ କରିଛି ସମରସେଟ୍। ବୁଧବାର ଖେଳା ଯାଇଥିବା ଲିଗ୍ ମ୍ୟାଚ୍‌ରେ ଦଳ ୫୩ ରନ୍‌ରେ ଜେଏନ୍‌ଡିକୁ ପରାସ୍ତ କରିଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ସମରସେଟ୍ ୧୦ ଓଭରରେ ୫ ଉଇକେଟ ହରାଇ ୧୮୨ ରନ୍ କରିଥିଲା। ଜବାବରେ ଜେଏନ୍‌ଡି ୫ ଉଇକେଟରେ ୧୨୯ ରନ୍ କରିବାରେ ସମର୍ଥ ହୋଇଥିଲା। ବିଜୟୀ ଦଳର ଶେଖର ସ୍ୱାଇଁଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଆର୍ତ୍ତତ୍ରାଣ ପ୍ରଧାନ ଓ ଅଚ୍ୟୁତାନନ୍ଦ ପ୍ରଧାନ ମ୍ୟାଚ୍‌ରେ ଅମ୍ପାୟାର ଦାୟିତ୍ୱ ନିର୍ବାହ କରିଥିଲେ।



ପଦକ ଓ ପୁରସ୍କାର ସହ ରାଜ୍ୟ ରୋଡ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ର କୃତୀ ପ୍ରତିଯୋଗୀମାନେ।

**ରାଜ୍ୟ ରୋଡ୍ ସାଇକ୍ଲିଂ ଚାମ୍ପିୟନଶିପ୍**

# କିଟ୍ ଓଭରଅଲ୍ ଚାମ୍ପିୟନ

ଭୁବନେଶ୍ୱର, ୨୦।୧୨ (ତପନ ସ୍ୱାଇଁ): ପୁରୀଠାରେ ୪୦ତମ ରାଜ୍ୟ ରୋଡ୍ ସାଇକ୍ଲିଂ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଛି। ଏହାର ଜୁନିୟର ବର୍ଗ ସମେତ ସବ୍‌ଜୁନିୟର ଓ ସିନିୟର ବର୍ଗରେ ମିଳିତଭାବେ ଗ୍ରୁପ୍ ଚାମ୍ପିୟନ ହୋଇଥିବାରୁ କିଟ୍‌କୁ ଓଭରଅଲ୍ ଚାମ୍ପିୟନ ଘୋଷଣା କରାଯାଇଛି। କିଟ୍ ଦଳକୁ ଏହାର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।

**ନଗେଶ ଟ୍ରଫି ଦୃଷ୍ଟିବାଧିତ କ୍ରିକେଟ**

# ସୁପର-୮କୁ ଓଡ଼ିଶା ଉନ୍ନୀତ

ଭୁବନେଶ୍ୱର, ୨୦।୧୨ (ତପନ ସ୍ୱାଇଁ)

କେରଳର କୋଚିନଠାରେ ଚାଲିଥିବା ଦୃଷ୍ଟିବାଧିତ ଜାତୀୟ ନଗେଶ ଟ୍ରଫି ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା କ୍ରମାଗତ ତୃତୀୟ ବିଜୟ ହାସଲ କରିଛି। ଏଥିସହ ଓଡ଼ିଶା ସୁପର-୮ରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୪ ଉଇକେଟରେ ବିହାରକୁ ପରାସ୍ତ କରିଛି। ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବିହାର ୧୪.୫ ଓଭରରେ ୯୦ ରନକରି ଅଲ୍‌ଆଉଟ ହୋଇଥିଲା। ଓଡ଼ିଶା ପକ୍ଷରୁ ଲିଙ୍ଗରାଜ ରାଉତରା ୨ଟି ଏବଂ ସୁଖରାମ ମାଝି, ପଙ୍କଜ ଭୁଏ, ଦେବରାଜ ବେହେରା ଓ ଅନିଲ ମଲିକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୯୧ ରନର ବିଜୟ ଲକ୍ଷ୍ୟକୁ ଓଡ଼ିଶା ୯.୫ ଓଭରରେ ୬ ଉଇକେଟ ହରାଇ ହାସଲ କରି ନେଇଥିଲା। ସୁଖରାମ ମାଝି ୨୭ ଓ ଲାଲ ପ୍ରସାଦ ସୋରେନ ୧୬ ରନକରି ଓଡ଼ିଶାକୁ ସହଜ ବିଜୟ ଦେଇଥିଲେ। ଲିଙ୍ଗରାଜ ରାଉତରା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓଡ଼ିଶା ଏହାର ୪ର୍ଥ ଲିଗ୍ ମ୍ୟାଚରେ ଶୁକ୍ରବାର ଉତ୍ତର ପ୍ରଦେଶକୁ ଭେଟିବ।


ଲିଙ୍ଗରାଜ ରାଉତରାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ


MARUTI SUZUKI ARENA
କିଣନ୍ତୁ
ମୂଲ୍ୟ ବୃଦ୍ଧି ପୂର୍ବରୁ
ସିମିତ ଅବଧି ସର୍ବୋତ୍ତମ ଅଫର୍ସ ପାଇଁ
ARENA
YEAR END BONANZA
MARUTI SUZUKI ARENA
ବଡ଼ ସଞ୍ଚୟ
ALTO K10 ₹64 000*
WAGONR ₹64 000*
S-PRESSO ₹64 000*
CELERIO ₹59 000*
SWIFT ₹59 000*
10 DAYS TO GO
OFFER VALID TILL STOCK LASTS.
100%*^ ON-ROAD FUNDING AVAILABLE
SCAN TO CHAT WITH US
ALTO K10 S-PRESSO SWIFT WAGONR CELERIO
E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.
Black glass on the vehicle is due to lighting effect.
JYOTE MOTORS
BHUBANESWAR: LEWIS ROAD: 9798190190. NAYAPALLI: 9798190190. TAMANDO: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.
SKY AUTOMOBILES
BHUBANESWAR: PATIA : 7381045356. CUTTACK: 9776677771, 7381873818. DHENKANAL: 7381045357. NARSHINGPUR: 7381045357. KAMAKHYANAGAR: 7381045357. JAJPUR: 9776900777, SALEPUR: 9583544555, CHANDIKHOL: 9583544555, TANGI: 7381045356.
NARAYANI MOTORS
BHUBANESHWAR: RASULGARH: 9583022019,7440019592,9583022013. JAGATSINGHPUR: 9583022090. PURI: 9583022035. NIMAPARA: 7381094851. PARADEEP: 9583022034/ 48. PURI HIGHWAY PIPLI: 9583022013. TIRTOL: 7381000159.
ODYSSEY MOTORS
ANGUL: 7752076136, 9776901481, PALLAHARA: 7873565435, 9437831123.
TUSHI MOTORS
CUTTACK: 9078076450. PANIKOILI: 9078076450. ATHAGARH: 9078076450.
*Offer includes consumer offer, exchange bonus and institutional or rural offer, 2 ka 4 wheeler offer and Gold voucher (wherever applicable) on selected models/variants. Above mentioned savings amount is the value of maximum savings on selected models. *^Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. The price given in the ad is based on Bhubaneswar prices and are subject to vary based on the dealer city. Above offers are valid till 31st December 2023.